# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧/୨୦୨୩ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 1/2023 | Page 20 | ₹ 7.00

୪୯ଶ ଭାଗ ୩୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 307 | ମୂଲ୍ୟ ₹୭/-




**ପ୍ରୀତିଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ଭାରତୀୟ ମହିଳା ବକ୍ସର ପ୍ରୀତି ପୱାର(୫୪ କିଗ୍ରା) ଏସିଆନ୍ ଗେମ୍ସ ସେମିଫାଇନାଲରେ ପ୍ରବେଶ କରି ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୭

୦୮

**ଅନୁଷ୍କାଙ୍କ ଦ୍ୱିତୀୟ ଗର୍ଭ ନେଇ ଚର୍ଚ୍ଚା**

ଅଭିନେତ୍ରୀ ଅନୁଷ୍କା ଶର୍ମା ଦ୍ୱିତୀୟଥର ଗର୍ଭବତୀ ଥିବା ନେଇ ପ୍ରଶଂସକଙ୍କ ମହଲରେ ଏବେ ଚର୍ଚ୍ଚା ହେଉଛି।



**ଆଜିର ସମ୍ପାଦକୀୟ** ତିନୋଟି ସ୍ତରରେ ଭେଦଭାବ | ସ୍କ୍ରବ୍ ଅଣାୟତ୍ତ: ସୁନ୍ଦରଗଡ଼ରେ କେନ୍ଦ୍ରୀୟ ଟିମ୍ ୨

# ଭାରତକୁ ଖଲିସ୍ତାନୀଙ୍କ ବିରୋଧ ବଢୁଛି

**ଜୁନ୍ ୧୮ରେ ଖଲିସ୍ତାନୀ ନେତା ହରଦୀପ ସିଂ ନିଜ୍ଜରଙ୍କୁ ବ୍ରିଟିଶ୍ କଲମ୍ବିଆରେ ହତ୍ୟା କରାଯିବା ପଛରେ ନୂଆଦିଲ୍ଲୀର ସମ୍ପୃକ୍ତି ନେଇ କାନାଡା ଅଭିଯୋଗ ଆଣିବା ପରଠୁ ଭାରତ ପ୍ରତି ବିଚ୍ଛିନ୍ନତାବାଦୀଙ୍କ ବିରୋଧ ବଢ଼ିବାରେ ଲାଗିଛି। କାନାଡାରେ ଭାରତ ବିରୋଧୀ ବିକ୍ଷୋଭ ଜାରି ରହିଥିବାବେଳେ ଅନ୍ୟ ଦେଶଗୁଡ଼ିକରେ ମଧ ଅନୁରୂପ ଆନ୍ଦୋଳନ ଚଳାଇବା ପାଇଁ ଶିଖ୍ ଫର୍ ଜଷ୍ଟିସ୍ (ଏସ୍ଏଫ୍ଜେ) ଗତ ୨୫ରେ ଆହ୍ୱାନ ଦେଇଥିଲା। ଏହିକ୍ରମରେ ଶୁକ୍ରବାର ରାତିରେ ଖଲିସ୍ତାନୀ ସମର୍ଥକମାନେ ବ୍ରିଟେନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସ୍କଟଲାଣ୍ଡର ଏକ ଗୁରୁଦ୍ୱାରାରେ ପ୍ରବେଶ କରିବାକୁ ଦେଇନାହାନ୍ତି। ଆଗକୁ ମଧ ଶିଖ୍ ସମ୍ପ୍ରଦାୟ ବସବାସ କରୁଥିବା ରାଷ୍ଟ୍ରଗୁଡ଼ିକରେ ଭାରତୀୟ କୂଟନୀତିଜ୍ଞମାନଙ୍କୁ ଅନୁରୂପ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ।**

## ସ୍କଟ୍ଲାଣ୍ଡ ଗୁରୁଦ୍ୱାରାରେ ଉଚ୍ଚାୟୁକ୍ତଙ୍କୁ ପୂରାଇଦେଲେନି

**ଲଣ୍ଡନ/ନୂଆଦିଲ୍ଲୀ,୩୦।୯**

ବ୍ରିଟେନ୍‌ରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀ ସ୍କଟ୍ଲାଣ୍ଡ ଗସ୍ତରେ ଥିବାବେଳେ ତାଙ୍କୁ ସେଠାରେ ଏକ ଗୁରୁଦ୍ୱାରା ପ୍ରବେଶକୁ ଖଲିସ୍ତାନୀ ସପକ୍ଷବାଦୀତତ୍ତ୍ୱ ଅବରୋଧ କରିଛନ୍ତି। ଏନେଇ ଭାରତ ବ୍ରିଟେନ ବହିର୍ବ୍ୟାପାର କାର୍ଯ୍ୟାଳୟରେ ଉଦ୍‌ବେଗ ଜଣାଇଛି। ଦୋରାଇସ୍ୱାମୀ ଶୁକ୍ରବାର ଗ୍ଲାସ୍‌ଗୋସ୍ଥିତ ଗୁରୁଦ୍ୱାରାକୁ ଯିବାକୁ ଚାହୁଁଥିବାବେଳେ କେତେଜଣ ଖଲିସ୍ତାନୀ ଉଗ୍ରପନ୍ଥୀ



ଭାରତୀୟ ଉଚ୍ଚାୟୁକ୍ତ ବିକ୍ରମ ଦୋରାଇସ୍ୱାମୀ

ତାଙ୍କୁ ଅଟକାଇଥିଲେ। ଭାରତୀୟ ଉଚ୍ଚାୟୁକ୍ତ ସେମାନଙ୍କ ସହ ଯୁକ୍ତିତର୍କ ନ କରି ଫେରିଯିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଆଲବର୍ଟ ଡ୍ରାଇଭ୍‌ଠାରେ ଥିବା ଗ୍ଲାସ୍‌ଗୋ ଗୁରୁଦ୍ୱାରାରେ ଦୋରାଇସ୍ୱାମୀ ପ୍ରବେଶ କରୁଥିବାବେଳେ ତାଙ୍କୁ ଜଣେ ଖଲିସ୍ତାନୀ ସପକ୍ଷବାଦୀ କର୍ମୀ ଅଟକାଉଥିବା 'ଶିଖ୍ ୟୁଥ୍ ୟୁକେ'ର ଇଷ୍ଟାଗ୍ରାମ୍ ଚ୍ୟାନେଲରେ ପୋଷ୍ଟ ହୋଇଥିବା ଭିଡିଓରୁ ଦେଖିବାକୁ ମିଳିଛି। ସେମାନେ କାନାଡା ଓ ଅନ୍ୟତ୍ର ଶିଖ୍‌ମାନଙ୍କୁ ଆଘାତ ଦେଇଥିବାର ସେଠାରେ ଅନ୍ୟ ଜଣେ ବିକ୍ଷୋଭକାରୀ କହୁଥିବା ଶୁଣାଯାଇଛି। ସବୁଠି ଭାରତୀୟ ରାଷ୍ଟ୍ରଦୂତମାନଙ୍କୁ ଏଭଳି ବିରୋଧ କରାଯିବା ଆବଶ୍ୟକ ବୋଲି ସେ କହୁଛନ୍ତି। କୌଣସି ଭାରତୀୟ କୂଟନୀତିଜ୍ଞ କିମ୍ବା ସରକାରୀ ଅଧିକାରୀ ଗୁରୁଦ୍ୱାରା ଆସିଲେ ଏହିଭଳି ବ୍ୟବହାର କରାଯିବ ବୋଲି ଅନ୍ୟ ଜଣେ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଛି।

ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟାକାଣ୍ଡରେ ଭାରତ ସମ୍ପୃକ୍ତ ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋ ଅଭିଯୋଗ କରିବା ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ଅଭିଯୋଗକୁ ଭାରତ ମନଗଢ଼ା ଏବଂ ଉଦ୍ଦେଶ୍ୟମୂଳକ କହି ଖଣ୍ଡନ କରିଥିବାବେଳେ ଅଭିଯୋଗ ସମ୍ପର୍କରେ କାନାଡା ଏପର୍ଯ୍ୟନ୍ତ କୌଣସି ପ୍ରମାଣ ଦେଖାଇ ପାରିନାହିଁ। ଏପରିସ୍ଥଳେ ବ୍ରିଟେନ୍‌ରେ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଗୁରୁଦ୍ୱାରାରେ ପ୍ରବେଶ କରାଇ ନ ଦେବାକୁ ନେଇ ନୂଆଦିଲ୍ଲୀ ଉଦ୍‌ବେଗ ପ୍ରକାଶ କରିଛି। ଏଭଳି ଘଟଣାକୁ ଭାଜପା ନିନ୍ଦା କରିଛି। ଗୁରୁଦ୍ୱାରା ସବୁ ଧର୍ମ ପାଇଁ। ଭାରତୀୟ କୂଟନୀତିଜ୍ଞଙ୍କୁ ଗୁରୁଦ୍ୱାରା ପ୍ରବେଶ କରାଇ ନ ଦେବା ନିନ୍ଦନୀୟ ବୋଲି ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି କହିଛି। ଏହା ପୂର୍ବରୁ ମଧ କାନାଡାରେ ଏକାଧିକ ଥର ଭାରତୀୟ ମିଶନକୁ ଟାର୍ଗେଟ କରାଯାଇଥିଲା। ସେହିପରି ମାର୍ଚ୍ଚ ୧୯ରେ ଆମେରିକାର ସାନ୍‌ଫ୍ରାନ୍‌ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟକୁ ଖଲିସ୍ତାନୀ ବିକ୍ଷୋଭକାରୀ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ। ଜୁନ୍ ୧୨ରେ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କୁ କାର୍ ରାଲି ବେଳେ ଖଲିସ୍ତାନୀ ସମର୍ଥକମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ଜୁଲାଇ ୮ରେ ଖଲିସ୍ତାନୀ ବିକ୍ଷୋଭକାରୀ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସରେ ଲାଗିଥିବା ତ୍ରିରଙ୍ଗାକୁ ଖୋଲିବା ସହ ଅଧିକାରୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ।










# ପ୍ରଶ୍ନ ପଚାରୁଥିବା ଯାଏ ଜଣେ ଯୁବକ



ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଶନିବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**




ମଞ୍ଚାସୀନ ମୁଖ୍ୟବକ୍ତା ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ, ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଡ. ବୈଷ୍ଣବ ସାମଲ।

**ଜଗତ୍‌ସିଂହପୁର, ୩୦।୯ (ପ୍ରମୋଦ କୁମାର ନାୟକ)**

ଗୋଟିଏ ନିର୍ଦ୍ଦିଷ୍ଟ ବୟସକୁ ଯୁବକ କୁହାଯାଇ ନ ପାରେ। ଜାଣିବା ଓ ଶିଖିବାର ଇଚ୍ଛା ଥିବା ଯାଏ ଅର୍ଥାତ୍ ପ୍ରଶ୍ନ ପଚାରୁଥିବା ପର୍ଯ୍ୟନ୍ତ ଜଣଙ୍କୁ ଯୁବକ ବୋଲି କୁହାଯାଇପାରିବ। ପ୍ରଶ୍ନ ପଚାରିବାର ଶକ୍ତି କେବଳ ମଣିଷଙ୍କଠାରେ ଥାଏ। ସଭ୍ୟ ସମାଜରେ ଯେତେ ପ୍ରକାର ଶାସନ ବ୍ୟବସ୍ଥା ରହିଛି ସବୁଠାରୁ ଗଣତନ୍ତ୍ର ହେଉଛି ସର୍ବୋତ୍କୃଷ୍ଟ। ପ୍ରଶ୍ନ ପଚାରିବା ହେଉଛି ଏହାର ମଞ୍ଜି। ମାତ୍ର ଏବେ ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ପ୍ରଶ୍ନ ପଚାରିବା ଉପରେ ବାରଣ କରାଯାଉଛି। ଯେଉଁଠି ପ୍ରଶ୍ନ କରିହେଉନି ସେଠି ଗଣତନ୍ତ୍ର ନାହିଁ। ସେହିପରି ୫ ବର୍ଷରେ ଥରେ ଭୋଟ ଦେଇଦେଲେ ଗଣତନ୍ତ୍ର ପ୍ରତିଷ୍ଠା ହୋଇଗଲା ବୋଲି ଭାବିବା ଉଚିତ ନୁହେଁ। ତେଣୁ ପ୍ରଶ୍ନ କରିବାର ପୂର୍ଣ୍ଣ ଅଧିକାରକୁ ଗଣତନ୍ତ୍ର ବୋଲି କୁହାଯିବ। ତେବେ ଦୁର୍ନୀତିରେ ନ ଥିବା ଯାଏ ପ୍ରଶ୍ନ କରିବା ସମ୍ଭବ ହୋଇଥାଏ ବୋଲି ଧରିତ୍ରୀର ୫୦ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁରରେ ଶନିବାର ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ସେ ଆହୁରି କହିଛନ୍ତି, ଗଣମାଧ୍ୟମ ପ୍ରଶ୍ନ ପଚାରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମନେ କରିଆସୁଛି। ଏହି ଅଭିଯାନରେ ସମସ୍ତେ ସାମିଲ ହେବା ଉଚିତ। କିନ୍ତୁ ଗଣମାଧ୍ୟମ ଏବେ ଗୋଟେ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ମିଛ ଖବର ପ୍ରକାଶ କରିବାକୁ କୌଣସି ଗଣମାଧ୍ୟମ ଚିନ୍ତା କରେ ନାହିଁ। କିନ୍ତୁ ଗଣମାଧ୍ୟମ ଗାତରେ ପଶିଛି। ସତ୍ୟ ଅସତ୍ୟ ଦୋଛକିରେ ଫସିଯାଇଛି। କାରଣ ସତ କିଏ କହୁଛି ତାହା ଜାଣିବା କଷ୍ଟକର ହୋଇପଡ଼ିଛି। ଆମ ପାଇଁ ଯାହା ସତ୍ୟ ତାହା ଅନ୍ୟମାନଙ୍କ ପାଇଁ ମିଛ ହୋଇପାରେ। ସତ୍ୟର ଏକ ବାସ୍ତବ ରୂପରେଖ ଦେବା କଷ୍ଟକର ହୋଇପଡୁଛି। ତଥାପି ସତ୍ୟ ଖବର ପରିବେଷଣ ପାଇଁ ପ୍ରୟାସ ଜାରି ରହିବା ଉଚିତ ଏବଂ ଧରିତ୍ରୀ ଏ ଦିଗରେ ଯଥେଷ୍ଟ ଯତ୍ନବାନ ବୋଲି ସମ୍ପାଦକ ସତପଥୀ କହିଛନ୍ତି।

ଜଗତ୍‌ସିଂହପୁରସ୍ଥିତ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆଲୋଚ୍ୟ ବିଷୟକୁ ଉପସ୍ଥାପନ କରିଥିଲେ। ଧରିତ୍ରୀ ହେଉଛି ଭୂଦେବୀ। ସେ ସର୍ବଦା କଲ୍ୟାଣମୟୀ। ସେହିପରି ଧରିତ୍ରୀ ଖବରକାଗଜ ନିଜର ସ୍ୱତନ୍ତ୍ରତା ବଜାଇ ରଖି ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଗଣମାଧ୍ୟମ ବାସ୍ତବରେ ଜନତାଙ୍କ ପାଇଁ କାର୍ଯ୍ୟ କରେ। ଏହି ଦୃଷ୍ଟିରୁ ଧରିତ୍ରୀ ଅଗଣିତ ପାଠକମହଲରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଯେତେବେଳେ ଗଣମାଧ୍ୟମ ସତ୍ୟ ଓ ନିରପେକ୍ଷ ନୀତି ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଅଗ୍ରସର ହେବ, ସେତେବେଳେ ଗଣତନ୍ତ୍ର ତା'ର ଶରଣାପନ୍ନ ହେବ। ଗଣତନ୍ତ୍ର ସଫଳତା କ୍ଷେତ୍ରରେ ଯୁବଶକ୍ତି ହେଉଛି ଶ୍ରେଷ୍ଠ ଶକ୍ତି। ମାତ୍ର ଏବେ ଯୁବଗୋଷ୍ଠୀକୁ ଧ୍ୱଂସ କରିବା ପାଇଁ ଉଦ୍ୟମ ଚାଲିଛି। ଯୁବଗୋଷ୍ଠୀ ବୁଝି ନ ପାରି ବିପଥଗାମୀ ହେଉଛନ୍ତି। ନୈତିକତା ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଉଛି ବୋଲି ବାବା ସତ୍ୟାନନ୍ଦ କହିଛନ୍ତି। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଫେସର ଡ.ବୈଷ୍ଣବ ସାମଲ ଯୋଗଦେଇ କହିଛନ୍ତି, ଏ ମାଟିର ସନ୍ତାନମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ ହେଉଛି ଧରିତ୍ରୀର ସ୍ୱର। ସତ୍ୟର ପ୍ରତିଷ୍ଠା ଓ ଜନକଲ୍ୟାଣ ଗଣମାଧ୍ୟମର ଲକ୍ଷ୍ୟ ହେବା ଉଚିତ। ଯୁବ ଗୋଷ୍ଠୀ ପ୍ରଥମେ ନିଜକୁ ଚିହ୍ନନ୍ତୁ, ନିଜକୁ ଚିହ୍ନିଲେ ଗଣତନ୍ତ୍ରର ପ୍ରକୃତ ରୂପକୁ ଚିହ୍ନିପାରିବେ। ଗଣତନ୍ତ୍ରକୁ ଚିହ୍ନିଲେ ସେମାନେ ଛଳନା ଓ ପ୍ରତାରଣାକୁ ଭୁଲି ଜଗତ ପାଇଁ କାମ କରିବେ। ଧରିତ୍ରୀର ଜିଲ୍ଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ସଭା ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଧରିତ୍ରୀ ପାଇଁ ସ୍ୱତନ୍ତ୍ର ସଙ୍ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜଗତ୍‌ସିଂହପୁରର ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନ ପକ୍ଷରୁ ଧରିତ୍ରୀ ସମ୍ପାଦକ ସତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ଧରିତ୍ରୀ ସମ୍ପାଦକଙ୍କୁ ମା' ଶାରଳାଙ୍କ ପୀଠରେ ପଣ୍ଡା ଓ ସେବାୟତମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।





ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନଙ୍କ ଦ୍ୱାରା ଧରିତ୍ରୀ ପାଇଁ ସ୍ୱତନ୍ତ୍ର ସଙ୍ଗୀତ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା।

## ଧରିତ୍ରୀ ସମ୍ପାଦକଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା



ମା' ଶାରଳା ମନ୍ଦିର ପଣ୍ଡା ଓ ସେବାୟତଗଣ



ଓଡ଼ିଶା ପାଠକ ସଂସ୍ଥା ଜଗତ୍‌ସିଂହପୁର ଜିଲ୍ଲା ଶାଖା



ଆଇଡିଆଲ୍ ନ୍ୟାଶନାଲ ସୋସାଇଟି ଫର୍ ଆଡ୍‌ଭାନ୍ସେଶ୍ ଆଣ୍ଡ ଫର୍ଭରେନ୍ସ୍



ସୁଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଜଗତ୍‌ସିଂହପୁରର ଯୁବଗୋଷ୍ଠୀ



ପାରାଦୀପର ଆହ୍ୱାନ ଫାଉଣ୍ଡେଶନ୍



ଅରଣ୍ୟ ଅଭିଯାନ



ଅତିଥିଙ୍କ ଗହଣରେ ବକ୍ତୃତା ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର କୃତୀ ପ୍ରତିଯୋଗୀ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବୁଦ୍ଧିଜୀବୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧/୨୦୨୩ | Bhubaneswar, Sunday, October 1/2023 | ପୃଷ୍ଠା-୧

# ସ୍କ୍ୱାଶରେ ଭାରତକୁ ସ୍ୱର୍ଣ୍ଣ

## ଫାଇନାଲରେ ପାକିସ୍ତାନକୁ ହରାଇଲା ପୁରୁଷ ଦଳ



ପୁରୁଷ ସ୍କ୍ୱାଶ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଦଳର ଅଭୟ ସିଂ, ମହେଶ ମନଗାଓଁକର, ସୌରଭ ଘୋଷାଲ ଓ ହରିନ୍ଦର ପାଲ୍ ସାନ୍ଧୁ ପଦକ ସହ।

### ଏସିଆନ ଗେମ୍ସ

**ହାଙ୍ଗଝୋ,୩୦।୯(ପି.ଟି.)**

ଶନିବାର ଏସିଆନ ଗେମ୍ସ ୨୦୨୩ରେ ଭାରତୀୟ ପୁରୁଷ ସ୍କ୍ୱାଶ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ୮ବର୍ଷ ପରେ ଜିତିଛି ସ୍ୱର୍ଣ୍ଣ ପଦକ। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଭାରତ ୨-୧ରେ ବିଜୟୀ ହୋଇଥିଲା। ମ୍ୟାଚ୍ ୧-୧ ସ୍ଥିତିରେ ରହିଥିବା ବେଳେ ଭାରତର ଅଭୟ ସିଂ ପାକିସ୍ତାନର ନୁର୍ ଜମାନଙ୍କୁ ପରାସ୍ତ କରିଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ଭାରତ ପୋଡିୟମ ଫିନିଶର ଦୃଢ ଦାବିଦାର ରହିଥିଲା। ମାଲେସିଆ ଓ ପାକିସ୍ତାନକୁ ଏହାର ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିଲା। ସୌରଭ ଘୋଷାଲଙ୍କ ନେତୃତ୍ୱାଧୀନ ଭାରତ ଏହାର ରୋଡ୍ ଟୁ ଫାଇନାଲରେ ଉଭୟ ଦଳଙ୍କୁ ପରାସ୍ତ ମଧ୍ୟ କରିଥିଲା।

ଶନିବାର ଫାଇନାଲ ମୁକାବିଲାରେ ଉଭୟ ଦଳ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତର ସୌରଭ ଘୋଷାଲ ଓ ପାକିସ୍ତାନର ନାସିର ଇକ୍‌ବାଲ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହେବା ପରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ନିର୍ଣ୍ଣାୟକ ବିଶ୍ୱ ମାନ୍ୟତାର ୬୯ ନମ୍ବର ସ୍ଥାନରେ ଥିବା ଅଭୟ ଓ ୧୧୩ ନମ୍ବର ସ୍ଥାନରେ ଥିବା ଜମାନଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ☞ପୃଷ୍ଠା-୨

# କାର୍ ମାଡ଼ିଯାଇ ଶ୍ରମିକ ମୃତ

### ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍

**ଭୁବନେଶ୍ୱର,୩୦।୯(ସତ୍ୟଜିତ୍ ରାଉତ)**

ରାଜଧାନୀରେ ହିଟ୍ ଆଣ୍ଡ୍ ରନ୍ ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ବିଳମ୍ବିତ ରାତିରେ ରାଜମହଲ ଫୁଟ୍‌ପାଥ୍‌ରେ ଶୋଇଥିବା ଜଣେ ଶ୍ରମିକଙ୍କ ଉପରେ କାର୍ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ଦିନବନ୍ଧୁ ବରାଳ (୫୦)। ସବୁଠୁ ବଡ଼ କଥା ହେଲା ପୋଲିସକୁ ଚ୍ୟାଲେଞ୍ଜ୍ ଦେଇ ଚାଳକ ଜଣଙ୍କ ଦୁର୍ଘଟଣାଗ୍ରସ୍ତ କାର୍‌କୁ ନେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ। ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ବାଙ୍କୁଆଳ ନଦୀ ବନ୍ଧ କଡ଼ରେ ସେ କାର୍ ଛାଡ଼ି ପଳାଇଯିବା ପରେ ପୋଲିସ ଲାଲ୍ ରଙ୍ଗର କାର୍ (ଓଡି୦୫ଏଏକ୍ସ୨୫୮୫)କୁ ଜବତ କରି ଥାନାକୁ ଆଣିଛି। କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ସାମ୍ନା ପାର୍ଶ୍ୱ ଭାଙ୍ଗିଯିବା ସହ ଚେପା ହୋଇଯାଇଛି। ଏହି ସଂକ୍ରାନ୍ତରେ ☞ପୃଷ୍ଠା-୨

# ୭ ଯାଏ ବଦଳାଇହେବ ୨ ହଜାର ଟଙ୍କିଆ ନୋଟ୍

**ମୁମ୍ବାଇ,୩୦।୯(ପି.ଟି.)**

ଅର୍ଥ ବ୍ୟବସ୍ଥାରୁ ୨ ହଜାରିଆ ନୋଟ୍ ପ୍ରତ୍ୟାହାର ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର ଅବଧିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅକ୍ଟୋବର ୭ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଫଳରେ ଆସନ୍ତା ୭ ତାରିଖ ଯାଏ ଲୋକେ ବ୍ୟାଙ୍କଗୁଡ଼ିକରେ ୨,୦୦୦ ଟଙ୍କିଆ ନୋଟ୍ ଜମା କରିବା ସହ ବଦଳାଇପାରିବେ। ମେ’ ୧୯ରୁ ଅଦ୍ୟାବଧି ଲୋକେ ବ୍ୟାଙ୍କ ଶାଖାଗୁଡ଼ିକ ଜରିଆରେ ୩.୪୨ ଲକ୍ଷ ☞ପୃଷ୍ଠା-୨

DSPL - 254



ବିଶ୍ୱ ରକ୍ତଦାନ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ରକ୍ତଦାନ ସର୍ବଶ୍ରେଷ୍ଠ ଦାନ । ରକ୍ତଦାନ କରି ଜୀବନ ବଞ୍ଚାଇବାଠାରୁ ଅଧିକ ପୂଣ୍ୟ କିଛି ନାହିଁ । ରାଜ୍ୟରେ ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ସମସ୍ତେ ସଚେତନ ହେବା ଜରୁରୀ ।

ଆସନ୍ତୁ, ଏହି ଅବସରରେ ଆମେ ସଂକଳ୍ପ ନେବା - ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଞ୍ଚାଇବା ସହିତ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

(ନବୀନ ପଟ୍ଟନାୟକ)



ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୧ ତାରିଖ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ସମସ୍ତ ରକ୍ତଦାତା ଭାଇ ଓ ଭଉଣୀମାନଙ୍କୁ ଏବଂ ଏହି ମହତ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରୁଥିବା ସମସ୍ତ ଅନୁଷ୍ଠାନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା । ରକ୍ତଦାନ ମହାପୂଣ୍ୟ । ଆମ ରାଜ୍ୟରେ ବର୍ଷକୁ ହାରାହାରି ୫ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ପଡୁଅଛି । ୧୮ ରୁ ୬୫ ବର୍ଷର ଯେ କୌଣସି ସୁସ୍ଥବ୍ୟକ୍ତି ରକ୍ତଦାନ କରିପାରିବେ । ରକ୍ତଦାନ କଲେ ଶରୀର ସୁସ୍ଥ ରହିଥାଏ ଓ ଜରୁରୀ ଭାବେ ରକ୍ତ ଆବଶ୍ୟକତା କରୁଥିବା ବ୍ୟକ୍ତିର ବହୁମୂଲ୍ୟ ଜୀବନ ରକ୍ଷା ହୋଇଥାଏ । ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ନିୟମିତ ସ୍ୱଇଚ୍ଛାରେ ରକ୍ତଦାନ କରି ରକ୍ତର ଆବଶ୍ୟକତା ପୂରଣ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରୁଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାରେ ସହାୟକ ହେବା ।

(ନିରଞ୍ଜନ ପୂଜାରୀ)
ମାନ୍ୟବର ସଂସଦୀୟ ବ୍ୟାପାର,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଓଡ଼ିଶା

OIPR-10234/13/0002/2324

DSPL-252

5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ
୧ ଅକ୍ଟୋବର ୨୦୨୩

“ରକ୍ତ ଜୀବନ ରକ୍ଷାକାରୀ ଏବଂ ବିକଳ୍ପ ବିହୀନ।
ପ୍ରତ୍ୟେକ ଜୀବନ ମୂଲ୍ୟବାନ।
ଅମୂଲ୍ୟ ମାନବ ଜୀବନ ବଞ୍ଚାଇବା ପାଇଁ
ସମସ୍ତେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ
କରିବାକୁ ମୁଁ ଅନୁରୋଧ କରୁଛି।”

ମୁଖ୍ୟମନ୍ତ୍ରୀ,ଓଡ଼ିଶା



ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା

- ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ରାଜ୍ୟ ସରକାର ମାଗଣାରେ ରକ୍ତ ଯୋଗାଇ ଦେଉଛନ୍ତି।
- ମେଡିକାଲ୍ କଲେଜ୍, ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ତଥା ଅଧିକ ରୋଗୀ ଆସୁଥିବା ଚିକିତ୍ସାଳୟ ଗୁଡିକରେ ବ୍ଲଡ୍ ବ୍ୟାଙ୍କ / ବ୍ଲଡ୍ ଷ୍ଟୋରେଜ୍ ୟୁନିଟ୍ ଉପଲବ୍ଧ ଅଛି।
- ରାଜ୍ୟର ସମସ୍ତ ସ୍ଥାନରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଦ୍ୱାରା ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି।
- ଯେକୌଣସି ବ୍ଲଡ୍‌ବ୍ୟାଙ୍କ୍‌ରେ ଉପଲବ୍ଧ ଥିବା ରକ୍ତର ପରିମାଣ ସମ୍ବନ୍ଧୀୟ ତଥ୍ୟ (ଗ୍ରୁପ୍ ଅନୁସାରେ) ଅନ୍‌ଲାଇନ୍‌ରେ ଇ-ବ୍ଲଡ୍‌ବ୍ୟାଙ୍କ୍ ପୋର୍ଟାଲ୍ (ୱେବ୍‌ସାଇଟ୍ (http://ebloodbank.nrhmodisha.in), **ଏସ୍.ଏମ୍.ଏସ୍** (54323 for BSNL & 56767 for all mobile users) କିମ୍ବା **ଆଇ.ଭି.ଆର୍.ଏସ୍** (Dial 18003457777) ମାଧ୍ୟମରେ ଜାଣିବାର ବ୍ୟବସ୍ଥା କରାଯାଇଛି।
- ରକ୍ତ ସମ୍ବନ୍ଧୀୟ ରୋଗରେ ପୀଡିତ ସମସ୍ତ ବ୍ୟକ୍ତିଙ୍କୁ ସରକାର ମାସିକ ୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

ପ୍ରତିଟି ରକ୍ତ ଦାନ, ବଞ୍ଚାଏ ଏକାଧିକ ଜୀବନ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0114/2324

DSPL-255

ଓଡ଼ିଶା ସରକାର



ଅନ୍ତର୍ଜାତୀୟ
ବରିଷ୍ଠ ନାଗରିକ ଦିବସ ପାଳନ

୧ ଅକ୍ଟୋବର ୨୦୨୩ । ସକାଳ ୯ଟା ୩୦ ମିନିଟ୍
ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ବରିଷ୍ଠ ନାଗରିକମାନଙ୍କ କଲ୍ୟାଣ ନିମନ୍ତେ
ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା :

- ସାମାଜିକ ସୁରକ୍ଷା ନିମନ୍ତେ ମଧୁବାବୁ ପେନ୍‌ସନ୍ ଯୋଜନାରେ ମାସିକ ଭତ୍ତା ପ୍ରଦାନ।
- ଜରାଶ୍ରମଗୁଡିକରେ ବରିଷ୍ଠ ନାଗରିକମାନଙ୍କ ଉପଯୁକ୍ତ ସେବା ଯତ୍ନ ସହିତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା।
- ରାଜ୍ୟରେ ପ୍ରତିଷ୍ଠିତ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡିକରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସୁବିଧା।
- ବାର୍ଦ୍ଧକ୍ୟଜନିତ ଅକ୍ଷମତା ଦୂର ପାଇଁ ଫିଜିଓଥେରାପି କେନ୍ଦ୍ର।
- ପ୍ରତି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ୧୦ ଶଯ୍ୟାବିଶିଷ୍ଟ ଜେରିଆଟ୍ରିକ୍ ୱାର୍ଡର ସୁବିଧା।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ

OIPR-46001/13/0017/2324

**ଆଜିର ମନ୍ତବ୍ୟ**

ଇଲେକ୍ଟୋରାଲ ବଣ୍ଡ୍ ହେଉଛି 'ବୈଧୀକୃତ ଲାଞ୍ଚ'। ଅକ୍ଟୋବର ୪ରୁ ଏହା ପୁଣି ଆରମ୍ଭ ହେବାକୁ ଥିବାରୁ ଭାଜପାକୁ ସୁନା ଅମଳ କରିବା ପାଇଁ ସୁଯୋଗ ମିଳିଯିବ। **-ପି. ଚିଦାମ୍ବରମ୍, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କା ଟାଣ ଅଟେ ପୁରୁଷ ପୁଅର**
**ମିଛ ଟାଣ ନେଇ ଚାଲେ ସିନା ଚୋର**
**କ୍ରନ୍ଦନଟି ଟାଣ ଅଟେ ଯେ ଶିଶୁର**
**ଦରିଦ୍ରର ଟାଣ କେବଳ ଈଶ୍ୱର।**

ଟଙ୍କା ଯେମିତି ପୁରୁଷର ବଳ, ମିଛ ସେମିତି ଚୋରର ବଳ ହୋଇଥାଏ। ଠିକ୍ ସେହିପରି କ୍ରନ୍ଦନ ହିଁ ଶିଶୁର ଶକ୍ତି ହୋଇଥିବାବେଳେ ଈଶ୍ୱର ହିଁ ଦରିଦ୍ରର ସହାୟକ ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟାହି ଟାମୁସି ଟାକୁଆ ଗାଲି**
**ସବୁ ପିଠାଯାକ ଖାଇଲା**
**ହାଣ୍ଡିରେ ଖାଇ ଚୁଲିରେ ହଗି**
**ଢିଙ୍କିଶାଳେ ଯାଇ ଶୋଇଲା।**

ଲୁଚେଇ ଛୁପେଇ ଖାଦ୍ୟ ଖାଇ ନ ଖାଇବାର ମିଛ ଅଭିନୟ କେବଳ ଧୂର୍ତ୍ତ ବା ସିଆଣିଆ ବ୍ୟକ୍ତି ହିଁ ବେଶ୍ ଭଲ ଭାବେ କରିପାରନ୍ତି। ଅତି ସନ୍ତର୍ପଣ ଭାବେ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ସ୍ତ୍ରୀଲୋକ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ସାନ୍ତାଳୀ-ଓଡ଼ିଆ-ଇଂରାଜୀ ଶବ୍ଦକୋଷର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସଠାରେ ଜନଜାତି ଭାଷା ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ ସାନ୍ତାଳୀ-ଓଡ଼ିଆ-ଇଂରାଜୀ ଶବ୍ଦକୋଷକୁ ଲୋକାର୍ପଣ କରିଛନ୍ତି । ଏଥିସହିତ ସୌରା, କୁଇ, କୁଭି, ଗୋଣ୍ଡି ଓ ମୁଣ୍ଡା ଭାଷାର ପ୍ରାଥମିକ ଶ୍ରେଣୀ ନିମନ୍ତେ ୨୧ଟି ଅତିରିକ୍ତ ପାଠ୍ୟପୁସ୍ତକ ମଧ୍ୟ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନଜାତି ସମ୍ପ୍ରଦାୟର ପ୍ରତିନିଧିମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅଭିଧାନ ସାନ୍ତାଳୀ ଭାଷାକୁ ଆହୁରି ସମୃଦ୍ଧ କରିବ ଏବଂ ସାନ୍ତାଳୀ ଭାଷା ଶିକ୍ଷା କରିବା ପାଇଁ ଅନ୍ୟମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ। ପ୍ରାଥମିକ ଶିକ୍ଷା ପାଇଁ ଅତିରିକ୍ତ ପାଠ୍ୟପୁସ୍ତକ ଛାତ୍ରୀଛାତ୍ରଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ଏଥିପାଇଁ ନିଷ୍ଠାର ସହ କାମ କରିଥିବା ସାନ୍ତାଳୀ ଭାଷାବିତ୍, ଗବେଷକ ଏବଂ ଜନଜାତି ଭାଷା ସଂସ୍କୃତି ପ୍ରତିଷ୍ଠାନକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବିଶିଷ୍ଟ ସାନ୍ତାଳୀ ଭାଷାବିତ୍ ଚୈତନ୍ୟ ପ୍ରସାଦ ମାଝି ଏ ଶବ୍ଦକୋଷକୁ ପ୍ରସ୍ତୁତ କରିଛନ୍ତି। ତାଙ୍କୁ ସାନ୍ତାଳୀ ଭାଷାର ଭାଷାବିତ୍‌ମାନେ ସହଯୋଗ କରିଛନ୍ତି। ସାନ୍ତାଳୀ ଭାଷା ଆମ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନିତ ହୋଇଛି । ସାନ୍ତାଳୀ ସହିତ ଅନ୍ୟ ଜନଜାତି ଭାଷାରେ ଶବ୍ଦକୋଷ ପ୍ରକାଶନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି । ବିଭାଗ ପକ୍ଷରୁ ଆଉ ୧୧ଟି ଜନଜାତି ଭାଷାରେ ପ୍ରାଥମିକ ଅତିରିକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ କାର୍ଯ୍ୟ ଜାରି ରହିଛି। ଜନଜାତି ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଗ୍ରହ ଓ ସଚେତନତା ସୃଷ୍ଟି କରିବା ପାଇଁ ବିଭାଗ ପକ୍ଷରୁ ଏ ସବୁକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅନ୍‌ଲାଇନରେ ଉପଲବ୍ଧ ହେବ। ବିଭିନ୍ନ ଜନଜାତି ଭାଷାରେ ସାର୍ଟିଫିକେଟ କୋର୍ସ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ପ୍ରତି ଜିଲାରେ ଭାଷା ଲାବ୍ କରାଯିବ। ଏହାଦ୍ୱାରା ଜନଜାତି ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଅଧିକ ଗବେଷଣା କରିବା ପାଇଁ ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଜନଜାତି ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରଚାର ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାନ୍ତାଳୀ ଭାଷାବିତ୍ ଚୈତନ୍ୟ ପ୍ରସାଦ ମାଝୀଙ୍କ ସହ କୁଇ,କୁଭି, ଗୋଣ୍ଡି ଓ ମୁଣ୍ଡା ଜନଜାତି ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ମାଟ୍ରିକ ପରୀକ୍ଷା: ଫର୍ମପୂରଣ ଅବଧି ବଢ଼ିଲା

କଟକ,୩୦।୯ (ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାଟ୍ରିକ ପରୀକ୍ଷା ପାଇଁ ଫର୍ମପୂରଣ ଅବଧିକୁ ବୃଦ୍ଧି କରାଯାଇଛି। ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିପାରିବେ। ସେହିପରି ଅକ୍ଟୋବର ୫ ତାରିଖକୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଓ ମଧ୍ୟମା ପରୀକ୍ଷା ନିମନ୍ତେ ଅଫ୍‌ଲାଇନ୍‌ରେ ଫର୍ମପୂରଣ ଅବଧି ବୃଦ୍ଧି କରାଯାଇଛି। ଏହାପରେ ଆଉ ଫର୍ମପୂରଣ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍କ୍ରବ୍ ଅଣାୟତ୍ତ: ସୁନ୍ଦରଗଡ଼ରେ କେନ୍ଦ୍ରୀୟ ଟିମ୍

## ଜିଲାରେ ୨୯୫ ଆକ୍ରାନ୍ତ

ସୁନ୍ଦରଗଡ଼,୩୦।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ରେ ଅଣାୟତ୍ତ ହେଉଛି ସ୍କ୍ରବ୍ ଟାଇଫସ୍ ସଂକ୍ରମଣ। ଗତ୨୪ଘଣ୍ଟାରେ ୩ ନୂଆ ସଂକ୍ରମିତ ଚିହ୍ନଟ ପରେ ଏବେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଖ୍ୟା ୨୯୫ରେ ପହଞ୍ଚିଛି। ଶୁକ୍ରବାର ଜିଲାରେ ୬ ଜଣିଆ କେନ୍ଦ୍ରୀୟ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଟିମ୍ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କାହ୍ନୁଚରଣ ନାୟକଙ୍କ ସହ ସ୍କ୍ରବ୍ ଟାଇଫସ୍ ଉପରେ ଆଲୋଚନା କରିଥିଲେ। ନିଆଯାଉଥିବା ପଦକ୍ଷେପ ଓ ଏହାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଏହି ଟିମ୍ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନେଇ ସଦର ବ୍ଲକର ମଝାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ଏଠାରେ ଥିବା ପରୀକ୍ଷଣ କେନ୍ଦ୍ର ତଥା କୁଣ୍ଡୁକେଲା ଗ୍ରାମ ଓ ସୁନ୍ଦରଗଡ ମହେଶଡ଼ିହୀ ସ୍ଥିତ ଅର୍ବାନ ହେଲଥ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ କେନ୍ଦ୍ରର ଡା. ସମୀର ଗୁଲାଟି, ଡା. ଧରା ବି ଶାହ, ଡା. ଆରୁଷି ଘାଇ, ଡା. ତୁଷାର ନାଲେ ଥିବାବେଳେ ରାଜ୍ୟର ଡା. ସୁରଜିତ ଗରାବଡୁ ଓ ରାଜ୍ୟ ଟାଟା ମ୍ୟାନେଜର ଶୁଭାଶିଷ ଜେନା ସାମିଲ ହୋଇଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନାୟକଙ୍କ କହିବା ଅନୁଯାୟୀ, ଟିଗର ନାମକ ଏକ ବିଷାକ୍ତ କୀଟ କାମୁଡିବା ଦ୍ୱାରା ଏହି ରୋଗ ହୋଇଥାଏ। ଏହି କୀଟ କାମୁଡିବା ଦ୍ୱାରା ଶରୀରରେ ଘା' ଲକ୍ଷଣ ଦେଖାଯାଇଥାଏ। ପରେ ଘା' ର ଚାରିପାଖ ନାଲି ପଡିଯାଏ ଓ ଧୀରେଧୀରେ ମଝି ଅଂଶ କଳା ପଡିଯାଏ। ଏଥିରେ ଆକ୍ରାନ୍ତ ରୋଗୀଙ୍କ ଶରୀର ଘୋଳାବିନ୍ଧା ସହ ଜ୍ୱର ହୋଇଥାଏ। ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ବୁଦାଳିଆ ସ୍ଥାନ ଓ ଚାଷ ଜମିକୁ ଯିବା ବେଳେ ଶରୀରରକୁ ସମ୍ପୂର୍ଣ୍ଣ ଘୋଡାଇ ହୋଇ ଯିବାକୁ ଲୋକଙ୍କୁ ସଚେତନ କରାଯାଉଛି।ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ୨୦ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।



କେନ୍ଦ୍ରୀୟ ଟିମ୍ ସଦସ୍ୟମାନେ ସ୍କ୍ରବ୍ ଟାଇଫସ୍ ସ୍ଥିତି ସମୀକ୍ଷା କରୁଛନ୍ତି।

# ପ୍ରଯୁକ୍ତି ସହ ଭାରତର ସମ୍ପର୍କ ଅତୁଟ: ଧର୍ମେନ୍ଦ୍ର



ଭାରତୀୟ ଭାଷା ଶିଖର ସମ୍ମିଳନୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

ଭାରତ ଭଳି ପୁରାତନ ସଭ୍ୟତାର ପ୍ରଯୁକ୍ତିବିଦ୍ୟା ସହ ଅତୁଟ ସମ୍ପର୍କ ରହିଛି। ଭାରତୀୟ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳର ସମାଗମ ଦେଶର ପ୍ରତିଭାବାନ୍‌ଙ୍କ ପାଇଁ ଅପାର ସମ୍ଭାବନାର ଦ୍ୱାର ଖୋଲିବ ବୋଲି ଶନିବାର ନୂଆଦିଲ୍ଲୀଠାରେ ୭୫ ଦିନିଆ ଭାରତୀୟ ଭାଷା ଉତ୍ସବ ଏବଂ ୨ ଦିନିଆ ପ୍ରଯୁକ୍ତିବିଦ୍ୟା ତଥା ଭାରତୀୟ ଭାଷା ଶିଖର ସମ୍ମିଳନୀକୁ ଶୁଭାରମ୍ଭ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ତାମିଲ କବି ମହାକବି ଚିନ୍ନାସ୍ୱାମୀ ସୁବ୍ରମଣ୍ୟ ଭାରତୀଙ୍କ ଜନ୍ମଦିନ ତଥା ଭାରତୀୟ ଭାଷା ଦିବସ ପାଳନ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ଏହି ଉତ୍ସବ ସେପ୍ଟେମ୍ବର ୨୮ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏହା ଶିକ୍ଷାରେ ଭାରତୀୟ ଭାଷାଗୁଡ଼ିକୁ ସମୃଦ୍ଧ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବ। ସରକାରଙ୍କ ସମ୍ପୂର୍ଣ୍ଣ ଆଭିମୁଖ୍ୟ ସହ ପାଳନ ହେଉଥିବା ଏହି ଉତ୍ସବ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ସହ ଆମର ପୁରାତନ ଜ୍ଞାନ ପରମ୍ପରାର ଆଧାରରେ ସମୃଦ୍ଧ ଭବିଷ୍ୟତ ଦିଗରେ ଆଗକୁ ବଢିବାର ଉଦ୍ୟମ। ଟେକ୍ନୋଲୋଜି ମାଧ୍ୟମରେ ଭାରତୀୟ ଜ୍ଞାନ ପ୍ରବାହକୁ ଆଜିର ଆବଶ୍ୟକତା ଅନୁସାରେ ରୂପ ଦେବ। ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା, ପ୍ରଯୁକ୍ତିବିଦ୍ୟାରେ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଭାଷା ଭାରତୀୟ ଭାଷା ପାଇଁ ଏକ ମଜଭୁତ ଇକୋସିଷ୍ଟମ ତିଆରି କରିବ। ଜାତୀୟ ଶିକ୍ଷା ନୀତିରେ ସବୁ ଭାରତୀୟ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରାଯାଇଛି। ପିଲାଙ୍କ ଭିତରେ ମାତୃଭାଷା ସେମାନଙ୍କ ଆତ୍ମବିଶ୍ୱାସ ଭରିଥାଏ। କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜର ଅଭିଜ୍ଞତାକୁ ୨୨ଟି ଭିନ୍ନଭିନ୍ନ ଭାଷାରେ ମତ ରଖିଥିଲେ, ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ମନ୍ତ୍ରୀଙ୍କୁ ଭେଟିଲେ, ଚାଲିବ ଆନ୍ଦୋଳନ

## ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ସଂଘର ମହାସମାବେଶ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ସରକାରୀ ଅନୁଦାନ ନୀତି (ଜିଆଇଏ) ଲାଗୁ କରିବା ପାଇଁ ସମସ୍ତ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସଂଘ ଗାନ୍ଧୀମାର୍ଗରେ ୭୫ ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଅହୋରାତ୍ର ଧାରଣା ଦେଉଛନ୍ତି। ବିଭିନ୍ନ ଉପାୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ସରକାର କୌଣସି ଦାବି ପୂରଣ କରି ନ ଥିବାରୁ ଶନିବାର ସଂଘ ପକ୍ଷରୁ ମହାସମାବେଶ କରାଯାଇଥିଲା। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କ୍ରମରେ ସଂଘର ଏକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସାବ୍ୟସଚୀ ନାୟକଙ୍କୁ ଓଡ଼ିଶା ବିଧାନସଭାରେ ଭେଟିଥିଲେ। ସଂଘର ରାଜ୍ୟ ସଭାପତି ଡ. ଦେବ ବିଜୟ ମିଶ୍ର, ବିଭୁ ପ୍ରସାଦ ମିଶ୍ର, କୁଶ ମଲ୍ଲିକ, ଦମୟନ୍ତୀ ଷଣ୍ଢ, ଶଙ୍କର ପାଢ଼ୀ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ଆଗାମୀ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ଏନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## କାର୍ ମାଡ଼ିଯାଇ ଶ୍ରମିକ ମୃତ,...

 କ୍ୟାପିଟାଲ ଥାନା ପୋଲିସ ଆଇପିସି ଦଫା ୨୭୯, ୩୦୪ (କ)ରେ ଏକ ମାମଲା (ନଂ.୫୮୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

ଦୁର୍ଘଟଣା ଘଟାଇଥିବା କାର୍ କଟକ ଆର୍‌ଟିଓରେ ପଞ୍ଜୀକୃତ ହୋଇଥିବାବେଳେ ଏହାର ମାଲିକ ପୁରୀ ଜିଲା କାକଟପୁର ଅଞ୍ଚଳର ବିକାଶ ପାଲ୍ ବୋଲି ପୋଲିସ ଜାଣିବାକୁ ପାଇଛି। ବିକାଶ ତାଙ୍କ ପରିବାର ସହ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ୍‌ରେ ରହୁଛନ୍ତି। ପୋଲିସ ତାଙ୍କ ପରିବାର ସହ ଯୋଗାଯୋଗ କରିବାରୁ ବିକାଶ ଶୁକ୍ରବାର ରାତିଠୁ କାର୍ ନେଇ କୁଆଡ଼େ ଯାଇଥିବାବେଳେ ଘରକୁ ଫେରି ନ ଥିବା କହିଛନ୍ତି। ପରିବାର ଲୋକଙ୍କ ଏଭଳି ବୟାନ ପରେ ବିକାଶ ହିଁ ଏହି ଦୁର୍ଘଟଣା ଘଟାଇପାରିଥାନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତାଙ୍କୁ ଠାବ କରିବାକୁ ପୋଲିସ ଟିମ୍ ପ୍ରୟାସ ଜାରି ରଖିଛି। ଏପଟେ କ୍ୟାପିଟାଲ ହସ୍ପିଟାଲରେ ମୃତ ଶ୍ରମିକ ଦିନବନ୍ଧୁଙ୍କ ବ୍ୟବଚ୍ଛେଦ ହୋଇଛି। ତେବେ ରାଜଧାନୀରେ କମିଶନରେଟ୍ ପୋଲିସର କଡ଼ା ପାଟ୍ରୋଲିଂ ଓ ସିସିଟିଭି ସ୍କାନର୍‌ରୁ କାର୍ ଚାଳକ ଖସିଯିବା ଘଟଣାକୁ ନେଇ ଚାରିଆଡ଼େ ପ୍ରଶ୍ନ ଉଠିଛି। କାର୍ ଚାଳକଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମୃତ ଦିନବନ୍ଧୁ ଏଠାରେ ଦିନମଜୁରିଆ ଭାବେ କାମ କରୁଥିବାବେଳେ ମଝିରେ ମଝିରେ ଘରକୁ ଚାଲିଯାଆନ୍ତି। ଯେଉଁଦିନ ସେ ଘରକୁ ଯାଇପାରନ୍ତି ନାହିଁ ରାଜମହଲ ଛକ ଫୁଟ୍‌ପାଥ୍‌ରେ ଶୋଇ ରାତି କାଟି ଦିଅନ୍ତି। ରାତି ୧ଟାଏରୁ ୧.୪୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ଫୁଟପାଥ୍‌ରେ କେତେଜଣ ଶ୍ରମିକ ଆଶ୍ରୟ ନେଇ ଶୋଇଥିବା ବେଳେ ଏଜିଛକରୁ କାର୍‌ଟି ଦ୍ରୁତଗତିରେ ମାଡ଼ି ଆସିଥିଲା। କାର୍‌ଟି ପ୍ରଥମେ ରାଜମହଲ ଛକ ଡାହାଣ ପାର୍ଶ୍ୱ ଡିଭାଇଡର୍‌ରେ ପିଟିହୋଇ ଅପରପାର୍ଶ୍ୱକୁ ଚାଲିଯାଇଥିଲା। ସେହି ସମୟରେ କାର୍‌ଟି ଦିନବନ୍ଧୁଙ୍କୁ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ବେଳେ ଅନ୍ୟମାନେ ଚିତ୍କାର କରୁଥିବାବେଳେ କାର୍ ଚାଳକ ଜଣକ ପୁଣି ଏଜି ଛକକୁ ବୁଲିଯାଇ କ୍ୟାପିଟାଲ ହସ୍ପିଟାଲ ଛକ ହୋଇ ପଳାଇଯାଇଥିଲେ। ପୋଲିସ ଖବର ପାଇ ଦିନବନ୍ଧୁଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଦୟାନଦୀ ନଦୀ ବାଙ୍କୁଆଳ ନଦୀ ବନ୍ଧ କଡ଼ରେ ଦୁର୍ଘଟଣାଗ୍ରସ୍ତ କାର୍‌ଟି ଛିଡ଼ା ହୋଇଥିବା ଖବର ପାଇ ଧଉଳି ପୋଲିସ ତାହାକୁ ଜବତ କରି ଥାନାକୁ ନେଇ ଖବର ଦେଇଥିଲା। ଶନିବାର ସକାଳେ ଦୁର୍ଘଟଣାସ୍ଥଳରେ ଡିଭାଇଡର୍ ଭାଙ୍ଗିଯାଇଥିବା ବେଳେ ସେଠାରେ ରକ୍ତ ଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଦିନବନ୍ଧୁଙ୍କ ସାଇତା ଚାଉଳ ମଧ୍ୟ ବିଛୁଡ଼ି ହୋଇ ପଡ଼ି ରହିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ।



ଦୁର୍ଘଟଣା ପରେ କାର୍‌କୁ ଛାଡ଼ି ଫେରାର ହୋଇଯାଇଛନ୍ତି ଚାଳକ।

## ୭ ଯାଏ ବଦଳାଇହେବ ...

କୋଟି ଟଙ୍କାର ଏହି ବଡ଼ ନୋଟ୍ ବଦଳାଇସାରିଲେଣି ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଏହି ଅବଧି ସେପ୍ଟେମ୍ବର ୩୦ ଯାଏ ନିର୍ଦ୍ଧାରିତ ହୋଇଥିବାବେଳେ ଶେଷ ଦିନରେ ଆଉ ସପ୍ତାହେ ବୃଦ୍ଧି କରାଯାଇଛି। ୨୯ ତାରିଖ (ଶୁକ୍ରବାର) ସୁଦ୍ଧା ମୋଟ ୯୬% ନୋଟ୍ ଜମା ହୋଇଥିବାବେଳେ ଅବଶିଷ୍ଟ ୪% ଡିପୋଜିଟ୍ ପାଇଁ ଏହି ସୁବିଧା କରାଯାଇଛି।

## ସ୍କ୍ୱାଶରେ ଭାରତକୁ...

ଦେଖିବାକୁମିଳିଥିଲା। ୧୧-୭, ୯-୧୧, ୮-୧୧, ୧୧-୯ ଓ ୧୨-୧୦ରେ ଅଭୟ ଏହି ମ୍ୟାଚକୁ ଜିତି ନେଇଥିଲେ। ଚତୁର୍ଥ ସେଟରେ ଜମାନ ୯-୭ରେ ଆଗୁଆ ରହିଥିବା ବେଳେ ଅଭୟ ନିଜ ଅଭିଜ୍ଞତାର ଉପଯୋଗ କରି ମ୍ୟାଚ୍‌କୁ ୧୧-୯ରେ ଜିତି ନେଇଥିଲେ। ମ୍ୟାଚ୍‌ଟି ୬୫ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍‌ରେ ଭାରତର ମହେଶ ମନଗାଓଁକର ୮-୧୧, ୨-୧୧ ଓ ୩-୧୧ ସେଟ୍‌ରେ ପାକିସ୍ତାନର ଇକବାଲ ନାସିରଙ୍କଠାରୁ ପରାଜିତ ହୋଇଥିଲେ। ଭାରତୀୟ ଅଧିନାୟକ ଘୋଷାଲ ପରବର୍ତ୍ତୀ ମ୍ୟାଚ୍‌ରେ ୧୧-୫, ୧୧-୧ ଓ ୧୧-୩ରେ ମହମ୍ମଦ ଆସିମ୍ ଖାନଙ୍କୁ ପରାସ୍ତ କରି ମ୍ୟାଚ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ। ଶେଷ ଥର ପାଇଁ ଭାରତୀୟ ପୁରୁଷ ସ୍କ୍ୱାଶ ଦଳ ୨୦୧୪ ଇଞ୍ଚିଅନ୍ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ୨୦୧୦ ଗୁଆଙ୍ଗଝୋ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲା। ଭାରତୀୟ ଦଳର ଅଧିନାୟକ ସୌରଭ ଘୋଷାଲ ନିଜର ଷଷ୍ଠ ଏସିଆନ୍ ଗେମ୍ସ ଖେଳୁଛନ୍ତି। ୩ ବ୍ରୋଞ୍ଜ ଓ ୧ ରୌପ୍ୟ ପଦକ ହାସଲ କରି ସାରିଥିବା ଘୋଷାଲ ବ୍ୟକ୍ତିଗତ ଇଭେଣ୍ଟରେ ପ୍ରଥମ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚତୁର୍ଥକେନ୍ଦ୍ରରେ ଶୁକ୍ରଙ୍କ ସ୍ଥିତିଜନିତ କାର୍ଯ୍ୟାରମ୍ଭ ସକାଶେ ଆଲୋଚନା କରିବେ। ପ୍ରତ୍ୟୁଷ ଯାତ୍ରା ସମୟରେ ଅନ୍ୟ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, କାରଣ ତାହାଙ୍କ କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** ଆଜି କେନ୍ଦ୍ରସ୍ଥ ବୁଧ କାରଣରୁ ଭାଇ, ବନ୍ଧୁ ଓ ନିଜର ଲୋକଙ୍କୁ ମନେଇବାରେ ସଫଳ ହେବେ। ଅଫିସ୍‌ରେ କେତେକ ଅଟକି ରହିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ଶନି ଓ ବୁଧଙ୍କ ପାରସ୍ପରିକ ଦୃଷ୍ଟି ହେତୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଅଫିସ୍‌ରେ କିମ୍ବା ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ** ଅପ୍ରିୟ ସତ୍ୟ ଭାଷଣ ସାଙ୍ଗକୁ ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଏବଂ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ଶେୟାର ବଜାର କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ସିଂହ** ମୁଖ୍ୟ ଭାବରେ ରବି ଓ ମଙ୍ଗଳଙ୍କ କୁପ୍ରଭାବରେ କୌଣସି ବ୍ୟକ୍ତି ଉପରେ ରାଗ ଶୁଝାଇବାକୁ ଯାଇ କଡ଼ାଭାଷା ପ୍ରୟୋଗ କରିପାରନ୍ତି। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସନ୍ଧ୍ୟାରେ ସାମାନ୍ୟ ଅସୁସ୍ଥି ଅନୁଭବ କରିପାରନ୍ତି। ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କନ୍ୟା** ଷଷ୍ଠସ୍ଥ ଶନି ରୋଗ, ଋଣ ଓ ଶତ୍ରୁତାର ପରିସମାପ୍ତି ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିଯାଉଥିବାରୁ ଦୁର୍ଭାବନା ବଢ଼ିଚାଲିବ। ଫାଇଦା ହାସଲ ପାଇଁ ନିକଟସ୍ଥ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ।

**ତୁଳା** ରାଶିରେ କେତୁ ଓ ପାପଗ୍ରହ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ। ଦୀର୍ଘଦିନରୁ ଚିନ୍ତା କରିଥିବା ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅବଶ୍ୟ ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**ବିଛା** ଭାଗ୍ୟସ୍ଥ ଶୁକ୍ରଜନିତ କର୍ମାରମ୍ଭ ସାଙ୍ଗକୁ ଆର୍ଥିକ ପରିସ୍ଥିତିରେ ସୁଧାର ହେବ। ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ, କିନ୍ତୁ ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ପରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ସୂଚନା ରହିଛି।

**ଧନୁ** ପାପାକ୍ରାନ୍ତ ବୃହସ୍ପତିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ଓ ପାରିବାରିକ ଜୀବନ ପ୍ରତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରୁହନ୍ତୁ ନଚେତ୍ ଅନର୍ଥ ଅବଶ୍ୟମ୍ଭାବୀ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ ହୋଇପାରନ୍ତି। ଦୂରଯାତ୍ରା ଅନୁକୂଳ ହେବ।

**ମକର** ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ପାରିବାରିକ ଅଶାନ୍ତିଜନିତ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ବିଗତ ଦିନଗୁଡ଼ିକର ଘଟଣା ଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ସଭାସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** ଆଜି ତୃତୀୟସ୍ଥ ଏକାଧିକ ଗ୍ରହ ହେତୁ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଆଲୋଚନା କରିପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** ରାଶ୍ୟାଧିପ ବୃହସ୍ପତିଙ୍କ ଅଶୁଭତ୍ୱ କାରଣରୁ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଉଦ୍ୟମ ସଫଳ ଦିଗରେ ଦୁଇଜଣ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସୁଫଳ ମିଳିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ରବିବାର, ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୮ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୫ ଗତେ ଘ.୦୩।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୪।୦୨ ଗତେ ଘ.୦୫।୩୧ ମଧ୍ୟେ ରାହୁକାଳ।




# ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ସାଇବର ଅପରାଧ ପ୍ରତି ସତର୍କ ରୁହ

ଭୁବନେଶ୍ୱର,୩୦ା୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଛନ୍ତି। ସାରା ରାଜ୍ୟରେ ବିଭିନ୍ନ ସ୍କୁଲ, କଲେଜ ଓ ପଞ୍ଚାୟତ ଆଦିକୁ ୩୪ଟି ସାଇବର ସୁରକ୍ଷା ରଥ ଭ୍ରମଣ କରି ସାଇବର ଅପରାଧୀଙ୍କଠାରୁ ସୁରକ୍ଷିତ ରହିବା ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିବ।

ଏହି ଅଭିଯାନରେ ଜିଲା ପ୍ରଶାସନ ତରଫରୁ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯିବ। ପ୍ରତିଦିନ ଅତିକମ୍‌ରେ ଦୁଇଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହ ବ୍ଲକ୍ ଓ ପୋଲିସ ଷ୍ଟେଶନ ଅଞ୍ଚଳରେ ଥିବା ବିଭିନ୍ନ ଜନଗହଳି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍କୁଲ ଓ କଲେଜଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯିବ।

ଅକ୍ଟୋବର ୮ ତାରିଖ ସକାଳେ ବିଭିନ୍ନ ସହରାଞ୍ଚଳରେ ମିନି ମାରାଥନ ଆୟୋଜନ କରାଯିବ। ୧୪ ତାରିଖରେ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବାକୁ ସାନ୍ଧ୍ୟ ଭ୍ରମଣ(ଇଭିନିଂ ୱାକ୍) କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୫ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଜିଲା ପ୍ରଶାସନର ଅଧିକାରୀମାନଙ୍କ ସହିତ ପଦ୍ମ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିଗଣ, ସ୍ୱାଧୀନତା ସଂଗ୍ରାମୀମାନେ ଉପସ୍ଥିତ ରହିବେ।



## ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ

### ■ ୧୫ ଯାଏ ବୁଲିବ ୩୪ ରଥ

ଏହି ଅଭିଯାନରେ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ପଞ୍ଚାୟିତରାଜ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିବେ।

ଗତ କିଛିବର୍ଷ ମଧ୍ୟରେ ସାରା ଦେଶ ଓ ରାଜ୍ୟରେ ସାଇବର ଅପରାଧର ମାତ୍ରା ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ସଚେତନତା ଓ ସତର୍କତା ଏହାକୁ ରୋକିବାର ଏକ ପ୍ରମୁଖ ଉପାୟ। ସାରା ରାଜ୍ୟରେ ସବୁ ସ୍ତରରେ ଏ ସମ୍ପର୍କରେ ସଚେତନତା ଆଣିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସତର୍କ ଓ ସୁରକ୍ଷିତ ରହିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱରର ୨ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଡିଜିପି ସୁନୀଲ କୁମାର ବଂଶଲ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।







"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡ଼ିବ। —ଶ୍ରୀମା



# ତିନୋଟି ସ୍ତରରେ ଭେଦଭାବ



ଆକାର ପଟେଲ

୪ ଶତାବ୍ଦୀ ପୂର୍ବରୁ ରାଷ୍ଟ୍ରଦୂତ ସାର୍ ହେନେରୀ ୱାଟନ କୂଟନୀତିଜ୍ଞଙ୍କ ସଂଜ୍ଞା ନିରୂପଣ କରିଥିଲେ। ତାଙ୍କ ମତରେ କୂଟନୀତିଜ୍ଞ ହେଉଛନ୍ତି ଜଣେ ସଚ୍ଚୋଟ ଭଦ୍ରଲୋକ, ଯାହାଙ୍କୁ ନିଜ ଦେଶର ମଙ୍ଗଳ ପାଇଁ ବିଦେଶରେ ମିଛ କହିବା ପାଇଁ ପଠାଯାଇଥାଏ। ଆମ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସରକାରଙ୍କର ଜଣେ ଭଲ ମୁଖପାତ୍ର। ତେଣୁ ସେ ଯାହା କହୁଛନ୍ତି, ତାହା ତାଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ ବୋଲି ବିବେଚନା କରାଯିବା ଉଚିତ ନୁହେଁ। ଆମ ଦେଶର ମଙ୍ଗଳ ପାଇଁ ତାଙ୍କୁ ବିଦେଶରେ ମିଛ କହିବାକୁ ପଠାଯାଇଛି। ଆଜିକାଲି ସେ ୱାଶିଂଟନରେ ରହି ଭାରତରେ ଘଟୁଥିବା ବଡ଼ ଘଟଣାଗୁଡ଼ିକ ଉପରେ ବିଶ୍ୱକୁ ସୂଚିତ କରୁଛନ୍ତି। ଥରେ ଏକ ସଭାରେ ତାଙ୍କୁ ଜଣେ ସାମ୍ବାଦିକ ବିଦେଶରେ ଭାଜପା ନେତାମାନେ ସାମ୍ନା କରୁଥିବା ଏକ ପ୍ରଶ୍ନ ବିଷୟରେ ପଚାରିଥିଲେ। ପ୍ରଶ୍ନଟି ହେଉଛି– 'ଆପଣ ଅନ୍ୟ ଭାରତୀୟ, ବିଶେଷକରି ମୁସଲମାନମାନଙ୍କୁ କାହିଁକି ଟାର୍ଗେଟ କରୁଛନ୍ତି? ଜୟଶଙ୍କର କହିଥିଲେ, ''ମୋତେ ଆପଣ ଭେଦଭାବପୂର୍ଣ୍ଣ ବୋଲି ଯାହା ଦର୍ଶାଇବାକୁ ଚାହୁଁଛନ୍ତି ତାହାକୁ ମୁଁ ଅସ୍ୱୀକାର କରେ'' ଏବଂ ଏହା ଏଏନ୍ଆଇ ନ୍ୟୁଜ୍ ଏଜେନ୍ସି ଦ୍ୱାରା ପ୍ରକାଶ ପାଇଥିଲା। ଏହା ଅତ୍ୟନ୍ତ ସ୍ପଷ୍ଟ ଏବଂ କାହାକୁ ଦେଖାଇବା କିମ୍ବା ବୁଝାଇବା ଆବଶ୍ୟକ ନାହିଁ। ତିନୋଟି ସ୍ତରରେ ଭାଜପା ଭେଦଭାବ କରେ। ପ୍ରଥମଟି ହେଉଛି ଅନ୍ୟକୁ ବାଦ୍ ଦେଉଛି। ଇତିହାସରେ ପ୍ରଥମ ଥର ପାଇଁ ଆମର କୌଣସି ମୁସଲିମ କେନ୍ଦ୍ରମନ୍ତ୍ରୀ ନାହାନ୍ତି, କୌଣସି ମୁସଲମାନ ସାଂସଦ ନାହାନ୍ତି, ଭାରତର କୌଣସି ସ୍ଥାନରେ ଭାଜପାର କୌଣସି ମୁସଲମାନ ବିଧାୟକ ନାହାନ୍ତି। ଦ୍ୱିତୀୟରେ ଭାଜପା ଆଇନ ମାଧ୍ୟମରେ ସଂଖ୍ୟାଲଘୁଙ୍କୁ ଜାଣିଶୁଣି ହଇରାଣ କରୁଛି। ପ୍ରଧାନମନ୍ତ୍ରୀ ଗୋଲାପୀ ବିପ୍ଳବ ଘୋଷଣା କରିବା ପରେ ଭାରତରେ ବିଫ୍ ଲିଚିଂ ବା ଗୋମାଂସକୁ ନେଇ ଭିଡ଼ହିଂସା ଦେଖାଦେଲା। ୨୦୧୫ରେ ଭାଜପା ଶାସିତ ରାଜ୍ୟ ମହାରାଷ୍ଟ୍ର ଓ ହରିୟାଣା ଗୋମାଂସ ରଖିବାକୁ ଅପରାଧ ଦର୍ଶାଇବା ପାଇଁ ଆଇନ ଆଣିବା ପରେ ପରେ ଭିଡ଼ ହିଂସା ଆରମ୍ଭ ହୋଇଗଲା।

୨୦୧୯ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାସ୍ କରାଗଲା। ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏହାକୁ ସଣ୍ଢୁଆସୀର ଗୋଟିଏ ଭାଗ ବୋଲି କହିଥିଲେ। ଅନ୍ୟଟି ଥିଲା ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍ଆର୍ସି)। ପଡୋଶୀ ରାଜ୍ୟରୁ ଅଣ-ମୁସଲମାନ ପ୍ରବାସୀମାନଙ୍କୁ ବାଛି ବାହାର କରିବା ଏବଂ ପରେ ମୁସଲମାନମାନଙ୍କ ପାଇଁ ଏହା ଲାଗୁ କରିବା ଏହିସବୁ ଆଇନର ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। କେବଳ ଭାରତରେ ଥିବା ମୁସଲମାନଙ୍କ ପାଇଁ ଛାଡ଼ପତ୍ର ଏକ ଅପରାଧ। ବାକି ସମସ୍ତଙ୍କ ପାଇଁ ଏହା ବ୍ୟକ୍ତିଗତ ଅଧିକାରର ଉଲ୍ଲଂଘନ। ୨୦୧୯ରେ ଆଇନର ଏକ ପରିବର୍ତ୍ତନ ଦ୍ୱାରା ଏହା ଘଟିଛି। ୨୦୧୮ରୁ ଭାଜପା ଶାସିତ ରାଜ୍ୟଗୁଡିକ ଆନ୍ତଃ ଧର୍ମୀୟ ବିବାହର ଅପରାଧୀକରଣ ଆଇନ ଆଣିଛନ୍ତି ଓ ଏହାକୁ ସେମାନେ 'ପ୍ରେମ ଜିହାଦ' ବୋଲି କହିଛନ୍ତି। ତେବେ ସଂସଦରେ ଏକ ପ୍ରଶ୍ନର ଉତ୍ତରରେ ଭାଜପା ସ୍ୱୀକାର କରିଛି ଯେ, ପ୍ରେମ ଜିହାଦ ଭଳି କୌଣସି ବିଷୟ ନାହିଁ, ତଥାପି ଆଇନଗୁଡ଼ିକ ଆବଶ୍ୟକ। ମଧ୍ୟପ୍ରଦେଶର ୨୦୨୧ରେ ପାରିତ ହୋଇଥିବା ଆଇନରେ ଜଣଙ୍କର ସନ୍ତାନ ଥିଲେ ବିବାହକୁ ରଦ୍ଦ କରିବାର କ୍ଷମତା ରହିଛି। ଏହି ଆଇନ ଉତ୍ତରାଖଣ୍ଡ (୨୦୧୮), ହିମାଚଳ ପ୍ରଦେଶ (୨୦୧୯), ଉତ୍ତରପ୍ରଦେଶ (୨୦୨୦), ଗୁଜରାଟ ଏବଂ ମଧ୍ୟପ୍ରଦେଶ (୨୦୨୧), କର୍ନାଟକ ଏବଂ ହରିୟାଣା (୨୦୨୨)ରେ ଅଣାଯାଇଛି। ୨୦୧୯ରେ ଗୁଜରାଟ ଏକ ଆଇନରେ କରାଯାଇଥିବା ସଂଶୋଧନ ମୁସଲମାନଙ୍କ ସମ୍ପତ୍ତି ବିକ୍ରୟ ଏବଂ ଲିଜ୍ ପ୍ରତ୍ୟାହାର କରିବାକୁ ଜିଲାପାଳଙ୍କୁ ଅଧିକାର ପ୍ରଦାନ କରିଛି। ଅର୍ଥାତ୍ ଗୁଜରାଟର ମୁସଲମାନମାନେ ଗୁଜରାଟରେ ସମ୍ପତ୍ତି ଲିଜ୍ ନେବା କିମ୍ବା କ୍ରୟ କରିପାରିବେ ନାହିଁ, ଅଥଚ ବିଦେଶୀମାନେ ସେଠାରେ ତାହା ପାରିବେ। ୨୦୧୭ରେ ଗୁଜରାଟରେ ଗୋହତ୍ୟାକୁ ଏକ ଆର୍ଥିକ ଅପରାଧ ଦର୍ଶାଯାଇ ଦଣ୍ଡସ୍ୱରୂପ ଆଜୀବନ କାରାଦଣ୍ଡ ରଖାଯାଇଛି। ଅନେକ ହଜାର କୋଟି ଟଙ୍କା ଠକେଇ ସମେତ ଭାରତରେ ଅନ୍ୟ କୌଣସି ଅର୍ଥନୈତିକ ଅପରାଧ ଆଜୀବନ ଜେଲଦଣ୍ଡକୁ ସୂଚିତ କରେ ନାହିଁ।

ନିକଟରେ ଜଣାପଡ଼ିଛି ଯେ, ଉତ୍ତରପ୍ରଦେଶରେ ଜାତୀୟ ନିରାପତ୍ତା ଆଇନ(ଏନ୍ଏସ୍ଏ) ବଳରେ ଜେଲରେ ଥିବା ୧୩୯ ଜଣଙ୍କ ମଧ୍ୟରୁ ୭୬ ଜଣ ଗୋହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଯାହା ହେଲେ ବି ଆମେ ଏହି ଆଇନଗୁଡ଼ିକୁ ନେଇ ଆଗକୁ ଯାଇପାରିଲେ। କିନ୍ତୁ ଆସନ୍ତୁ ଦେଖିବା ତୃତୀୟ ସ୍ତରରେ ଜୟଶଙ୍କର ଓ ତାଙ୍କ ଦଳର କାର୍ଯ୍ୟକଳାପ କିଭଳି ସଂଖ୍ୟାଲଘୁଙ୍କୁ ଭେଦଭାବ କରନ୍ତି। ଜୟଶଙ୍କରଙ୍କ ସରକାର(ଭାଜପା) ନିର୍ଦ୍ଦେଶରେ ୨୦୨୨ରେ ଜଣେ ଗୁଜରାଟୀ ମୁସଲମାନ ମହିଳାଙ୍କ ବଳାତ୍କାରରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ ମୁକ୍ତ କରାଯାଇଥିଲା। ମହିଳାଙ୍କ ଶିଶୁ କନ୍ୟାକୁ ଏହି ବଳାତ୍କାରକାରୀମାନେ ହତ୍ୟା କରିଥିଲେ। ଜଣେ ମୁସଲମାନଙ୍କ ଭିଡ଼ ହିସାକୁ କେନ୍ଦ୍ରକରି ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ୨୦୧୮ରେ ଜୟଶଙ୍କରଙ୍କ ଜଣେ ସାଥୀ ମନ୍ତ୍ରୀଙ୍କୁ ଫୁଲମାଳ ପିନ୍ଧାଇଥିଲେ। ଜୟଶଙ୍କରଙ୍କ ସାଂସଦମାନେ ସଂସଦ ଭିତରେ ମୁସଲମାନମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ତାଙ୍କ ସହକର୍ମୀମାନେ କହିଥିବା ବିଷୟଗୁଡ଼ିକର ତାଲିକା ବହୁତ ଲମ୍ବା। ଏସବୁ କହିବା ପରେ ସେମାନେ ଯାହା କରିଥିଲେ ସେଥିପାଇଁ ସେମାନଙ୍କୁ ପୁରସ୍କୃତ କରାଯାଇଛି। ମୁସଲମାନମାନଙ୍କୁ ଯାହା ନ କହିବା କଥା ତାହା ଜଣେ ମହିଳା କହିଲେ। କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସେ ଜଣେ ମନ୍ତ୍ରୀ। ସେ କହିଲେ, ଯଦି ସମସ୍ତ ମୁସଲମାନଙ୍କୁ ଭାରତ ଛାଡ଼ି ଚାଲିଯିବାକୁ କୁହାଯାଏ, ତେବେ ଆଜିର ଦିନରେ ଦେଶର ସ୍ଥିତି ଖୁବ୍ ଭଲ ହୋଇଯିବ। କଥା ହେଉଛି,ସଭାରେ ଏମିତି କହିବାବେଳେ ଜୟଶଙ୍କର ସେମାନଙ୍କ ପାଖରେ ବସିଥା'ନ୍ତି।

ଏହି ତଥ୍ୟଗୁଡିକୁ ଦେଖି ଆମେ କେହି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ, କାରଣ ୨୦୧୪ରୁ ସେଗୁଡ଼ିକ ସହ ଆମେ ରହିଆସୁଛୁ। କେବଳ ନୂଆ ଭାରତରେ ଧର୍ମାନ୍ଧତା ଏବଂ କୁସଂସ୍କାର ଏବଂ ଭେଦଭାବ ସାଧାରଣ ବିଷୟ ହୋଇନାହିଁ, ବରଂ ଜୟଶଙ୍କର ଏବଂ ତାଙ୍କ ଦଳ ରାଜନୈତିକ ଦୃଷ୍ଟିରୁ ଲୋକପ୍ରିୟ ହେବାର ଏହା ମଧ୍ୟ ଏକ କାରଣ। ତାହାକୁ ପ୍ରକାଶ କରିବା ଦ୍ୱାରା କ୍ଷତି ଘଟୁଛି, ଯାହା ଆମେ ଦେଖୁଛୁ, ଶୁଣୁଛୁ ଓ ଅନୁଭବ କରିପାରୁଛୁ। ସମସ୍ତ ଦେଶରେ ତ୍ରୁଟି ରହିଛି ଏବଂ କୂଟନୀତିଜ୍ଞମାନେ ବିଦେଶରେ ମିଛ କହୁଥିବା ମନେକରାଯାଏ। ହେଲେ ଜୟଶଙ୍କରଙ୍କୁ କହିବାକୁ ହେବ ଯେ, ଏହା ସେମାନଙ୍କ ଦେଶର ମଙ୍ଗଳ ପାଇଁ ହେଉଛି।

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | |
| | 4 | | 1 | | | | | 9 |
| | | | | 2 | 3 | 7 | | 4 |
| 8 | 3 | | | | | | | |
| | | 7 | 3 | 5 | | | | |
| | | | | | | 8 | 1 | |
| | | | | | | | | 1 |
| | 9 | 4 | | 6 | 1 | 2 | | |
| | 7 | 3 | | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 3 | 5 | 7 | 2 | 8 | 6 | 1 |
| 2 | 6 | 1 | 3 | 8 | 9 | 7 | 5 | 4 |
| 8 | 7 | 5 | 1 | 6 | 4 | 3 | 2 | 9 |
| 1 | 8 | 6 | 9 | 2 | 3 | 5 | 4 | 7 |
| 7 | 3 | 9 | 8 | 4 | 5 | 6 | 1 | 2 |
| 5 | 2 | 4 | 6 | 1 | 7 | 9 | 8 | 3 |
| 3 | 5 | 2 | 4 | 9 | 8 | 1 | 7 | 6 |
| 4 | 1 | 8 | 7 | 3 | 6 | 2 | 9 | 5 |
| 6 | 9 | 7 | 2 | 5 | 1 | 4 | 3 | 8 |

ଗତ କାଲିର ଉତ୍ତର

# ଦେଢ଼ ଡିଗ୍ରୀର ସଙ୍କଳ୍ପ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମୟର ପ୍ରବାହରେ ପୃଥିବୀର ଜଳବାୟୁ କେତେକ ପ୍ରାକୃତିକ ପରିବର୍ତ୍ତନର ସମ୍ମୁଖୀନ ହୋଇ ନୂତନତ୍ୱ ହାସଲକରେ। ସୂର୍ଯ୍ୟାଲୋକର ତୀବ୍ରତା, ଆଗ୍ନେୟଗିରି ଉଦ୍‌ଗିରଣ ଏବଂ ପ୍ରାକୃତିକଭାବେ ଉତ୍ପନ୍ନ ହେଉଥିବା ବିବିଧ ସବୁଜଗୃହ ବାଷ୍ପ ପରି କାରକର ହ୍ରାସବୃଦ୍ଧି ଜଳବାୟୁ ପରିବର୍ତ୍ତନରେ ସହାୟତା କରୁଥିବା ଶକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ମନୁଷ୍ୟର ଅଭ୍ୟୁଦୟର ବହୁ ପୂର୍ବରୁ ପୃଥିବୀ ଉଷ୍ମ ଏବଂ ଶୀତଳ ପର୍ଯ୍ୟାୟ ଦେଇ ଗତିକରିଆସିଛି। କିନ୍ତୁ ବର୍ତ୍ତମାନ ସଂଘଟିତ ହେଉଥିବା ଜଳବାୟୁ ବିପର୍ଯ୍ୟୟ ଯେ ସମ୍ପୂର୍ଣ୍ଣରୂପେ ମାନବ ପ୍ରବର୍ତ୍ତିତ ଏହା ନିଃସନ୍ଦେହ, ଯାହା ପ୍ରାକୃତିକ ପ୍ରକ୍ରିୟାର ବ୍ୟତିକ୍ରମ। ବର୍ଦ୍ଧିତ ଶକ୍ତି ଆବଶ୍ୟକତାର ପୂରଣ ନିମନ୍ତେ ବିଗତ ଦଶନ୍ଧିଗୁଡ଼ିକରେ ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର ବିଶ୍ୱ ପରିବେଶରେ ପ୍ରଦୂଷଣ ବୃଦ୍ଧି କରିଛି। ଏହାସହ ଏବେ ଅଙ୍ଗାରକାମ୍ଳ, ମିଥେନ୍ ଏବଂ ନାଇଟ୍ରସ୍ ଅକ୍ସାଇଡ୍ ପରି ସବୁଜ ଗୃହବାଷ୍ପ (ଗ୍ରୀନ୍ ହାଉସ ଗ୍ୟାସ୍)ର ସାନ୍ଦ୍ରତା ଅତି ଉଚ୍ଚସ୍ତରରେ ପହଞ୍ଚିଛି, ଯାହା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ପ୍ରମୁଖ କାରଣ ପାଲଟିଛି। ବିଗତ ୮ଲକ୍ଷ ବର୍ଷ ତୁଳନାରେ ଏସବୁର ପରିମାଣ ବର୍ତ୍ତମାନ ସର୍ବାଧିକ ସ୍ତରରେ ପହଞ୍ଚିଛି ବୋଲି ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସିର ତଥ୍ୟରୁ ଜଣାପଡ଼ିଛି। ପୃଥିବୀର ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରକ ସାଜିଥିବା ଅଙ୍ଗାରକାମ୍ଳ ପ୍ରାକ୍-ଶିଳ୍ପବିପ୍ଳବ ସମୟରୁ ଅଧୁନା ୪୬ ଶତାଂଶ ଅଧିକ ବୃଦ୍ଧିପାଇଛି। ବିଦ୍ୟୁତ୍ ଶକ୍ତି, ଉତ୍ତାପ ଓ ପରିବହନ ଆଦି କ୍ଷେତ୍ରରେ କୋଇଲା, ତୈଳ ଏବଂ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନର ଅନିୟନ୍ତ୍ରିତ ପ୍ରୟୋଗ ଏବଂ ଜଙ୍ଗଲ ନଷ୍ଟ ହେଉଛି ସବୁଜଗୃହ ବାଷ୍ପ ନିର୍ଗମନର ପ୍ରମୁଖ ଉତ୍ସ। ରାସାୟନିକ ସାର ବ୍ୟବହାର, ପଶୁପାଳନ କ୍ଷେତ୍ରର ପ୍ରସାରଣ, କେତେକ ଶିଳ୍ପ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ଏସବୁ ବାଷ୍ପର ଅଧିକ ନିର୍ଗମନ ଘଟୁଛି। ଆମ ଗ୍ରହର ପ୍ରାକୃତିକ ଅଙ୍ଗାରକଭଣ୍ଡାର ରୂପେ କାର୍ଯ୍ୟରତ ଜଙ୍ଗଲ ଏବଂ ମହାସାଗରଗୁଡ଼ିକ ବାୟୁମଣ୍ଡଳରୁ ଏହି ଅତିରିକ୍ତ ପରିମାଣର ବାଷ୍ପକୁ ଶୋଷଣକରିବାରେ ଅସମର୍ଥ ହେଉଥିବା ପରିପ୍ରେକ୍ଷୀରେ ପ୍ରାକୃତିକ ସନ୍ତୁଳନରେ ବ୍ୟାଘାତ ଘଟୁଛି ତଥା ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଗମ୍ଭୀରତା ବୃଦ୍ଧିପାଉଛି।

ଏବେ ଖବରକାଗଜର ପୃଷ୍ଠା ଉନ୍ମୋଚନ ଅଥବା ଟିଭି ଖବର ଉପରେ ଦୃଷ୍ଟି ନିକ୍ଷେପକଲେ ଦୈନିକ ଭିତ୍ତିରେ ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଅନେକ ଭୟାବହ ଘଟଣା ଆମର ଦୃଷ୍ଟିଗୋଚର ହେଉଛି। ଉତ୍ତାପ ବୃଦ୍ଧି, ଗ୍ରୀଷ୍ମପ୍ରବାହ, ଝଡ଼ବାତ୍ୟା, ବାଦଲଫଟା ବର୍ଷା, ତ୍ୱରିତ ବନ୍ୟା, ବଜ୍ରପାତ, ଭୂସ୍ଖଳନ, ଜଙ୍ଗଲାଗ୍ନି, ମରୁଡ଼ି ଏବଂ ସମୁଦ୍ରପତ୍ତନର ଉତ୍ଥାନ ଆଦି ଚରମ ପାଣିପାଗଜନିତ ଘଟଣା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଂଘଟିତ ହେଉଛି। ଏସବୁର ସଂଖ୍ୟା ଓ ତୀବ୍ରତାରେ କ୍ରମାଗତ ବୃଦ୍ଧି ଆମକୁ ଜଳବାୟୁ ବିପର୍ଯ୍ୟୟର ଗମ୍ଭୀରତା ଏବଂ ପ୍ରତିହତ ନିମନ୍ତେ ଆବଶ୍ୟକ ଜରୁରୀ ପଦକ୍ଷେପ ବିଷୟରେ ସତର୍କ କରାଉଛି। ବିଶ୍ୱାସଯୋଗ୍ୟ ହେଉ ନ ଥିଲେ ମଧ୍ୟ ଗ୍ରହର ସର୍ବାଧିକ ଶୀତଳ ଏବଂ ଶୁଷ୍କ ମହାଦେଶ ଆଣ୍ଟାର୍କଟିକା ଏସବୁ ଘଟଣାର ବ୍ୟତିକ୍ରମ ନୁହେଁ, ଯେଉଁଠି ୨୦୨୨ରେ ଅଭୂତପୂର୍ବ ଗ୍ରୀଷ୍ମପ୍ରବାହ ଏବଂ ଅତ୍ୟଧିକ ବୃଷ୍ଟିପାତ ଘଟଣା ଦୃଶ୍ୟମାନ ହୋଇଥିଲା। ନିକଟରେ ଆମେରିକୀୟ ପାଣିପାଗ ସମିତିର ବୁଲେଟିନ୍ ସୂଚାଇଛି ଯେ ବର୍ଦ୍ଧିତ ଉତ୍ତାପର ପ୍ରଭାବରେ ଆଣ୍ଟାର୍କଟିକାର ବିସ୍ତୀର୍ଣ୍ଣ ବରଫାବୃତ୍ତ ଅଞ୍ଚଳ ତ୍ୱରିତ ବେଗରେ ତରଳି ଐତିହାସିକ ପରିଣାମରେ ହ୍ରାସପାଇଛି, ଯାହା ସମୁଦ୍ର ପତ୍ତନ ବୃଦ୍ଧିରେ ସହାୟକ ହେଉଛି। ଏପରି ଘଟଣା ବିଶ୍ୱର ବିଭିନ୍ନ ପ୍ରାନ୍ତରେ କ୍ରମେ ଉପକୂଳ ଅଞ୍ଚଳରେ ଯଥେଷ୍ଟ ରୂପେ କ୍ଷତିସାଧନ କରୁଛି। ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃ ସରକାରୀ ଗୋଷ୍ଠୀ (ଆଇପିସିସି)ର ୨୦୨୩ରେ ପ୍ରକାଶିତ ଷଷ୍ଠ ରିପୋର୍ଟରେ ଏହି ପରିପ୍ରେକ୍ଷୀରେ ପ୍ରକାଶିତ ସତର୍କବାଣୀକୁ ଯେତିକି ଗମ୍ଭୀରତାର ସହ ଗ୍ରହଣ କରାଯିବା ବାଞ୍ଛନୀୟ, ତାହା ମାନବଜାତି ନିକଟରେ ପରିଦୃଷ୍ଟ ହେଉନାହିଁ। ତାପମାତ୍ରା ବୃଦ୍ଧିର ନିୟନ୍ତ୍ରଣ ନିମନ୍ତେ ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସକରି ବାୟୁମଣ୍ଡଳରେ ସେସବୁର ପରିମାଣ ସ୍ଥିର ରଖିବା ଅପରିହାର୍ଯ୍ୟ। ଆମକୁ ବିଭିନ୍ନ ଉତ୍ସରୁ ଏସବୁ ବାଷ୍ପର ଉତ୍ସର୍ଜନକୁ ଯଥେଷ୍ଟ ହ୍ରାସକରିବା ନିମନ୍ତେ ପ୍ରତିବଦ୍ଧହେବାକୁ ପଡ଼ିବ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପରିଣାମରେ ପ୍ରାକୃତିକ ବିପର୍ଯ୍ୟୟ ସବୁର କ୍ରମବୃଦ୍ଧି ବିଶ୍ୱ ନେତୃବର୍ଗଙ୍କୁ ଏପରି ଧ୍ୱଂସକାରୀ ପ୍ରକ୍ରିୟାର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସମ୍ମିଳିତ ପଦକ୍ଷେପ ଗ୍ରହଣ ନିମନ୍ତେ ବାଧ୍ୟକରୁଛି। ଏହାର ପ୍ରଚ୍ଛଦରେ ରହିଛି ଆଇପିସିସି ଏବଂ ଅନ୍ୟାନ୍ୟ ବୈଜ୍ଞାନିକ ସଙ୍ଗଠନଗୁଡ଼ିକର ସତର୍କବାଣୀ। ପରିଣାମ ସ୍ୱରୂପ, ଜାତିସଂଘ ଆୟୋଜିତ ଜଳବାୟୁ ସମ୍ମିଳନୀରେ ଗମ୍ଭୀର ଆଲୋଚନାମାନ ଅନୁଷ୍ଠିତ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲକ୍ଷ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି। ପ୍ୟାରିସ୍‌ରେ ୨୦୧୫ରେ ଅନୁଷ୍ଠିତ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହେଲା ତାପମାତ୍ରା ବୃଦ୍ଧିକୁ ଦେଢ଼(୧.୫) ଡିଗ୍ରୀ, ଅତିବେଶିରେ ୨ଡିଗ୍ରୀ ସେଲସିୟସ୍ ମଧ୍ୟରେ ନିଶ୍ଚିତରୂପେ ସୀମାବଦ୍ଧ ରଖିବା, ଯାହା ଏପର୍ଯ୍ୟନ୍ତ ୧୯୫ ରାଷ୍ଟ୍ର



ଦ୍ୱାରା ଅନୁମୋଦିତ ହୋଇସାରିଛି। ଅନ୍ୟଥା ମାନବ ଜାତି ତଥା ସମଗ୍ର ଜୀବଜଗତ ଆଗାମୀ ସମୟରେ ଜଳବାୟୁ ବିପର୍ଯ୍ୟୟର ଭୟଙ୍କର ପ୍ରଭାବରେ ଧ୍ୱଂସାଭିମୁଖୀହେବ। ବର୍ତ୍ତମାନ କୃଷି ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଜଳ ଉପଲବ୍ଧି, ଜୈବ ବିବିଧତା, ଉପକୂଳ ଅଞ୍ଚଳ, ଦ୍ୱୀପପୁଞ୍ଜଦେଶ ଏବଂ ସାମଗ୍ରିକଭାବେ ମାନବଜାତି ଓ ପ୍ରାକୃତିକ ପରିସଂସ୍ଥା ମାନକ୍ରମଶଃଗମ୍ଭୀରପରିଣାମରଶିକାରହେଲେଣି।

ତେବେ ପ୍ୟାରିସ୍ ଲକ୍ଷ୍ୟସାଧନ ଦିଗରେ ଅଳ୍ପକେତେକ ବିକଶିତ ଦେଶ ବ୍ୟତିରେକ ଅଧିକାଂଶ ଅନ୍ୟ ରାଷ୍ଟ୍ର ଜୀବାଶ୍ମ ଇନ୍ଧନ ବ୍ୟବହାରରେ ସଙ୍କୁଚନ ଏବଂ ବିକଳ୍ପ, ଅଣପାରମ୍ପରିକ, ସ୍ୱଚ୍ଛ ଇନ୍ଧନର ବହୁଳ ବ୍ୟବହାରକୁ ଏ ପର୍ଯ୍ୟନ୍ତ ଆଶାନୁରୂପ ଉଚ୍ଚସ୍ତରକୁ ନେବାରେ ସଫଳତା ଅର୍ଜନ କରିନାହାନ୍ତି। ପ୍ରତ୍ୟେକ ରାଷ୍ଟ୍ର ଜାତୀୟସ୍ତରରେ ନିର୍ଗମନ ହ୍ରାସ ପାଇଁ ଯେଉଁ ନିର୍ଦ୍ଧାରିତ ଅବଦାନ ରଖିବା ବାଞ୍ଛନୀୟ, ତାହା ବିଳମ୍ବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ୨୦୨୪ରୁ ଆରମ୍ଭହେବାକୁ ଥିବା ଏକ ଉନ୍ନତ ସ୍ୱଚ୍ଛତା ଢାଞ୍ଚା (ଇଟିଏଫ୍)ର ପ୍ରତିଷ୍ଠା ହୋଇଛି, ଯାହା ଅଧୀନରେ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ହ୍ରାସ, ଉପଯୋଗୀ ପଦକ୍ଷେପ ଗ୍ରହଣ ଏବଂ ପ୍ରଦାନ କରିଥିବା କିମ୍ବା ପ୍ରାପ୍ତହୋଇଥିବା ସହାୟତା ସମ୍ପର୍କରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଜାତିସଂଘକୁ ରିପୋର୍ଟ ପ୍ରଦାନ କରିବେ। ବୈଷୟିକ ଜ୍ଞାନ ବିନିମୟ ଏବଂ ଆର୍ଥିକ ସହାୟତା ପ୍ରଦାନ ପ୍ରସଙ୍ଗରେ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ମତଭେଦ ମଧ୍ୟ ଦୂରୀଭୂତ ହେବାରେ ବିଳମ୍ବ ଘଟୁଛି। ଜଳବାୟୁ ପରିବର୍ତ୍ତନର ବିନାଶକାରୀ ପ୍ରଭାବକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ୨୦୩୦ ସୁଦ୍ଧା ବିଶ୍ୱ ଜଳବାୟୁ ପାଣ୍ଠିକୁ ଅତିକ୍ରମେ ସ୍ଥିରୀକୃତ ବାର୍ଷିକ ୪.୩ଟ୍ରିଲିୟନ ଡଲାରର ଆନୁମାନିକ ଆର୍ଥିକ ପ୍ରବାହ ଆବଶ୍ୟକତାଠାରୁ ଯଥେଷ୍ଟ ନିମ୍ନରେ ରହିଛି।

ରେକର୍ଡ ଉତ୍ତାପ ବୃଦ୍ଧି ଏବଂ ଚରମ ପାଣିପାଗ ଘଟଣା ପରିପ୍ରେକ୍ଷୀରେ ସମ୍ପ୍ରତି ସାରା ବିଶ୍ୱରେ ସହସ୍ରାଧିକ ଜଳବାୟୁ ପ୍ରଦର୍ଶନକାରୀ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ବନ୍ଦକରିବାକୁ ଆହ୍ୱାନଦେବା ସହ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଅଧିକ ଟିକସର ପ୍ରାବଧାନ, ମାଂସାହାର ବନ୍ଦକରିବା ଏବଂ ଜଳବାୟୁର ସୁରକ୍ଷା ଉଦ୍ଦେଶ୍ୟରେ କଠୋର ଆଇନ ପ୍ରଣୟନ ନିମନ୍ତେ ଦାବି ଉପସ୍ଥାପନ କରିଛନ୍ତି। ଜାତିସଂଘ ଚେତାବନୀ ଦେଇଛି ଯେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀର ସହମତି ଅନୁଯାୟୀ ପ୍ରାକ୍-ଶିଳ୍ପବିପ୍ଳବ ତୁଳନାରେ ୧.୫ ଡିଗ୍ରୀ ମଧ୍ୟରେ ଉତ୍ତାପ ବୃଦ୍ଧିକୁ ରୋକିବାର ସିଦ୍ଧାନ୍ତଠାରୁ ରାଷ୍ଟ୍ରଗୁଡ଼ିକ ଦୂରରେ ରହୁଛନ୍ତି। ଇତିମଧ୍ୟରେ ବିଶ୍ୱ ଅତିକ୍ରମେ ୧.୧୨ଡିଗ୍ରୀ ଅଧିକ ଉତ୍ତପ୍ତ ହୋଇସାରିଲାଣି। ତେଣୁ ଦେଢ଼ ଡିଗ୍ରୀର ଲକ୍ଷ୍ୟହାସଲ ସମ୍ଭବପର ହେବନାହିଁ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ବିଗତ କିଛି ମାସରେ ପୃଥିବୀର ହାରାହାରି ଉତ୍ତାପରେ ରେକର୍ଡବୃଦ୍ଧି ଘଟିଛି। ଜୁଲାଇ୨୦୨୩ ସର୍ବାଧିକ ଉତ୍ତପ୍ତ ମାସ ରୂପେ ପରିଗଣିତ ହୋଇଛି ଏବଂ ଉତ୍ତରଗୋଲାର୍ଦ୍ଧର ଗ୍ରୀଷ୍ମସବୁଠାରୁ ଉତ୍ତପ୍ତ ବୋଲି ଘୋଷଣା କରାଯାଇଛି। ଏବେ ସମୟ ଅବତୀର୍ଣ୍ଣ ହୋଇଛି ଯେତେବେଳେ ଅଧିକରୁ ଅଧିକ ରାଷ୍ଟ୍ର, ରାଜ୍ୟ, ଅଞ୍ଚଳ, ସହର, କମ୍ପାନୀ ଏବଂ ଅନୁଷ୍ଠାନ ପ୍ୟାରିସ୍ ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଅଙ୍ଗାରକାମ୍ଳ ନିରପେକ୍ଷତା ହାସଲ ଉଦ୍ଦେଶ୍ୟରେ କାର୍ଯ୍ୟଧାରା ତ୍ୱରାନ୍ୱିତ କରିବେ ଏବଂ ଭବିଷ୍ୟତର ପିଢ଼ିଙ୍କ ନିମନ୍ତେ ଏକ ସୁରକ୍ଷିତ, ସୁନ୍ଦର ପୃଥିବୀର ପୁନରୁଦ୍ଧାର କରିବେ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
jk.panigrahi@gmail.com
ମୋ: ୯୪୩୭୦୭୬୧୦୦

# ସିଡ୍ ଲେଡି

ବ୍ୟକ୍ତିତ୍ୱ



ଡ. ସ୍ୱାତୀ ନାୟକ

ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକ୍ଷେତ୍ର ଉପରେ ବିଶେଷଭାବେ ପଡ଼ିଥିବା ଅନ୍ତର୍ଜାତୀୟ ସ୍ତରରେ ଏକ ଆଲୋଚ୍ୟ ବିଷୟ। ଭାରତରେ ମୌସୁମୀର ଅନିୟମିତତା ଯୋଗୁ ମରୁଡ଼ି ଭଳି ସ୍ଥିତି ଉପୁଜୁଛି। ଧାନ ଚାଷ ଲାଗି ପ୍ରଚୁର ପାଣିର ଆବଶ୍ୟକତା ଥିବା ବେଳେ ଏହାର ଅଭାବ ଅସ୍ୱାଭାବିକତା ଆଣିଦେଉଛି। ସେଥିଲାଗି କୃଷି ବୈଜ୍ଞାନିକମାନେ ଅଧିକ ଅମଳକ୍ଷମ, କମ୍ ଜଳ ଓ ସ୍ଥଳବିଶେଷରେ ବନ୍ୟାପ୍ଳାବିତ ଅଞ୍ଚଳରେ ହୋଇପାରୁଥିବା ଚାଷ, ଲୁଣିପାଣି ମାଡ଼ିଯାଉଥିବା ଖେତକୁ ଦେଖି ବିଭିନ୍ନ ପ୍ରକାର ବିହନ ବିକଶିତ କରିବାରେ ଲାଗିଛନ୍ତି। ଭାରତ ଭଳି ବିଶାଳ ଜନସଂଖ୍ୟାବହୁଳ ଦେଶର ଲୋକଙ୍କୁ ଖାଦ୍ୟ ଯୋଗାଇବା ସର୍ବଦା ଆହ୍ୱାନ ସୃଷ୍ଟି କରିଥାଏ। ତେଣୁ ଯେଉଁ କୃଷି ବିଜ୍ଞାନୀ ଏହି କ୍ଷେତ୍ରରେ ନୂତନ ଉଦ୍ଭାବନ କିମ୍ବା ନୂଆ କିଛି କରି ଲୋକଙ୍କ ଚାହିଦା ମେଣ୍ଟାଇବାରେ ସଫଳକାମ ହୋଇଥାଆନ୍ତି, ନିଶ୍ଚିତ ଭାବେ ସେମାନେ ପ୍ରଶଂସାଯୋଗ୍ୟ। ଓଡ଼ିଆ ବୈଜ୍ଞାନିକ ଡକ୍ଟର ସ୍ୱାତୀ ନାୟକ ଖାଦ୍ୟ ଓ ପୁଷ୍ଟିଜନିତ ନିରାପତ୍ତା ଓ କ୍ଷୁଧା ନିବାରଣ ଦିଗରେ ଅସାଧାରଣ କାର୍ଯ୍ୟ କରିପାରିଥିବାରୁ ସେ ୪୦ ବର୍ଷରୁ କମ୍ ବୈଜ୍ଞାନିକ ବର୍ଗରେ ମର୍ଯ୍ୟାଦାଜନକ 'ନର୍ମାନ ବୋରଲାଗ ଫିଲ୍ଡ ଆୱାର୍ଡ ୨୦୨୩' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆମେରିକା ଆଇଓ୍ୱାର ଦେସ୍ ମେଇନେସ୍‌ଠାରେ ଅକ୍ଟୋବର ୨୪-୨୬ରେ ଅନୁଷ୍ଠିତ ହେବାକୁ ଥିବା ନର୍ମାନ୍ ଇ. ବୋରଲାଗ ଇଣ୍ଟରନ୍ୟାଶନାଲ ସିମ୍ପୋଜିୟମ୍‌ରେ ତାଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ କୃଷି ବୈଜ୍ଞାନିକ ତଥା ସବୁଜ ବିପ୍ଳବର ମୁଖ୍ୟ ସ୍ଥପତି ଡକ୍ଟର ନର୍ମାନ୍ ବୋରଲାଗଙ୍କ ସ୍ମୃତିରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।

ସ୍ୱାତୀଙ୍କ କ୍ୟାରିୟର ଦେଖିଲେ ସେ ଆଚାର୍ଯ୍ୟ ଏନ୍‌ଜି ରଙ୍ଗା ଏଗ୍ରିକଲଚର ୟୁନିଭର୍ସିଟି (ଏବେ ତେଲଙ୍ଗାନା)ରୁ ୨୦୦୭ରେ କୃଷିରେ ବ୍ୟାଚ୍‌ଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୮ରୁ ୨୦୧୦ ଯାଏ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରୁରାଲ ମ୍ୟାନେଜମେଣ୍ଟ ଆନନ୍ଦରୁ ରୁରାଲ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର କରିଥିଲେ। ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଆମିଟି ୟୁନିଭର୍ସିଟିରୁ କୃଷି କ୍ଷେତ୍ରରେ ରଣନୀତିକ ପରିଚାଳନା ଦିଗରେ ଗବେଷଣା କରି ପିଏଚ.ଡି. ଡିଗ୍ରୀ ହାସଲ କରିଛନ୍ତି। ଫିଲିପାଇନ୍ସର ଇଣ୍ଟରନ୍ୟାଶନାଲ ରାଇସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ଆଇଆର୍‌ଆର୍‌ଆଇ)ର ସାଉଥ୍ ଏସିଆ ଲିଡ୍ ଫର୍ ସିଡ୍ ସିଷ୍ଟମ୍ ଆଣ୍ଡ ପ୍ରଡକ୍ଟ ମ୍ୟାନେଜମେଣ୍ଟ ପଦବୀରେ ନୂଆଦିଲ୍ଲୀରେ ସେ ଅବସ୍ଥାପିତ। ମାତ୍ର ୧୩ ବର୍ଷର କ୍ୟାରିୟରରେ ସେ ବିଶ୍ୱ କୃଷି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ୫୦୦ ପ୍ରକାର ଧାନର ତୁଳନାତ୍ମକ ପରୀକ୍ଷଣ କରିବା ବେଳେ ସେ ୧୦ ହଜାରରୁ ଊର୍ଦ୍ଧ୍ୱ ଖେତ କାର୍ଯ୍ୟକ୍ରମର ଆୟୋଜନ କରି ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେଥିମଧ୍ୟରୁ ୨୦ ପ୍ରକାର ଧାନ ବିକାଶ ଦିଗରେ ପ୍ରତ୍ୟକ୍ଷ ଅଭିନବତ୍ୱ ପ୍ରଦର୍ଶନ ତାଙ୍କୁ ଦେଶ ବିଦେଶରେ ବେଶ୍ ପରିଚିତ କରିପାରିଛି। ଏଗୁଡ଼ିକ କେବଳ ଜଳବାୟୁ ସହନଶୀଳ ବିହନରେ ସୀମିତ ନ ରହି ଅଧିକ ଅମଳକ୍ଷମ, ପରିବେଶ ଉପଯୋଗୀ ଓ ସ୍ୱାସ୍ଥ୍ୟପ୍ରଦ ହୋଇପାରିଛି। ତାଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ବିହନ ନୀତି ବୁଝାମଣା ('ସିଡ୍ସ ଉଇଦାଉଟ୍ ବର୍ଡର୍ସ' ନାମରେ ପରିଚିତ) କାର୍ଯ୍ୟକାରୀ ହୋଇଛି। ଏହାଦ୍ୱାରା ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆରେ ଆଧୁନିକ ଧାନ କିସମ ବଣ୍ଟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଛି। କେବଳ ଗବେଷଣାରେ ନିଜକୁ ସୀମିତ ନ ରଖି ସ୍ୱାତୀ କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଚାଲିଛନ୍ତି। ତାଙ୍କ ଉଲ୍ଲେଖନୀୟ ସଫଳତା ମଧ୍ୟରେ ମରୁଡ଼ି ମୁକାବିଲା କରିପାରୁଥିବା ଚାଉଳ କିସମ 'ସହଭାଗୀ ଧାନ'କୁ ସେ ନିଜ ରାଜ୍ୟ ମୟୂରଭଞ୍ଜ ଜିଲାରେ ପ୍ରଥମେ ପ୍ରଚଳନ କରିଥିଲେ। ଏହାର ସଫଳ ପ୍ରୟୋଗ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଉତ୍ତମ କାର୍ଯ୍ୟ ଦେଇଥିବା ଦେଖିବାକୁ ମିଳିଛି।

କୃଷି କ୍ଷେତ୍ରରେ ମହିଳାଙ୍କ ଯୋଗଦାନକୁ ସାଧାରଣରେ ଗ୍ରହଣ କରାଯାଉ ନ ଥିଲା। ସମୟକ୍ରମେ ଅଭାବୀ ମହିଳା କୃଷି ଖେତରେ କାମ କରି ଗୁଜୁରାଣ ମେଣ୍ଟାଇଲେ। ଏହା ପରେ କୃଷି ଓ ତତ୍‌ଜନିତ ସାମଗ୍ରୀ ବ୍ୟବସାୟରେ ସେମାନଙ୍କ ଅଂଶଗ୍ରହଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଲାଗିଛି। ତେବେ ସବୁଠାରୁ ବଡ଼ କଥା ହେଉଛି କୃଷି ବିଜ୍ଞାନ ପ୍ରତି ମହିଳାଙ୍କ ଆଗ୍ରହ ବଢ଼ିବା ଓ ସ୍ୱାତୀଙ୍କ ଭଳି ଯୁବ ବୈଜ୍ଞାନିକମାନେ ଏ କ୍ଷେତ୍ରରେ ଯେଉଁ ଅଳିଭାଗାର ଟାଣି ଦେଉଛନ୍ତି, ତାହା ଆଗାମୀ ପିଢ଼ି ପାଇଁ ସେମାନେ ପ୍ରେରଣାର ଉତ୍ସ ପାଲଟି ଯାଉଛନ୍ତି। ଧାନ ବିହନ କ୍ଷେତ୍ରରେ ସ୍ୱାତୀଙ୍କ ଅଭିନବତ୍ୱ ପ୍ରଦର୍ଶନ ଓ ମହିଳାଙ୍କ ମଧ୍ୟରେ କୃଷି ପ୍ରତି ଜାଗରଣ ସୃଷ୍ଟି କରିଥିବାରୁ ତାଙ୍କୁ 'ସିଡ୍ ଲେଡି' ବା ବିହନ ମହିଳା ଆଖ୍ୟା ଦିଆଯାଇଛି।

ସ୍ୱାତୀଙ୍କ ବ୍ୟକ୍ତିଗତ ଜୀବନ କହିଲେ ସେ ନୂଆଦିଲ୍ଲୀରେ ସ୍ୱାମୀ ପ୍ରିୟଦର୍ଶୀ ବଳ ଓ ଝିଅ ଅଧଭିକା ନାୟକ ବଳଙ୍କ ସହ ରହୁଛନ୍ତି। ଭୁବନେଶ୍ୱରରେ ରହୁଥିବା ପିତା ଲକ୍ଷ୍ମୀଧର ନାୟକ ଓ ମାତା ବିଜୟଲକ୍ଷ୍ମୀ ନାୟକଙ୍କ ସୁକନ୍ୟା ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଖୁ ଛେଦା ଓ ବର୍ଜ୍ୟ ପ୍ଲାଷ୍ଟିକ ବୋତଲରୁ ପ୍ରସ୍ତୁତ ଜୋତା ଏବେ ମିଳିଲାଣି। ଏମିତି ଜୋତା ତିଆରି କରୁଛନ୍ତି ଗୁଜରାଟର ଦୁଇ ଭାଇ ପାର୍ଥ ଓ କରିସ୍ମା ଦଲାଲ। ଏଭଳି ଜୋତା ଶୀଘ୍ର ମାଟିରେ ମିଶିଯାଉଛି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ପୃଥିବୀରେ ପ୍ରତିବର୍ଷ ୩୫ କୋଟି ଜୋତା ବାହାରେ ପିଙ୍ଗିଦିଆଯାଉଛି, ଯାହା ମାଟିରେ ମିଶିବାକୁ ବହୁଦିନ ଲାଗିଯାଉଛି। ଏସବୁ ପାଣି ଓ ମାଟିକୁ ପ୍ରଦୂଷଣ କରୁଛି। ଏଣୁ ପାର୍ଥ ଓ କରିସ୍ମାଙ୍କ ଦ୍ୱାରା ପ୍ରସ୍ତୁତ ଜୋତା ଏହି ସମସ୍ୟାକୁ ଅନେକାଂଶରେ ଦୂର କରିପାରୁଛି। ସେମାନେ ଏଭଳି ଜୋତା ତିଆରି କରିବାକୁ ଚଳିତ ବର୍ଷ ମେ'ରେ 'ରିରୁଟ' ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହି ପଦ୍ଧତିରେ କାର୍ବନ ନିର୍ଗମନ ବହୁତ କମ୍ ହେଉଛି। ହେଲେ ଏହାକୁ ୧୦୦% ନିର୍ଗମନ ଶୂନ୍ୟ କରିବା ସକାଶେ ଚେଷ୍ଟା କରୁଛନ୍ତି। ବେଙ୍ଗାଲୁରୁ ଓ ଦିଲ୍ଲୀରେ ଏହାର ବିକ୍ରି ଆରମ୍ଭ କରି ଏବେ ସୁଦ୍ଧା ୪୦୦ ହଳ ଜୋତା ସେମାନେ ବିକ୍ରି କରିସାରିଲେଣି। ଗୋଟିଏ ଜୋତାର ଓଜନ ରହୁଛି ୧୮୦ ଗ୍ରାମ। ଏଥିରୁ ୯୫ରୁ ୧୧୦ ଗ୍ରାମ ରହୁଛି ଆଖୁ ଛେଦାର ଅବଶେଷାଂଶ । ଗୋଟିଏ ଜୋତା ତିଆରି ଲାଗି ୧୧ଟି ପ୍ଲାଷ୍ଟିକ ବୋତଲ ଆବଶ୍ୟକ ହେଉଛି। ଏଭଳି ଜୋତା ତିଆରିରେ ସେମାନେ ୪୦,୦୦୦ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିସାରିଲେଣି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଲାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଲାଞ୍ଚୁଆ ଅଧିକାରୀ

ମହାଶୟ,

ମହାପୁରୁଷମାନେ ଆମକୁ ଅନେକ କିଛି ଶିକ୍ଷା ଦେଇଯାଇଛନ୍ତି। ଯେମିତି କି ବୁଦ୍ଧଙ୍କ ବାଣୀରେ ଅହିଂସା ପରମଧର୍ମ, ସବୁ ମନୁଷ୍ୟ ସମାନ, ଆଳାସ୍ୟ ଏକ ମହାପାପ, ସତ୍‌କର୍ମରେ ଶାନ୍ତି ଇତ୍ୟାଦି। ମାତ୍ର ଆଜିର ସମାଜରେ ସତ୍‌କର୍ମ କରିବା ତ ଦୂରର କଥା, ସେ ସତ୍‌କର୍ମ ବିଷୟରେ ଚିନ୍ତା ମଧ୍ୟ କରୁନାହାନ୍ତି। ଅସତ୍ ଉପାୟରେ ଅର୍ଥ ଉପାର୍ଜନ ମଣିଷର ସହଜାତ ପ୍ରବୃତ୍ତି ହୋଇଗଲାଣି। ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରି ଶୋଭା ପାଉଛି ଲାଞ୍ଚୁଆ ମଣିଷର ଛବି। କେଉଁଠି ସରକାରୀ ଅଧିକାରୀମାନେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କିଏ ଗିରଫ ହେଲାଣି ତ, ଆଉ କେଉଁଠି ଲାଞ୍ଚ ନେଉଥିବା ବେଳେ ଜନସାଧାରଣଙ୍କ ହାବୁଡ଼ରେ ପଡ଼ି ନିର୍ଘୁମ୍ ଛେଚା ଖାଇଲେଣି। ରାଜସ୍ୱ, ବ୍ରହ୍ମସ୍ୱ, ଦେବସ୍ୱଙ୍କ ଅର୍ଥ ଖାଇବା ପାଇଁ ନିଷିଦ୍ଧ ଥିଲେ ମଧ୍ୟ ସେଥିପ୍ରତି କାହାରି ଯେପରି ନଜର ନାହିଁ। ଅଫିସରଟିଏ ଯେଉଁ କାର୍ଯ୍ୟ କରିବା ପାଇଁ ସରକାରଙ୍କଠାରୁ ଦରମା ପାଉଛି, ସେହିକାର୍ଯ୍ୟ କରିବା ପାଇଁ ଲାଞ୍ଚ ମାଗୁଛି। ଆକାଶଛୁଆଁ ଅଟ୍ଟାଳିକା ତିଆରି କରି ଲୋକଙ୍କଠାରୁ ବାହାବା ନେଉଛି। ଏଇଠି ପ୍ରଶ୍ନ ଉଠେ, ଠକେଇ, ଟାଉଟରି, ଛଳନା, କପଟ ଦ୍ୱାରା ଅର୍ଥ ଉପାର୍ଜନ କ'ଣ ସତରେ ସତ୍‌କର୍ମ ?

– ଅଶୋକ ରାଉଳ
ଅଢ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


sridurga
A FAMILY CLOTH STORE
JETE
KINIBE
SETE SUNA PAIBE
Ei Durga Pujare Shopping Karantu
Nischita Upahare
GOID COIN*
Lucky Draw re
HARLEY DAVIDSON BIKE
Jitantu
ON EVERY
₹999/-
PURCHASE
GET A LUCKY DRAW
COUPON
*T&C Applicable
sanket sd 23
★ ASSURED GIFTS ★
Shop for ₹3499/- & Get this Casserole (₹499/-) @ ₹99/-
Shop for ₹ 3499/- & Get this Dinner Set (₹2999/-) @ ₹899/-
Shop for ₹ 9999/- & Get Gold Coin* FREE
Shop for ₹ 24999/- & Get this Suitcase (₹8700/-) @ ₹999/-
Sakalu Sakalu Shopping Karantu
& Get a Chance to win a surprise (10am to 4pm)
ASHOK NAGAR, BHUBANESWAR | PLOT NO. 283/2579, PATRAPADA, BHUBANESWAR | BADA BAZAR, BERHAMPUR
SAREES • ETHNIC & WESTERN WEAR FOR WOMEN • KIDS WEAR • DESIGNER WEAR FOR MEN

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପୁସ୍ତକ ଉନ୍ମୋଚନ ଉତ୍ସବ, ଏମ୍‌କେସିଜି ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ଗାନ୍ଧୀ ଗୌରବ ସମ୍ମାନ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଜଗନ୍ନାଥାୟନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପ୍ରତିକାରର ବାର୍ଷିକ ଉତ୍ସବ ଓ ଓଡ଼ିଶା ପ୍ରତିଭା ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬.୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।






ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଦ୍ୱାରା ଜବରଦଖଲ, ପାର୍କିଂ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ୟୁନିଟ୍-୧ ହାଟ ବନ୍ଦ ଆନ୍ଦୋଳନ ଶନିବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଦସ୍ୟ ଓ ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି। ହାଟ ପରିସରରେ ଦୋକାନୀ ଶଟର ପକାଇ ଦୋକାନ ଜଗି ରହିଛନ୍ତି। (ଫଟୋ- ବିକାଶ ନାୟକ)

## ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟମେଳା

ବାରଙ୍ଗ,୩୦।୯(ଲିଙ୍ଗରାଜ ରାଉତ)- ଭୁବନେଶ୍ୱର ବ୍ଲକ ଅଧୀନ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ଆୟୁଷ୍ମାନ୍ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡ. ମୋହନ ହେମ୍ବ୍ରମ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ୱାସ୍ଥ୍ୟମେଳାକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଆର୍ତ୍ତବନ୍ଧୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରୋଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ପରାମର୍ଶ, ପରୀକ୍ଷା ଓ ମାଗଣା ଔଷଧ ରୋଗୀଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୪୦ଜଣ ସ୍ୱାସ୍ଥ୍ୟକର୍ମୀ ସହାୟତା କରିଥିଲେ।

## ଓଭରଟେକ୍ ବେଳେ ଓଲଟି ପଡିଲା ଗାଡ଼ି, ୩ ଆହତ

ଭୁବନେଶ୍ୱର,୩୦।୯ (ସୂର୍ଯ୍ୟକାନ୍ତ ବେହେରା) : ନୟାପଲ୍ଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଶନିବାର ଅପରାହ୍ଣରେ ଏକ ଦୁର୍ଘଟଣା ହୋଇଛି । ଟ୍ରକକୁ ଓଭର ଟେକ ବେଳେ ଏକ ମହେନ୍ଦ୍ରା ଗାଡି ଓଲଟି ପଡିଛି । ତେବେ ଏଥିରେ କେହି ମୃତାହତ ହୋଇନଥିବା ବେଳେ ଗାଡି ଭିତରେ ବସିଥିବା ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଗାଡି ପଛକୁ ପଛ ଅଟକି ରହିବାରୁ ପ୍ରବଳ ଟ୍ରାଫିକ ଜାମ ଦେଖାଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ହଠାଇବାରୁ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

ସୂଚନାନୁସାରେ ଅପରାହ୍ଣ ସମୟରେ ଜାତୀୟ ରାଜପଥରେ ଏକ ମାଲ ବୋଝେଇ ଟ୍ରକ ଯାଉଥିବା ସମୟରେ ପଛ ପଟୁ ଦ୍ରୁତ ଗତିରେ ଆସୁଥିବା ମହେନ୍ଦ୍ରା ଗାଡି ଓଭର ଟେକ କରି ଆଗକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ଭାରସମ୍ୟ ହରାଇ ଡିଭାଇଡରେ ପିଟି ହୋଇ ଓଲଟି ପଡିଥିଲା ।

# ସମ୍ଭାବ୍ୟ ବର୍ଷା ପାଇଁ କର୍ମଚାରୀଙ୍କ ଛୁଟି ବାତିଲକଲା ବିଏମ୍‌ସି

### ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

ଅକ୍ଟୋବର ୩ ପର୍ଯ୍ୟନ୍ତ ଲଘୁଚାପଜନିତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହାର ମୁକାବିଲା ପାଇଁ ତତ୍ପରତା ପ୍ରକାଶ କରିଛି। ଶନିବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ଷାଜନିତ ଜଳବନ୍ଦୀ ତଥା ଅନ୍ୟାନ୍ୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯିବା ସହ ବିଏମ୍‌ସିର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜଳବନ୍ଦୀ, ଗଛ ପଡିବା କିମ୍ବା କୌଣସି ଅସୁବିଧା ହେଲେ ନାଗରିକମାନେ ୧୯୨୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ସମସ୍ତ ଜୋନାଲ ଡେପୁଟି କମିଶନରମାନେ ଖାଲୁଆ ଅଞ୍ଚଳ ଚିହ୍ନଟ କରିବା, ବିଇଓ ଓ ପ୍ରଧାନ ଶିକ୍ଷକଙ୍କ ସହ ଆଲୋନଚା କରି ଆଶ୍ରୟସ୍ଥଳଗୁଡିକୁ ପ୍ରସ୍ତୁତ ରଖିବା, ସ୍ଥାନୀୟ କର୍ପୋରେଟରଙ୍କୁ ସାମିଲ କରି ୱାର୍ଡ ସ୍ତରରେ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ଡ୍ରେନ ଭଲ ଭାବେ ସଫା ହୋଇଛି କି ନାହିଁ ତାହା ତଦାରଖ କରି ଡ୍ରେନରେ ଥିବା ଜାଲିଗୁଡିକୁ ଉଠାଇ ଦେବାକୁ ପରାମର୍ଶ ଦିଆଯାଇଛି। ଜଳବନ୍ଦୀ ଅଞ୍ଚଳ ଚିହ୍ନଟ କରିବା ସହ ଆବଶ୍ୟକ ସଂଖ୍ୟାରେ ପମ୍ପସେଟ୍, ଜେନେରେଟର ମହଜୁଦ୍ ରଖିବାକୁ କୁହାଯାଇଛି। ଆଗୁଆ ଶୁଖିଲା ଖାଦ୍ୟ ସାମଗ୍ରୀ ମହଜୁଦ୍ ରଖିବା, ଜଳବନ୍ଦୀ ଅଞ୍ଚଳରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଘର ବା ନିର୍ମାଣ ଉପରେ ସତର୍କ ନଜର ରଖିବା, ଡ୍ରେନ୍ ଉପରେ ପାଣି ଚାଲିବା ସମ୍ଭାବନା ଥିବା ଅଞ୍ଚଳରେ ବାଉଁଶ ବ୍ୟାରିକେଡ୍ କରିବା ଏବଂ ସିଟି ଓମେନ୍ସ କଲେଜ ନିକଟରେ ହେଉଥିବା ଜଳବନ୍ଦୀ ମୁକାବିଲା ପାଇଁ ସତର୍କ ରହିବାକୁ କୁହାଯାଇଛି। ସେହିପରି ସଫେଇ ଏଜେନ୍ସି ଓ ବିଏମ୍‌ସିର ଟିମ୍ ସାନିଟେଶନକୁ ମଧ୍ୟ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ ଡେପୁଟି କମିଶନର,୩ ଜୋନାଲ ଡେପୁଟି କମିଶନର, ଟ୍ରାଫିକ ଡିସିପି, ଓଡ୍ରାଫ କମାଣ୍ଡାଣ୍ଟ, ସୁପରିଟେଣ୍ଡିଂ ଇଞ୍ଜିନିୟର, ବିଏମ୍‌ସି ଡ୍ରେନେଜ୍ ଡିଭିଜନ, ସୁପରିଟେଣ୍ଡିଂ ଇଂଜିନିୟର ଟିପିସିଓଡିଏଲ୍, ନିର୍ବାହୀ ଯନ୍ତ୍ରୀ- ବିଏମ୍‌ସି ବିଦ୍ୟୁତ୍ ବିଭାଗ, ଜେନେରାଲ ମ୍ୟାନେଜର ୱାଟ୍‌କୋ ଡିଭିଜନ-୧ ଓ ଡିଭିଜନ-୨, ଏଡିୟୁପିଏଚ୍‌ଓ, ସିଏମ୍‌ଏମ୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ବିଭିନ୍ନ ବିଭାଗର ଅଧିକାରୀମାନେ।

## ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୩୦।୯ (ଅସମାପିକା ସାହୁ)

ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି। ଦାବି ପୂରଣ ନେଇ ସରକାର ସମୟ ମାଗିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମିଳିବା ପରେ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ସାଧାରଣ ସମ୍ପାଦିକା ଡା. ଲୋପାମୁଦ୍ରା ଖଟୋଇ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ସ୍ୱାସ୍ଥ୍ୟ ସଚିବଙ୍କ ସହିତ ସକାରାତ୍ମକ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ଅନୁସାରେ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ସଂଘର ଦାବିକୁ ଦୃଢ଼ଭାବରେ ଉପସ୍ଥାପନ କରାଯିବା ସହିତ ଏହାର ସଫଳ ରୂପାୟନରେ ସ୍ୱାସ୍ଥ୍ୟ ସଚିବ ସକ୍ରିୟ ଭୂମିକା ଗ୍ରହଣ କରିବେ। ସଂଘର ଦାବିପ୍ରତି ସେ ସମସ୍ତ ପ୍ରକାର ସହାନୁଭୂତି ପ୍ରକାଶ କରିବା ସହିତ ଦାବିର ଯଥାର୍ଥତାକୁ ଉପଲବ୍ଧି କରିଥିଲେ। ରାଜ୍ୟର ସ୍ୱାସ୍ଥ୍ୟସେବାରେ ଆୟୁଷ ଚିକିତ୍ସାର ସଫଳ ଭୂମିକା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଉକ୍ତ ପ୍ରତିଶ୍ରୁତି ପ୍ରତି ସଂଘ ଆସ୍ଥା ପ୍ରକଟ କରି ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖୁଛି। ଆଗାମୀ ଦିନରେ ସଂଘର ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ସହିତ ମିଳିତ ନିଷ୍ପତ୍ତି ଅନୁଯାୟୀ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଅଲ୍ ଓଡ଼ିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ଗତ ୩୧ ତାରିଖରୁ ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିଲେ।

## ପୁଣି ରାସ୍ତାକୁ ଓହ୍ଲାଇଲା ଓଡ଼ିଶା କୃଷକ ସାଥୀ ସଂଘ

ଭୁବନେଶ୍ୱର,୩୦।୯ (ଅନୁରାଧା ମହାରଣା)

୭ ଦଫା ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ୪୨ ଦିନ ଆନ୍ଦୋଳନ ପରେ ଗତ ଏପ୍ରିଲ ୪ରେ କୃଷି ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଆଲୋଚନା ହୋଇଥିଲା। କୃଷକ ସାଥୀଙ୍କ ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଥିବାରୁ ସେ ଫେରିଲେ କୃଷକ ସାଥୀଙ୍କ ଦାବି ପୂରଣ ହେବ ବୋଲି ଆଶା କରାଯାଉଥିଲା। ମାସକର ସମୟ ନେଇ ୬ ମାସ ବିତିବା ପରେ ମଧ୍ୟ ଦାବି ପୂରଣ ନ ହେବାରୁ ଶନିବାର ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟରେ ପ୍ରାୟ ୧୩,୬୦୦ କୃଷକ ସାଥୀ କାର୍ଯ୍ୟରେ ଥିବାବେଳେ ସେମାନଙ୍କୁ କୃଷି ବିଭାଗରେ କୃଷି କର୍ମଚାରୀର ମାନ୍ୟତା ପ୍ରଦାନ, କୁଶଳୀ ଶ୍ରମିକ ହାରରେ ମାସିକ ମଜୁରି ପ୍ରଦାନ, ପିଏଫ୍, ଇଏସ୍‌ଆଇ ସହ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ସେହିପରି ଡ୍ରେସକୋଡ୍ ସହ ପରିଚୟପତ୍ର ପ୍ରଦାନ, ଉନ୍ନତ କୃଷି ନିମନ୍ତେ ତାଲିମ ଓ ପୁସ୍ତକ ଯୋଗାଇଦେବା, କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷିଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀଙ୍କୁ ନିୟୋଜିତ କରିବାକୁ ଦାବି କରାଯାଇଛି। ଏହାସହ ଗ୍ରାମାଞ୍ଚଳକୁ ଏନ୍‌ଏସି ଘୋଷଣା ପରେ ସେଠାରେ ନିୟୋଜିତ ଥିବା କୃଷକ ସାଥୀଙ୍କ ଉଚ୍ଛେଦ ପ୍ରକ୍ରିୟାକୁ କୃଷକ ସାଥୀମାନେ ବିରୋଧ କରିଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା 'କୁଆଡ଼େ ଗଲା ପାଖରେ ଥିଲା' ଉନ୍ମୋଚିତ

ପୁରୁଣା ଭୁବନେଶ୍ୱର,୩୦।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଶିଶୁ ସାହିତ୍ୟିକା ସବିତା କୁମାରୀ ମହାନ୍ତିଙ୍କ ରଚିତ ଶିଶୁ କବିତା ସଙ୍କଳନ 'କୁଆଡେ ଗଲା ପାଖରେ ଥିଲା' ରାଜଭାବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି। ଏହି ପୁସ୍ତକର ପ୍ରକାଶକ ସୁବାସ ଚନ୍ଦ୍ର ନାୟକ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ, ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଶିଶୁ ସାହିତ୍ୟିକ ବାଙ୍କିମ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।



ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

## ବ୍ୟାଙ୍କକ୍ ଗୋଷ୍ଠୀ ବେତାର ସମ୍ମିଳନୀରେ 'କମ୍ୟୁନିଟି ରେଡିଓ ୧୦୦: ଆନ୍‌ସର୍ସ ଟୁ ମେକ୍ ୱେଭ'ଉନ୍ମୋଚିତ

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

ବ୍ୟାଙ୍କକ୍‌ସ୍ଥିତ ଆମାସାଟ୍ ବିଶ୍ୱ ବିଦ୍ୟାଳୟ ପରିସରରେ ଏସୀଆ-ପ୍ରଶାନ୍ତ ମହାଦେଶୀୟ ଗୋଷ୍ଠୀ ବେତାର ମହା ସମ୍ମିଳନୀ ଆୟୋଜିତ ହେଉଛି। ଏହି ଅବସରରେ ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ.ଏ. ଶାହା ଅନ୍‌ସାରୀଙ୍କ ପୁସ୍ତକ 'କମ୍ୟୁନିଟି ରେଡିଓ ୧୦୦: ଆନ୍‌ସର୍ସ ଟୁ ମେକ୍ ୱେଭ୍' ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟି ପ୍ରତି ଗୋଷ୍ଠୀ ବେତାର କେନ୍ଦ୍ର ଓ ଏହାର କର୍ମଚାରୀଙ୍କ ନିମନ୍ତେ ଖୁବ୍ ଉପଯୋଗୀ ହେବ। ଏହି ଅବସରରେ ଲେଖକ ଅନସାରୀ କହିଲେ, ପୁସ୍ତକଟି ଅନେକ ବ୍ୟକ୍ତିଙ୍କ ସହଭାଗିତାରେ ଲେଖାଯାଇଛି। ବିଭିନ୍ନ ଦେଶର ଗୋଷ୍ଠୀ ବେତାରକେନ୍ଦ୍ର ପ୍ରସାରକଙ୍କଠାରୁ ଗୋଷ୍ଠୀ ବେତାର କେନ୍ଦ୍ରର ସ୍ଥାପନା, ପରିଚାଳନା, ସ୍ୱାବଲମ୍ବନଶୀଳତା ସମ୍ପର୍କିତ ୧୦୦ଟି ପ୍ରଶ୍ନର ଉତ୍ତର ଏଥିରେ ସ୍ଥାନିତ ହୋଇଛି। ବିଶ୍ୱ ଗୋଷ୍ଠୀ ବେତାର ମହାସଂଘର ଏସୀୟ ସଭାପତି ଡ. ରାମନାଥ ଭଟ୍ଟ, ଥାଇଲାଣ୍ଡ ଜାତୀୟ ପ୍ରସାରଣ ଓ ଟେଲି ଯୋଗାଯୋଗ ଆୟୁକ୍ତ ଥାନାପାନ୍ତ ରାଇ ଚାରୋନ, କେନିଆ ଗୋଷ୍ଠୀ ବେତାର ମହାସଂଘର ମୁଖ୍ୟ ନୟୁକି ଗିଥେତ୍ୱା, ରେଡ଼ିଓ ବିଶେଷଜ୍ଞ ଡ. ଉଆଜିତ ଭିରୋଜ ଡ୍ରାଇରାତ୍, ଡ. ମନମୋହନ ସିଂ, ସୁମନ ବାସନେଟ ପ୍ରମୁଖ ଉପସ୍ଥିତ ରହି ଏହାର ପ୍ରଶଂସା କରିଥିଲେ।



ଗୋଷ୍ଠୀ ବେତାର ମହା ସମ୍ମିଳନୀରେ ଏନ.ଏ. ଶାହା ଅନ୍‌ସାରୀଙ୍କ ପୁସ୍ତକ 'କମ୍ୟୁନିଟି ରେଡିଓ ୧୦୦: ଆନ୍‌ସର୍ସ ଟୁ ମେକ୍ ୱେଭ୍'ର ଉନ୍ମୋଚନ କରାଯାଉଛି।

# ମା' ପିନ୍ଧିବେ ଚାନ୍ଦି ମୁକୁଟ, ଦଶମୀରେ ଖୋଲିବ ମାନସିକ ହୁଣ୍ଡି




ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

**ରୁଚିକା ମାର୍କେଟ ଦୁର୍ଗାପୂଜା କମିଟି**



ଚଳିତବର୍ଷ ୩୩ତମ ବର୍ଷରେ ପଦାର୍ପଣ କରୁଥିବା ରୁଚିକା ମାର୍କେଟ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ଆବାହନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୁଉଚ୍ଚ ତୋରଣରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବ। ଏଥିପାଇଁ ୨ ଦିନ ହେଲା କାରିଗରମାନେ ମୂର୍ତ୍ତି ଗଢ଼ା ଆରମ୍ଭ କରିଥିବାବେଳେ ସୁଦୃଶ୍ୟ ତୋରଣ ବାନ୍ଧିବାରେ ବ୍ୟସ୍ତ ଅଛନ୍ତି। ଅକ୍ଟୋବର ୨୦ ଷଷ୍ଠୀରେ ମା'ଙ୍କ ଘଟ ସ୍ଥାପନ କରାଯିବ। ସପ୍ତମୀରେ ଚକ୍ଷୁଦାନ, ଅଷ୍ଟମୀରେ ଖେଚୁଡ଼ିଭୋଗ, ନବମୀରେ ଶାଗ, ଦହିପଖାଳ କାର୍ଯ୍ୟକ୍ରମ ଏବଂ ଦଶମୀରେ ୫ହଜାର ଭକ୍ତଙ୍କୁ ଅନ୍ନଦାନ କରାଯିବ। ଏଥର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ୧୮ଫୁଟ ଓ ତୋରଣ ୪୦ଫୁଟ ଉଚ୍ଚତା ହେବ। ମା'ଙ୍କ ମଥାରେ ଚାନ୍ଦି ମୁକୁଟ ଶୋଭା ପାଇବ। ପୂଜା ବଜେଟ ୧୫ ଲକ୍ଷ ଟଙ୍କା ରଖାଯାଇଥିଲେ ମଧ୍ୟ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପୂଜା ପାଇଁ କାହାଠାରୁ ଚାନ୍ଦା ଆଦାୟ କରାଯିବ ନାହିଁ। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ, କଲୋନି ବାସିନ୍ଦା ଏବଂ ଶୁଭେଚ୍ଛୁମାନେ ସ୍ୱଇଚ୍ଛାରେ କିଛି ଅର୍ଥ ଦାନ କରିଥାନ୍ତି। ଅନ୍ୟପଟେ ପୂଜାରେ ଯାହା ଖର୍ଚ୍ଚ ହୁଏ, ତାହାର ଟିକିନିଖି ହିସାବ ଏକ ବହି ଆକାରରେ ଅନୁଦାନ ଦେଉଥିବା ଲୋକଙ୍କ ନିକଟରେ ପହଞ୍ଚାଇ ଦିଆଯାଏ। ଏହି ପୂଜା ମଣ୍ଡପରେ ମା'ଙ୍କ ମୁହଁ ଉତ୍ତର ଦିଗକୁ ରହିଛି। ତେଣୁ ଶାସ୍ତ୍ରମତେ ମା' ଉତ୍ତରାୟଣୀ। କଥିତ ଅଛି, ଉତ୍ତରାୟଣୀଙ୍କ ପାଖରେ ମାନସିକ କଲେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହୁଏ। ଏଣୁ ମାନସିକ ରଖିବାକୁ ଚାହୁଁଥିବା ଭକ୍ତମାନେ ନିଜର ସାଧମତେ ଦକ୍ଷିଣା ସହିତ ଏକ ଛୋଟ କାଗଜରେ ନିଜ ନାମ ଓ ଗୋତ୍ର ନାଲିକାଳିରେ ଲେଖି ମାନସିକ ହୁଣ୍ଡିରେ ପକାଇ ପାରିବେ। ଦଶମୀ ଦିନ ଏହା ମା'ଙ୍କ ପାଦତଳେ ଅର୍ପଣ କରାଯିବ। ଏଥିସହ ପୂଜା କମିଟି ପକ୍ଷରୁ ମା'ଙ୍କ ପାଖରେ ଏକ ବଡ଼ ଅଖଣ୍ଡ ଦୀପ ଅହରହ ଜଳିବ। ଶ୍ରଦ୍ଧାଳୁ ଦେଉଥିବା ଘିଅ ଏଥିରେ ବ୍ୟବହାର କରାଯିବ।

### ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ



ପୂଜା କିପରି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଦର୍ଶନ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱେଚ୍ଛାସେବୀ ରହିବେ। ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଚଳିତବର୍ଷ କୁନି ପିଲାଙ୍କ 'ଲିଟିଲ ଷ୍ଟାର ଗ୍ରୁପ୍' ଏବଂ ପୁରୁଣା ଗୀତକୁ ନେଇ ଆୟୋଜିତ ହେବାକୁ ଥିବା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ରହିବ।

-ବସନ୍ତ କୁମାର ମହାନ୍ତି, ସଭାପତି

### ପଲିଥିନମୁକ୍ତ ପୂଜାକୁ ଗୁରୁତ୍ୱ

ଏଠାରେ ସାଜସଜ୍ଜା ଅପେକ୍ଷା ପୂଜାକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଚଳିତବର୍ଷ ପଲିଥିନମୁକ୍ତ ପୂଜା ପାଇଁ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ ଦିଆଯାଇଛି। ଯଦି କେହି ପଲିଥିନରେ ଭୋଗ ଆଣନ୍ତି ଆମେ ସେମାନଙ୍କୁ ଡାଲା ଦେବୁ। ପ୍ରତିବର୍ଷ ଭଳି ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ବିନ୍ଦୁସାଗରରୁ ପାଣି ଉଠିବ। ସନ୍ଧିପୂଜା, ଅପରାଜିତା ପୂଜା ନୀତି ଅନୁସାରେ ସମ୍ପାଦନ ହେବ।



-ଆଲୋକ କୁମାର ଦାଶ, ସାଙ୍ଗଠନିକ ସମ୍ପାଦକ

### ଝାଙ୍କି କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

ଆମ ମଣ୍ଡପରେ ପ୍ରତିବର୍ଷ ଆୟୋଜିତ ହେଉଥିବା ଝାଙ୍କି କାର୍ଯ୍ୟକ୍ରମ ଏବର୍ଷ ମଧ୍ୟ ମୁଖ୍ୟ ଆକର୍ଷଣ ରହିବ। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଚାନ୍ଦି ମୁକୁଟ ପ୍ରସ୍ତୁତ କରାଯାଇଛି। କୁଆଖାଇରୁ ମୃତ୍ତିକା ଅନୁକୂଳ ପରେ ମୂର୍ତ୍ତି ଗଢ଼ା ଯାଉଛି। କୁଆଖାଇରେ ମା'ଙ୍କୁ ମେଲାଣି ଦିଆଯିବ।



-କେ. ରଞ୍ଜନ କୁମାର, ସମ୍ପାଦକ

## ସଂକ୍ଷେପରେ

### ପୋଲିସ- ଜନତାଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠାକୁ ଗୁରୁତ୍ୱ

ନିରାକାରପୁର,୩୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ପୋଲିସ ଓ ଜନତାଙ୍କ ମଧ୍ୟରେ କିପରି ସୁସମ୍ପର୍କ ପ୍ରତିଷ୍ଠା ସହ ସମନ୍ୱୟ ରକ୍ଷା ହୋଇପାରିବ ସେନେଇ ବୁଧବାର ନିରାକାରପୁର ଥାନା ପରିସରରେ ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଲୋକପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଖବରଦାତା ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଥାନା ଅଞ୍ଚଳରେ କିଭଳି ଚୋରି, ରାହାଜାନି, ଡକାୟତି ଓ ନିଶା ବେପାରକୁ ରୋକାଯାଇ ପାରିବ ସେ ନେଇ ଉପସ୍ଥିତ ସ୍ଥାନୀୟ ଲୋକ ପ୍ରତିନିଧିମାନେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଅଞ୍ଚଳରେ ଦୀର୍ଘବର୍ଷରୁ ଲାଗିରହିଥିବା ଟ୍ରାଫିକ ସମସ୍ୟା ଦୂର ଦିଗରେ ପୋଲିସ ସହଯୋଗ ନିମନ୍ତେ ଅଞ୍ଚଳବାସୀ ନିବେଦନ କରିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଥାନା ଅଧିକାରିଣୀ ପ୍ରତିଶ୍ରୁତି ଦେଇଥିଲେ। ନିରାକାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ ଜୟସିଂ, ପ୍ରାକ୍ତନ ସରପଞ୍ଚ ହୃଷିକେଶ ରାଉତରାୟ, ଯୁବ ସାମାଜିକ କର୍ମୀ ଶୁଭମ ଦାଶ, ପ୍ରଭାତ କୁମାର ସ୍ୱାଇଁ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରସନ୍ନ କୁମାର ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସବଇନ୍‌ସ୍ପେକ୍ଟର ବସନ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ନାଗରିକ ସଂଘ ସଭାପତି ନନ୍ଦ ଧନ୍ୟବାଦ ଦେଇଥିଲେ।

### ହୃଦ୍‌ରୋଗ ଦୂର କରିବ ସନ୍ତୁଳିତ ଖାଦ୍ୟ

ବେଗୁନିଆ,୩୦।୯(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଗୁଡୁମ ଗ୍ରାମସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲର ଅଭିଜ୍ଞ ଚିକିତ୍ସକମାନେ ଯୋଗଦେଇ ବିଭିନ୍ନ ରୋଗର ଲକ୍ଷଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଶିବିରରେ ହୃଦ୍‌ରୋଗ, ରକ୍ତଚାପ, ମଧୁମେହ ଓ ଶ୍ୱାସରୋଗରେ ପୀଡ଼ିତ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା କରାଯାଇଥିଲା। ମୋଟ୍ ୪୧୭ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିରୁ ୭୫ ଜଣ ହୃଦ୍‌ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଡା. ରମେଶ ଚନ୍ଦ୍ର ବାରିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନକରି କହିଥିଲେ, ମଣିଷ ବଞ୍ଚିବାକୁ ହେଲେ ହୃତ୍‌ପିଣ୍ଡକୁ ରଖନ୍ତୁ ସୁସ୍ଥ। ନିୟମିତ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ନିଜ ହାତରେ ନିଜେ ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରନ୍ତୁ ବୋଲି ସେ କହିଥିଲେ। ଡା. ସତ୍ୟପ୍ରେମ ମହାନ୍ତି, ରୁଦ୍ରପ୍ରତାପ ମହାପାତ୍ର, ସିଦ୍ଧାର୍ଥ କାଟେରିଆ ପ୍ରମୁଖ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବହୁ ଯୁବବର୍ଗ ଓ ସାମାଜିକ କର୍ମୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ବସନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୩୦।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମୋରଡା ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ଦଳେଇ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନା ମୁଖ୍ୟ ଅତିଥି, ବିଆରସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ମାଲୁଦ ଶିକ୍ଷା ସର୍କଲ ସମ୍ପାଦକ ବିମଳ କୁମାର ରଣସିଂହ, କହ୍ନେଇପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଭୋଇ, ସିଆରସିସି ବିଦ୍ୟାଧର ଜେନା, ନୂଆଗାଁ ଗ୍ରାମ୍ୟ କମିଟିର ଶରତ ଚନ୍ଦ୍ର ଦଳେଇ, ଲକ୍ଷ୍ମୀଧର ପଲେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାଲୁଦ ଶିକ୍ଷା ସର୍କଲ ସଭାପତି ତଥା ବରିଷ୍ଠ ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହଟକେଶ୍ୱର ବେହେରା, ନୂଆଗାଁ ଫ୍ରେଣ୍ଡସିପ କ୍ଲବ ସଭାପତି ବିଷ୍ଣୁ ପ୍ରସାଦ ପଲେଇ, ଟିନୁ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦିଏ ନୂଆଁଖାଇ

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)


ଜିଲାସ୍ତରୀୟ ନୂଆଁଖାଇ ପର୍ବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ନୂଆଁଖାଇ ପର୍ବ ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନହଲ)ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନପୂର୍ବକ ଏହାର ଉଦ୍‌ଘାଟନ କରି କହିଥିଲେ ନୂଆଁଖାଇ ଖାଲି ଏକ ପର୍ବ ନୁହେଁ, ଏହା ଆମ ସଂସ୍କୃତି, ସଦ୍‌ଭାବନା ଓ ଭାଇଚାରାର ପ୍ରତୀକ। ଏହାଦ୍ୱାରା ଉତ୍କଳୀୟ ସଂସ୍କୃତି ଆହୁରି ମହାନ୍ ହୋଇପାରିବ ବୋଲି ସେ କହିଥିଲେ।

ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥିଭାବେ ଜିଲା ପଞ୍ଚାୟତ ଅଧିକାରୀ ସମଲେନ୍ଦୁ ନାୟକ ଯୋଗଦେଇ କହିଥିଲେ, ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀରେ ସାରା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ କରାଯାଉଛି। ଜାତି ବର୍ଣ୍ଣ ନିର୍ବିଶେଷରେ ଏହି ପର୍ବ ପାଳନ କରାଯାଏ। ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ବହନ କରିଥାଏ। ଏହି ପର୍ବ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭାଇଚାରା ଭାବ ଜାଗ୍ରତ କରିଥାଏ। ନୂଆଁଖାଇର ମାସକ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଠାକୁର ଓ ରୋଷଘର ଲିପାପୋଛା କରାଯାଏ। ଏହି ସମୟରେ ଦେଶ ବିଦେଶରେ ରହୁଥିବା ପରିବାର ସଦସ୍ୟ ଗୋଟିଏ ଦିନ ପାଇଁ ଘରକୁ ଆସିଥାନ୍ତି। ଏଥିରେ ଆବାଳବୃଦ୍ଧବନିତା ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ସକାଳେ ଚାଷୀ ବିଲରେ ମାଟି ମା', ବଳଦକୁ ପୂଜା କରନ୍ତି। ଧନଲକ୍ଷ୍ମୀଙ୍କୁ ରାଖୀ ବାନ୍ଧିବାର ମଧ ପରମ୍ପରା ରହିଛି। ପୂର୍ବରୁ ସଂଗୃହୀତ ସରିଆ ଧାନରେ ମହୁ, ଦୁଗ୍ଧ, ଘୃତ ଦେଇ ପ୍ରସ୍ତୁତ ଅନ୍ନପ୍ରସାଦକୁ ଦନା କିମ୍ବା ପଣସ ପତ୍ରରେ ପରଷା ଯାଇଥାଏ। ଘର ମୁଖିଆ ସମସ୍ତଙ୍କୁ

## ଜିଲାସ୍ତରୀୟ ନୂଆଁଖାଇ ପର୍ବ

ପରଷିଥାନ୍ତି। ଘରର ସମସ୍ତ ସଦସ୍ୟ ଏକାଠି ବସି ନବାନ୍ନ ଗ୍ରହଣ କରିଥାନ୍ତି। ନୂଆଁଖାଇ ସମୟରେ ଘର ଲିପାପୋଛା କରାଯାଇଥାଏ। ନୂତନ ସାମଗ୍ରୀ ବ୍ୟବହାର କରାଯାଇଥାଏ। ନୂଆଁଖାଇ ଅବସରରେ ଏକ ସପ୍ତାହବ୍ୟାପୀ ବଜାରରେ ନୂତନବସ୍ତ୍ର, ଅନ୍ୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଲାଗି ରହିଥାଏ। ଏହାକୁ ଭେଟ ବଜାର କୁହାଯାଏ। ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ ହୋଇଥାଏ। ଘରର ବଡ଼ଙ୍କୁ ସାନମାନେ ସମ୍ମାନ ଦେଇଥାନ୍ତି। ପରସ୍ପରକୁ ନୂଆଁଖାଇ ଶୁଭେଚ୍ଛା ଜଣାଇଥାନ୍ତି। ଏବେ ନୂଆଁଖାଇ ଆଉ ପଶ୍ଚିମ ଓଡ଼ିଶାରେ ସୀମିତ ହୋଇ ରହିନାହିଁ। ପୂର୍ବ ଓଡ଼ିଶା, ଦିଲ୍ଲୀ ଏପରିକି ଆମେରିକାରେ ମଧ୍ୟ ରହୁଥିବା ପଶ୍ଚିମ ଓଡ଼ିଶା ବାସିନ୍ଦା ସେଠାରେ ନୂଆଁଖାଇ ପାଳନ କରୁଛନ୍ତି। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର ନାରାୟଣ ରାଓ କହିଥିଲେ, ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ। ପ୍ରାଚୀନ ବୈଦିକ ଯୁଗରୁ ମୁନିଋଷିମାନେ କୃଷି ପଞ୍ଜିକା ନିର୍ଦ୍ଧାରଣ ସମୟରେ ୫ ଯଜ୍ଞର ଉଲ୍ଲେଖ କରିଛନ୍ତି। ନୂତନ ଶସ୍ୟକୁ ମାଟି ମା' ଅର୍ଥାତ ପଞ୍ଚଭୂତକୁ ଅର୍ପଣ କରିଥାନ୍ତି। ପ୍ରଥମ ଶସ୍ୟକୁ ପ୍ରକୃତି ମାତାକୁ ଅର୍ପଣ କରିବାର ଅନନ୍ୟ ପରମ୍ପରା। ନବାନ୍ନ କହିଲେ ନ'ଟି କାର୍ଯ୍ୟକୁ ବୁଝାଇଥାଏ। ଯେପରି ନୂଆଁଖାଇ ପୂର୍ବରୁ ଘୋଷଣା, ଲଗ୍ନ, ଡାକପକା, ଲିପାପୋଛା, କିଣାବିକା, ନୂଆ ଧାନ ସଂଗ୍ରହ, ସଂକଳ୍ପ, ପ୍ରସାଦ ଏବଂ ଭେଟ ଜୁହାର ବୁଝାଏ। ସମ୍ମାନିତ ଅତିଥି ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ, ପଶ୍ଚିମ ଓଡ଼ିଶାର ଏହା ଏକ ମହାନ୍ ପର୍ବ। ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି। ଏହି ପର୍ବକୁ ଘରବାହୁଡ଼ା କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ଏହି ଗୋଟିଏ ଦିନ ସମସ୍ତେ ଘରକୁ ଫେରିଥାନ୍ତି। ଏହା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ହୋଇ ରହିନାହିଁ। ଯେଉଁଠି ପଶ୍ଚିମ ଓଡ଼ିଶାବାସୀ ରହୁଛନ୍ତି, ସେଠାରେ ମଧ ସେମାନେ ମିଳିମିଶି ଆଡ଼ମ୍ବରରେ ପାଳନ କରୁଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏହି ପର୍ବର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ହେମନ୍ତ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବିରାଜ ପ୍ରଧାନ ଉପସଭାପତି ବ୍ଲକ କଳା ସଂଘ, ଖୋର୍ଦ୍ଧା ବ୍ଲକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ଖୋର୍ଦ୍ଧା ଟାଉନ ହଲ୍‌ରେ ଶନିବାର ଆୟୋଜିତ ଜିଲାସ୍ତରୀୟ ନୂଆଁଖାଇ ପର୍ବ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ନୃତ୍ୟ।

### ସଲିଳ ସଭାପତି, ସନ୍ତୋଷ ସମ୍ପାଦକ ମନୋନୀତ

ଟାଙ୍ଗୀ,୩୦।୯(ରଘୁନାଥ ସାହୁ)

ଗତ ୮ ତାରିଖରୁ ୩ ଦଫା ସମ୍ବଳିତ ଦାବି ନେଇ ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ କରୁଥିବାବେଳେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟାଙ୍ଗୀ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନରେ ସାମିଲ ହୋଇଥିଲା। ରାଜ୍ୟ ସରକାରଙ୍କ ସହିତ ଆଲୋଚନାକ୍ରମେ ଆନ୍ଦୋଳନକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ଏହାପରେ ବିଭିନ୍ନ ବର୍ଗର ଶିକ୍ଷକଙ୍କ ମଧ୍ୟରେ ମତାନ୍ତର ଦେଖାଯାଇଥିଲା। ଏପରିକି ମା' ଉଗ୍ରତାରା ମନ୍ଦିର ପରିସରରେ ଏକ ଗୋଷ୍ଠୀ ବୈଠକ କରି ନୂତନ କର୍ମକର୍ତ୍ତା ଘୋଷଣା କରିଥିଲେ। ଏହି ଘୋଷଣାକୁ ବିରୋଧ କରି କିଛି କର୍ମକର୍ତ୍ତା ଇସ୍ତଫା ଦେଇଥିଲେ। ତେଣୁ ଶନିବାର ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରେ ବିଜୟ କୁମାର ସେଠୀ, ଶ୍ୟାମସୁନ୍ଦର ବିଶ୍ୱାଳ, ସରୋଜ ମାନ୍ଧାତା, ମମତା ବେହେରାଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ପୂର୍ବଭଳି ସଂଘ କାର୍ଯ୍ୟ କରିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସିଆର୍‌ସିସି ଦୁଃଶାସନ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ସୁଶାନ୍ତ ମଲ୍ଲିକ, ସମରେଶ ବେହେରା, ମନୋରଞ୍ଜନ ମହାରଣା, ରବୀନ୍ଦ୍ର ବେହେରା, ବଳରାମ ବେହେରା, ସାଗରିକା ପାଇକରାୟ, ରମେଶ ବେହେରା, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରଜନୀକାନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଂସ୍କୃତ ଶିକ୍ଷକ ଦିବଙ୍ଗତ ରଜନୀକାନ୍ତ ଦାଶଙ୍କ ଦଶାହ ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷକ ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଶିକ୍ଷାବିତ କିଶୋର ଚନ୍ଦ୍ର ପରମଗୁରୁ, ଗୌରହରି ମିଶ୍ର, ଅମ୍ବିକା ପ୍ରସାଦ ପଟ୍ଟନାୟକ, ସୁଧାକର ମହାପାତ୍ର, ଦେବରାଜ ପ୍ରଧାନ, ଶିକ୍ଷାବିତ୍ ଗତିକୃଷ୍ଣ ଉତ୍ତରକବାଟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦାଶ ଜଣେ ଉଚ୍ଚକୋଟୀର ସଂସ୍କୃତ ଶିକ୍ଷକ ଥିଲେ। ଶିକ୍ଷାକ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ସେ ଖୋର୍ଦ୍ଧାରେ ଏକ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା ଲାଗି ଉଦ୍ୟମରତ ଥିଲେ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅଞ୍ଜନ ରାୟ, ବିରଞ୍ଚି ନାରାୟଣ ସାହୁ, ପ୍ରକାଶ ଚନ୍ଦ୍ର ପଲେଇ, ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ, ନରହରି ନନ୍ଦ, ମାନସ ରଞ୍ଜନ ଶତପଥୀ, ଶରତ ରାଉତ, ଖୋର୍ଦ୍ଧା ଅଗାଧୁ ସେଠୀ, ଉପସଭାପତି ପ୍ରସନ୍ନ ମହାପାତ୍ର, ସ୍ୱପ୍ନେଶ୍ୱର ପ୍ରଧାନ, ଶିକ୍ଷକ ସତ୍ୟାନନ୍ଦ ବେହେରା, ଗୋପାଳ ଚନ୍ଦ୍ର ତ୍ରିପାଠୀ, ପ୍ରହ୍ଲାଦ ବାରିକ, ସତ୍ୟବାନ ଶ୍ରୀଚନ୍ଦନ, ରବୀନ୍ଦ୍ର ନାଥ ଶତପଥୀ, ବିଜୟ ଚନ୍ଦ୍ର ମହାପାତ୍ର, ରୋଟାରୀଆନ୍ ବେଦ ପ୍ରକାଶ ମଜୁମଦାର, ଶିକ୍ଷାବିତ୍, ଅଦ୍ୱୈତ କୁମାର ବଳିୟାରସିଂହ, ବିଜୟନୀ ଷଡ଼ଙ୍ଗୀ, ଶରତ ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ଦେବାଶିଷ ଦାଶ ଧନ୍ୟବାଦ ଦେଇଥିଲେ ।

### ଦକ୍ଷତା, ବ୍ୟକ୍ତିତ୍ୱ ବିକାଶ, ଶୃଙ୍ଖଳା ଜ୍ଞାନକୁ ଗୁରୁତ୍ୱ

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)

ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା କବିତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓୟୁଏଟି ପ୍ରଶିକ୍ଷକ ଡ. ନିରଜ ବରଣ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜସେବାରେ ବ୍ରତୀ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦକ୍ଷତା, ବ୍ୟକ୍ତିତ୍ୱ ବିକାଶ, ଶୃଙ୍ଖଳାଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ହେଉଛି ଛାତ୍ରୀଙ୍କ ସମାଜସେବା ନିମିତ ଉତ୍ସର୍ଗୀକୃତ ମନୋଭାବ, ସମାଜରେ ଅବହେଳିତ, ଅସହାୟ ଲୋକଙ୍କ ସେବା ଆଦି କରିବା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ପୂର୍ବତନ ପ୍ରୋଗ୍ରାମ ଅଫିସର ଡ. ମନ୍ଦାକିନୀ ତ୍ରିପାଠୀ ଓ ସରୋଜା ଷଡ଼ଙ୍ଗୀ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍‌ର ଛାତ୍ରୀମାନେ ଉପସ୍ଥିତ ଥିଲେ।

### ଆୟୁଷ୍ମାନ ଭବଃ ସ୍ୱାସ୍ଥ୍ୟମେଳା


କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପରେଶ କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୁଷ୍ମାନ ଭବଃ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଗାଁ ଗହଳି ସ୍ୱାସ୍ଥ୍ୟସେବାକୁ କ୍ରିୟାଶୀଳ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ମେଳାରେ ୭୨୦ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଏହି ମେଳାରେ ଯୋଗ ଶିବିର, ରକ୍ତ ଶିବିର, ଅଙ୍ଗଦାନ ଶିବିର, ଆଭା ଆଇଡି କ୍ରିୟସନ, ଏନସିଡି ସ୍କ୍ରିନିଂ ସଂଜୀବନି, ସ୍ତ୍ରୀ ଓ ଶିଶୁ ରୋଗ, ଭେଷଜ, ମାନସିକ, ଚର୍ମ, ଦନ୍ତ ରୋଗ, ଚକ୍ଷୁ ରୋଗ, ସର୍ଜରି ଆଦି ସେବା ଯୋଗାଇ ଦିଆଯାଇଥିଲା। ସେହିପରି ୪୮ଟି ରକ୍ତ ନମୁନା ସଂଗ୍ରହ କରାଯାଇଥିବା ବେଳେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତି, ବିନୋଦ ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୧୨ ଦଫା ଦାବିରେ ଏସ୍‌ୟୁସିଆଇ(ସି)ର ବିକ୍ଷୋଭ

ବେଗୁନିଆ,୩୦।୯ (ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ୧୨ ଦଫା ଦାବିରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋଭାଯାତ୍ରାରେ ୫୦ଜଣ କର୍ମୀ ସାମିଲ ହୋଇଥିଲେ। ବେଗୁନିଆ ପୋଷ୍ଟଅଫିସ ଛକଠାରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲେ। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଅନେକ ବିଭାଗକୁ ସରକାର ନିଜେ ପରିଚାଳନା କରି ନ ପାରି ଘରୋଇକରଣ କରିଚାଲିଛନ୍ତି। ପରେ ଘରୋଇ ବିଭାଗ କର୍ତ୍ତୃପକ୍ଷ ଗରିବଙ୍କ ଉପରେ ମାତ୍ରାଧିକ ଟିକସ ବୋଝ ଲଦି ଦେଇ ହଇରାଣ କରୁଛନ୍ତି। ଭୂମିହୀନଙ୍କୁ ଏବେଯାଏ ପଟ୍ଟା ଯୋଗାଇ ଦିଆଗଲାନାହିଁ। ଗ୍ରାମାଞ୍ଚଳର ସାଧାରଣ ଲୋକେ ଏବେବି ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଜଳସେଚନ, ପାନୀୟଜଳ ଯୋଗାଣ ଆଦି ବହୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବିଶେଷକରି ଗାଁଗହଳିରେ ଖୋଲାଯାଇଥିବା ମଦ ଦୋକାନ ବନ୍ଦ କରନ୍ତୁ ବୋଲି ସଭାପତି ସାହୁ ଉଦ୍‌ବୋଧନ ଦେଇଥିଲେ। ପରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ପ୍ରଦାନ କରାଯାଇଥିଲା।



ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଇନ୍‌ଫୋଭ୍ୟାଲି ରାସ୍ତା ମରଣଯନ୍ତା

ଯାଁଳା,୩୦।୯(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଜଟଣୀ ଗେଟ ତଥା ତଳକ୍ଷେତା ଛକ ଠାରୁ ଇନ୍‌ଫୋଭ୍ୟାଲିକୁ ଯାଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ପ୍ରତିଦିନ ଭାରିଯାନ ସହ ଅନ୍ୟ ଗାଡ଼ି ଯାତାୟାତ କରିଥାଏ। ତେବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ରଡ୍ ଦେଖାଯାଉଥିବା ବେଳେ କଂକ୍ରିଟ ଉଠିଗଲାଣି। ଖାଲଖମା ସୃଷ୍ଟି ହୋଇ ପାଣି ଜମା ରହୁଛି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଇନ୍‌ଫୋଭ୍ୟାଲି ଥାନା, ଇନ୍‌ଫୋସିସ୍ ସହିତ ବିଭିନ୍ନ ସଫ୍ଟୱାର କମ୍ପାନୀକୁ ଯିବାକୁ ହେଲେ ଏହି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ତେଣୁ ତୁରନ୍ତ ଏହି ରାସ୍ତାର ମରାମତି କରାଯିବା ସହ ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି।


ଇନ୍‌ଫୋଭ୍ୟାଲି ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

## ଛୁଟିରେ ଡାକ୍ତର, ରୋଗୀ ସେବା ବ୍ୟାହତ

ନିରାକାରପୁର,୩୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମାଞ୍ଚଳରେ ଲୋକମାନେ କିଭଳି ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ଉଭୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଠିକ୍‌ଭାବେ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଅନ୍ୟପଟେ ଡାକ୍ତରମାନେ ଅନେକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ୍ ସମୟରେ ଆସୁ ନ ଥିବା ଦେଖିବାକୁ ମିଳିଛି। ଯଦି ଆସୁଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଳ୍ପ ସମୟ ରହି ପଳାଇ ଯାଉଛନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ରୋଗୀ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ଶନିବାର ଓଳସିଂହ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡାଙ୍କ ଶରୀର ଅସୁସ୍ଥ ଥିବାରୁ ସେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ଆସିଥିଲେ। ତେବେ ଡାକ୍ତର ଓ ଫାର୍ମାସିଷ୍ଟ ଆସି ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ପରିଡ଼ା କ୍ଷୋଭ ପ୍ରକାଶ କରିବା ସହ ଫୋନ ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତ ଯୋଗୁ ଶତାଧିକ ରୋଗୀ ହଇରାଣ ହେବା ସହିତ ଅନ୍ୟ ଡାକ୍ତରଖାନାକୁ ପଳାଇଥିବା ଦେଖିବାକୁ ମିଳିଥିଲା। ଡାକ୍ତର ଓ ଫାର୍ମାସିଷ୍ଟଙ୍କ ରହିବା ନିମନ୍ତେ ବିଭାଗ ପକ୍ଷରୁ କ୍ୱାର୍ଟର ରହିଛି। ହେଲେ ଏଠାରେ ନ ରହି ନିଜ ନିଜ ଅଞ୍ଚଳରେ କରିଥିବା କ୍ଲିନିକରେ ସମୟ ଦେଉଚନ୍ତି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ସ୍ଥାୟୀ ନୂତନ ଡାକ୍ତର ଓ ଫାର୍ମାସିଷ୍ଟ ନିଯୁକ୍ତି ନିମନ୍ତେ ପ୍ରଶାସନକୁ ନିବେଦନ କରିଛନ୍ତି। ୧୫ଦିନ ମଧ୍ୟରେ ସମାଧାନ ନ କରାଯାଏ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ପୂର୍ବତନ ସରପଞ୍ଚ ପରିଡା କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଦେହ ଖରାପ ଯୋଗୁ ସେମାନେ ଛୁଟିରେ ରହିଛନ୍ତି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ବୁଝିବେ ବୋଲି ସେ ପ୍ରକାଶ କରିଛନ୍ତି।





## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୦।୯।୨୦୨୩

| ୫,୧୯,୬୨୧ ଟଙ୍କା | |
|---|---|
| ସୁନା | ୧.୨୩୦ ଗ୍ରାମ୍ |
| ରୁପା | ୩୦ ଗ୍ରାମ୍ |

# ଡିଲରଙ୍କ ନାମରେ ଚାଉଳ ହଡ଼ପ ଅଭିଯୋଗ

■ ୬ ଜଣିଆ ଜିଲା ଟିମ୍‌ର ତଦନ୍ତ ବେଳେ ଆସିଲା ଅନିୟମିତତା

■ ୩୦ କୁଇଣ୍ଟାଲ ଚାଉଳର ହିସାବ ମିଳିଲାନି

ଗୋପ,୩୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ରାଶନ କାର୍ଡ ହିତାଧିକାରୀଙ୍କୁ ସରକାରୀ ନିୟମ ମୁତାବକ ଚାଉଳ ନ ମିଳିବା ନେଇ ଅଭିଯୋଗ ଆସିବା ପରେ ଶନିବାର ଜିଲାସ୍ତରୀୟ ତଦନ୍ତ ହୋଇଥିଲା। ଏହି ତଦନ୍ତବେଳେ ଡିଲର କେନ୍ଦ୍ରରେ ୩୦ କୁଇଣ୍ଟାଲ ଚାଉଳ ନ ଥିବାରୁ ତଦନ୍ତକାରୀ ଟିମ୍ କେନ୍ଦ୍ରର ଖାତାପତ୍ର ସହିତ ଟିପ ଚିହ୍ନ ମେଶିନ ଜବତ କରି ଫେରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବୀରତୁଙ୍ଗ ପଞ୍ଚାୟତର ଏକ ଡିଲର କେନ୍ଦ୍ରରେ ରାଶନ କାର୍ଡ ହିତାଧିକାରୀଙ୍କୁ ମାସ ମାସ ଧରି ଚାଉଳ ନ ମିଳିବା, ଚାଉଳ ବଦଳରେ ହିତାଧିକାରୀଙ୍କୁ ଟଙ୍କା ଦେବା ଓ କେତେକ ହିତାଧିକାରୀଙ୍କ ଚାଉଳ କାଟି ରଖୁଥିବା ନେଇ ଡିଲରଙ୍କ ନାମରେ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓ ଦୀପ୍ତିରାଣୀ ଦାସ ଏହି ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ ଡିଲର କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରେ ସତ୍ୟତା ଥିବା ଜାଣିବାକୁ ପାଇଥିବାବେଳେ ସମ୍ପୃକ୍ତ ରିଟେଲର ତଦନ୍ତରେ ସହଯୋଗ ନ କରି ଯୋଗାଣ ଅଧିକାରୀଙ୍କୁ ଦେଖା ଦେଇ ନ ଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗକୁ ରିପୋର୍ଟ ପ୍ରଦାନ କରିବା ପରେ ଶନିବାର ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁଙ୍କ ନେତୃତ୍ୱରେ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ, ଦେବବ୍ରତ ନାୟକ, ସତ୍ୟବ୍ରତ, ବିଶ୍ୱଜିତ୍ ନାୟକ, ପ୍ରଦୀପ ସେଠୀ ପ୍ରମୁଖ ଏକ ୬ ଜଣିଆ ଟିମ୍ ବୀରତୁଙ୍ଗ ଗ୍ରାମରେ ପହଞ୍ଚିଥିଲା। ସମ୍ପୃକ୍ତ ରିଟେଲରଙ୍କ ଷ୍ଟକ୍‌ରୁ ୨୦ରୁ ୩୦ କୁଇଣ୍ଟାଲ ଚାଉଳ କମ୍ ଥିବା ଅଧିକାରୀ ଜାଣିବାକୁ ପାଇଥିଲେ। ଏନେଇ ନିକଟ ଖାଉଟିଙ୍କ ବୟାନ ସଂଗ୍ରହ କରିଥିଲେ। ଦୀର୍ଘ ୪ ଘଣ୍ଟା ବିଳମ୍ବରେ ସମ୍ପୃକ୍ତ ରିଟେଲର ତଦନ୍ତ ଅଧିକାରୀଙ୍କୁ ଦେଖା କରିଥିବା ବେଳେ ତାଙ୍କଠାରୁ ବୟାନ ସଂଗ୍ରହ କରିବା ସହ ପିଓଏସ୍ ମେଶିନ ଓ ଖାତା ସମେତ ସମସ୍ତ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟ ପ୍ରଦାନ ପରେ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ ସୂଚନା ଦେଇଛନ୍ତି।



ଚାଉଳ ହଡପ ଅଭିଯୋଗରେ ୬ ଜଣିଆ ଜିଲା ଟିମ୍ ତଦନ୍ତ କରୁଛି ।

# ଟ୍ରେନ୍‌ରୁ ଖସିପଡ଼ି ମା' ମୃତ, ପୁଅ ଗୁରୁତର

ସାକ୍ଷୀଗୋପାଳ,୩୦।୯ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ସନ୍ଧ୍ୟା ସମୟରେ ଏକ ଦୁର୍ଘଟଣା ଘଟିଛି। ଟ୍ରେନ୍‌ରୁ ଓହ୍ଲାଇବାବେଳେ ଜଣେ ମହିଳା ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ମା'ଙ୍କୁ ରକ୍ଷା କରିବାକୁ ଯାଇ ପୁଅ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସାକ୍ଷୀଗୋପାଳ ରେଲୱେ ପୋଲିସ ଗୀତାଞ୍ଜଳିଙ୍କ ମୃତଦେହ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଘଟଣାରୁ ଜଣାପଡ଼ିଛି, ଗୀତାଞ୍ଜଳି ମିଶ୍ର(୭୭), ପୁଅ ନୀଳକଣ୍ଠ ମିଶ୍ର(୪୦) ଓ ଝିଅ ସୁଚେତା ମିଶ୍ର(୩୫) ପୁରୀ-ଅହମ୍ମଦାବାଦ୍ ଟ୍ରେନ୍‌ରେ ପୁରୀରୁ ସାକ୍ଷୀଗୋପାଳ ଆସୁଥିଲେ। ସାକ୍ଷୀଗୋପାଳ ରେଳ ଷ୍ଟେଶନରେ ଓହ୍ଲାଇବା ସମୟରେ ଅସାବଧାନତାରୁ ଗୀତାଞ୍ଜଳି ତଳକୁ ଖସି ପଡ଼ିଥିଲେ। ମା'ଙ୍କୁ ରକ୍ଷା କରିବାକୁ ଯାଇ ନୀଳକଣ୍ଠ ମଧ୍ୟ ତଳକୁ ଖସିପଡ଼ିଥିଲେ। ସେଠାରେ ଉପସ୍ଥିତ ଲୋକେ ମା', ପୁଅଙ୍କୁ ତୁରନ୍ତ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଗୀତାଞ୍ଜଳିଙ୍କୁ ମୃତ ଘୋଷଣା କରିଥିଲେ। ନୀଳକଣ୍ଠଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏମାନଙ୍କ ଘର ବ୍ରହ୍ମପୁରର ଗୋଷାଣୀ ନୂଆଗାଁ ବୋଲି ଜଣାପଡିଛି। ଝିଅ ସୁଚେତା ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ରହୁଛନ୍ତି।

# ବିଶ୍ୱ ମହାକାଶ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ପ୍ରତିବର୍ଷ ଅକ୍ଟୋବର ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଶ୍ୱ ମହାକାଶ ସପ୍ତାହ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହାକୁ ପାଳନ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାକାଶ ବିଜ୍ଞାନ ସମ୍ପର୍କରେ ଜାଗରଣ ସୃଷ୍ଟିର ଉଦ୍ୟମ ବ୍ୟବସ୍ଥା କରାଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ଚନ୍ଦ୍ରାୟନ ୩ ର ସଫଳତା ପରେ ସମଗ୍ର ଦେଶବାସୀ ଉତ୍ସାହିତ ଥିବା ବେଳେ ଇସ୍ରୋର ବୈଜ୍ଞାନିକମାନଙ୍କ ଉପସ୍ଥିତ ଓ ବିବିଧ ସୂଚନା ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆରକ୍ଷୀ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଅଗ୍ନିଶମ ବିଭାଗ, ୱାଟକୋ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ସାହୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଗର୍ଭବତୀଙ୍କ ମୃତ୍ୟୁ

ଗୋପ,୩୦।୯( ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ନୁଆଖୋଲମରା ପଞ୍ଚାୟତର ଓରତଣ୍ଡା ଗାଁର ଜଣେ ଗର୍ଭବତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ହେଲେ ବେଣୁଧର ସ୍ୱାଇଁଙ୍କ ସ୍ତ୍ରୀ ଲିଜାରାଣୀ ସ୍ୱାଇଁ। ଏନେଇ ପୋଲିସ ୨୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଲିଜାଙ୍କ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିବା ଖବର ପାଇବା ପରେ ସେ ଶୁକ୍ରବାର ସନ୍ଧ୍ୟା ସମୟରେ ଗାଧୋଇବାକୁ ପାଣି ମଟରର ତାରକୁ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସେୟରେ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ଘଟଣାସ୍ଥଳରେ ପଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ନିକଟ ଡାକ୍ତରଖାନା ନେଇ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ତେବେ ଲିଜା ୯ମାସର ଗର୍ଭବତୀ ଥିଲେ। ତାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ନୁଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ ଦାବି କରିଛନ୍ତି।

### ରାସ୍ତାକଡ଼ରେ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ଗୋପ,୩୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ଭଇରିପୁର କେନାଲ ବନ୍ଧ ରାସ୍ତାକଡ଼ରେ ଶନିବାର ସକାଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେ ବିଷପାନ କରିଥିବା ଡାକ୍ତର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗୁରୁତର ଅବସ୍ଥାରେ ଯୁବକ ଜଣକ ରାସ୍ତାକଡ଼ରେ ପଡ଼ିଥିବା ଗ୍ରାମର କିଛି ଯୁବକ ଦେଖିଥିଲେ। ଉକ୍ତ ଯୁବକ ଜଣକ ନିକଟସ୍ଥ ବଡ଼ତରା ପଞ୍ଚାୟତର ରାଧାଶ୍ୟାମ ଦଳେଇଙ୍କ ପୁଅ ଅର୍ଜୁନ ଦଳେଇ(୨୫) ବୋଲି ଜଣାପଡିଥିଲା। ଅର୍ଜୁନଙ୍କୁ ଯୁବକମାନେ ଡାକ୍ତରଖାନାରେ ଭର୍ତ୍ତି ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ଯୁବକମାନେ ତାଙ୍କ ଗ୍ରାମକୁ ଖବର ଦେବା ପରେ ଗ୍ରାମର କିଛି ବ୍ୟକ୍ତି ସେଠାରେ ପହଞ୍ଚି ଗୁରୁତର ଅର୍ଜୁନଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।





ଜାତୀୟ ବର୍ଷା ନୃତ୍ୟ, ସଙ୍ଗୀତ ମହୋତ୍ସବରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

# ଜାତୀୟ ବର୍ଷା ନୃତ୍ୟ, ସଙ୍ଗୀତ ମହୋତ୍ସବ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ପୁରୀ ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜାତୀୟ ବର୍ଷା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ ଓ ସଙ୍ଗୀତକୁ ପ୍ରୋତ୍ସାହିତ କରିବା ନିମନ୍ତେ ଯୁବପିଢ଼ିର କଳାକାରଙ୍କୁ ଜାତୀୟ କାର୍ଯ୍ୟକ୍ରମ ମାଧ୍ୟମରେ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଓଡ଼ିଶାର ସଂସ୍କୃତି ଓ କଳାର ପ୍ରଚାର ପ୍ରସାର ନିମନ୍ତେ ଏହା ଏକ ମାଧ୍ୟମ। ଏହି ମହାନ୍ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଦୁଇଟି ପର୍ଯ୍ୟାୟରେ ସମାପିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବରେ ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବରେ ସଦାଶିବ ପରିସରର ଅଧ୍ୟକ୍ଷ ଅତୁଲ କୁମାର ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଯୋଗ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥ ରୂପେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଗୁରୁ ଶରତ କୁମାର ରଥ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ରୋଜାଲିନ ମହାନ୍ତିଙ୍କ ଛାତ୍ରୀମାନଙ୍କ ଦ୍ୱାରା ଲୋକ ନୃତ୍ୟ ଏବଂ ପୁରୀ ଡ୍ୟାନ୍ସ ଏକାଡେମୀ କଳାକାରଙ୍କ ପକ୍ଷରୁ ଓଡିଶୀ ତଥା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ଅଧିବେଶନରେ ଉଦ୍‌ଘାଟକ ଭାବରେ ସମ୍ବିତ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ରୂପେ ପ୍ରିୟରଞ୍ଜନ ଦାସ୍ ଏବଂ ସମ୍ମାନିତ ଅତିଥି ଭାବରେ ମଧୁସୁଦନ ସିଂହାରୀ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ବିବେକ ମହାନ୍ତି( ଓଡିଶୀ ନୃତ୍ୟ ), ଗୁରୁ ରାଧେଶ୍ୟାମ ତରାଇ (କୁଚିପୁଡ଼ି), ଗୁରୁ ଲିଙ୍ଗରାଜ ଦାସ, ଗୁରୁ ଚନ୍ଦନ ସେଠୀ, ସତ୍ୟବାନ ସେଠୀ ଶାସ୍ତ୍ରୀୟ ବାଦ୍ୟ ଯନ୍ତ୍ର ବାଦନ ଏବଂ ପୁରୀ ଡ୍ୟାନ୍ସ ଏକାଡେମୀର ବରିଷ୍ଠ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ , ଦୁର୍ଗା ବନ୍ଦନା, ଶିବ ବନ୍ଦନା, ଗୀତ ଗୋବିନ୍ଦ, ପଲ୍ଲବୀ ଆଦି ଅନେକ ନୃତ୍ୟ ପରିବେଷଣ କରାଯାଇଥିଲା।

# ଇଭିଏମ୍ ଯାଞ୍ଚ ତାଲିମ ଶିବିର

ପୁରୀ,୩୦।୯(ଅଜିତ୍ ମହାନ୍ତି):

ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସଂସ୍କୃତି ଭବନଠାରେ ଇଭିଏମ୍ ଯାଞ୍ଚ ପ୍ରକ୍ରିୟା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ଇଭିଏମର ଠିକ୍ କାର୍ଯ୍ୟକାରିତା ପାଇଁ ଅକ୍ଟୋବର ୩ ଠାରୁ ପେଣ୍ଟକଟା ସ୍ଥିତ ଇଭିଏମ ଓ୍ୟାର ହାଉସ ତଥା ଗୋଦାମ ଗୃହଠାରେ ଏହାର ଯାଞ୍ଚ ଆରମ୍ଭ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ.ଶରତ ଚନ୍ଦ୍ର ମହାପାତ୍ର କହିଥିଲେ, ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାକୁ ୧୬ଜଣ ଇଭିଏମ ଇଞ୍ଜିନିୟର ଆସିଛନ୍ତି। ଏମାନଙ୍କ ଉପସ୍ଥିତିରେ ସମସ୍ତ ଇଭିଏମର ସଠିକତା ଯାଞ୍ଚ କରାଯିବ। ଉପଜିଲାପାଳ ଭବତାରଣ ସାହୁ ବିସ୍ତୃତ ସୂଚନା ଦେଇ ଯାଞ୍ଚ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସ୍ୱଚ୍ଛତା ରକ୍ଷା ଓ ଯାଞ୍ଚ ସମ୍ପର୍କରେ ଅବଗତ ପାଇଁ ରାଜନୈତିକ ଦଳର ପ୍ରତିନିଧିଙ୍କୁ ମଧ୍ୟ ସାମିଲ କରାଯାଇଛି ବୋଲି ସୂଚନା ଦେଇଥିଲେ। ପ୍ରାରମ୍ଭରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ ସହ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ।

# ୩୦ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ପୁରୀ, ୩୦।୯(ଅଜିତ୍ ମହାନ୍ତି):

ନବକଳେବର ରୋଡ୍ ସ୍ଥିତ ରଘୁନାଥ ମଣ୍ଡପଠାରେ ନୀଳାଚଳ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ସଭାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ବିଭିନ୍ନ କାର୍ଯ୍ୟାଳୟରେ କାଉଣ୍ଟର ଖୋଲିବା, ବିଶେଷକରି ଡାକ୍ତରଖାନରେ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ଚିକିତ୍ସା କରାଇବା, ପୁରୀ ସହରର ୩୨ଟି ୱାର୍ଡର ବରିଷ୍ଠ ନାଗରିକଙ୍କ ନିକଟକୁ ପ୍ରତି ସପ୍ତାହରେ ପୋଲିସ ଯାଇ ସୁରକ୍ଷା ବ୍ୟବସ୍ଥା ବୁଝିବା ଓ ମଧୁବାବୁ ପେନ୍‌ସନ୍ ୨ହଜାର ଟଙ୍କା କରିବା ପାଇଁ ଦାବି ହୋଇଛି। ପ୍ରତିମାସରେ ଜିଲାପାଳ ଓ ଏସ୍‌ପି ବରିଷ୍ଠ ନାଗରିକଙ୍କ ସମସ୍ୟା ବୁଝିବା ପାଇଁ ଦାବି କରାଯାଇଛି। ବୈଠକରେ ୩୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଭାପତି ହୋତାଙ୍କ ସମେତ ସମ୍ପାଦକ ପ୍ରସନ୍ନ ଶତପଥୀ, ପରାମର୍ଶଦାତା ରମେଶ ମହାନ୍ତି, ବ୍ରଜ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ଅଜୟ କୁମାର ଦୀକ୍ଷିତ, ଦେବେନ୍ଦ୍ର ମହାନ୍ତି, ବୁଦ୍ଧିଆ ମୁଦୁଲି, ବାଳକୃଷ୍ଣ ମହାପାତ୍ରଙ୍କ ସମେତ ମଞ୍ଚର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମାଡ଼ ମାରି ଟଙ୍କା ନେଇଯିବା ଅଭିଯୋଗରେ ଜଣେ ଗିରଫ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ମାଡ଼ ମାରି ଟଙ୍କା ନେଇଯିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଜଗନାଥ ବସ୍ତିର ଚନ୍ଦନ ଦାସ। ତାଙ୍କ ନିକଟରୁ ୧୪୦୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ପାର୍ବତୀପୁରର ଦିପକ ପଲେଇ ତାଙ୍କ ସାଙ୍ଗଙ୍କ ସହ ସାମଗ୍ରୀ କିଣିବାକୁ ଯାଉଥିଲେ। ପାଣିଆଟୋଟା ନିକଟରେ ଚନ୍ଦନ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ମାରି ଟଙ୍କା ଛଡାଇ ନେଇଥିଲେ। ଏନେଇ ଦିପକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇ ଚନ୍ଦନଙ୍କୁ ଗିରଫ କରିଛି।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉଚ୍ଚସ୍ଥାନରେ ରଖିବାକୁ ଦାବି

ପୁରୀ, ୩୦।୯(ଅଜିତ୍ ମହାନ୍ତି):

୧୯୭୪ ରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପ୍ରତିଷ୍ଠା କରାଯାଇଥିଲା। ତେବେ ପରିକ୍ରମା କାର୍ଯ୍ୟ ନିମନ୍ତେ ଉପଯୁକ୍ତ ଭାବରେ ପ୍ରତିଷ୍ଠିତ ମହାପୁରୁଷଙ୍କ ମୂର୍ତ୍ତିକୁ ସ୍ଥାନାନ୍ତରିତ କରାଯାଇ ନ ଥିଲା। ଫଳରେ ଦୂରରୁ ଭଲ ଭାବରେ ଏହି ପ୍ରତିମୂର୍ତ୍ତି ଦେଖାଯାଇ ନ ଥିଲା। କିଛିଦିନ ତଳେ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ସାକ୍ଷାତ କରି ପ୍ରତିମୂର୍ତ୍ତିକୁ ଉଚ୍ଚସ୍ଥାନରେ ସ୍ଥାପିତ କରିବା ପାଇଁ ଆଲୋଚନା ସହ ନିବେଦନ କରିଥିଲା। ଏହି ନିବେଦନକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଃଖର ବିଷୟ ପ୍ରତିଶ୍ରୁତି ପୂରଣ ହେବା ଦୂରରେ କଥା, ପ୍ରତିମୂର୍ତ୍ତିକୁ ଲାଗି ୨୦ଫୁଟ ଉଚ୍ଚତା ବିଶିଷ୍ଟ ପୋଲିସ ନିୟନ୍ତ୍ରଣ କକ୍ଷ ନିର୍ମାଣ କରାଗଲା। ଏହାକୁ ସଙ୍ଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ଆହୁରି ଦୁଃଖ ଓ ପରିତାପର ବିଷୟ ଗତ ୪ଦିନ ତଳେ ମୂର୍ତ୍ତି ଚାରିପାଖରେ ଧଳା କନା ଦ୍ୱାରା ଆଚ୍ଛାଦିତ କରାଯାଇ ପିଣ୍ଡି ନିକଟରେ ଥିବା ପାହାଚକୁ ଭାଙ୍ଗି ଦିଆଯାଇଛି। ଏହା ମହାନ ତ୍ୟାଗୀ, ଜନ ସେବକ, ଓ ଜାତିର ଗର୍ବ ଉତ୍କଳମଣିଙ୍କ ପ୍ରତି ଚରମ ଅବହେଳା ଅସମ୍ମାନ ପ୍ରଦର୍ଶନ। ଏଭଳି କାର୍ଯ୍ୟକୁ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଉଛି। ଉତ୍କଳମଣିଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦଶନ କରି ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସେହି ସ୍ଥାନରେ ଉଚ୍ଚତା ସ୍ଥାନରେ ସ୍ଥାପନ କରାଯାଉ ବୋଲି ସଙ୍ଘ ଦାବି କରିଛି।

# ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ



ଶନିବାର ପିତୃପକ୍ଷ ଆରମ୍ଭ ହୋଇଥିବାରୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଉଛି ।

ପୁରୀ,୩୦।୯(ଅଜିତ୍ ମହାନ୍ତି):

ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ତିଥି ଶନିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତର ପୁରୁଷ ତୀର୍ଥ ପୁଷ୍କରଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିବାର ବିଧି ରହିଛି। ପ୍ରଥମ ଦିବସରେ ସହରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ ନିମନ୍ତେ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା।

# ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରି ଦୀପଦାନ

## ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ୬୦ଦିନ ମଧ୍ୟରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ଖୋଲି ଗଣତି କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟିର ସତ୍ୟପାଠକୁ ଆଧାର କରି ରାୟ ପ୍ରକାଶ ପାଇଛି। କୋର୍ଟଙ୍କ ଆଦେଶ ସ୍ୱାଗତଯୋଗ୍ୟ। ତୁରନ୍ତ କମିଟି ଗଠନ କରାଯାଉ। ନଚେତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି, ଛତିଶାନିଯୋଗର କର୍ମକର୍ତ୍ତା, ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଜଜ୍, ହାଇକୋର୍ଟ ଜଜ୍, କାର୍ଯ୍ୟରତ ପୁରୀ ଜିଲା ଜଜ୍, ମୁଖ୍ୟ ପ୍ରଶାସନ, ପୋଲିସ ଡିଜି, ଜିଲାପାଳ, ଏସ୍‌ପି, ସାପଧରାଳି, ତାଲା କଟାଳି, ଜଣେ ଭକ୍ତ ଆଦିଙ୍କୁ ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ କମିଟି ଗଠନ କରାଯାଇ ସରକାର ଓ କୋର୍ଟଙ୍କୁ ଦିଆଯିବ। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ସରକାର ମଧ୍ୟ ଦୁଇ ମାସ ସମୟ ନେଇଛନ୍ତି। ତେଣୁ ଶ୍ରୀମନ୍ଦିର ଚାରିଦ୍ୱାର ଓ ଶ୍ରୀମନ୍ଦିର ରତ୍ନଭଣ୍ଡାର ଦୁଇ ମାସ ପରେ ଏକାସହ ଖୋଲାଯିବ ବୋଲି ପଟ୍ଟନାୟକ ଆଶା କରିଛନ୍ତି। ଯଦି ସରକାର ରତ୍ନଭଣ୍ଡାର ଓ ଚାରିଦ୍ୱାର ନ ଖୋଲନ୍ତି ପୁଣି ଆନ୍ଦୋଳନ କରାଯିବା ସହ ଓଡିଶା ବନ୍ଦ ଡାକରା ଦିଆଯିବ ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପଟ୍ଟନାୟକ କହିଛନ୍ତି।



ଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି ।

# ଆନନ୍ଦ ମାର୍ଗ ଧର୍ମ ମହାସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ବିଶ୍ୱ ଆଧ୍ୟାତ୍ମିକ ଓ ସମାଜସେବା ସଂଗଠନ 'ଆନନ୍ଦ ମାର୍ଗ' ତରଫରୁ ଶନିବାରଠାରୁ ୨ଦିନିଆ ଧର୍ମ ମହାସମ୍ମିଳନୀ ବୃନ୍ଦାବତୀ ଯାତ୍ରୀନିବାସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଭାରତ ବର୍ଷର ବିଭିନ୍ନ ରାଜ୍ୟର ପ୍ରାୟ ୩୦୦ରୁ ଅଧିକ ସନ୍ନ୍ୟାସୀ, ସନ୍ନ୍ୟାସିନୀ ଏବଂ ୩ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ମଣ୍ଡଳୀ ଯୋଗଦାନ କରିଛନ୍ତି। ଆନନ୍ଦ ମାର୍ଗର ପ୍ରାଣ ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଙ୍କ ପୂର୍ଣ୍ଣାଙ୍ଗ ଦର୍ଶନ ଆଧାରିତ 'ଏକ ଈଶ୍ୱର,ଏକ ଧର୍ମ, ଏକ ଜାତି, ଏକ ବିଶ୍ୱ ପରିବାର ତଥା ଏକ ଅଖଣ୍ଡ ମାନବ ସମାଜ' ଶୀର୍ଷକ ଏହି ଧର୍ମ ମହାସମ୍ମିଳନୀ ବହୁ ଦୃଷ୍ଟିରୁ ପ୍ରାସଙ୍ଗିକ ଓ ମହତ୍ତ୍ୱପୂର୍ଣ୍ଣ ମନେହୁଏ। ବର୍ତ୍ତମାନ ବିଶ୍ୱ ବିଭିନ୍ନ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ନୈତିକ ମୂଲ୍ୟବୋଧର ଚରମ ଅବକ୍ଷୟ, ଉପଯୁକ୍ତ ନୀତି ଓ ଆଦର୍ଶ ନେତୃତ୍ୱର ଅଭାବ ଯୋଗୁଁ ସାଧାରଣ ମଣିଷର ଜୀବନ ଦିନକୁ ଦିନ ଦୁର୍ବିଷହ ହୋଇପଡ଼ିଛି। ଅର୍ଥନୈତିକ ବୈଷମ୍ୟ, ସାମାଜିକ ଅବିଚାର, ଅର୍ଥନୈତିକ ଶୋଷଣ, ସାଂସ୍କୃତିକ ଅବଦମନ, ରାଜନୈତିକ ଭ୍ରଷ୍ଟାଚାର ସର୍ବୋପରି ଧାର୍ମିକ କ୍ଷେତ୍ରରେ ବୈଶ୍ୱିକ ଭାବନାର ଅଭାବ ଯୋଗୁ ମଣିଷ ଦିନକୁ ଦିନ ସ୍ୱାର୍ଥ କୈନ୍ଦ୍ରିକ, ବସ୍ତୁ କୈନ୍ଦ୍ରିକ ଓ କୁସଂସ୍କାର କୈନ୍ଦ୍ରିକ ବିଚାର ଧାରାରେ ଗ୍ରାସି ହୋଇ ସାମୂହିକ ଧ୍ୱଂସକୁ ଟାଣି ଆଣୁଛି। ଏହି ବିଷମ ସ୍ଥିତିରେ ପ୍ରକୃତ ପ୍ରୟୋଗାତ୍ମକ ଆଧ୍ୟାତ୍ମିକତା ହିଁ ମାନବ ମନର ସମସ୍ତ ସଂକୀର୍ଣ୍ଣତାକୁ ଦୂରକରି 'ବସୁଧୈବ କୁଟୁମ୍ବକମ୍' ପରିକଳ୍ପନାର ବାସ୍ତବ ରୂପାୟନ କରିପାରିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଧର୍ମ ମହାସମ୍ମିଳନୀର ଶୁଭ ଉଦ୍‌ଘାଟନ ଅବସରରେ ମାର୍ଗଗୁରୁ ପ୍ରତିନିଧି ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ 'ଆଧ୍ୟାତ୍ମିକତା ଓ ମାନବ ପ୍ରଗତି' ବିଷୟବସ୍ତୁ ଉପରେ ପ୍ରବଚନ ରଖିଥିଲେ। ପରେ ପରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଧର୍ମ ମହାସମ୍ମିଳନୀରେ ଅଶାନ୍ତ ହୋଇ ପଡୁଥିବା ଭାରତ ବର୍ଷ ତଥା ସମଗ୍ର ବିଶ୍ୱକୁ ଶାନ୍ତିମୟ କରିବା ପାଇଁ ଆଧ୍ୟାତ୍ମିକ, ସାମାଜିକ, ସାଂସ୍କୃତିକ, ପର୍ଯ୍ୟାବରଣ ଓ ପରିବେଶ ଆଦି ବିଭିନ୍ନ ଦିଗରେ ବିଶେଷ ଉପସ୍ଥାପନା କରାଯିବ ବୋଲି ଆନନ୍ଦମାର୍ଗର କେନ୍ଦ୍ରୀୟ ଜନସମ୍ପର୍କ ସଚିବ ଆଚାର୍ଯ୍ୟ ଦିବ୍ୟଚେତନାନନ୍ଦ ଅବଧୂତ, କେନ୍ଦ୍ରୀୟ ଶିକ୍ଷା ସଚିବ ଆଚାର୍ଯ୍ୟ ପ୍ରିୟକୃଷ୍ଣନନ୍ଦ ଅବଧୂତ, ରାଜ୍ୟ ସମିତି ସଭାପତି କୈଳାସ ଷଡ଼ଙ୍ଗୀ ସୂଚନା ଦେଇଥିଲେ।



ଆନନ୍ଦ ମାର୍ଗ ଧର୍ମ ମହାସମ୍ମିଳନୀ ଉଦ୍‌ଘାଟନ ଉତ୍ସବର ମଞ୍ଚାସୀନ ଅତିଥି ।

### ଇଂ. ଗୋପାଳକୃଷ୍ଣ ବେହେରାଙ୍କ ଜୟନ୍ତୀ

କଟକ,(କାର୍ତ୍ତିକ ସାହୁ): ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ପୂର୍ତ୍ତ ସଚିବ ତଥା ସାମାଜିକ କର୍ମୀ ଇଂ. ଗୋପାଳକୃଷ୍ଣ ବେହେରାଙ୍କ ଜୟନ୍ତୀ ମହାନଦୀ ବିହାରଠାରେ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ସମ୍ପାଦକ ଇଂ. ଆଲୋକ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ. ପ୍ରମୋଦ କୁମାର ନାୟକ, ଇଂ. ଦେବୀ ପ୍ରସାଦ ନନ୍ଦ, ସୁଜିତାଭ ଶତପଥୀ, ମାନବେଶ ରାୟ, ରମାକାନ୍ତ ଲେଙ୍କା, ଅନିଲ ନାୟକ, ହିମାଂଶୁ ଷଡ଼ଙ୍ଗୀ, ଗୁରୁ ପ୍ରସାଦ ପଣ୍ଡା, ସୁଧୀର କୁମାର ସାମନ୍ତରାୟ, ରମଣୀ ରଞ୍ଜନ ଦାସ, ଜନ୍ମେଜୟ ପାତ୍ର, ପ୍ରକାଶ ଚନ୍ଦ୍ର ମୁଦୁଲି, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଇଂ. ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ଆକାଶ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

ଚୌଦ୍ୱାର,୩୦।୯(ଆଶୁତୋଷ ଦାସ)

ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମହିସାଲଣ୍ଡା ପଞ୍ଚାୟତ ମାଛପଙ୍ଗୀ ଗ୍ରାମର ମଙ୍ଗୁ ବେହେରା। ତାଙ୍କ ନିକଟରୁ ୧୭,୫୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଭାରତ ଫାଇନାନ୍ସ ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ସୁଜୋସ୍ନା ଦାସ ବୁଧବାର ଗ୍ରାମାଞ୍ଚଳର ହିତାଧିକାରୀଙ୍କଠାରୁ ମୋଟ ୭୬,୨୦୦ ଋଣ ଟଙ୍କା ଆଦାୟ କରି ଅଫିସକୁ ଫେରୁଥିଲେ। ଏହି ସମୟରେ ଗହଣ୍ଡା ଗ୍ରାମ ନିକଟରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହିତ ତାଙ୍କଠାରୁ ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୭୮/୨୩) ରୁଜୁ କରିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କଟକ ସଦର,୩୦।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ତଇଲିପଡ଼ା ଗ୍ରାମର ସନ୍ତୋଷ ମହାପାତ୍ର(୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶନିବାର ସକାଳେ ତାଙ୍କ ଘରଠାରୁ କିଛି ଦୂରରେ ମୃତଦେହ ପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ରାତିରେ ସନ୍ତୋଷ ପରିବାରର ଅନ୍ୟ ସଦସ୍ୟଙ୍କ ସହ ଖାଇବା ପରେ ଶୋଇବା ପାଇଁ ଯାଇଥିଲେ। ପରିବାର ସଦସ୍ୟ ଶୋଇଥିବାବେଳେ ସନ୍ତୋଷ କାହାକୁ କିଛି ନ ଜଣାଇ ବାହାରକୁ ପଳାଇଥିଲେ। ଶନିବାର ସକାଳେ ସେ ଘରେ ନ ଥିବା ପରିବାର ଲୋକେ ଦେଖିଥିଲେ। ଖୋଜାଖୋଜି କରିବାବେଳେ ସନ୍ତୋଷଙ୍କ ମୃତଦେହ ଘରଠାରୁ କିଛି ଦୂରରେ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

### ଚେକ୍ ବାଉନ୍ସ ମାମଲା, ଯୁବକ ଗିରଫ

ଫୁଲନଖରା,୩୦।୯
(ସତ୍ୟରଞ୍ଜନ ଦାସମହାପାତ୍ର)

ଚେକ୍ ବାଉନ୍ସ ମାମଲାରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଉତ୍ତମାପୁର ଗ୍ରାମର ସୁମିତ୍ କୁମାର ଦାସ। ପୋଲିସ ସୂତ୍ରରୁ ପ୍ରକାଶ, କଟକ ବିଡାନାସୀ ଅଞ୍ଚଳର ଅବନୀ ସାମଲ ରିଲାଏନ୍ସ ସପ୍ଲାୟର ଶପ୍‌ରେ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। କିଛିଦିନ ତଳେ ସୁମିତ୍ ଅବନୀଙ୍କୁ ଏକ ଚେକ୍ ଦେଇ ରଡ କିଣିଥିଲେ। ପରେ ଅବନୀ ଚେକ୍‌ଟିକୁ ବ୍ୟାଙ୍କରେ ଡିପୋଜିଟ କରିବାରୁ ତାହା ବାଉନ୍ସ ହୋଇଯାଇଥିଲା। ଏହାପରେ ଅବନୀ ବାଲିକୁଦା ଛକ ନିକଟରେ ସୁମିତ୍‌ଙ୍କୁ ଟଙ୍କା ମାଗିଥିଲେ। ହେଲେ ସୁମିତ୍ ଓ ତାଙ୍କ ସମ୍ପର୍କୀୟ ମିଶି ଅବନୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏନେଇ ଅବନୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୫୯/୨୩)ରୁଜୁକରିଥିଲା।

# ଯୋବ୍ରା ଆନିକଟ ରାସ୍ତାରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

କଟକ,୩୦।୯ (କାର୍ତ୍ତିକ ସାହୁ)


ମହାନଦୀ ବ୍ୟାରେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା ସୁଭାଷ ସଙ୍ଗଠନର କର୍ମକର୍ତ୍ତାମାନେ।

ମରଣଯନ୍ତା ପାଲଟିଥିବା ଯୋବ୍ରା ଆନିକଟ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବା ନେଇ ସୁଭାଷ ସଙ୍ଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ସଙ୍ଗଠନର କର୍ମକର୍ତ୍ତାମାନେ ଷ୍ଟ୍ରିଟ୍ ଲାଇଟ୍ ମରାମତି ବାବଦରେ ମହାନଦୀ ବ୍ୟାରେଜ ଡିଭିଜନକୁ ଯାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଲଲାଟେନ୍ଦୁ ଜେନାଙ୍କ ସହ ଶନିବାର ଆଲୋଚନା କରିଥିଲେ।

ସୂଚନା ଅନୁସାରେ, ଯୋବ୍ରା ଆନିକଟ ବ୍ରିଜ୍ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡିଛି। ସେହିପରି ରାସ୍ତା ମରାମତି ନ ହେବାରୁ ଖାଲଖମା ସୃଷ୍ଟି ହୋଇଛି। ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ଓ ରାସ୍ତା ମରାମତି ଦାବିରେ ସୁଭାଷ ସଙ୍ଗଠନ ପକ୍ଷରୁ ଗତ ଅଗଷ୍ଟ ୨୯ ତାରିଖରେ କଟକ ଗଣ୍ଡରପୁରସ୍ଥିତ ମହାନଦୀ ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେତେବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେନା ୧୫ ଦିନ ମଧ୍ୟରେ ସମସ୍ତ ଷ୍ଟ୍ରିଟ ଲାଇଟ୍ ମରାମତି ସହ ୧ ମାସ ମଧ୍ୟରେ ବ୍ୟାରେଜ୍ ରାସ୍ତା ସମ୍ପୂର୍ଣ୍ଣ ମରାମତି କରାଯିବ ବୋଲି କହିଥିଲେ। ହେଲେ ଇତିମଧ୍ୟରେ ୧ ମାସ ବିତିଯାଇଥିଲେ ବି ରାସ୍ତା ଓ ଷ୍ଟ୍ରିଟ୍‌ଲାଇଟ୍ ମରାମତି କରାଯାଇ ନାହିଁ। ଫଳରେ ସଙ୍ଗଠନର କର୍ମକର୍ତ୍ତାମାନେ ପୁନର୍ବାର ମହାନଦୀ ବ୍ୟାରେଜ ଡିଭିଜନକୁ ଯାଇ ଏହାର ଉତ୍ତର ଚାହିଁଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସମସ୍ତ ଷ୍ଟ୍ରିଟ ଲାଇଟ୍ କାର୍ଯ୍ୟକ୍ଷମ ହେବ ବୋଲି ଜେନା କହିଛନ୍ତି। ଏଥିସହ ଆନିକଟ୍ ରାସ୍ତା ମରାମତି କାର୍ଯ୍ୟର ୱାର୍କ ଅର୍ଡର ପାଇଁ ଟେଣ୍ଡର ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦଶହରାକୁ ଦୃଷ୍ଟିରେ ରଖି ରାସ୍ତାରେ ଥିବା ବଡ଼ ଖାଲ ମରାମତି ପାଇଁ ଉଦ୍ୟମ କରାଯିବ। ଅକ୍ଟୋବର ଶେଷ ସୁଦ୍ଧା ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜେନା କହିଛନ୍ତି। ଆଲୋଚନାବେଳେ ସଙ୍ଗଠନର ସଭାପତି ଆଶୁତୋଷ ଦାସ, ଗୁରୁ ପ୍ରସାଦ ସାହୁ, ସୁରେଶ ମହାନ୍ତି, ଜଗମୋହନ ଜେନା, ଅଭିଷେକ ନନ୍ଦ, ସୌମ୍ୟରଞ୍ଜନ ପଣ୍ଡା, ଉମାଶଙ୍କର ସାମଲ ଓ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅନୁଷ୍ଠିତ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଡିଜିଟାଲ ସାକ୍ଷରତା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୩୦।୯(ଆଶୁତୋଷ ଦାସ)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍) ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତରେ ଏକ ଡିଜିଟାଲ ସାକ୍ଷରତା ପ୍ରଶିକ୍ଷଣ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଆଇପିଏଫ୍‌ର ସିଇଓ ଶୈଫାଳିକା ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଜନ ଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶିକା ଅନୀମା ଦାସ, ବିଆଇପିଏଫ୍‌ର ଉପସଭାପତି ଧର୍ମେଶ ଗୋହେଲ, ଇମ୍ଫାର ଡିଜିଏମ୍ ଧ୍ରୁବଚରଣ ରାଉତ, ଫାଉଣ୍ଡେଶନ ଅଧିକାରୀ ଆଶିଷ ଦାସ, ଜିଲା ପରିଷଦ ସଦସ୍ୟ ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ କୁମାର ଭୋଇ, ସମିତି ସଭ୍ୟ ସୁରେନ୍ଦ୍ର କୁମାର ସାମଲ, ସାମାଜିକ କର୍ମୀ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଯୋଗଦେଇଥିଲେ। ସେହିପରି ବ୍ରହ୍ମପୁର ପଞ୍ଚାୟତରେ ମଧ୍ୟ ଏକ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ଦୁଇଟି କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳର ଯୁବତୀଯୁବକଙ୍କୁ କମ୍ପ୍ୟୁଟର ଓ ଡିଜିଟାଲ ସିଷ୍ଟମ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ ସ୍ୱାବଲମ୍ବୀ କରିବା ପାଇଁ ବିଆଇପିଏଫ୍ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ସିଇଓ ପଣ୍ଡା ସୂଚନା ଦେଇଥିଲେ। ଇମ୍ଫାର ଚନ୍ଦ୍ରଶେଖର ମହାପାତ୍ର, ଶୁଭଶ୍ରୀ ନାୟକ, ପିଙ୍କି ସାହୁ, ଅର୍ଚ୍ଚନା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

କଟକ ସଦର,୩୦।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତର ଥୋରିଆପଡାଠାରେ କଂଗ୍ରେସର ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା କୈଳାସ ପରିଡ଼ାଙ୍କ ଅନୁମୋଦନକ୍ରମେ ସୋମପୁର ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ଦେବେନ୍ଦ୍ର ନାଥ ସ୍ୱାଇଁ, ଉପ ସଭାପତି ଅଫ୍‌ସର୍ ଅଲ୍ଲୀ, ମହମ୍ମଦ ଜାହିଦ୍ ଅଲ୍ଲୀ ଏବଂ ସାଧାରଣ ସମ୍ପାଦକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ, ବରିଷ୍ଠ କଂଗ୍ରେସ ନେତା ବଂଶୀଧର ସାହୁ, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ପୂର୍ବତନ ଜିଲାପରିଷଦ ସଭ୍ୟ ବୈକୁଣ୍ଠ ମଲ୍ଲିକ, ସେକ୍ ନୁର୍ ମହମ୍ମଦ, ତାଜମୁଲ ଶେଖ୍, କଲିମ ଉଦ୍ଦିନ, ସେକ୍ ଅଲିମ, ନାଜମେର ହୁସେନ ଖାଁ, ମହମ୍ମଦ ଆଶ୍ରଫ ଅଲ୍ଲୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଆଲ୍‌ମାସ୍ ରାଗିସ ଧନ୍ୟବାଦ ଦେଇଥିଲେ।

## ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ଥିଲେ ପୋଥିପୁରୁଷ



କଟକ,୩୦।୯ (କାର୍ତ୍ତିକ ସାହୁ)

ପ୍ରାଚୀନ ଓଡ଼ିଆ ସାହିତ୍ୟର ଲବ୍ଧ ପ୍ରତିଷ୍ଠିତ ଗବେଷକ ପ୍ରଫେସର ପଦ୍ମଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ପୋଥିପୁରୁଷ ଥିଲେ। ରେଭେନ୍‌ଶା କଲେଜ ଓଡ଼ିଆ ବିଭାଗର ପ୍ରଫେସର ଭାବେ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ। ପ୍ରଫେସର ଆର୍ତ୍ତବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ସତୀଚୌରାସ୍ଥିତ ତାଙ୍କ ସମାଧି ପୀଠ ନିକଟରେ ଶନିବାର ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୌର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉପ ସଭାପତି ଡ. ବାବାଜୀ ଚରଣ ପଟ୍ଟନାୟକ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ପ୍ରସେନ୍‌ଜିତ ମହାନ୍ତି, ମୀରା ବେଉରା ଓ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ହତ୍ୟା ମାମଲା, ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

**କଟକ,୩୦।୯(କାର୍ତ୍ତିକ ସାହୁ):** ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଘଟିଥିବା ହତ୍ୟା ମାମଲାରେ ଅଭିଯୁକ୍ତ ପ୍ରଭାତ କୁମାର ମହାରଣାଙ୍କୁ କଟକ ଜିଲା ଓ ଦୌରାଜଜ୍ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ନିଶ୍ଚିନ୍ତକୋଇଲି ଥାନା ଅଧୀନ ନଟକାଇ (ଏକରଖି) ଗ୍ରାମର ପ୍ରିୟଦର୍ଶିନୀ ପଣ୍ଡା ୨୦୧୬ ମେ' ୯ ତାରିଖ ସନ୍ଧ୍ୟା ୭ଟାରେ ତାଙ୍କ ପୁଅକୁ ପଡ଼ୋଶୀ ଘରେ ଛାଡ଼ି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ପ୍ରଭାତ ମନ୍ଦ ଉଦ୍ଦେଶ୍ୟ ରଖି ପ୍ରିୟଦର୍ଶିନୀଙ୍କ ତଣ୍ଟି ଓ ବିଭିନ୍ନ ଅଙ୍ଗକୁ ଏକ ଧାରୁଆ ଛୁରିରେ କାଟି ଫେରାର୍ ହୋଇଯାଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏତଲାକାରୀ ବିଚିତ୍ରାନନ୍ଦ ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ କୋର୍ଟରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। କଟକର ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ହୋଇ ଶନିବାର ରାୟ ପ୍ରକାଶ ପାଇଛି।

## ଏନ୍‌ଏସ୍‌ଏସ୍ ଦିବସ ପାଳିତ

ଚୌଦ୍ୱାର,୩୦।୯(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ଯୁକ୍ତ୨ ମହିଳା ବିଭାଗ ପକ୍ଷରୁ ଏନ୍‌ଏସ୍‌ଏସ୍ ଦିବସ ଶନିବାର ପାଳିତ ହୋଇଯାଇଛି। ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ କଲେଜ ପରିସର ସଫେଇ କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସସ୍ମିତା କର ଓ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ଧଳ ଯୋଗଦେଇ ଜୀବନରେ ସେବାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ତନୁଶ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ସମ୍ପର୍କିତ ନୃତ୍ୟ ଓ ସଙ୍ଗୀତ ପରବେଷିତ ହୋଇଥିଲା।

## ଆଇଏଏସ୍ ପାର୍ଥସାରଥି ମିଶ୍ରଙ୍କୁ ଆନ୍ତର୍ଜାତିକ ସମ୍ମାନ



ଆଇଏଏସ୍ ପାର୍ଥସାରଥି ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

କଟକ,୩୦।୯ (କାର୍ତ୍ତିକ ସାହୁ)

ଏସିଆ ପାସିଫିକ ହ୍ୟୁମାନ ରିସୋର୍ସ ଡେଭଲପମେଣ୍ଟ କଂଗ୍ରେସରେ ବରିଷ୍ଠ ଆଇଏଏସ୍ ଡ. ପାର୍ଥସାରଥି ମିଶ୍ର ପୁରସ୍କୃତ ହୋଇଛନ୍ତି। ବେଙ୍ଗାଲୁରୁଠାରେ ଆୟୋଜିତ ଏହି ଉତ୍ସବରେ ଡ. ମିଶ୍ରଙ୍କୁ ଏକ୍‌ଜେମ୍ପ୍ଲେରି ଲିଡର ଇଣ୍ଟରନ୍ୟାଶନାଲ ଆୱାର୍ଡ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଡ. ମିଶ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଦୀର୍ଘବର୍ଷ କାମ କରିବାର ବହୁ ଅଭିଜ୍ଞତା ହାସଲ କରିସାରିଛନ୍ତି। ସେ ସମ୍ମାନିତ ହେବା ପରେ ପ୍ରଶଂସକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଗାନ୍ଧିଜୀଙ୍କ ନୀତି ଯୁବପିଢ଼ିକୁ ଅନୁପ୍ରାଣିତ କରିବ'

କଟକ,୩୦।୯ (କାର୍ତ୍ତିକ ସାହୁ)



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଛାତ୍ରୀଛାତ୍ରମାନେ ଚଳଚ୍ଚିତ୍ର ଦେଖୁଛନ୍ତି।

**କଳାବିକାଶ କେନ୍ଦ୍ରରେ ଚଳଚ୍ଚିତ୍ର ପ୍ରଦର୍ଶନୀ**

କଟକ ଜିଲା ସଂସ୍କୃତି କାର୍ଯ୍ୟାଳୟ ଓ ମୁମ୍ବାଇସ୍ଥିତ ଇଣ୍ଡିଆନ ଇନଫୋଟେନ୍‌ମେଣ୍ଟ ମିଡିଆ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳାବିକାଶ କେନ୍ଦ୍ରଠାରେ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଆଧାରିତ ଚଳଚ୍ଚିତ୍ର 'ଗାନ୍ଧୀ ପାନୋରାମା' ଶନିବାର ପ୍ରଦର୍ଶିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ପାଳନର ଅବ୍ୟବହିତ ପୂର୍ବରୁ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଚଳଚ୍ଚିତ୍ର ପ୍ରଦର୍ଶନୀକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି କହିଥିଲେ, ସବୁ ସ୍ତରର, ସବୁ ବର୍ଗର, ସବୁ ବୟସର ବ୍ୟକ୍ତିଙ୍କ ଜୀବନରେ ଗାନ୍ଧିଜୀଙ୍କ ବାଣୀ ଓ ଜୀବନାଦର୍ଶର ମହତ୍ତ୍ୱ ରହିଛି। ଗାନ୍ଧିଜୀଙ୍କ ଜୀବନଯାତ୍ରା ଓ ନୀତିଗତ ଆଦର୍ଶ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହି ଚଳଚ୍ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଗାନ୍ଧିଜୀଙ୍କ ଆଦର୍ଶକୁ ନେଇ ଏଭଳି ଚଳଚ୍ଚିତ୍ର ପ୍ରଦର୍ଶନ ଏକ ସମୟୋଚିତ ପଦକ୍ଷେପ ଓ ଏହା ଯୁବପିଢ଼ିକୁ ଅନୁପ୍ରାଣିତ କରିବ। ଗାନ୍ଧିଜୀଙ୍କ ବାଣୀକୁ ନିଜ ଜୀବନରେ ଉପଯୋଗ କରି ଉନ୍ନତି ପଥରେ ଅଗ୍ରସର ହେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

ଦେଶରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନ କରୁଥିବା ଇଣ୍ଡିଆନ ଇନଫୋଟେନ୍‌ମେଣ୍ଟ ମିଡିଆ କର୍ପୋରେଶନର ପ୍ରତିଷ୍ଠାତା ଅଧକ୍ଷ ଦେବେନ୍ଦ୍ର ଖଣ୍ଡେଲୱାଲ ଏହି ଚଳଚ୍ଚିତ୍ର ପ୍ରଦର୍ଶନୀକୁ ପ୍ରଶଂସା କରିଥିଲେ। ଏହି ଅବସରରେ କର୍ପୋରେଶନର ସଚିବ କେତକୀ କାପାଡ଼ିଆ ଉପସ୍ଥିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, କଳାବିକାଶ କେନ୍ଦ୍ରର ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ଓ ସମ୍ପାଦକ ପ୍ରସେନଜିତ୍ ମହାନ୍ତି ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଏବଂ ବରିଷ୍ଠ ନାଗରିକମାନେ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ। ଏଠାରେ 'ବାପୁ ନେ କହା ଥା', 'କ୍ଷମା', 'ଆପନି ଗନ୍ଦଗି ହମ୍ ସାଫ୍ ନହିଁ କରେଙ୍ଗେ ତୋ କୌନ୍ କରେଗା ମହାତ୍ମା ଗାନ୍ଧୀ', 'ଲଗେ ରହୋ ମୁନ୍ନା ଭାଇ' ଆଦି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।


କଟକସ୍ଥିତ ସଂଗ୍ରାମ ସିନେମା ହଲ୍‌ରେ ପ୍ରଦର୍ଶିତ ଚଳଚ୍ଚିତ୍ର 'ପୁଷ୍କରା' ଦେଖିବାକୁ ଆସିଥିବା କର୍କଟ ଯୋଦ୍ଧା ଓ ତାଙ୍କ ପରିବାର ଲୋକଙ୍କ ଗହଣରେ ଅଭିନେତା ସବ୍ୟସାଚୀ ମିଶ୍ର।


କଟକ ଜିଲା ଟାଙ୍ଗୀସ୍ଥିତ ତ୍ରିମ୍ବ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିର।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ବିପ୍ଳବେନ୍ଦୁ



@ ସୁଜିତ୍



@ ସଲିମ୍



@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଥାନା ଅଧିକାରୀଙ୍କୁ ଲକ୍ଷେ ଟଙ୍କା ଜରିମାନା

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)

ଜଣେ ଅଭିଯୁକ୍ତଙ୍କୁ ବେଆଇନ୍ ଭାବେ ୨୦ଦିନ ଥାନାରେ ଅଟକ ରଖିଥିବା ଅଭିଯୋଗରେ ସମ୍ପୃକ୍ତ ଥାନା ଅଧିକାରୀଙ୍କ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଏସ୍. ତାଳପତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଲକ୍ଷେ ଟଙ୍କା ଜରିମାନା କରିଛନ୍ତି। ଦେଶର ଆପରାଧିକ ଆଇନ୍ ସଂହିତା ୧୬୭(କ) ଅନୁଯାୟୀ ଯଦି ଜଣେ ବ୍ୟକ୍ତିଙ୍କୁ କୌଣସି ଅଭିଯୋଗରେ ଗିରଫ କରାଯାଏ, ତେବେ ତାଙ୍କୁ ୨୪ଘଣ୍ଟା ମଧ୍ୟରେ ନିକଟସ୍ଥ ଅଦାଲତରେ ହାଜର କରିବା କଥା। ହେଲେ ଏଠାରେ ୨୦ ଦିନ କିପରି ଅଟକ ରଖାଗଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି।

### ଅଭିଯୁକ୍ତଙ୍କୁ ବେଆଇନ୍ ଭାବେ ୨୦ଦିନ ଅଟକ ଘଟଣା

ପ୍ରକାଶ ଯେ, ୧୦।୧୦।୨୦୨୦ରିଖରେ ପୁରୀ ବାସେଳିସାହିସ୍ଥିତ ଥାନାଧିକାରୀ ଜୀବନାନନ୍ଦ ଜେନା ଖୋର୍ଦ୍ଧା ଗୋପୀନାଥ ସାହିର ସ୍ନେହଲତା ପ୍ରଧାନଙ୍କୁ ଏକ ମାମଲାରେ ଗିରଫ କରିଥିଲେ। ଗିରଫ କରିବାର ୨୪ଘଣ୍ଟା ମଧ୍ୟରେ ନିୟମାନୁଯାୟୀ କୋର୍ଟକୁ ଚାଲାଣ କରାଯିବାର ବ୍ୟବସ୍ଥା ଥିବା ସତ୍ତ୍ୱେ କାଗଜ ପତ୍ରରେ ଗିରଫ ନ ଦର୍ଶାଇ ୨୦ଦିନରୁ ଅଧିକ ସମୟ ଧରି ଅଟକ ରଖିଥିଲେ। ଏପରି କି ତାଙ୍କୁ ଥାନା ହାଜତରେ ନିର୍ଯାତନା ଦେଇଥିଲେ। ପରେ ତାଙ୍କୁ ସାକ୍ଷୀଗୋପାଳ ଥାନା ଅଧିକାରୀଙ୍କ ମାଧ୍ୟମରେ ୩୧।୧୦।୨୦୨୦ରେ କୋର୍ଟ ଚାଲାଣ କରିଥିଲେ। ଉପରୋକ୍ତ ବେଆଇନ୍ ଅଟକକୁ ବିରୋଧକରି ସ୍ନେହଲତାଙ୍କ ସ୍ୱାମୀ ବୃନ୍ଦାବନ ପ୍ରଧାନ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏପରି କି ସେ ରାଜ୍ୟ ମାନବାଧିକାର ଆୟୋଗ ଓ ଖୋର୍ଦ୍ଧା ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମଧ୍ୟ ଆବେଦନ କରିଥିଲେ। ଉପରୋକ୍ତ ଘଟଣା ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ୧୧।୭।୨୦୨୨ରେ ଆଇଜି ପୋଲିସ୍, ଓଡ଼ିଶାଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଏବଂ ଆବେଦନକାରୀଙ୍କ ଓକିଲ ରୋହିତ ରଞ୍ଜନ ରାୟଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ପୁରୀ ବାସେଳିସାହି ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଜୀବନାନନ୍ଦଙ୍କୁ ବେଆଇନ୍‌ଭାବେ ଅଟକ ରଖିଥିବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରି ୬ ମାସ ମଧ୍ୟରେ ରାୟ ଶୁଣାଇବା ପାଇଁ ମଧ୍ୟ ଆଦେଶ ଦେଇଛନ୍ତି। ତତ୍‌ସହିତ ପୀଡ଼ିତାଙ୍କ ସହ ହାଜତ ମଧ୍ୟରେ କରିଥିବା ଆଘାତକୁ ନଜରରେ ରଖି ଏକ ଲକ୍ଷ ଟଙ୍କାର କ୍ଷତିପୂରଣ ତିନି ମାସ ମଧ୍ୟରେ ଦେବା ପାଇଁ ଉକ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଜାତୀୟ ମାନବାଧିକାର କମିଶନର ଦେଇଥିବା ନିର୍ଦ୍ଦେଶନାମା 'ହେପାଜତରେ ଥିବାବେଳେ ମାନବାଧିକାରର ଶୂନ୍ୟ ସହନଶୀଳତା' ଓଡ଼ିଶା ପୋଲିସ ଅନୁକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




ଆୟୁଷ୍ମାନ ଭବ ଅଭିଯାନ ଅନ୍ତର୍ଗତ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆଜି ସାରା ଦେଶରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ସଚେତନତା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

# ଲଘୁଚାପ ସକ୍ରିୟ, ବର୍ଷା ଆରମ୍ଭ

ଭୁବନେଶ୍ୱର, ୩୦।୯(ଅସମାପିକା ସାହୁ)

ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପୂର୍ବ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଶନିବାର ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଘନୀଭୂତ ହୋଇ ଏକ ସୁଦୃଢ଼ ଲଘୁଚାପରେ ପରିଣତ ହୋଇଛି। ଏହା ଆଗାମୀ ୨୪ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳ ମୁହାଁ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ସକ୍ରିୟ ହାଇଥିବାରୁ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ସୂଚାନ ଦିଆଯାଇଛି। ତେବେ କେତେକ ଜିଲାରେ ଦୁଇଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତଳିଆ ଅଞ୍ଚଳରେ ପାଣି ଜମିବା ଓ ମାଟିଘର ଭାଙ୍ଗିବା ଆଶଙ୍କା ରହିଥିବାରୁ ପାଣିପାଗ କେନ୍ଦ୍ର ସତର୍କ କରିଛି। ସୂଚନାନୁସାରେ, ରବିବାର ବଲାଙ୍ଗୀର, ବରଗଡ଼, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କଟକ, ଯାଜପୁର, ନୟାଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର ୮ ଜିଲାରେ ଅତି ପ୍ରବଳ ଓ ୧୧ ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ମଙ୍ଗଳବାର ୧୨ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

# ଭିଜିଲାନ୍ସ ଜାଲରେ ପ୍ରଥମ ବାଟାଲିୟନ୍ କମାଣ୍ଡାଣ୍ଟ

କଟକ,୩୦।୯ (କାର୍ତ୍ତିକ ସାହୁ)

### ଏକକାଳୀନ ୫ ସ୍ଥାନରେ ଚଢ଼ାଉ

ଢେଙ୍କାନାଳସ୍ଥିତ ଓଏସ୍‌ଏପି ପ୍ରଥମ ବାଟାଲିୟନର କମାଣ୍ଡାଣ୍ଟ ସୁନୀଲ କୁମାର ବେହେରା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ଢେଙ୍କାନାଳରୁ କଟକସ୍ଥିତ ତାଙ୍କ ବାସଭବନକୁ ସରକାରୀ ଗାଡ଼ିରେ ଆସୁଥିବାବେଳେ ସିଡିଏ ସେକ୍ଟର-୧୧ ଅନ୍ତର୍ଗତ ମଧୁସୂଦନ ସେତୁ ନିକଟରେ ଶନିବାର ରାତି ପ୍ରାୟ ୧୦ଟାରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୧,୩୧,୫୩୫ ଟଙ୍କା ଜବତ ହୋଇଛି ଯାହା ଲାଞ୍ଚ ଅର୍ଥ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି। ଜବତ ଟଙ୍କା ବାବଦରେ ବେହେରା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନାହାନ୍ତି। ଏଥିସହ କଟକସ୍ଥିତ ତାଙ୍କ ବାସଭବନରେ ତଲାସୀ ପରେ ୮,୭୦,୦୦୦ ଟଙ୍କା ଭିଜିଲାନ୍ସ ଜବତ କରିଛି। ତେବେ ଏକକାଳୀନ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। କମାଣ୍ଡାଣ୍ଟ ବେହେରାଙ୍କୁ ଅର୍ଥ ଆସିବାର ଉତ୍ସ ସମ୍ପର୍କରେ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ସୂଚନା ଦେଇଛି।

In Loving Memory
of
Our beloved HOMI
We mourned by your sudden demise on 20th Sept. 2023.
Your 14 years long dedicated selfless service and unconditional love will be always remembered forever.
Bereaved: All family members of RK & Bidulata Mahapatra
A-94, Saheed Nagar, Bhubaneswar



# ଡବ୍ଲ୍ୟୁଇଓଙ୍କୁ ୪ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ବାରିପଦା, ୩୦।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ଲାଞ୍ଚ ମାମଲାରେ ରାୟ

ଇଣ୍ଟର କାଷ୍ଟ ବିବାହ ସମ୍ପର୍କିତ ଏକ ରିପୋର୍ଟ ଦାଖଲ ପାଇଁ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶନିବାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପୂର୍ବତନ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ଲୁଦାସିନୀ ନାୟକଙ୍କୁ ୪ ବର୍ଷ ଜେଲଦଣ୍ଡ ହୋଇଛି। ଦୋଷୀ ସାବ୍ୟସ୍ତ ଲୁଦାସିନୀ ବର୍ତ୍ତମାନ ମୟୂରଭଞ୍ଜ ଜିଲା ବାଦାମପାହାଡରେ ଡବ୍ଲ୍ୟୁଇଓ ଭାବେ କାର୍ଯ୍ୟ କରୁଛନ୍ତି। ଜେଲଦଣ୍ଡ ସହ ଲୁଦାସିନୀଙ୍କୁ ୧୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ଦୁଇମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହି ଦଣ୍ଡାଦେଶ ରାୟକୁ ଆଧାର କରି ଲୁଦାସିନୀଙ୍କୁ ଚାକିରିରୁ ବହିଷ୍କାର କରିବାକୁ କମ୍ପିଟେଣ୍ଟ ଅଥୋରିଟିଙ୍କୁ ଭିଜିଲାନ୍ସ ପକ୍ଷରୁ ସୁପାରିସ କରାଯାଇଛି। ସୂଚନାନୁସାରେ, ଲୁଦାସିନୀ ନୟାଗଡ଼ରେ କାର୍ଯ୍ୟ କରୁଥିବାବେଳେ ଆନ୍ତଃ ଜାତି ବିବାହ ସମ୍ପର୍କିତ ଘଟଣାର ତଦନ୍ତ କରି ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ)ଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ୨୦୧୪ରେ ଅଭିଯୋଗକାରୀ ପ୍ରତାପ ସେଠୀଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗ ହେବା ପରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଗ୍ରହଣ ସମୟରେ ତାଙ୍କୁ ଗିରଫ କରିଥିଲା। ପରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭ /୨୦୧୪) ରୁଜୁ କରାଯାଇ ଲୁଦାସିନୀଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

### କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍

# ୧୦ ମାମଲାରେ ୨୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୩୦।୯ (ସୂର୍ଯ୍ୟକାନ୍ତ ବେହେରା)

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ କାର୍ଯ୍ୟ କରିବା ପରଠାରୁ ଏଯାଏ ୧୦ ମାମଲା ରୁଜୁ କରାଯାଇ ୨୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ଅଧିକ ଜମି, ଚାକିରି ଓ ନିଶା ଆଦି ରହିଛି। ଅଭିଯୁକ୍ତଙ୍କଠାରୁ ୪୫ ଲକ୍ଷ ଟଙ୍କାର ବ୍ରାଉନସୁଗାର, ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଓ ନଗଦ ୫ଲକ୍ଷ ୪୭ ହଜାର ଟଙ୍କା ଜବତ ହୋଇଛି। ଉଲ୍ଲେଖଯୋଗ୍ୟ, କମିଶନରେଟ୍ ପୋଲିସରେ ସ୍ପେଶାଲ କ୍ରାଇମ ୟୁନିଟ୍ ଗତ ମେ' ୧୦ରୁ ସ୍ୱତନ୍ତ୍ର ଥାନା ଭାବେ କାର୍ଯ୍ୟ କରୁଛି।

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆରଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୭)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁସି, ହଳଦିପାଲି ସୋହେଲା (ଓଡ଼ିଶା) ପରିସରରୁ ବିଦ୍ୟମାନ କନଗାଁଓ ୧୧ କେଭି ଫିଡର୍ ଲାଇନ୍‌ର ସ୍ଥାନାନ୍ତରଣ ଏବଂ ବିଦ୍ୟମାନ ଗ୍ରିଞ୍ଜେଲ ୧୧ କେଭି ଫିଡର୍ ଲାଇନ୍ ଓ ଏଲ୍‌ଟି ଲାଇନ୍‌ର ସ୍ଥାନାନ୍ତରଣ। | ୨୧.୫୮ | ୦୫।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ।
ନିର୍ବାହୀ ଯନ୍ତ୍ରୀ

# 'ମଣିଷ ସନ୍ତୁଷ୍ଟ ହୋଇଗଲେ ଆଉ ଉଚ୍ଚାଭିଳାଷୀ ହେବେନି'



ଦ୍ୱିତୀୟ 'ଫାଉଣ୍ଡର ମେମୋରିଆଲ୍ ଟକ୍' ଅବସରରେ ସାଇ ଇଣ୍ଟରନ୍ୟାଶନାଲ୍‌ର ଛାତ୍ରୀଛାତ୍ରଙ୍କ ସହ ଲେଖକ ଦେବୀଦତ୍ତ ପଟ୍ଟନାୟକ, ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ଅନ୍ୟମାନେ। (ଫଟୋ- ବିକାଶ ନାୟକ)

### ସାଇ ଇଣ୍ଟରନ୍ୟାଶନାଲ୍‌ରେ ଦ୍ୱିତୀୟ 'ଫାଉଣ୍ଡର ମେମୋରିଆଲ୍ ଟକ୍'

ଭୁବନେଶ୍ୱର,୩୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆମେ ଆମ ବିଚାରଧାରାରେ ବିଜ୍ଞାନ ଓ ବିଶ୍ୱାସ ମଧ୍ୟରେ ପାର୍ଥକ୍ୟ କରୁ। ବିଜ୍ଞାନର ସ୍ତରକୁ ଅଧିକ ଭାବିବାବେଳେ ବିଶ୍ୱାସର ସ୍ତରକୁ କମ୍‌ରେ ରଖୁ। ମାତ୍ର ମଣିଷ ପାଇଁ ଦୁଇଟିର ସମାନ ମୂଲ୍ୟ ରହିଛି। ବିଜ୍ଞାନ ଆମକୁ କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ପ୍ରୋଟିନ୍ ଖାଇବାକୁ କୁହେ। ମାତ୍ର କାର୍ବୋହାଇଡ୍ରେଟ୍‌ରେ ଆମେ ଭାତ ଖାଇବା କି ରୁଟି ଖାଇବା କି ପଖାଳ ଖାଇବା ତାହା ଉପରେ ବିଜ୍ଞାନ ମତ ରଖେ ନାହିଁ। ପଖାଳ ଖାଇବାରେ ଆମର ଖୁସି ହେଉଛି ବିଶ୍ୱାସ। ସେହିପରି ଆମେ ଭୋକକୁ ପ୍ରାଧାନ୍ୟ ଦେବା ବଦଳରେ ଖାଦ୍ୟକୁ ଦିଅନ୍ତି। ଗୋଟେ ଫୁଲ୍ ପ୍ଲେଟ୍ ମିଲ୍ ଖାଇବା ପରେ ବି ରସଗୋଲା ଦେଖିଲେ ଆମକୁ ପୁଣି ଭୋକଲାଗେ। ତେଣୁ ଏସବୁରେ ସମସ୍ତଙ୍କର ନିଜ ନିଜର ମତ ରହିଛି। ମଣିଷ ସନ୍ତୁଷ୍ଟ ହୋଇଗଲେ ଆଉ ଉଚ୍ଚାଭିଳାଷୀ ହୁଅନ୍ତାନି ବୋଲି ଲେଖକ, କଥାକାର ତଥା ପୌରାଣିକ ବିଶେଷଜ୍ଞ ଦେବୀଦତ୍ତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଶନିବାର ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ଡ. ବିଜୟ କୁମାର ସାହୁଙ୍କ ସ୍ମୃତିରେ ଦ୍ୱିତୀୟ 'ଫାଉଣ୍ଡର ମେମୋରିଆଲ୍ ଟକ୍' ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଟ୍ଟନାୟକ କହିଲେ, ଛାତ୍ରୀଛାତ୍ର ଖୁସି ମନରେ ଯେଉଁ କାର୍ଯ୍ୟ କରନ୍ତି ତାହା ସଫଳ ହୁଏ। ପୁରାଣରେ ମଧ୍ୟ ବର୍ଣ୍ଣିତ ଅଛି, ଖୁସି ମନରେ କରୁଥିବା କାର୍ଯ୍ୟ ସର୍ବଦା ସକାରାତ୍ମକ ଫଳ ଦେଇଥାଏ। ତେଣୁ ପ୍ରତ୍ୟେକ ଅଭିଭାବକ ନିଜର ପିଲାଙ୍କ ପାଇଁ ଏହାକୁ ଅନୁସରଣ କରିବା ଉଚିତ। ଛାତ୍ରୀଛାତ୍ର ଉଚ୍ଚାଭିଳାଷୀ ହେବା ସହ ସଫଳତା ପାଇଁ କଠିନ ପରିଶ୍ରମ କରିବା ଦରକାର ବୋଲି ସେ କହିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡ. ସାହୁଙ୍କ ମଧୁର ସ୍ମୃତିରେ ପ୍ରତିବର୍ଷ ଆୟୋଜିତ ଏହି ମେମୋରିଆଲ୍ ଟକ୍ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବା ସହ ନୂତନ ଓ ବିକଶିତ ଭାରତ ଗଠନରେ ସହାୟକ ହେବ। ସାଇ ଇଣ୍ଟରନ୍ୟାଶନାଲ୍‌ର ସଦସ୍ୟ ବିକ୍ରମ ଆଦିତ୍ୟ ସାହୁ କହିଲେ, ପ୍ରତିଷ୍ଠାତା ସ୍ୱର୍ଗତ ଡ. ସାହୁ ଆମ ପାଇଁ ପ୍ରେରଣାର ଉତ୍ସ ଥିଲେ। ସେ ହଜାର ହଜାର ସାୟୋନିୟରଙ୍କ ହୃଦୟରେ ଅଛନ୍ତି ଏବଂ ଚିରଦିନ ପାଇଁ ରହିବେ ମଧ୍ୟ। ସଙ୍ଗୀତ ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସଙ୍ଗୀତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଡ. ସାହୁଙ୍କ ସ୍ମୃତିରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ସ୍କୁଲ୍‌ର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡର୍ସ କପ୍ ଡିବେଟ୍‌ରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 30-KUR-TRD-OT-2023-24
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ସେଣ୍ଟ୍ରାଲ ସେକ୍ସନରେ 07 ଗୋଟି ଷ୍ଟେସନ (ଲିଙ୍ଗରାଜ ଟେମ୍ପଲ ରୋଡ୍, ମଞ୍ଚେଶ୍ୱର, ଅନୁଗୁଳ, ଢେଙ୍କାନାଳ, ତାଳଚେର ରୋଡ୍, ମେରାମଣ୍ଡଳୀ, କେନ୍ଦୁଝରଗଡ଼ ରୋଡ୍) ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।
ବିଜ୍ଞାପିତ ମୂଲ୍ୟ (₹) : 1,55,92,123.27, EMD (₹) : 2,28,000.00, ଶେଷ ହେବା ଅବଧି : 180 ଦିନ।
ବିଡ୍ ଆରମ୍ଭ ହେବା ତାରିଖ : ତା.03.10.2023 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.10.2023 ରିଖ 1300 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/O/23-24

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2250
**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**
Tender Call Notice No.- BBSR/ELECT-II/E-146/23-24/2865 Date: 26.09.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work :- Supply, Delivery, Installation, Testing and Commissioning of 4 Nos. of 50 KVA DG Sets and 1 No. of 180 KVA DG Set at Government College of Engineering, Keonjhar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/e-12/23-24 | 03.10.2023 at 12.00 Hrs. | 10.10.2023 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect-II) IDCO, Bhubaneswar
OIPR-14003/11/0226/2324

**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**
No.O-1163
Phone-0674-2540742, Email- se_ccrw@yahoo.co.in
No. 4836/Date.29.09.2023
**"e" Procurement Notice for Road Works**

| | | | |
|---|---|---|---|
| 1. | Name of the Work | : | Road Works under Periodical renewal work of 5 years post DLP PMGSY roads for the financial year 2023-24 under incentive grant received from GoI. |
| 2. | Total No. of Packages | : | 1 No. of Package |
| 3. | Estimated Cost of the Package | : | Rs.91.56 lakh |
| 4. | Class of Contractor | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | B Class (of Odisha PWD) or relevant class of other licensing authorities |
| 5. | Period of Completion | : | As mentioned in Column-8 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of tender On-line for bidding | | Seeking Clarification of tender | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender- Online- C.C.- 40 of 2023 | 03.10.2023 at 11.00 A.M. | 17.10.2023 up to 5.00 P.M. | 16.10.2023 Upto 5.00 PM | 18.10.2023 at 11.00 PM | To be intimated later on |

Further details can be seen from the website: www.tendersodisha.gov.in
OIPR-25082/11/0030/2324 Sd./- Chief Construction Engineer, Central Rural Works Circle, Bhubaneswar

# କପେ କଫି ଆଣେ ଫୂର୍ତ୍ତି

କପେ କଫି ପିଇବା ଦ୍ୱାରା ମନରେ ଫୂର୍ତ୍ତି ଆସିଥାଏ। ତେଣୁ ଲୋକେ କଫି ପିଇବାକୁ ପସନ୍ଦ କରିଥା'ନ୍ତି। କଫିର ଇତିହାସ ବହୁ ପୁରୁଣା। ପ୍ରଥମେ ୧୬୫୧ ମସିହାରେ ବ୍ରିଟେନ୍‌ରେ ପ୍ରଥମ କଫି ଦୋକାନ ଖୋଲିଥିଲା। ସେତେବେଳେ ପୁରୁଷମାନେ ଅଧିକ ସଂଖ୍ୟାରେ କଫି ପାନ କରୁଥିଲେ। ମାତ୍ର ସମୟକ୍ରମେ ଏହା ମହିଳାଙ୍କ ମଧ୍ୟରେ ବେଶ୍ ଆଦୃତି ଲାଭ କରିଥିଲା। ଏହା ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇବା ସହିତ ଆର୍ଥିକ ବିକାଶ ପାଇଁ ମଧ୍ୟ ସୁଯୋଗ ପ୍ରଦାନ କରିଥାଏ। ଅନ୍ତର୍ଜାତୀୟ କଫି ଦିବସ ସାରା ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖରେ ପାଳିତ ହୋଇଥାଏ । ଏକ ସ୍ୱାସ୍ଥ୍ୟକର ପାନୀୟଭାବେ କଫିର ବହୁଳ ପ୍ରଚାର ତଥା ପ୍ରସାର କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହାଛଡା କଫିର ସୁଲଭ ବ୍ୟବସାୟ ତଥା କଫି ଚାଷୀମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏହି ଦିବସ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ କଫି ସଂସ୍ଥାନର ସମ୍ମତିକ୍ରମେ



## ଅନ୍ତର୍ଜାତୀୟ କଫି ଦିବସ

ପ୍ରଥମ ଥର ପାଇଁ ଏହା ୧ ଅକ୍ଟୋବର ୨୦୧୫ରେ ଇଟାଲୀର ମିଲନଠାରେ ପାଳିତ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଅନେକ କଫି ବ୍ୟବସାୟୀ ରିହାତି ଦରରେ କଫି ବିକ୍ରି କରିବା ତଥା ନିଜ ସଂସ୍ଥାର ପୁରୁଣା ଗ୍ରାହକଙ୍କୁ ସ୍ୱତନ୍ତ୍ର କୁପନ ଯୋଗାଇବା ଭଳି କିଛି କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥାନ୍ତି।

୩-୭ ମାର୍ଚ୍ଚ ୨୦୧୪ରେ ଅନ୍ତର୍ଜାତୀୟ କଫି ସଂସ୍ଥାନ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଅନୁସାରେ ଇଟାଲୀର ମିଲନଠାରେ ଏକ୍ସପୋ-୨୦୧୫ର ଏକ କାର୍ଯ୍ୟକ୍ରମ ଭାବେ ୧ ଅକ୍ଟୋବର ୨୦୧୫ରେ ପ୍ରଥମ ଅନ୍ତର୍ଜାତୀୟ କଫି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଦେଶ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

ଏହା ପୂର୍ବରୁ ଇତିହାସରେ କଫି ଦିବସ ପାଳନ କରିବା ସମ୍ବନ୍ଧରେ କୌଣସି ଘଟଣା ନଜରକୁ ଆସି ନ ଥିଲା। ତେବେ ୧୯୮୩ ମସିହାରେ ଜାପାନୀ କଫି ସଂସ୍ଥା ଦ୍ୱାରା କଫିର ପ୍ରଚାର ତଥା ପ୍ରସାର ନିମିତ୍ତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨୦୦୫ରେ ଆମେରିକାରେ ଜାତୀୟ କଫି ଦିବସ ପାଳନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ କଫି ସଂସ୍ଥାନ ଦ୍ୱାରା ବିଭିନ୍ନ ଦେଶରେ ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମ ସବୁ ଆୟୋଜନ ଦେବା ସହ ବିଶ୍ୱସ୍ତରରେ ଏହି ଦିବସ ପାଳନ ପାଇଁ ମାନ୍ୟତା ଲାଭ କରିଥିଲା। ଏହି ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। କଫି ଚାଷ ନିମିତ୍ତ ଆନୁଷଙ୍ଗିକ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଅନ୍ତରାଷ୍ଟ୍ରୀୟ ବଜାରରେ କଫିର ବିକ୍ରୀ ଆଶାନୁରୂପ ହୋଇ ନ ଥିବାରୁ ୨୦୧୯ ମସିହାରେ ଏହି ପରିପ୍ରେକ୍ଷୀରେ କଫି ଚାଷିମାନଙ୍କ ସର୍ବ ନିମ୍ନ ମଜୁରି ବୃଦ୍ଧି କରିବା ଦିଗରେ ସମସ୍ତ ସଦସ୍ୟ ରାଷ୍ଟ୍ର ଉଚିତ ପଦକ୍ଷେପ ନେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା।

# ଅନୁଷ୍କାଙ୍କ ଦ୍ୱିତୀୟ ଗର୍ଭ ନେଇ ଚର୍ଚ୍ଚା

ମୁମ୍ବାଇ

କ୍ରିକେଟର ବିରାଟ କୋହଲି ଓ ସ୍ତ୍ରୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଘରେ ଏବେ ପୁଣିଥରେ ଶିଶୁର କ୍ରନ୍ଦନ ଶୁଣିବାକୁ ମିଳିବ। ଦ୍ୱିତୀୟଥର ପାଇଁ ମା' ହେବାକୁ ଯାଉଛନ୍ତି ଅନୁଷ୍କା। ସେ ଏବେ ଗର୍ଭବତୀ ଥିବା ନେଇ ଏକ ରିପୋର୍ଟରୁ ଜଣାପଡ଼ିଛି। ଏନେଇ କପଲ ଗର୍ଭକାଳୀନ ସମୟକୁ ଖୁବ୍ ଉପଭୋଗ କରୁଛନ୍ତି। କୁହାଯାଉଛି, ଗତଥର ଭଳି ଏଥର ବି ଶେଷ ମୁହୂର୍ତ୍ତରେ ଦମ୍ପତି ଲୋକଙ୍କ ସହ ଏହି ଖୁସି ଖବର ଶେୟାର କରିବେ। ତେବେ କିଛିଦିନ ତଳେ ଦୁହିଙ୍କୁ ଏକ ମାର୍ଟର୍ନିଟି କ୍ଲିନିକ୍ ବାହାରେ ଦେଖିବାକୁ ମିଳିଥିଲା। ଫଳରେ ଅନୁଷ୍କାଙ୍କ ଗର୍ଭଧାରଣ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ତେବେ ସେମାନେ ୨୦୧୭ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର ୩ ବର୍ଷ ପରେ ୨୦୨୧ରେ ସେମାନଙ୍କର ପ୍ରଥମ ସନ୍ତାନରେ ଏକ ଝିଅ ଜନ୍ମ ହୋଇଥିଲା। ଜନ୍ମଠାରୁ ଏବେ ଯାଏ ଦୁହେଁ ଝିଅକୁ ଲାଇମଲାଇଟ୍‌ରୁ ଦୂରେଇ ରଖିଛନ୍ତି। ତାଙ୍କ ଦ୍ୱିତୀୟ ଗର୍ଭଧାରଣ ବିଷୟରେ ମଧ୍ୟ ସେମାନେ ଏଯାଏ ଶେୟାର କରିନାହାନ୍ତି। ତେବେ ଅନୁଷ୍କା ୨୦୦୮ରେ 'ରବ୍‌ନେ ବନାଦି ଯୋଡ଼ି'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ କ୍ୱାଲାରେ ଦେଖିବାକୁ ମିଳିଥିଲା। ନିକଟରେ ସେ ତାଙ୍କ ଆଗାମୀ ଫିଲ୍ମ 'ଚକ୍‌ଦା ଏକ୍ସପ୍ରେସ୍'ର ଶୁଟିଂ ଶେଷ କରିଛନ୍ତି, ଯେଉଁଥିରେ ସେ ପୂର୍ବତନ କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କ ଭୂମିକାରେ ନଜରକୁ ଆସିବେ।



# ବୟସ୍କଙ୍କ ମନକୁ ଜାଣନ୍ତୁ




ଦିନେ ପାର୍କରେ ବୁଲୁ ବୁଲୁ ଦେଖିଲି କେତେଜଣ ବୟସ୍କ ଲୋକ ଗୋଟିଏ ଜାଗାରେ ଏକାଠି ବସି କଥାବର୍ତ୍ତା ହେଉଛନ୍ତି। ମୁଁ ସେମାନଙ୍କ ପାଖରେ ବସିପଡ଼ିଲି। ଏହି ସମୟରେ ଆଉ ଜଣେ ଦୁଇଜଣ ଲୋକ ଗରମ ସିଙ୍ଗଡା, ବରା ଧରି ପହଞ୍ଚିଗଲେ ଗପଟା ଆହୁରି ଜମିଗଲା। ରାମବାବୁ ହରିବାବୁଙ୍କୁ ପଚାରିଲେ ଆଉ ତୁମ ଖବର କ'ଣ? ହରିବାବୁ କହିଲେ କେତେ ଆଉ ଘରେ ବସିବି? ମୋ ସ୍ତ୍ରୀ ଖାଲି ଚିଡ଼ିଚିଡ଼ି ହେଉଛି। କିଛି ଭଲ ଲାଗୁନି। ହରିବାବୁ ରାମବାବୁଙ୍କୁ ପଚାରିଲେ ଆପଣଙ୍କ ଖବର କ'ଣ? କେମିତି ଅଛନ୍ତି? ରାମବାବୁ କହିଲେ, ତୁମର ତ ସମସ୍ତେ ପାଖରେ ଥାଇ ତୁମକୁ ଭଲ ଲାଗୁନି। ଆମେ ତ ବୁଢ଼ାବୁଢ଼ୀ ଦୁଇଜଣ। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ମା'ବାପାଙ୍କ କଥା ପଚାରେ କିଏ? ପେନ୍‌ସନ ପଇସାରେ କ'ଣ ଚଳି ହେଉଛି? ମଝିରେ ମଝିରେ ଫୋନ୍ କରି ଆମ ସମସ୍ୟା ଶୁଣିବା ପୂର୍ବରୁ ତାଙ୍କ ସମସ୍ୟା କହି ଚାଲୁଛନ୍ତି। ବୁଢ଼ୀ ବିଚାରୀ ସବୁ ଶୁଣି ମନ ଦୁଃଖ କରୁଛି। ମୁଁ ଦୁଇ ମଉସାଙ୍କ କଥାକୁ ଧ୍ୟାନ ଦେଇ ଶୁଣୁଥିଲି। ମୁଁ କହିଲି, ମଉସା ଏପରି ଲକ୍ଷଣ ପ୍ରାୟତଃ ପରିବେଶ ଓ ପରିସ୍ଥିତିରେ ପଡ଼ି ଲୋକମାନେ ଏମିତି ଅନୁଭବ କରନ୍ତି। ମଉସା ପଚାରିଲେ, କହିଲ ବୃଦ୍ଧାବସ୍ଥା କ'ଣ? କେଉଁସବୁ ମାନସିକ ସମସ୍ୟା ଦେଖାଯାଏ? ଏହାର ଚିକିତ୍ସା ଅଛି? ମଣିଷ ଯେତେବେଳେ ତା'ର ଜୀବନର ହାରାହାରି ବୟସକୁ ଅତିକ୍ରମ କରିଥାଏ ବା ଜୀବନଚକ୍ରର ଶେଷ ଅବସ୍ଥାରେ ପହଞ୍ଚିଥାଏ, ତାହା ହିଁ ବୃଦ୍ଧାବସ୍ଥା । ଅଟୋ ଭନ୍ ବିସ୍‌ମାର୍କ ପ୍ରଥମେ ସାମାଜିକ ସୁରକ୍ଷା ପାଇଁ ୬୦ବର୍ଷ ବୟସ୍କଙ୍କୁ ଅବସର ନେବାର ସମୟ ବୋଲି ଘୋଷଣା କରିଥିଲେ। ପ୍ରତିବର୍ଷ ଅକ୍ଟୋବର ୧ରେ ବିଶ୍ୱ ବୟସ୍କ ଦିବସ ପାଳନ କରାଯାଉଛି। ସମାଜରେ ସେମାନଙ୍କ ଆବଶ୍ୟକତା ଉପରେ ସଚେତନତା ଅଣାଯିବା ସହ ସମାଜ ପ୍ରତି ସେମାନଙ୍କ ଅବଦାନକୁ ଏହି ଦିବସରେ ସ୍ମରଣ ତଥା ସ୍ୱୀକାର କରାଯାଇଥାଏ।

ମାନସିକ ସମସ୍ୟାରେ ମନ ଦୁଃଖ ରହେ, ନିଦ ଓ ଭୋକ ହୁଏ ନାହିଁ। ଶରୀର ବିଷୟରେ ଅତ୍ୟଧିକ ଚିନ୍ତା କରେ ଓ ଆତ୍ମହତ୍ୟାର ଭାବନା ମଧ୍ୟ ଆସିପାରେ। ସିଜୋଫ୍ରେନିଆରେ ଲୋକଟି ସନ୍ଦେହ କରେ ଯେ, ତା' ବିରୋଧରେ ସମସ୍ତେ ଷଡ଼ଯନ୍ତ୍ର କରୁଛନ୍ତି, କଥା ହେଉଛନ୍ତି ଓ ଶୂନ୍ୟବାଣୀ ହେବାପରି ଲାଗେ। ମାନସିକ ସମସ୍ୟା ଓ ପାରିବାରିକ ଚାପ ରୋଗଟିକୁ ବଢ଼ାଇଦିଏ। ଶେଷରେ ସବୁ ଜାଣିପାରନ୍ତି ନାହିଁ ଓ ଅନ୍ୟମାନଙ୍କୁ ମଧ୍ୟ ଚିହ୍ନିପାରନ୍ତି ନାହିଁ। ବୃଦ୍ଧାବସ୍ଥାରେ ନିୟମିତ ଶାରୀରିକ ପରିଶ୍ରମ କରନ୍ତୁ। ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରନ୍ତୁ। ପ୍ରତିଦିନ ଯଥେଷ୍ଟ ପରିମାଣରେ (୭ରୁ ୯ଘଣ୍ଟା) ଶୁଅନ୍ତୁ। ଯେଉଁ କାର୍ଯ୍ୟରେ ସୁଖ ଅନୁଭବ କରୁଛନ୍ତି, ସେଥିରେ ନିଜକୁ ନିୟୋଜିତ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ। ନୂଆ କିଛି ଶିଖିବାକୁ ଚେଷ୍ଟା କରନ୍ତୁ। ଉଦାହରଣସ୍ୱରୂପ ଗୀତ, ବାଦ୍ୟଯନ୍ତ୍ର, କମ୍ପ୍ୟୁଟର ଇତ୍ୟାଦି। ନିଜକୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରନ୍ତୁ।

-ଡା. ସମ୍ରାଟ କର,
ମୋ : ୯୧୩୨୪୩୩୩୩୩

## ରାଜ୍ୟ ଖବର

# ୨ରୁ ଅବିଭକ୍ତ କୋରାପୁଟ ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ

ଜୟପୁର,୩୦।୯(ପବନ ପାଣିଗ୍ରାହୀ)

ଅକ୍ଟୋବର ୨ରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲାରୁ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଆରମ୍ଭ ହେଲେ ଘରୋଇ ବସ୍ ଉପରେ ପ୍ରଭାବ ପଡ଼ିବ। ଏହାର ପ୍ରତିବାଦରେ ଆସନ୍ତା ୨ରେ ଅବିଭକ୍ତ କୋରାପୁଟ ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ପାଇଁ ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ ବନ୍ଦ ଡାକରା ଦେଇଛି। ସଂଘର ଆବାହକ ନରେନ୍ଦ୍ର ମହାନ୍ତି କହିଛନ୍ତି ଯେ, ଏହି ଦିନ ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ। ତେବେ ଏହି ଦିନ ମାଲକାନଗିରି ଜିଲାରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

# ୩,୬୬୩ କୋଟିର ୧୯ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

## ସୃଷ୍ଟି ହେବ ୧୩,୬୭୩ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୩୦।୯(ଅନିଲ ଦାସ)

ରାଜ୍ୟରେ ୩,୬୬୩ କୋଟିର ୧୯ ନୂଆ ଶିଳ୍ପ ପ୍ରତିଷ୍ଠା ହେବ । ଏଥିରେ ୧୩,୬୬୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି।

ଇସ୍ପାତ, ଇସ୍ପାତ ଉପରେ ନିର୍ଭରଶୀଳ ଡାଉନ୍ ଷ୍ଟ୍ରିମ୍ ଶିଳ୍ପ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ପ୍ରକଳ୍ପଗୁଡିକୁ ଅନୁମୋଦନ କରାଯାଇଛି। ୧୦ଟି ଜିଲାରେ ଉକ୍ତ ଶିଳ୍ପ ସ୍ଥାପନ କରାଯିବ। ହଂକଂର ଏକ ପୋଷାକ ନିର୍ମାତା ଏପିକ୍ ଓଡ଼ିଶାରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) କରିବ। ଏପିକ୍ ଗ୍ରୁପ୍‌ର ସହାୟକ ସଂସ୍ଥା ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଏହାର ପୋଷାକ ଉତ୍ପାଦନ ୟୁନିଟ ସ୍ଥାପନ ପାଇଁ ୩୭୬.୮୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବ। ଏଥିରେ ୭,୦୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ସେହିପରି ଖୋର୍ଦ୍ଧାଠାରେ ଟାଇମ୍ ଟେକ୍ନୋପ୍ଲାଷ୍ଟ ଲିମିଟେଡ୍ ଏବଂ ଓରିକନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ଯଥାକ୍ରମେ ୫୭ କୋଟି ଏବଂ ୯୦ କୋଟି ଟଙ୍କା ନିବେଶରେ ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବେ । ଏଥିରେ ୩୫୩୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାଜପୁରର କଳିଙ୍ଗ ନଗରଠାରେ ନେକୋନ୍ ଷ୍ଟିଲ୍ ଉତ୍କଳ ଏଲ୍‌ଏଲ୍‌ପି ୨୭୬ କୋଟିରେ ଷ୍ଟିଲ୍ ଡାଉନଷ୍ଟ୍ରିମ ଶିଳ୍ପ ସ୍ଥାପନ କରିବ। ଏଥିରେ ୨୬୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଯାଜପୁର କଳିଙ୍ଗ ନଗରରେ ଆଡ୍‌ଭାନ୍ସ ଷ୍ଟିଲ୍ ଟ୍ୟୁବସ୍ ଲିମିଟେଡ୍ ୫୧ କୋଟି ଏବଂ ନିର୍ମଳ ଷ୍ଟିଲ୍‌ସ ପ୍ରାଇଭେଟ୍ ଲିମିଟେଡ୍ ୪୫୦ କୋଟି ନିବେଶରେ ଷ୍ଟିଲ୍ ଡାଉନଷ୍ଟ୍ରିମ ଶିଳ୍ପ ସ୍ଥାପନ କରିବେ। ଏଥିରେ ୬୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଢେଙ୍କାନାଳଠାରେ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ୯୫୦ କୋଟି ଟଙ୍କାରେ ଫେରୋ ଆଲ୍‌ଏଜ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

ସୁନ୍ଦରଗଡ଼ରେ ଫେରୋ ଟେକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୧୭୦ କୋଟି ଟଙ୍କାର ଷ୍ଟିଲ୍ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ସ୍ଥାପନ କରିବ। ଏଥିରେ ୮୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସୁପରବଲାଙ୍ଗୀର ଓ ଝାରସୁଗୁଡାଠାରେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍(ଏମ୍‌ସିଏଲ୍) ଏବଂ ଓଡ଼ିଶା ପାୱାର ଜେନେରେଶନ୍ କର୍ପୋରେଶନ ଲିମିଟେଡ୍ (ଓପିଜିସିଏଲ୍) ଯଥାକ୍ରମେ ୨୯୭.୬୧ କୋଟି ଟଙ୍କା ଏବଂ ୨୧୫ କୋଟି ବିନିଯୋଗରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନ କରିବେ । ଚନ୍ଦନପୁରସ୍ଥିତ ପ୍ରଗତି ମିଲ୍କ ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଆଇସ୍କ୍ରିମ୍ ଓ ବେକ୍ଡ ପ୍ରଡକ୍ଟ ଉତ୍ପାଦନ କାରଖାନା ଏବଂ ପାରଳାଖେମୁଣ୍ଡିସ୍ଥିତ କୋଷ୍ଟାଲ୍ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ ଆଧୁନିକ ରାଇସ୍ ମିଲ୍ ଭଳି କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବେ। ଉଭୟ ଗତି ଶକ୍ତି ମଲ୍ଟି-ମୋଡାଲ୍ ଟର୍ମିନାଲ ଯୋଜନା ଅଧୀନରେ ଘରୋଇ ଫ୍ରେଟ୍ ଟର୍ମିନାଲ ସ୍ଥାପନ କରୁଥିବା କୋଲି କମର୍ସିଆଲ ଏଲ୍‌ଏଲ୍‌ପି ଏବଂ ବିମଳା ଇନ୍‌ଫ୍ରାଷ୍ଟ୍ରକଚର (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ଭଳି ପ୍ରକଳ୍ପ ଦ୍ୱାରା ଭିତ୍ତିଭୂମି ବିକାଶକୁ ପ୍ରୋତ୍ସାହନ ମିଳିବ । କୃପାଳୁ କୁଞ୍ଜ ପକ୍ଷରୁ ଯାଜପୁରରେ ବାର୍ଷିକ ୪୬ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ଓ ଫର୍ମେଣ୍ଟେଡ୍ ଜୈବିକ ସାର କାରଖାନା ସ୍ଥାପନ ହେବ। ଯେଉଁଥିରେ ୭୩.୨୫ କୋଟି ଟଙ୍କା ବିନିଯୋଗ ହେବା ସହିତ ୧୩୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ପାରାଦୀପ, ଜଗତ୍‌ସିଂହପୁରରେ ମେ'ଫେୟାର ହୋଟେଲ ଆଣ୍ଡ ରିସୋର୍ଟସ ଲିମିଟେଡ ପକ୍ଷରୁ କନ୍‌ଭେନଶନ ସେଣ୍ଟରଠାରେ ୨୦ଟି କୋଠରି ନିର୍ମାଣ କରାଯିବ। ଏହା ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବ ।

# ଜେଲରେ ନିଜ ଗୁପ୍ତାଙ୍ଗ କାଟିଲେ କଏଦୀ

ଭଦ୍ରକ, ୩୦।୯(ସନାତନ ରାଉତ)

ଭଦ୍ରକ ଉପକାରାଗାରରେ ଶନିବାର ଜଣେ ବିଚାରାଧୀନ କଏଦୀ ଶୌଚାଳୟରେ ନିଜ ହାତ ଓ ଗୁପ୍ତାଙ୍ଗ କାଟି ଦେଇଛନ୍ତି। ସେ ହେଲେ ତିହିଡ଼ି ଥାନା ଅଧୀନ କୋହ୍ଲ ଅଞ୍ଚଳର ସୁଶାନ୍ତ ମାଝୀ। ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ସୁଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ଗତ ୨୪ ତାରିଖରେ ସୁଶାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ ପରେ ବିଚାରାଧୀନ ବନ୍ଦୀ ଭାବେ ସେ ଭଦ୍ରକ ଜେଲରେ ଥିଲେ ବୋଲି ତିହିଡ଼ି ଥାନାଧିକାରୀ ମହମ୍ମଦ ହାଫିଜ୍ କହିଛନ୍ତି। ଦିନ ପ୍ରାୟ ଗୋଟାଏ ବେଳେ ସେ ଶୌଚାଳୟକୁ ଯାଇ ସେଠାରେ ତାଙ୍କ ବାମହାତ ଓ ଗୁପ୍ତାଙ୍ଗ କାଟି ଦେଇଥିଲେ। ପରେ ଯନ୍ତ୍ରଣା ସହି ନ ପାରି ଚିତ୍କାର କରିଥିଲେ। ଚିତ୍କାର ଶୁଣି ଜେଲ୍ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମଶାଧୂପ ଷ୍ଟାଣ୍ଡରେ କାଟିଥିବା ସୁଶାନ୍ତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ କହିବା ପରେ ଚାରିଆଡ଼େ ଖୋଜାଖୋଜି ସତ୍ତ୍ୱେ କୌଣସି ଧାରୁଆ ଅସ୍ତ୍ର ମିଳି ନ ଥିବା ଭଦ୍ରକ ଜେଲର ରଷିନାଥ ନାୟକ କହିଛନ୍ତି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜେଲର ଜଣାଇଛନ୍ତି।

# ପ୍ରତିବର୍ଷ ଏମ୍‌ସକୁ ଆସୁଛନ୍ତି ୩ଶହରୁ ଅଧିକ ନୂଆ ଶିଶୁ କର୍କଟ ରୋଗୀ

## ୭୫-୮୦% ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବେ

ଭୁବନେଶ୍ୱର, ୩୦।୯(ଅସମାପିକା ସାହୁ)

ଶିଶୁ କର୍କଟ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶନିବାର ଏମ୍‌ସ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଲେ, ଶିଶୁ କର୍କଟ ରୋଗୀଙ୍କୁ ବିଶେଷ ଚିକିତ୍ସା ଯୋଗାଇ ଦେବାରେ ଏମ୍‌ସ ଭୁବନେଶ୍ୱର ହେଉଛି ରାଜ୍ୟର ଏକମାତ୍ର ସରକାରୀ ଅନୁଷ୍ଠାନ। ପ୍ରତିବର୍ଷ ଏହି ଜାତୀୟ ଅନୁଷ୍ଠାନକୁ ୨୫୦ରୁ ୩୫୦ ନୂତନ ଶିଶୁ କର୍କଟ ରୋଗୀ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଆଦି ପଡ଼ୋଶୀ ରାଜ୍ୟରୁ ଆସୁଥିବା ଶିଶୁ କର୍କଟ ରୋଗୀଙ୍କୁ ମଧ୍ୟ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଏମ୍‌ସର ମେଡିକାଲ ଅଙ୍କୋଲୋଜି / ହେମାଟୋଲୋଜି ବିଭାଗକୁ ବର୍ତ୍ତମାନ ସୁଦ୍ଧା ୧୨ଶହରୁ ଅଧିକ ଶିଶୁ କର୍କଟ ରୋଗୀ ଆସିଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି।

ବିଭାଗୀୟ ଅତିରିକ୍ତ ପ୍ରଫେସର ଡା. ସୋନାଲି ମହାପାତ୍ର କହିଛନ୍ତି, ବିଭାଗ ପକ୍ଷରୁ ହେମାଟୋପିଏଟିକ୍ ଷ୍ଟେମ୍ ସେଲ୍ ପ୍ରତିରୋପଣ ଆରମ୍ଭ ହେବାକୁ ଯାଉଛି। ଶିଶୁ କର୍କଟ ରୋଗ ଚିକିତ୍ସାର ଫଳାଫଳ ଗତ ୫୦ ବର୍ଷ ମଧ୍ୟରେ ୮୦-୯୦ ପ୍ରତିଶତ ଅଧିକ ବଞ୍ଚିବାର ଆଶା ଦେଇଛି। ବର୍ତ୍ତମାନ ଏହି ଜଟିଳ ରୋଗରେ ପୀଡ଼ିତ ୭୫-୮୦ ପ୍ରତିଶତ ଶିଶୁ କର୍କଟ ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରିବେ। ଜଟିଳ ଲିମ୍ଫୋବ୍ଲାଷ୍ଟିକ୍ ଲ୍ୟୁକେମିଆ(ରକ୍ତ କର୍କଟ), ଲିମ୍ଫୋମା ଏବଂ ବୃକକ୍ ଟ୍ୟୁମର ଭଳି କେତେକ କର୍କଟରେ ବଞ୍ଚିବା ସମ୍ଭାବନା ୯୦ ପ୍ରତିଶତରୁ ଅଧିକ ରହିଥିବା ଡା. ମହାପାତ୍ର କହିଛନ୍ତି।

ଏଥିସହ ଶୈଶବ ଅବସ୍ଥାରେ ହେଉଥିବା କର୍କଟ ରୋଗର ବିଭିନ୍ନ ଦିଗ ଉପରେ ସଚେତନତା ସୃଷ୍ଟି କରିବାକୁ ୱାକାଥନ୍, ରୋଗୀ/ମାତାପିତା ଏବଂ ଡାକ୍ତରଙ୍କ ସହିତ ଖୋଲା ଆଲୋଚନା ଭଳି ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମେଡିକାଲ୍ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ା, ଡା. ଦେବାଶିଷ ସାହୁ, ଡା. କନିଷ୍କ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବରକୁ ସାରା ବିଶ୍ୱରେ ଶିଶୁ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଇଥାଏ।

# ହକି ଖେଳ ଦେଖୁଥିବା ବେଳେ ବଜ୍ରପାତ



ଡାକ୍ତରଖାନାରେ ଆହତମାନେ ।

## ମହିଳା, ଶିଶୁ ସମେତ ୧୦ ଆହତ

ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ନୂଆଁବରଙ୍ଗାମାଲ ପଞ୍ଚାୟତ କଲ୍ଲାପଡା ଖେଳପଡିଆରେ ଶନିବାର ହକି ମ୍ୟାଚ ଦେଖୁଥିବା ବେଳେ ବଜ୍ରପାତରେ ମହିଳା, ଶିଶୁ ସମେତ ୧୦ ଆହତ ହୋଇଛନ୍ତି। ହକି ପ୍ରତିଯୋଗିତା ପରେ ପୁରସ୍କାର ଦିଆଯାଇଥିଲା। ଏହି ସମୟରେ ହଠାତ୍ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଆହତ ଆୟନ କେରକେଟା (୧୦), ସୁମିତ ଓରାମ (୮), ପ୍ରଶାନ୍ତ କେରକେଟା (୬), ମୋକ୍ଷ କେରକେଟା (୨) ନିବ୍ୟଦିପ ମିଞ୍ଜ (୨୩), ନିଲମ ମିଞ୍ଜ (୨୩), ଜୟନ୍ତି କେରକେଟା (୨୧), କ୍ରିଶିକା କେରକେଟା (୩୫), ପ୍ରଭାତି ଓରାମ (୨୮) ଓ ଗୀତା ଓରାମ (୨)ଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଓଧକୁ କୁମ୍ଭୀର ଭାବି ଆତଙ୍କିତ

ସୋନପୁର,୩୦।୯
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀ ଗର୍ଭରେ ୫ଟି କୁମ୍ଭୀର ବୁଲୁଥିବା ଶନିବାର ଗୁଜବ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ଏ ସମ୍ପର୍କିତ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଏପରି କି କେତେକ ବୈଦ୍ୟୁତିକ ଗଣମାଧ୍ୟମରେ ସୋନପୁର ମହାନଦୀ ବ୍ରିଜ୍ ନିକଟରେ କୁମ୍ଭୀର ବୁଲୁଥିବା ଭଳି ଖବର ପ୍ରସାରିତ ହୋଇଥିଲା। ସୋନପୁର ବନ କ୍ଷେତ୍ରାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସନ୍ଧ୍ୟାରେ ନଦୀକୂଳରେ ମାଇକ ଯୋଗେ ପ୍ରଚାର କରା ଯାଇଥିଲା। ନଦୀ ଭିତରକୁ ନ ଯିବା ପାଇଁ ଜନସାଧାରଣ ଓ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଥିଲା। ନଦୀକୂଳିଆ ସହରବାସୀ ଓ ଉଲୁଣ୍ଡା ବ୍ଲକର ହିକୁଡି, ଧର୍ମଶାଳା, ନିମ୍ନା ଅଞ୍ଚଳର ଲୋକେ ଅଯଥାରେ ଆତଙ୍କିତ ହୋଇ ପଡ଼ିଥିଲେ। ତେବେ କୁମ୍ଭୀର ନୁହେଁ ୫ଟି ଓଧ ମହାନଦୀ ମଝିରେ ପହଁରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। କିନ୍ତୁ କିଛି ଗୁଜବକାରୀ ସୋସିଆଲ ମିଡିଆରେ କୁମ୍ଭୀର ବୋଲି ପ୍ରଚାର କରିବାରେ ଆତଙ୍କ ଖେଳିଯାଇଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କୁ ଯୋଗାଯୋଗ କରିବାରେ ମହାନଦୀରେ କୁମ୍ଭୀର ଚଳପ୍ରଚଳ କରୁଥିବା କେତେଜଣ ବ୍ୟକ୍ତି ଫୋନ ଯୋଗେ ତାଙ୍କୁ ସୂଚନା ଦେଇଥିଲେ। ତେଣୁ ବନବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ଦ୍ୱାରା ଭିଡିଓ ଉତ୍ତୋଳନ କରାଯାଇଥିଲା। ଭିଡିଓରୁ ସେଗୁଡିକ ଓଧ ବୋଲି ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ବର୍ଷା ଋତୁରେ ଏମାନେ ବହୁଳ ଭାବେ ଦେଖାଯାଆନ୍ତି। ଜନସାଧାରଣ ଆତଙ୍କିତ ହେବାର କୌଣସି କାରଣ ନାହିଁ। କୁମ୍ଭୀର ଏଭଳି ଭାବେ ଦଳ ହୋଇ ବୁଲନ୍ତି ନାହିଁ। ବନବିଭାଗ ନିକଟରେ କୁମ୍ଭୀର ସମ୍ପର୍କରେ କୌଣସି ସୂଚନା ନାହିଁ ବୋଲି ବନଖଣ୍ଡ ଅଧିକାରୀ ଶର୍ମା ସ୍ପଷ୍ଟ କରିଛନ୍ତି।



ମହାନଦୀରେ ଓଧ।

**ଲକରରେ ମହିଳାଙ୍କ ୧୮ ଲକ୍ଷ ଟଙ୍କା ଉଇ ଖାଇଗଲେ**

ଉତ୍ତରପ୍ରଦେଶର ମୋରାଦାବାଦର ଜଣେ ମହିଳା ତାଙ୍କ ଝିଅ ବାହାଘର ପାଇଁ ବ୍ୟାଙ୍କ ଅଫ୍ ବରୋଦା ଆଶିଆନା ଶାଖା ଲକରରେ ପାଖାପାଖି ୧୮ ଲକ୍ଷ ଟଙ୍କା ରଖିଥିଲେ। ଲକର ଭିତରେ ସେଗୁଡ଼ିକୁ ଉଇ ଖାଇ ଦେଇଥିବା ଜାଣିବା ପରେ ଅଲକା ପାଠକ ନାମ୍ନୀ ଉକ୍ତ ମହିଳା ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ। ଉଇ ଲାଗିବାର କାରଣ ସମ୍ପର୍କରେ ବ୍ୟାଙ୍କ ତଦନ୍ତ କରୁଛି। ଲକର ନିୟମରେ ନଗଦ ଅର୍ଥ ଗଚ୍ଛିତ ନ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ

## ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୩୦।୯(ପି.ଟି.):** ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶନିବାର ଆତଙ୍କବାଦୀମାନଙ୍କ ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛନ୍ତି। ଯବାନଙ୍କ ଗୁଳିରେ ୨ ଜଣ ଆତଙ୍କବାଦୀ ନିହତ ହୋଇଥିବା ପୋଲିସ କହିଛି। ଜିଲାର ମଚିଲ ସେକ୍ଟର ଅନ୍ତର୍ଗତ କୁମକାଡ଼ିଠାରେ ଅନୁପ୍ରବେଶ ଲାଗି ଆତଙ୍କବାଦୀମାନେ ଉଦ୍ୟମ ଚଳାଇଥିଲେ। କୁପୱାଡ଼ା ପୋଲିସଠାରୁ ଗୋଇନ୍ଦା ସୂଚନା ପାଇଁ ସେନା ଏବଂ ପୋଲିସ ପକ୍ଷରୁ କୁମକାଡ଼ି ଅଞ୍ଚଳରେ ମିଳିତ ତଲାସି ଅଭିଯାନ କରାଯାଇଥିଲା। ଏହି ଅଭିଯାନବେଳେ ଯବାନଙ୍କ ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟର ସ୍ଥଳୀରୁ ୨ଟି ଏକେ ରାଇଫଲ, ୪ ଏକେ ମାଗାଜିନ୍, ୨୦ ରାଉଣ୍ଡ ଗୁଳି, ଏକ ପାକିସ୍ତାନୀ ପିସ୍ତଲ ଏବଂ ୨,୧୦୦ ପାକିସ୍ତାନୀ ଟଙ୍କା ଜବତ ହୋଇଛି।

## ଲଶ୍କର ମୁଖ୍ୟ ହାଫିଜ୍ ସୟିଦଙ୍କ ପୁଅ ଅପହୃତ

**ଇସ୍‌ଲାମାବାଦ,୩୦।୯:** ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସୟିଦ୍‌ଙ୍କ ପୁଅ କମଲୁଦ୍ଦିନଙ୍କୁ କେତେଜଣ ଦୁର୍ବୃତ୍ତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ସୋସିଆଲ ମିଡିଆରେ ଏହି ଖବର ଛାଇଯାଇଛି। ପେଶାୱରରୁ କମଲୁଦ୍ଦିନ୍‌ଙ୍କ ମୃତଦେହ ମିଳିଥିବା ରିପୋର୍ଟରେ ଦାବି କରାଯାଉଛି। ତାଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ମୃତ୍ୟୁ ପୂର୍ବରୁ ତାଙ୍କୁ ନିର୍ଯାତନା ଦିଆଯାଇଥିବା କୁହାଯାଉଛି। ତେବେ ମୃତ୍ୟୁ ଖବର ଗୁଜବ ବୋଲି କେତେଜଣ ଏକ୍ସରେ ପୋଷ୍ଟ କରିଛନ୍ତି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ୍ ସୟିଦ ଇସ୍‌ଲାମୀୟ ଆତଙ୍କବାଦୀ ଭାବେ ଅନ୍ତର୍ଜାତୀୟ ସ୍ତରରେ ଘୋଷିତ ହୋଇଛନ୍ତି।

## ପୃଥିବୀ ପ୍ରଭାବ ବାହାରକୁ ଗଲା ଆଦିତ୍ୟ-ଏଲ୍‌୧

**ବେଙ୍ଗାଲୁରୁ,୩୦।୯**

ଭାରତର ପ୍ରଥମ ସୌର ଅଭିଯାନ ଆଦିତ୍ୟ-ଏଲ୍‌୧ ପୃଥିବୀଠାରୁ ୯.୨ ଲକ୍ଷ କିଲୋମିଟର ଦୂରତାରେ ପହଞ୍ଚିଛି। ଫଳରେ ଏହା ସଫଳତାର ସହ ପୃଥିବୀର ପ୍ରଭାବ ବଳୟକୁ ଅତିକ୍ରମ କରିଯାଇଛି। ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଗନ୍ତବ୍ୟ ସ୍ଥଳ ଦିଗରେ ଏହା ଅଗ୍ରସର ହେଉଛି। ମହାକାଶ ଯାନର ଯାତ୍ରା ଉପରେ ଇସ୍ରୋ ତୀକ୍ଷ୍ଣ ନଜର ରଖିଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପରେ ସେଠାରେ ନିରାପଦର ସହ ଅବସ୍ଥାପିତ ହୋଇ ସୂର୍ଯ୍ୟଙ୍କ ବାହ୍ୟ ପୃଷ୍ଠ ସମ୍ପର୍କରେ ଅନୁଧ୍ୟାନ କରିବା ଆଦିତ୍ୟ-ଏଲ୍‌୧ ପାଇଁ ବଡ଼ ଚ୍ୟାଲେଞ୍ଜ। ମହାକାଶ ଯାନର କେତେବେଳେ କେଉଁ ସ୍ଥାନରେ ଅଛି ଓ ଆଗକୁ କେଉଁଠି ରହିଥିବ ତାହା ଗାଣିତିକ ସୂତ୍ର ଏବଂ ଇସ୍ରୋର ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର (ୟୁଆର୍‌ଏସ୍‌ସି) ସଫ୍ଟୱେର ବ୍ୟବହାର କରି ଆକଳନ କରାଯାଇଥାଏ ବୋଲି ମହାକାଶ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି।

## ସିଫର ମାମଲାରେ ଇମ୍ରାନ୍ ଖାନ୍ ଦୋଷୀ

**ଇସ୍‌ଲାମାବାଦ,୩୦।୯(ପି.ଟି.)**

ଦେଶର ଗୋପନ ତଥ୍ୟକୁ ପ୍ରଘଟ କରିବା (ସିଫର ମାମଲା)ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀଙ୍କୁ ଶୀର୍ଷ ତଦନ୍ତକାରୀ ସଂସ୍ଥା ଦୋଷୀ ଭାବେ ଅଭିହିତ କରିଛି। ଫେଡେରାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏଫ୍‌ଆଇଏ) ଇମ୍ରାନ୍ ଏବଂ କୁରେଶୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ସରକାରୀ ଗୋପନୀୟତା ଆଇନର ଉଲ୍ଲଂଘନ କରି ୱାଶିଂଟନସ୍ଥିତ ପାକିସ୍ତାନୀ ଦୂତାବାସ ପଠାଇଥିବା ଗୁପ୍ତ କୂଟନୈତିକ ତଥ୍ୟ ସିଫରକୁ ପ୍ରଘଟ କରିବା ଅଭିଯୋଗରେ ଇମ୍ରାନଙ୍କୁ ଗତ ମାସରେ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ବିଚାର ଚଳାଇ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଏଫ୍‌ଆଇଏ କୋର୍ଟଙ୍କୁ ଅନୁରୋଧ କରିଛି।



ସାଣ୍ଟିଆଗୋରେ ଅକ୍ଟୋବର ୨୦ରୁ ଆରମ୍ଭ ହେବାକୁ ଥିବା କ୍ରୀଡ଼ା ପ୍ରତିଯୋଗିତା ଲାଗି ନିଆଯାଉଥିବା ପାନ୍ ଆମ ମଶାଲକୁ ମେକ୍ସିକୋର ଟେଓଟିହୁଆନ୍‌କାନ୍‌ଠାରେ ଜଣେ ସ୍ଥାନୀୟ ନୃତ୍ୟଶିଳ୍ପୀ ଧରିଛନ୍ତି।

# ମଣିପୁରରେ ଥମୁନି ଉତ୍ତେଜନା

- ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ଭେଟିଲେ ରାଜ୍ୟପାଳ
- ଛାତ୍ରଙ୍କ ଉପରେ ବଳପ୍ରୟୋଗ କରିଥିବା ସୁରକ୍ଷାକର୍ମୀ ଦଣ୍ଡିତ ହେବେ: ମୁଖ୍ୟମନ୍ତ୍ରୀ
- ଲୋକଙ୍କ କ୍ରୋଧ ନଡ୍ଡାଙ୍କୁ ଅବଗତ କରାଇଲା ରାଜ୍ୟ ଭାଜପା

**ଇମ୍ଫାଲ,୩୦।୯**

ମଣିପୁରରେ ଜାତିଆଣ ହିଂସାକୁ ୫ ମାସ ବିତିଥିଲେ ମଧ୍ୟ ଉତ୍ତେଜନା ଥମିବା ନାଁ ନେଉନାହିଁ। ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଅପହରଣ କରିନେଇ ହତ୍ୟା କରିବା ଘଟଣାରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟପାଳ ଅନସୂୟା ଉଇକେ ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ସେମାନଙ୍କ ବାସଭବନରେ ଭେଟିଛନ୍ତି। ସେ ମୃତକଙ୍କ ମାଆବାପାଙ୍କୁ ସାନ୍ତ୍ୱନା ଦେବା ସହ ଖାଇବା ଛାଡ଼ିଦେଇଥିବା ମାଆଙ୍କୁ ପାଣି ପିଆଇଥିଲେ। ଅପହରଣ ଓ ହତ୍ୟାରେ ସମ୍ପୃକ୍ତ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୨ ଛାତ୍ରୀଛାତ୍ର ଜୁଲାଇରେ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଗତ ମଙ୍ଗଳବାର ରାଜଧାନୀ ଇମ୍ଫାଲରେ ସାନି ହିଂସା ଦେଖାଦେଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଅତ୍ୟଧିକ ବଳ ପ୍ରୟୋଗ କରିବାରୁ ଶତାଧିକ ଛାତ୍ରୀଛାତ୍ର ଆହତ ହୋଇଥିଲେ।

ଏଥିପାଇଁ ଦାୟୀ ସୁରକ୍ଷା କର୍ମୀଙ୍କୁ ଦଣ୍ଡିତ କରାଯିବ ବୋଲି ଶନିବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ଲୋକମାନେ ଏକତ୍ର ରହିବା ସହ ଶାନ୍ତି ବଜାୟ ରଖିବା ଏବଂ ରାଜ୍ୟର ଶତ୍ରୁ ବିରୋଧରେ ସାମୂହିକ ଲଢ଼େଇ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଛାତ୍ରୀଛାତ୍ର ଅପହରଣ ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ ଟିମ୍ କରୁଛି।

ହିଂସାକାଣ୍ଡର ସମାଧାନ କରି ରାଜ୍ୟରେ ଶାନ୍ତି ଫେରାଇ ଆଣିବାରେ ସରକାର ବିଫଳ ହୋଇଥିବାରୁ ଲୋକଙ୍କ କ୍ରୋଧ ବଢ଼ିବାରେ ଲାଗିଛି। ଜନସାଧାରଣଙ୍କ ଆକ୍ରୋଶ ସମ୍ପର୍କରେ ମଣିପୁର ଭାଜପା ପକ୍ଷରୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଅବଗତ କରାଯାଇଛି। ଭାଜପା ରାଜ୍ୟ ସଭାପତି ସାରଦା ଦେବୀ, ଉପସଭାପତି ଚିଦାନନ୍ଦ ସିଂ ଏବଂ ଅନ୍ୟ ୬ ଜଣ କାର୍ଯ୍ୟକର୍ତ୍ତା ନଡ୍ଡାଙ୍କୁ ପତ୍ର ଲେଖି ଏହା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଜନସାଧାରଣଙ୍କ କ୍ରୋଧ ଓ କ୍ଷୋଭ ବଢ଼ୁଥିବା ଭାଜପା କାର୍ଯ୍ୟକର୍ତ୍ତା କହିଛନ୍ତି। ଘରଦ୍ୱାର ଛାଡ଼ି ବିଭିନ୍ନ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କୁ ଶୀଘ୍ର ଭିଟାମାଟିକୁ ଫେରାଇ ଅଣାଯିବା ପାଇଁ ନେତାମାନେ ଦାବି କରିଛନ୍ତି।



ମଣିପୁର ରାଜ୍ୟପାଳ ଅନସୂୟା ଉଇକେ ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେଉଛନ୍ତି।

### ଅସ୍ଥିରତା ଷଡ଼ଯନ୍ତ୍ରକାରୀ ଆତଙ୍କବାଦୀ ଗିରଫ

ମଣିପୁରରେ ଅସ୍ଥିରତା ଓ ସଙ୍କଟ ଲାଗି ବାଂଲାଦେଶ ଏବଂ ମ୍ୟାନ୍‌ମାରର ଆତଙ୍କବାଦୀ ନେତାମାନଙ୍କ ସହ ଷଡ଼ଯନ୍ତ୍ର ଚଳାଇଥିବା ଜଣେ ସନ୍ଦିଗ୍ଧଙ୍କୁ ପାର୍ବତ୍ୟାଞ୍ଚଳ ଜିଲା ଚୁରାଚାନ୍ଦପୁରରୁ ଗିରଫ କରାଯାଇଛି। ତାଙ୍କୁ ଜେରା ଏବଂ ଅଧିକ ତଦନ୍ତ ପାଇଁ ଦିଲ୍ଲୀ ଅଣାଯାଉଛି। ଅଭିଯୁକ୍ତ ସିମିନ୍‌ଲୁନ୍ ଗାଙ୍ଗ୍‌ଟେ ବାଂଲାଦେଶ ଓ ମ୍ୟାନ୍‌ମାର ନେଟ୍‌ୱର୍କ ସହ ମିଶି ମଣିପୁରରେ ଜାତିଆଣ ଅଶାନ୍ତି ସୃଷ୍ଟି ଲାଗି ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କହିଛି। ଜୁନ୍ ୨୨ରେ ମଣିପୁରର କ୍ୱାକ୍ତାରେ କାର୍ ବୋମା ବିସ୍ଫୋରଣ ଘଟଣାରେ ଗାଙ୍ଗ୍‌ଟେ ମୁଖ୍ୟ ଅଭିଯୁକ୍ତ।

### ଉଜ୍ଜୟିନୀ ବଳାତ୍କାର ଅଭିଯୁକ୍ତଙ୍କ ବାପା ଦାବିକଲେ

## ‘ମୋ ପୁଅକୁ ଫାଶୀ ଦିଅ’

**ଇନ୍ଦୋର,୩୦।୯**

ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଜଣେ ନିଖୋଜ ନାବାଳିକାଙ୍କୁ ଅଟୋରିକ୍ସାରେ ଉଠାଇନେଇ ବୀଭତ୍ସ ଭାବେ ବଳାତ୍କାର କରିଥିବା ୨୪ ବର୍ଷୀୟ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ତାଙ୍କ ବାପା ରାଜୁ ସୋନି କହିଛନ୍ତି। ଯଦି ପୁଅ ଦୋଷୀସାବ୍ୟସ୍ତ ହୁଏ, ତେବେ ମୃତ୍ୟୁ ହିଁ ଏକମାତ୍ର ଦଣ୍ଡ। ଏଭଳି ଅପରାଧୀଙ୍କ ପାଇଁ ମୃତ୍ୟୁ ହିଁ ଉପଯୁକ୍ତ ଦଣ୍ଡ, ଯାହା ଅନ୍ୟମାନଙ୍କୁ ଅପରାଧ କରିବାରୁ ରୋକିବା ଦିଗରେ ଦୃଷ୍ଟାନ୍ତ ହୋଇପାରିବ ବୋଲି ରାଜୁ କହିଛନ୍ତି। ପୁଅ ଅପରାଧ ଘଟାଇ ଆମ ସହ ରହୁଥିଲା କିନ୍ତୁ ମୁଁ ଜାଣି ନ ଥିଲି। ପୂର୍ବରୁ ଜାଣିଥିଲେ ପୁଅକୁ ଗୁଳି କରିଦେଇଥାନ୍ତି ବୋଲି ଅଭିଯୁକ୍ତ ଭରତଙ୍କ ବାପା କହିଛନ୍ତି। ଉଜ୍ଜୟିନୀର ନାନଖେଡ଼ାରେ ରହୁଥିବା ଭରତ ପୂର୍ବରୁ ଦୁଇଟି ହିଂସା ମାମଲାରେ ଅଭିଯୁକ୍ତ ଅଛନ୍ତି। ପୋକ୍ସୋ କୋର୍ଟ ତାଙ୍କୁ ସପ୍ତାହେ ପାଇଁ ପୋଲିସ ରିମାଣ୍ଡରେ ଛାଡ଼ିଛି।

## ଶଟ୍ ଡାଉନ୍‌ରୁ ବର୍ତ୍ତିବାକୁ ଉଦ୍ୟମ

**ୱାଶିଂଟନ,୩୦।୯**



**୪୫ ଦିନିଆ ଫଣ୍ଡିଂ ବିଲ୍ ଗୃହୀତ କରାଇବାକୁ ଡେମୋକ୍ରାଟ୍‌ଙ୍କ ସହଯୋଗ ଲୋଡ଼ିଲେ ସ୍ପିକର**

ଆମେରିକାର ରିପବ୍ଲିକାନ୍ ନିୟନ୍ତ୍ରିତ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ ଶୁକ୍ରବାର ଅସ୍ଥାୟୀ ଫଣ୍ଡିଂ ବିଲ୍‌କୁ ଅନୁମୋଦନ କରିବାରେ ବିଫଳ ହୋଇଥିବାରୁ ସରକାର ଶଟ୍‌ଡାଉନ୍ ହେବାକୁ ଯାଉଛି। ଉକ୍ତ ବିଲ୍ ବିରୋଧରେ ସମସ୍ତ ଡେମୋକ୍ରାଟ୍ ଏବଂ ୨୧ ରିପବ୍ଲିକାନ୍ ସଦସ୍ୟ ଭୋଟ ଦେଇଥିଲେ। ଶନିବାର ସ୍ପିକର କେଭିନ୍ ମାକାର୍ଥୀ ଡେମୋକ୍ରାଟ୍‌ଙ୍କ ସହଯୋଗରେ ହାଉସ୍‌ରେ ଏକ ୪୫ ଦିନିଆ ଫଣ୍ଡିଂ ବିଲ୍‌କୁ ଗୃହୀତ କରାଇବାକୁ ଉଦ୍ୟମ ଚଳାଇଥିବା ଘୋଷଣା କରିଛନ୍ତି। ତାହା ହେଲେ ସରକାରୀ କଳ ସାମୟିକ ଭାବେ ଚାଲିପାରିବ। ମଧ୍ୟରାତ୍ର ସମୟସୀମା ପୂର୍ବରୁ ରିପବ୍ଲିକାନ୍ ସଦସ୍ୟମାନେ କ୍ୟାପିଟୋଲରେ ଏକ ରୁଦ୍ଧଦ୍ୱାର ବୈଠକରେ ଏକାଠି ହୋଇଥିଲେ। ନୂଆ ବିଲ୍‌ରେ ୟୁକ୍ରେନ୍‌କୁ ସହାୟତା ବାଦ୍ ଦେବାକୁ କୁହାଯାଇଛି। ୟୁକ୍ରେନ୍‌କୁ ସହାୟତା ଉପରେ ହ୍ୱାଇଟ୍ ହାଉସ୍ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ କେତେଜଣ ରିପବ୍ଲିକାନ୍ ଆଇନ ପ୍ରଣେତା ଏହାକୁ ବିରୋଧ କରୁଛନ୍ତି। ତେବେ ସଂଘୀୟ ବିପର୍ଯ୍ୟୟ ସହାୟତାକୁ ୧୬ ବିଲିୟନ ଡଲାର ବଢ଼ାଇବା ପାଇଁ ଏଥିରେ ପ୍ରସ୍ତାବ ରହିଛି। ଏହି ଯୋଜନା ଉପରେ ଶନିବାର ତୁରନ୍ତ ଭୋଟ୍ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଡେମୋକ୍ରାଟମାନେ ଏଥିରେ ବାଧା ସୃଷ୍ଟି କରିଛନ୍ତି। ୭୧ ପୃଷ୍ଠାର ଏହି ବିଲ୍ ପଢ଼ିବା ପାଇଁ ସେମାନଙ୍କୁ ସମୟ ଦିଆଯିବା ଆବଶ୍ୟକ ବୋଲି ଡେମୋକ୍ରାଟ ସଦସ୍ୟ କହିଛନ୍ତି। ଆମେରିକା ସମୟ ରାତି ୧୨ଟା ସୁଦ୍ଧା ବିଲ୍ ଗୃହୀତ ହୋଇ ନ ପାରିଲେ ୮ ଲକ୍ଷରୁ ଊର୍ଦ୍ଧ୍ୱ ସଂଘୀୟ ସିଭିଲ୍ କର୍ମଚାରୀଙ୍କୁ ବେତନ ମିଳିବ ନାହିଁ ଓ ବହୁ ସରକାରୀ କାର୍ଯ୍ୟକ୍ରମ ଅଟକି ରହିବ ବୋଲି କୁହାଯାଉଛି।

## ବାଇକ୍ ଆରୋହୀଙ୍କୁ ପିଟି ମାରିଦେଲେ

**ଜୟପୁର,୩୦।୯**

**ଜୟପୁରରେ ସାମ୍ପ୍ରଦାୟିକ ଉତ୍ତେଜନା**

ରାଜସ୍ଥାନର ଜୟପୁରରେ ଦୁଇଟି ମୋଟରସାଇକେଲ ମଧ୍ୟରେ ଧକ୍କାରୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। ଦୁର୍ଘଟଣା ପରେ କେତେଜଣ ଲୋକ ଜଣେ ବାଇକ୍ ଆରୋହୀଙ୍କୁ ପିଟି ମାରିଦେଇଥିଲେ। ଏହାକୁ ନେଇ ଜୟପୁରର ରାମଗଞ୍ଜ ଓ ପାଖ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ଖବର ଅନୁଯାୟୀ ସୁଭାଷ ଚୌକଠାରେ ଶୁକ୍ରବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଜଣେ ବାଇକ୍ ଆରୋହୀ ତାଙ୍କର କେତେଜଣ ସମର୍ଥକଙ୍କୁ ନେଇ ଇକ୍‌ବାଲ ନାମକ ଅନ୍ୟ ଜଣେ ଆରୋହୀଙ୍କ ଉପରେ ଆକ୍ରମଣ କରିଥିଲେ। ଇକ୍‌ବାଲଙ୍କୁ ସଙ୍ଗେ ସଙ୍ଗେ ଏସ୍‌ଏମ୍‌ଏସ୍ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୁସଲମାନ ବହୁଳ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାରୁ ଦୋକାନ ବଜାର ବନ୍ଦ ରହିଛି। ଆକ୍ରମଣକାରୀ ଗୋଷ୍ଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଏକାଠି ହୋଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ସେଠାରେ ଶାନ୍ତି ଫେରାଇ ଆଣିବା ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ସିବିଡିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢ଼ିଲା

**ନୂଆଦିଲ୍ଲୀ,୩୦।୯(ପି.ଟି.)**



ନୀତିନ ଗୁପ୍ତା

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଧ୍ୟକ୍ଷ ନୀତିନ ଗୁପ୍ତାଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ୯ ମାସ ବଢ଼ାଇଛନ୍ତି। ୧୯୮୬ ବ୍ୟାଚ୍‌ର ଏହି ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କର ଶନିବାର ଅବସର ଗ୍ରହଣ କରିବାର ଥିଲା। ଆୟକର ବିଭାଗରେ କାର୍ଯ୍ୟରତ ଗୁପ୍ତାଙ୍କୁ ଗତବର୍ଷ ଜୁନ୍‌ରେ ସିବିଡିଟି ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ଠିକା ଭିତ୍ତିରେ ତାଙ୍କ କାର୍ଯ୍ୟକାଳକୁ ଅକ୍ଟୋବର ୧ରୁ ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି।

## ଖାତକୁ ବସ୍ ଖସି ୮ ପର୍ଯ୍ୟଟକ ମୃତ

**ଉଧାଗମଣ୍ଡଲମ୍,୩୦।୯**

ତାମିଲନାଡୁର ଉଟି-ମେଟ୍ଟୁପାଲାୟାମ ଘାଟ ରାସ୍ତାର ମାରାପାଲମ୍‌ଠାରେ ଶନିବାର ଏକ ବସ୍ ଖାତକୁ ଖସିପଡ଼ିବାରୁ ୮ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ ଥେଙ୍କାସିରୁ ୫୭ ପର୍ଯ୍ୟଟକ ଶନିବାର ସକାଳେ ଏକ ବସ୍ ଯୋଗେ ଉଟି ଆସିଥିଲେ। ଉଟି ଓ କୁନୁରର କେତେକ ପର୍ଯ୍ୟଟନ ସ୍ଥଳ ବୁଲିବା ପରେ ସନ୍ଧ୍ୟାରେ ବସ୍ ପାହାଡ଼ ତଳକୁ ଖସୁଥିବାବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ୫୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ୫୪ ଜଣଙ୍କୁ ଉଦ୍ଧାର କରି କୁନୁର ସରକାରୀ ହସ୍ପିଟାଲରେ ପହଞ୍ଚାଇବା ପରେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ମୃତ ଘୋଷଣା କରାଯାଇଛି। ଅନ୍ୟ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି।

## ଆମେରିକା ପ୍ରତିରକ୍ଷା, ବାଣିଜ୍ୟ ସଚିବଙ୍କୁ ଭେଟିଲେ ଜୟଶଙ୍କର

**ୱାଶିଂଟନ,୩୦।୯**



ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପେଣ୍ଟାଗନରେ ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ଏବଂ ବାଣିଜ୍ୟ ସଚିବ ଗିନା ରାଇମଣ୍ଡୋଙ୍କୁ ଭେଟି ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବଢ଼ାଇବା ସହ ପ୍ରତିରକ୍ଷା ସାମଗ୍ରୀ ମିଳିତ ଭାବେ ପ୍ରସ୍ତୁତ କରିବା ନେଇ ଅଷ୍ଟିନ୍‌ଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଜୟଶଙ୍କର କହିଛନ୍ତି। ବାଣିଜ୍ୟ ସଚିବଙ୍କ ସହ ଆଲୋଚନା ବେଳେ ସେ ଚଳିତ ବର୍ଷର ବୈଷୟିକ ସହଯୋଗ ଏବଂ ଅର୍ଥନୈତିକ ଭାଗୀଦାରିତାରେ ଉଲ୍ଲେଖନୀୟ ଉନ୍ନତିକୁ ପ୍ରଶଂସା କରିଥିଲେ। ଦିନକ ପୂର୍ବରୁ ଜୟଶଙ୍କର ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକ୍ ସୁଲିଭାନ, ବାଣିଜ୍ୟ ପ୍ରତିନିଧି କାଥେରିନ୍ ଟାଇ ଏବଂ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଭେଟି ଆଲୋଚନା କରିଥିଲେ।

ୱାଶିଂଟନରେ ଅନୁଷ୍ଠିତ ବିଶ୍ୱ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ଜୟଶଙ୍କର କହିଥିଲେ, ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅଗ୍ରଗତି ଭଳି ବୃହତ୍ ବୈଶ୍ୱିକ ଆହ୍ୱାନର ମୁକାବିଲା ଏକାକୀ କରାଯାଇପାରିବ ନାହିଁ। ଏଥିପାଇଁ ସାରା ବିଶ୍ୱକୁ ଏକାଠି କରାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

# ବର୍ଷାରେ ଭାସିଲା ନ୍ୟୁୟର୍କ ସହର

**ନ୍ୟୁୟର୍କ,୩୦।୯**




ଆମେରିକାର ନ୍ୟୁୟର୍କରେ ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ମେଟ୍ରୋପଲିଟାନ୍ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ବିଭିନ୍ନ ରାସ୍ତାରେ ଅଣ୍ଟାଏ ଉଚ୍ଚରେ ପାଣି ଚାଲୁଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ରେଳଲାଇନଗୁଡ଼ିକ ମଧ୍ୟ ବର୍ଷାପାଣିରେ ବୁଡ଼ିଯାଇଛି। ଅଟ୍ଟାଳିକାଗୁଡ଼ିକର ବେସ୍‌ମେଣ୍ଟ ବୁଡ଼ିଯାଇଛି। ସହରର ଲାଗାର୍ଡିଆ ଏୟାରପୋର୍ଟକୁ ଦୀର୍ଘସମୟ ବନ୍ଦ କରିଦିଆଯାଇଥିଲା। ବହୁ ଦଶନ୍ଧି ମଧ୍ୟରେ ଏହା ସହରର ସବୁଠୁ ବର୍ଷଣମୁଖର ଦିନ ବୋଲି କୁହାଯାଉଛି। ଶୁକ୍ରବାର ରାତିରେ ବ୍ରୁକ୍‌ଲିନ୍‌ର କେତେକ ଅଞ୍ଚଳରେ ୧୮.୪୧ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇଛି। ଗୋଟିଏ ସ୍ଥାନରେ ଘଣ୍ଟାଏ ମଧ୍ୟରେ ୬ ସେଣ୍ଟିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି। ଜନ୍ ଏଫ୍. କେନେଡି ଏୟାରପୋର୍ଟରେ ରେକର୍ଡ ୨୧.୯୭ ସେଣ୍ଟିମିଟର ବର୍ଷା ହୋଇଛି। ଏପରିକି ୧୯୬୦ର ବାତ୍ୟା ଡୋନାରେ ମଧ୍ୟ ଏତେ ପରିମାଣରେ ବର୍ଷା ହୋଇ ନ ଥିଲା। ଆହୁରି ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ହରିକେନ୍ ଇଡାରେ ବର୍ଷା ରେକର୍ଡ ଭାଙ୍ଗିଥିଲା ଏବଂ ନ୍ୟୁୟର୍କ ସହରରେ ଅନ୍ୟୂନ ୧୩ ଜଣ ପ୍ରାଣ ହରାଇଥିଲେ। ଏହାର ଦୁଇବର୍ଷ ପରେ ଶୁକ୍ରବାର ରାତିରେ ହୋଇଥିବା ଲଗାଣ ବର୍ଷାରେ କେହି ମୃତ କିମ୍ବା ଗୁରୁତର ଆହତ ହୋଇଥିବାରୁ ଖବର ମିଳିନାହିଁ। ତେବେ ଏହା ପୁଣିଥରେ ଲୋକଙ୍କ ମନରେ ଇଡା ବାତ୍ୟାର ଭୟ ସୃଷ୍ଟି କରିଛି। ଉଡ୍‌ସାଇଡ୍‌ରେ ରହୁଥିବା ଜୟ ଓ୍ୱଙ୍ଗ କହିଛନ୍ତି, ବର୍ଷାପାଣିର ଢେଉ ତାଙ୍କ ଘର ସାମ୍ନା କବାଟରେ ମାଡ଼ ହେଉଛି। ଚାରିଆଡ଼େ ସମୁଦ୍ର ଭଳି ହୋଇଯାଇଥିବାରୁ ଘରୁ ବାହାରିବା ବିପଜ୍ଜନକ ହୋଇପଡ଼ିଥିବା ସେ କହିଛନ୍ତି। ଅନେକ ଘରର ବେସ୍‌ମେଣ୍ଟ ବୁଡ଼ିଥିଲେ ମଧ୍ୟ ସେଠାରୁ ଲୋକମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଗଭର୍ନର କାଥି ହୋଚୁଲ ଏବଂ ମେୟର ଏରିକ ଆଡାମ୍ସ ଜରୁରୀ ସ୍ଥିତି ଜାରି କରିଛନ୍ତି।

## ଡିସେମ୍ବରରେ ସ୍ନାପ୍-୨୦୨୩

**ଭୁବନେଶ୍ୱର:** ସିମ୍ବୋସିସ୍ ନ୍ୟାଶନାଲ ଆପ୍ଟିଚ୍ୟୁଡ୍ ଟେଷ୍ଟ (ସ୍ନାପ୍-୨୦୨୩) ତାରିଖ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସ୍ନାପ୍-୨୦୨୩ ଲାଗି ପଞ୍ଜୀକରଣ ୨୦୨୩ ନଭେମ୍ବର ୨୩ ରେ ବନ୍ଦ ହେବାକୁ ଯାଉଛି। ସ୍ନାପ ପରୀକ୍ଷା ୧ ଡିସେମ୍ବେର ୪ରେ ଏବଂ ସ୍ନାପ୍ ପରୀକ୍ଷା ୨ ଓ ୩ ଡିସେମ୍ବର ୯ରେ ଅନୁଷ୍ଠିତ ହେବ। ସେହିଭଳି ୨୦୨୩ ପାଇଁ ସ୍ନାପ୍ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ତିନୋଟି ଭିନ୍ନ ତାରିଖ ୨୦୨୩ ଡିସେମ୍ବର୧୦, ଡିସେମ୍ବର ୧୭ ଏବଂ ଡିସେମ୍ବର ୨୨ରେ ଅନୁଷ୍ଠିତ ହେବ। ଏପରିକି ସ୍ନାପ୍ ପରୀକ୍ଷାଫଳ ୨୦୨୪ ଜାନୁୟାରୀ ୧୦ ରେ ପ୍ରକାଶ ପାଇବ।

# ଆଜିଠୁ ଅନ୍‌ଲାଇନ ଗେମିଂ ମହଙ୍ଗା

## ଲାଗିବ ୨୮% ଜିଏସ୍‌ଟି

ଭୁବନେଶ୍ୱର ,୩୦।୯ (ଅଭୟ ଦାଶ)



ବର୍ତ୍ତମାନ ସମୟରେ ଅନ୍‌ଲାଇନ ଗେମିଂର ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଉଛି। ଫଳରେ ଭାରତରେ ପ୍ରଚଳିତ ଏବଂ କାର୍ଯ୍ୟକ୍ଷମ ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମ (କମ୍ପାନୀ)ଗୁଡ଼ିକ ସରକାରଙ୍କୁ କୌଣସି ପ୍ରକାର ଟିକସ ଦେଉ ନ ଥିବାବେଳେ କୋଟି କୋଟି ଟଙ୍କାର ରାଜସ୍ୱ ସମ୍ପୃକ୍ତ ଅନ୍‌ଲାଇନ ଗେମିଂ କମ୍ପାନୀଗୁଡ଼ିକ ସଂଗ୍ରହ କରୁଛନ୍ତି। ଉପରୋକ୍ତ ବିଷୟରେ କେନ୍ଦ୍ର ସରକାର ବହୁ ବିଚାରବିମର୍ଶ ପରେ ଚଳିତ ବର୍ଷ ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂ ଉପରେ ୨୮% ସେବା ଓ ସାମଗ୍ରୀ ଟିକସ (ଗୁଡ୍‌ସ୍ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ) ବା ଜିଏସ୍‌ଟି ଲାଗୁ କରିବେ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏ ନେଇ ମଧ୍ୟ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମସ (ସିବିଆଇସି)ର ଚେୟାରମ୍ୟାନ ସଞ୍ଜୟ ଅଗ୍ରୱାଲ କହିଛନ୍ତି, ଭାରତରେ କାର୍ଯ୍ୟକ୍ଷମ ଗେମିଂ କମ୍ପାନୀଗୁଡ଼ିକୁ ସରକାରଙ୍କ ନିୟମାବଳୀ ଅନୁଯାୟୀ ଲିଗାଲ ନୋଟିସ ପଠାଇ ଦିଆଯାଇଛି। ସେହିଭଳି ଦେଶର ସମସ୍ତ ରାଜ୍ୟର ବିଧାନସଭାରେ ଜିଏସ୍‌ଟି ସଂଶୋଧନ ବିଧେୟକ-୨୦୨୩କୁ ସେପ୍ଟେମ୍ବର ୩୦ ସୁଦ୍ଧା ଗୃହୀତ କରିବା ଅଥବା ଅଧ୍ୟାଦେଶ ଜାରି କରି ୨୦୨୩ ଅକ୍ଟୋବର ୧ରୁ ଲାଗୁ କରିବା ଆବଶ୍ୟକ ରହିଛି ବୋଲି ସଞ୍ଜୟ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁଲାଇର ଜିଏସ୍‌ଟି କାଉନସିଲ ବୈଠକରେ ଅନ୍‌ଲାଇନ ଗେମିଂ, ହର୍ସ ରେସିଂ ଓ କ୍ୟାସିନୋ ଆଦି ଉପରେ ୨୮% ଜିଏସ୍‌ଟି ଲାଗୁ କରିବା ପାଇଁ ସରକାର ଘୋଷଣା କରିଥିଲେ। ଏପରିକି ୨୦୨୩ ଅଗଷ୍ଟ ୨ ରେ ଏଥିପାଇଁ ଅନୁଷ୍ଠିତ ୫୧ତମ ଜିଏସ୍‌ଟି ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅଗ୍ରୱାଲ କହିଛନ୍ତି, ଆମେ ସବୁ ରାଜ୍ୟର ସହମତିରେ ୨୦୨୩ ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂ ଉପରେ ୨୮% ଜିଏସ୍‌ଟି ଲାଗୁ କରିବା ପାଇଁ ପ୍ରସ୍ତୁତ ହୋଇଛୁ।

# ଅକ୍ଟୋବର ୬ରୁ ବ୍ଲକ୍‌ବଷ୍ଟର ସେଲ୍

ଭୁବନେଶ୍ୱର ,୩୦।୯

ଭାରତର ଏକମାତ୍ର ପ୍ରକୃତ ଇ-ବାଣିଜ୍ୟ ବଜାର ସ୍ଥାନ ମିଶୋ ଶନିବାର ଅକ୍ଟୋବର ୬ରୁ ଆରମ୍ଭ ହୋଇଥିବା ବହୁ ପ୍ରତୀକ୍ଷିତ 'ମିଶୋ ମେଗା ବ୍ଲକବଷ୍ଟର ସେଲ୍' ଘୋଷଣା କରିଛି। ଏ ସମ୍ପର୍କରେ ମିଶୋର ସିଏକ୍ସଓ (ଅଭିବୃଦ୍ଧି) ମେଘା ଅଗ୍ରୱାଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ଉତ୍ସବ ଋତୁରେ ଏକାଠି ହେବା, ପରମ୍ପରା ପାଳନ କରିବା ଏବଂ ଚିରସ୍ଥାୟୀ ସ୍ମୃତି ସୃଷ୍ଟି କରିବାର ସମୟ ହୋଇଥିବାବେଳେ ବଢ଼ୁଥିବା ଉତ୍ସବର ଚାହିଦା ପୂରଣ କରିବା ପାଇଁ ଆମେ ଲକ୍ଷ ଲକ୍ଷ ବିକ୍ରେତାଙ୍କ ସହ ଦେଶରେ ଉଦୀୟମାନ ତଥା ଆଞ୍ଚଳିକ ବ୍ରାଣ୍ଡଗୁଡ଼ିକ ସହିତ କାର୍ଯ୍ୟ କରୁଛୁ। ୨୦୨୩ ଅକ୍ଟୋବର ୬ ରୁ ମିଶୋ ମେଗା ବ୍ଲକ ବଷ୍ଟର ସେଲ୍ କୋଟି କୋଟି ଭାରତୀୟଙ୍କ ଉତ୍ସବର ଶପିଂ ଆକାଂକ୍ଷା ପୂରଣ କରିବାକୁ ଲକ୍ଷ୍ୟ ରଖିଛି।

# ଯାଜପୁରରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର ,୩୦।୯




ରିଲାଏନ୍ସ ରିଟେଲର ଆପାରେଲ୍ ଏବଂ ଆସେସୋରି ସ୍ପେଶିଆଲିଟି ଚେନ୍ 'ଟ୍ରେଣ୍ଡସ୍'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ଯାଜପୁର ଜିଲାର ଦାନଗଦି ବଜାର(ଟାଉନ)ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ୫୯୨୫ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି (ଦାନଗଦିର ପ୍ରଥମ ଟ୍ରେଣ୍ଡସ ଷ୍ଟୋର୍) ଷ୍ଟୋରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଛୋଟ ପିଲାଙ୍କ ପାଇଁ ମଧ୍ୟ ଭଳିକି ଭଳି ପୋଷାକ ଉପଲବ୍ଧ ରହିଛି। ଏପରିକି ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ମଧ୍ୟ ରହିଛି। ୩୯୯୯ ଟଙ୍କାର କିଣାକିଣି ଉପରେ ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ସହ ଗ୍ରାହକମାନେ ମଧ୍ୟ ୨୦୦୦ ଟଙ୍କା ମୂଲ୍ୟର କୁପନ୍ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ସେହିଭଳି ଏଠାରେ ଟ୍ରେଣ୍ଡିଂ ଓମେନ୍ସ ୱେର, ମେନ୍ସ ୱେର ଏବଂ କିଡସ୍ ୱେ୍ର ଓ ଫ୍ୟାଶନ୍ ଆସେସୋରିଜ୍ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ। ଅପରପକ୍ଷରେ ଦାନଗଦି ଟ୍ରେଣ୍ଡସ୍ ଷ୍ଟୋରର ଆଧୁନିକ ଲୁକ୍ ଏବଂ ପରିବେଶ ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ଏକ ପ୍ରମୁଖ ସ୍ଥାନ ପାଲଟିବ। ଏପରିକି ଟ୍ରେଣ୍ଡସର ଉଚ୍ଚ ଓ ଗୁଣାତ୍ମକମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜସ ଅତି ସୁଲଭ ମୂଲ୍ୟରେ ଉପଲବ୍ଧ।

# ଭାରତୀୟ ଇସ୍ପାତ ବଜାର ସମ୍ମିଳନୀ

ଭୁବନେଶ୍ୱର ,୩୦।୯

ଦେଶର ପ୍ରମୁଖ ବି୨ବି ଇ କର୍ମସ କମ୍ପାନୀ ଏମ୍‌ଜଙ୍କସନ ସର୍ଭିସ୍ ଲିମିଟେଡ୍ (ଏମ୍‌ଏସ୍‌ଏଲ୍) ପକ୍ଷରୁ ୨ଦିନିଆ ଭାରତୀୟ ଇସ୍ପାତ ବଜାର ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରଠାରେ ଇଣ୍ଡିଆନ ଷ୍ଟିଲ୍ ମାର୍କେଟ କନ୍‌ଫେରନ୍ସ (ଭାରତୀୟ ଇସ୍ପାତ ବଜାର ସମ୍ମିଳନୀ)ର ୧୦ମ ସଂସ୍କରଣ ଆୟୋଜିତ ହୋଇଥିଲା। ଏପରିକି ଚଳିତ ବର୍ଷ ସମ୍ମିଳନୀର ଶୀର୍ଷକ 'ଇଣ୍ଡିଆନ ଷ୍ଟିଲ: ଇନୋଭେଟିଂ ସଲ୍ୟୁସନ ଫର୍ ସ୍ମାର୍ଟର ଆଣ୍ଡ ସେଷ୍ଟନେବୋଲ ଫ୍ୟୁଚର' ରହିଥିଲା। ଏହି ଅବସରରେ ଇସ୍ପାତ ମନ୍ତ୍ରାଳୟର ସଚିବ ନଗେନ୍ଦ୍ର ନାଥ ସିହ୍ନାଙ୍କ ସମେତ ସେଲ୍‌ର ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ ଏବଂ ଏମ୍‌ଓଆଇଏଲ୍‌ର ସିଏମ୍‌ଡି ଏ.କେ.ସାକ୍ସେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏମ୍‌ଜଙ୍କସନର ଏମ୍‌ଡି ବିନୟ ବର୍ମା କହିଥିଲେ, ବର୍ତ୍ତମାନ ଇସ୍ପାତ ଶିଳ୍ପ ଓ ବଜାର ଏକ ଆହ୍ୱାନ ଦେଇ ଗତି କରୁଥିବାବେଳେ ବ୍ୟବସାୟକୁ ବୃଦ୍ଧି କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନେଇ ବିଭିନ୍ନ ସ୍ତରରେ ବିଚାରବିମର୍ଶ କରାଯାଉଛି। ଅପରପକ୍ଷରେ ସମ୍ମିଳନୀର ବିଷୟବସ୍ତୁ ଉପରେ ଅତିଥି ଓ ଆମନ୍ତ୍ରିତ ଶିଳ୍ପ ପ୍ରତିନିଧିମାନେ ସେମାନଙ୍କର ମତ ଉପସ୍ଥାପନ କରିବା ସହ ଆଗାମୀ ଦିନରେ କିଭଳି ଶିଳ୍ପର ଅଭିବୃଦ୍ଧି କରି ହେବ ଦେଇ ଏକ ବିସ୍ତୃତ ଖସଡା ପ୍ରସ୍ତୁତ ପାଇଁ ବ୍ୟାପକ ଆଲୋଚନା କରାଯାଇଥିଲା।

# ପିଏନ୍‌ବି ପକ୍ଷରୁ ରାଜଭାଷା ସମାରୋହ

ଭୁବନେଶ୍ୱର ,୩୦।୯

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ରାଜଭାଷା ସମାରୋହ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଏ.ଉଦୟ ଭାସ୍କର ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ରାଜଭାଷା ସମାରୋହ ଓ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୀ ଶିକ୍ଷଣ ଯୋଜନାର ସହାୟକ ନିର୍ଦ୍ଦେଶକ ନମିତା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପିଏନ୍‌ବିର ଅଞ୍ଚଳ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀ, ଉପ-ଅଞ୍ଚଳ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଯେଉଁଥିରେ ବ୍ୟାଙ୍କର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବିଶେଷକରି ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ହିନ୍ଦୀର ପ୍ରୟୋଗ କରିବା କେବଳ ସାମ୍ବିଧାନିକ ଦାୟିତ୍ୱ ନୁହେଁ, ବରଂ ଏହା ବ୍ୟବସାୟିକ ଆବଶ୍ୟକତା ବୋଲି ରେଡ୍ଡୀ ମତପ୍ରକାଶ କରିଥିଲେ। ସେହିଭଳି ଗ୍ରାହକଙ୍କ ଭାଷାରେ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଦ୍ୱାରା ବ୍ୟାଙ୍କ କର୍ମଚାରୀମାନଙ୍କ ସହ ସେମାନଙ୍କ ସମ୍ପର୍କ ଦୃଢ଼ୀଭୂତ ହୋଇଥିବା ସହ ଏହା ବ୍ୟବସାୟରେ ଅଭିବୃଦ୍ଧି ଆଣିଥାଏ ବୋଲି ରେଡ୍ଡୀ କହିଥିଲେ। ଅପରପକ୍ଷରେ ରେଡ୍ଡୀ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ନିମନ୍ତେ ତାଙ୍କର ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ରଚିତ ଲେଖାଗୁଡ଼ିକ 'ପିଏନ୍‌ବି ଉତ୍କଳବାଣୀ'ରେ ସ୍ଥାନ ଦିଆଯାଉଛି। ବ୍ୟାଙ୍କର ସମସ୍ତ ଡିଜିଟାଲ ଉତ୍ପାଦ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ହିନ୍ଦୀରେ ଜାରି କରାଯାଇଛି,ଯାହା ଦ୍ୱାରା ସମସ୍ତେ ଏହି ସୁବିଧା ଉପଯୋଗ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବ୍ୟାଙ୍କ ପକ୍ଷରୁ ସମୟ ସମୟରେ ଶାଖାଗୁଡ଼ିକୁ ହିନ୍ଦୀରେ ଅଧିକରୁ ଅଧିକ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଉକ୍ତ ସମାରୋହ (୨୦୨୨-୨୩ ବର୍ଷ) ରେ ହିନ୍ଦୀ ଭାଷା ଜରିଆରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ମଣ୍ଡଳଗୁଡ଼ିକୁ ଅଞ୍ଚଳ ସ୍ତରୀୟ ଲାଲା ଲାଜପତ ରାୟ ରାଜଭାଷା ସିଲ୍ଡ ଯୋଜନା ଅନ୍ତର୍ଗତ ପୁରସ୍କୃତ କରାଯାଇଥିଲାବେଳେ ହିନ୍ଦୀ ମାସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ମୁମ୍ବାଇର ଅନ୍ଧେରି ଇଷ୍ଟଠାରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କେନ୍ଦ୍ରୀୟ କାର୍ଯ୍ୟସ୍ଥଳୀ(ଇଣ୍ଡିଆ) ମାଲାବାର ନ୍ୟାଶନାଲ ହବ୍ (ଏମ୍-ଏନ୍‌ଏଚ୍) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୂର୍ବତନ ଏମ୍‌ପି ତଥା ଲୋକମତ ମିଡିଆ ଗ୍ରୁପ୍‌ର ଅଧ୍ୟକ୍ଷ ବିଜୟ ଦର୍ଦାଙ୍କ ସମେତ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍.ପି .ଅହମ୍ମଦ,ଭାଇସ୍ ଚେୟାରମ୍ୟାନ କେ.ପି. ଅବଦୁଲ ସଲାମ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି (ଆଇଓ) ଆସେର ଓ ଏବଂ ଜିଇଡି ଏ.କେ. ନିସାଦ, କେ.ପି. ଭରିନାକୁଟୀ, ମଇନାକୁଟୀ, ଅବଦୁଲ ମାଜେଦ, ଏ.କେ. ଫୈଜଲ, ଅବଦୁଲାଙ୍କ ସମେତ ୱେଷ୍ଟ ରିଜିନାଲ ହେଡ୍ ଫାନ୍‌ଜିମ ଅହମ୍ମଦ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏନ୍‌ଏଲ୍‌ସିଆଇଏଲ୍ ସହ ଗ୍ରୀଡ୍‌କୋର ବୁଝାମଣା



ଭୁବନେଶ୍ୱର ,୩୦।୯

ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍‌ସିଆଇଏଲ୍) ଏବଂ ଗ୍ରୀଡ୍‌କୋ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଓଡ଼ିଶାରେ ପ୍ରସ୍ତାବିତ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେଶନ (ଏନ୍‌ଟିପିପି)ର ଷ୍ଟେଜ-୧ରେ ୪୦୦ମେଗାୱାଟ ଏବଂ ଷ୍ଟେଜ-୨ରେ ୪୦୦ମେଗାୱାଟର ବିଦ୍ୟୁତ୍ କ୍ରୟ ଚୁକ୍ତି (ପିପିଏ) ପାଇଁ ଭୁବନେଶ୍ୱର ଗ୍ରୀଡ୍‌କୋ ମୁଖ୍ୟାଳୟଠାରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏପରିକି ଉକ୍ତ ବୁଝାମଣା ସହ ଏନ୍‌ଏଲ୍‌ସିଆଇଏଲ୍ ନେଭେଲି ତଲାବିରା ସୁପର କ୍ରିଟିକାଲ ଥର୍ମାଲ ପାୱାର ଷ୍ଟେଶନ ଷ୍ଟେଜ-୧ର ୨୪୦୦ ମେଗାୱାଟକୁ ସମ୍ପୂର୍ଣ୍ଣ କ୍ଷମତା ଅନୁବନ୍ଧିତ କରିଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ ଏମ୍. ଭେଙ୍କଟଚଲମ୍ ଏବଂ ଗ୍ରୀଡ୍‌କୋ ଲିମିଟେଡ୍‌ର ନିର୍ଦ୍ଦେଶକ (ଟି ଆଣ୍ଡ ବିଡି) ଉମାକାନ୍ତ ସାହୁ ଉପରୋକ୍ତ (ବିଦ୍ୟୁତ୍ କ୍ରୟ ଚୁକ୍ତି) ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏମ୍.ପ୍ରସନ୍ନ କୁମାର ମୋଟୁପଲ୍ଲୀ ଏବଂ ଗ୍ରୀଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡାଙ୍କ ସମେତ ଗ୍ରୀଡ୍‌କୋ ଲିମିଟେଡ୍‌ର ନିର୍ଦ୍ଦେଶକ (ଏଫ୍ ଆଣ୍ଡ ସିଏ) ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର ,୩୦।୯

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରବନ୍ଧକ ସୁମନ ଝା, ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଏବଂ ପୁଷ୍ପିତା ବେହେରାଙ୍କ ଦ୍ୱାରା ବନ୍ଦନା ଗାନ କରାଯାଇଥିଲା। ଡିଭିଜନାଲ ମ୍ୟାନେଜର ଅଶୋକ କୁମାର ମେହେର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ବର୍ତ୍ତମାନ ସମୟରେ ସବୁ ସ୍ଥାନରେ ହିନ୍ଦୀ ଭାଷାଭାଷୀ ଲୋକ ନିଶ୍ଚୟ ମିଳିବେ ବୋଲି କହିଥିଲେ। ରାଜଭାଷାର ଉତ୍କୃଷ୍ଟ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ପାଇଁ ଚନ୍ଦର ସମସ୍ତଙ୍କୁ ସହଯୋଗ କରିବା ପାଇଁ କହିଥିଲେ। ଅପରପକ୍ଷରେ ପ୍ରବନ୍ଧକ ମେଘା ବଗାରିଆ ଗୃହମନ୍ତ୍ରୀଙ୍କ ଦ୍ୱାରା ଜାରି କରାଯାଇଥିବା ହିନ୍ଦୀ ସନ୍ଦେଶ ପଠନ କରିଥିବାବେଳେ ସହ ବରିଷ୍ଠ ପ୍ରବନ୍ଧକ ରିଙ୍କୁ ରାଣୀ ବେହେରା ମହାପ୍ରବନ୍ଧକ ଚନ୍ଦରଙ୍କ ଦ୍ୱାରା ଜାରି କରାଯାଇଥିବା ହିନ୍ଦୀ ଦିବସର ବାର୍ତ୍ତା ପଠନ କରିଥିଲେ। ଉକ୍ତ ସମାରୋହରେ ହିନ୍ଦୀ ପଖୱାଡା ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା,କାନାରା ବ୍ୟାଙ୍କର ଅକ୍ଷୟ ଯୋଜନା ଏବଂ କାନାରା ବ୍ୟାଙ୍କ ପୁରସ୍କାର ଯୋଜନାର ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଜି. ରୁଦ୍ରାଚାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସହାୟକ ମହାପ୍ରବନ୍ଧକ ରୀତା ଦାସ, ସହାୟକ ମହାପ୍ରବନ୍ଧକ ଜି.ରୁଦ୍ରାଚାରୀ, ଡିଭିଜନାଲ ମ୍ୟାନେଜର ଅଶୋକ କୁମାର ମେହେର, ଡିଭିଜନାଲ ମ୍ୟାନେଜର ବେଦବ୍ୟାସ ପ୍ରଧାନ, ଡିଭିଜନାଲ ମ୍ୟାନେଜର ବିବେକ ପାଟନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହିନ୍ଦୀ କବିତା ପଠନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଜାତୀୟ ସଂଗୀତ ସହ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା। ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଅଭୟ ନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିପିସିଓଡିଏଲ୍‌ର ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍

ଭୁବନେଶ୍ୱର ,୩୦।୯

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ସଫଳ ଯୋଜନା 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟିପିସିଓଡିଏଲ୍‌ର ଏହି ଅଭିନବ ଅଭିଯାନ ଗ୍ରାହକମାନଙ୍କୁ ବେଶ୍ ଆକର୍ଷଣ କରିଛି। ଫଳରେ ସେମାନଙ୍କ ବକେୟା ତୁରନ୍ତ ପ୍ରଦାନ କରିବା ଏବଂ ଏକ ଶୂନ-ବକେୟା ଗ୍ରାହକରେ ପରିଣତ ହେବା ଲାଗି ଉକ୍ତ ଯୋଜନା ଗ୍ରାହକଙ୍କୁ ଉତ୍ସାହିତ କରୁଛି ଏବଂ ଏଥିରେ ଗ୍ରାହକଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଟିପିସିଓଡିଏଲ୍‌ର ବିସିଡିଡି-୧, ବିସିଡିଡି-୨, ବିଇଡି (ଭୁବନେଶ୍ୱର), ସିଡିଡି-୧, ସିଡିଡି-୨, ସିଇଡି (କଟକ), ଏସ୍‌ଇଡି (ସାଲେପୁର), ଜେଇଡି (ଜଗତ୍‌ସିଂହପୁର), କେଇଡି (କେନ୍ଦ୍ରାପଡ଼ା), ଏମ୍‌ଇଡି (ମାର୍ଶାଘାଇ), ବିଏଇଡି (ବାଲୁଗାଁ), ଏନ୍‌ୱାଇପି (ନିମାପଡ଼ା), ପିଇଡି (ପୁରୀ) ଓ ଟିଇଡି (ତାଳଚେର) ସମେତ ଟିପିସିଓଡିଏଲ୍‌ର ଏକାଧିକ ଡିଭିଜନକୁ ଉକ୍ତ ସ୍କିମ୍‌ରେ ସାମିଲ କରାଯାଇଛି, ଯାହା ଦ୍ୱାରା ବ୍ୟାପକ ବର୍ଗର ଗ୍ରାହକ ଉପକୃତ ହୋଇପାରିବେ। ସେହିଭଳି ଡିଜିଟାଲ୍ ପେମେଣ୍ଟ ଜରିଆରେ ବିଦ୍ୟୁତ୍ ବିଲ୍‌ର ପାରଦର୍ଶୀ ପରିଚାଳନା କରୁଥିବା ଗ୍ରାହକଙ୍କୁ ଟିପିସିଓଡିଏଲ୍ ପକ୍ଷରୁ ବିଭିନ୍ନ ଡିଭିଜନରେ ଷ୍ଟିମ୍ ଆଇରନ୍, ମୋବାଇଲ୍ ଫୋନ୍ ଓ କୁକ୍‌ଓୟାର ସେଟ୍ ଭଳି ୨୨୪ମୂଲ୍ୟବାନ୍ ପୁରସ୍କାର ବଣ୍ଟନ କରାଯାଇସାରିଲାଣି। ଉକ୍ତ ସ୍କିମ୍‌ର ପ୍ରାଥମିକ ଲକ୍ଷ୍ୟ ହେଉଛି ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଏବଂ ବିଲ୍‌ର ପ୍ରଭାବୀ ପରିଚାଳନା କରି ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ରିୱାର୍ଡ ଜିତିବାର ସୁଯୋଗ ଦେବା। ସେହିପରି 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ବିଷୟରେ ଅନୁସନ୍ଧାନ କରିବା ଲାଗି ଗ୍ରାହକମାନେ ୧୯୧୨ କିମ୍ବା ୧୮୦୦-୩୪୫-୭୧୨୨ରେ କଲ୍ କରିପାରିବେ।

# ଟାଇମ୍ସ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ରେ ସୋଆ



ଭୁବନେଶ୍ୱର ,୩୦।୯

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ 'ଶିକ୍ଷା ଓ ଅନୁସନ୍ଧାନ' (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ମାନ୍ୟତା ଦିଆଯାଇଛି। ବିଶେଷକରି ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌-୨୦୨୪ରେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ୮୦୧-୧୦୦୦ ବ୍ରାକେଟରେ ସ୍ଥାନିତ ହୋଇଛି। ଏପରିକି ଟିଏଚ୍‌ଇ ବିଶ୍ୱ ର୍‍ୟାଙ୍କିଙ୍ଗ୍-୨୦୨୩ରେ ସୋଆ ୧୦୦୧ରୁ ୧୨୦୦ ରେଞ୍ଜରେ ଥିବାବେଳେ ୨୦୨୨ରେ ସୋଆ ୧୨୦୧ ପ୍ଲସ୍ ବ୍ରାକେଟ୍‌ରେ ରହିଥିଲା।

ସୂଚନାଯୋଗ୍ୟ, ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷକୁ ବିବେଚନା କରିବା ନିମନ୍ତେ ୫ଟି ପ୍ରମୁଖ ମାପଦଣ୍ଡକୁ ଭିତ୍ତିକରି ଏହି ଟିଏଚ୍‌ଇ ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଥାଏ। ଏହି ମାପଦଣ୍ଡ ଗୁଡ଼ିକ ମଧ୍ୟରେ ଟିଚିଂ(ଦ ଲର୍ଣ୍ଣିଂ ଏନ୍‌ଭାଇରନ୍‌ମେଣ୍ଟ), ରିସର୍ଚ୍ଚ ଏନ୍‌ଭାଇରନ୍‌ମେଣ୍ଟ, ରିସର୍ଚ୍ଚ କ୍ୱାଲିଟି, ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନ୍ୟାଶନାଲ୍ ଆଉଟ ଲୁକ୍ (ଇଣ୍ଟରନ୍ୟାଶନାଲ୍ ଷ୍ଟାଫ୍, ଷ୍ଟୁଡେଣ୍ଟସ ଆଣ୍ଡ ରିସର୍ଚ୍ଚ କୋଲାବରେସନ୍ସ) ଭଳି ବିଷୟ ସାମିଲ ରହିଛି। ସେହିଭଳି ୨୦୨୩ରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‍ୟାଙ୍କିଙ୍ଗ୍‌ରେ ସୋଆ ଦେଶରେ ବିଶ୍ୱବିଦ୍ୟାଳୟ କାଟେଗୋରିରେ ୧୫ତମ ସ୍ଥାନରେ ରହିଥିବା ବେଳେ ସୋଆ ଫ୍ୟାକଲ୍ଟି ଅଫ୍ ମେଡିକାଲ ସାଇନ୍‌ସେସ୍ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍) ୧୬ ତମ ଓ ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ ଆଣ୍ଡ ରିସର୍ଚ୍ଚ) ୨୭ତମ ସ୍ଥାନ ହାସଲ କରିଥିଲା। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଲିଗାଲ ଷ୍ଟଡିଜ୍ (ସୋଆ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ) ଦେଶରେ ୮ମ ସ୍ଥାନରେ ରହିଥିବା ବେଳେ ଫ୍ୟାକଲ୍ଟି ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍) ୯ମ ସ୍ଥାନରେ ରହିଥିଲା। ଅପରପକ୍ଷରେ ସମ୍ମାନଜନକ କ୍ୟୁଏସ୍ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍-୨୦୨୩ରେ ମଧ୍ୟ ସୋଆ ୧୦୦୧ରୁ ୧୨୦୦ ବ୍ରାକେଟ୍‌ରେ ସ୍ଥାନ ପାଇଥିଲା।

# ରାଚେଲ୍‌ଙ୍କୁ ଦ୍ୱାଦଶ କିସ୍ ହ୍ୟୁମାନିଟାରିଆନ ସମ୍ମାନ

ଭୁବନେଶ୍ୱର ,୩୦।୯



କେନିଆର ବିଶିଷ୍ଟ ସାମାଜକ କର୍ମୀ ତଥା ଫାର୍ଷ୍ଟ ଲେଡି ରାଚେଲ୍ ରୁଟୋଙ୍କୁ ଦ୍ୱାଦଶ କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୨ ପ୍ରଦାନ କରାଯାଇଛି। ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଚେଲଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳ ମହିଳାଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରିବା ସହ ସେମାନଙ୍କ ଉତ୍ଥାନ ପାଇଁ ରାଚେଲ କାର୍ଯ୍ୟ କରିବା ସହ ପରିବେଶ ଓ ଜଳବାୟୁ ଉପରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ କିସ୍ ପକ୍ଷରୁ ରାଚେଲଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଚେଲ କହିଥିଲେ, କିଟ୍ ଓ କିସ୍‌ର ସର୍ବୋଚ୍ଚ ସମ୍ମାନ କିସ୍ ହ୍ୟୁମାନିଟାରିଆନ ଆୱାର୍ଡ' ଗ୍ରହଣ କରିବା ପାଇଁ ମୁଁ ବହୁ ଦୂରରୁ ଓଡ଼ିଶା ଆସିଛି। ଏପରିକି ମୁଁ କରିଥିବା କାର୍ଯ୍ୟକୁ ଏଠାରେ ସ୍ୱୀକୃତି ମିଳିଥିବାରୁ ସମ୍ମାନ ଚୟନ କମିଟି, କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ପ୍ରତିଷ୍ଠାନର ସମସ୍ତ କର୍ମଚାରୀଙ୍କୁ ମୁଁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି। ଏହି ସମ୍ମାନ କେବଳ ଯେ ମୋ ପ୍ରୟାସକୁ ସ୍ୱୀକୃତି ତା' ନୁହେଁ ଏହା କେନିଆବାସୀ, ବିଶେଷକରି କେନିଆର ମହିଳାମାନଙ୍କ ସହନଶୀଳତା ଓ ସାହସର ସ୍ୱୀକୃତି ବୋଲି ସେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ସମ୍ମାନ ଉତ୍ସବର ମୁଖ୍ୟ ଅତିଥି ରାଜ୍ୟପାଳ କହିଥିଲେ, ଏହି ସମ୍ମାନ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଉକ୍ତ ସମ୍ମାନ ହେଉଛି ଏକ ସାଧାରଣ ଆତ୍ମା ଏକ ବିଶୁଦ୍ଧ ଆତ୍ମାକୁ ଭଲପାଇବାର ନିଦର୍ଶନ। ମାନବ କୈନ୍ଦ୍ରିକ ବିଶ୍ୱକୁ ମାନବିକତାର ସ୍ଥାନରେ ପରିଣତ କରିବାରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଏହି ସମ୍ମାନ ଉତ୍ସର୍ଗୀକୃତ। ଏହି ସମ୍ମାନ ହେଉଛି ମାନବବାଦର ଶ୍ରେଷ୍ଠ ସ୍ୱୀକୃତି । ସେହିଭଳି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ, ଆମେ ଦୁଇଟି ଭିନ୍ନ ଦେଶର ଲୋକ ହୋଇଥିଲେ ମଧ୍ୟ ଆମର କାର୍ଯ୍ୟ ଆମ ଦୁହିଁଙ୍କୁ ଏକାଠି କରିପାରିଛି।

ଉକ୍ତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ୍. ତ୍ରିପାଠୀଙ୍କ ସମେତ ଭାରତରେ ଅବସ୍ଥାପିତ କେନିଆ ଉଚ୍ଚାୟୁକ୍ତ ଉଇଲି କେ ବେଟ୍, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କିସ୍ ହ୍ୟୁମାନିଟାରିଆନ ସମ୍ମାନ ଏକ ବିଶ୍ୱ ପ୍ରସିଦ୍ଧ ସମ୍ମାନ ଭାବେ ଗ୍ରହଣୀୟ ହୋଇଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ୨୦୦୮ରୁ ପ୍ରଦାନ କରାଯାଉଛି।

**ଚାପଡରେ ଆକ୍ରମଣ, ଜଣେ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା) : ଯୁବକଙ୍କୁ ଚାପଡରେ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲଣ କରିଛି । ସେ ହେଲେ ଟୁକୁନା ଅଲଦା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ରାତି ୧୦ ଟାରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ଭାଉଜଙ୍କ ଚରିତ୍ରକୁ ଆକ୍ଷେପ କରି ଖରାପ ମନ୍ତବ୍ୟ ଦେଇଥିଲେ। ଏହାକୁ ବିରୋଧ କରିବାରୁ ସେ ଗାଳି ଗୁଲଜ କରିବା ସହ ଚାପଡରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ।

## ସଂକ୍ଷେପରେ

### ନିଶା ବେପାରି ଗ୍ୟାଙ୍ଗର ୫ ଗିରଫ,୩୦ କେଜି ଗଞ୍ଜେଇ ଜବତ



ଭୁବନେଶ୍ୱର,୩୦।୯ (ସୂର୍ଯ୍ୟକାନ୍ତ ବେହେରା) : କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ବିଭିନ୍ନ ଅଞ୍ଚଳରେ ବିକ୍ରୟ କରୁଥିବା ଏକ ନିଶାବେପାରି ଗ୍ୟାଙ୍ଗକୁ ମଞ୍ଚେଶ୍ୱର ଥାନା ପୋଲିସ ଧରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀର ପପୁନ ବେହେରା, ଖୋର୍ଦ୍ଧାର ରକି ନାୟକ, ଗଞ୍ଜାମର ବସନ୍ତ କୁମାର ସିଂଦେବ, କନ୍ଧମାଳର ଉଜଳ କୁମାର ନାୟକ, ଏୟାରଫିଲ୍ଡ ଥାନା ଅଞ୍ଚଳର ଦେବେନ୍ଦ୍ର କୁମାର ଦାଶ। ସେମାନଙ୍କଠାରୁ ୩୦ କେଜି ଗଞ୍ଜେଇ, ଗୋଟିଏ କାର, ୪ ମୋବାଇଲ ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଆପାର୍ଟମେଣ୍ଟ ସମ୍ମୁଖରେ ଅଳିଆ ଗଦାଇଲା

### ଯେସାକୁ ତେସା ନୀତି ଆପଣାଇଲା ବିଏମ୍‌ସି

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)



ଷ୍ଟାଲ୍‌ୱାର୍ଟ ପ୍ୟାଲେସ୍ ଆଗରେ ବିଏମ୍‌ସି ପକ୍ଷରୁ ଅଳିଆ ଗଦା କରାଯାଇଛି।

ପୁଣି ଯେସାକୁ ତେସା ନୀତି ଆପଣାଇଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଅଳିଆ ଗାଡ଼ିକୁ ଅଳିଆ ନ ଦେଇ ରାସ୍ତାରେ ଗଦା କରୁଥିବାରୁ ଏବେ ସେହି ଅଳିଆକୁ ନେଇ ସମ୍ପୃକ୍ତ ଆପାର୍ଟମେଣ୍ଟ ଗେଟ୍ ସମ୍ମୁଖରେ ଗଦା କରିଛି ବିଏମ୍‌ସିର ସାନିଟେଶନ୍ ଟିମ୍। ବାରମ୍ବାର ସଚେତନ ଏବଂ ତାଗିଦ୍ କରିବା ପରେ ମଧ୍ୟ ଚରିତ୍ର ବଦଳାଉ ନ ଥିବା ଅମାନିଆଙ୍କ ବିରୋଧରେ ବିଏମ୍‌ସି ଏବେ କଡା ଆଭିମୁଖ୍ୟ ଗ୍ରହଣ କରୁଛି। ଯିଏ ବିଏମ୍‌ସିକୁ ସହଯୋଗ କରିବ ନାହିଁ, ବିଏମ୍‌ସି ମଧ୍ୟ ତାକୁ ସହଯୋଗ କରିବ ନାହିଁ ବୋଲି ଚେତାଇ ଦେଇଛି।

ଘଟଣାନୁଯାୟୀ, ଦକ୍ଷିଣ ପୂର୍ବ ଜୋନ୍ ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ରଥରୋଡ୍ ଠାରେ ଥିବା ଷ୍ଟାଲ୍‌ୱାର୍ଟ ପ୍ୟାଲେସ୍‌ରେ ପ୍ରାୟ ୭୫ ପରିବାର ରହୁଛନ୍ତି। ବିଗତ କିଛିଦିନ ଧରି ଆପାର୍ଟମେଣ୍ଟ ବାସିନ୍ଦା ସଫେଇ ଗାଡ଼ିକୁ ଅଳିଆ ଦେଉ ନାହାନ୍ତି। ଏପରିକି ଗାଡ଼ି ସେଠାରୁ ଖାଲି ହାତରେ ଫେରୁ ଥିବାବେଳେ ଆପାର୍ଟମେଣ୍ଟ ବାସୀ ରାସ୍ତା କଡ଼ରେ ନେଇ ଆବର୍ଜନା ଗଦା କରୁଛନ୍ତି। ବିଏମସିର ସାନିଟେଶନ୍ ଟିମ୍ ଆପାର୍ଟମେଣ୍ଟର ଏଭଳି ଗତିବିଧିକୁ କିଛିଦିନ ହେବ ନିରୀକ୍ଷଣ କରିବା ସହ ଅଳିଆ ପକାଇବାର ଭିଡିଓ କରିଥିଲା। ଶନିବାର ଏନେଇ ଆପାର୍ଟମେଣ୍ଟ ବାସୀଙ୍କୁ ପଚାରିବାରୁ ସେମାନେ ନିଜ ଦୋଷ ମାନି ନ ଥିଲେ। ଏପରିକି ଟିମ୍ ପକ୍ଷରୁ ତାଙ୍କୁ ୨୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଥିଲେ ବି ତାହା ଦେବାକୁ ମନା କରି ଦେଇଥିଲେ। ତେଣୁ ଏଭଳି ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ ଟିମ୍ ସମ୍ପୃକ୍ତ ରାସ୍ତାରୁ ଅଳିଆ ଆଣି ଆପାର୍ଟମେଣ୍ଟ ଗେଟ୍ ସମ୍ମୁଖରେ ଗଦା କରି ଦେଇଥିଲା। ପୂର୍ବରୁ ମଧ୍ୟ ବିଏମ୍‌ସି ୨/୩ଥର ଏଭଳି ପଦକ୍ଷେପ ନେଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ବିଏମ୍‌ସି ଲଗାତାର ପ୍ରୟାସ କରୁଥିବାବେଳେ ଏଭଳି କିଛି ଅମାନିଆଙ୍କ ପାଇଁ ତାହା ହୋଇ ପାରୁନାହିଁ। ତେବେ ପରିମଳ ନିୟମ ଖିଲାପ କରୁଥିବା ଲୋକଙ୍କୁ ଆଉ ନିସ୍ତାର ନାହିଁ ବୋଲି ବିଏମ୍‌ସି ନିଜ କାର୍ଯ୍ୟ ଦ୍ୱାରା ସୂଚାଇ ଦେଇଛି।

## ଖାଦ୍ୟ ରୁଚି

# ‘ପମ୍ଫ୍ରେଟ୍ ରୋଷ୍ଟ’



ଆମିଷ ପ୍ରିୟ ଲୋକଙ୍କ ପାଇଁ ଚଳିତ ସପ୍ତାହର ‘ଖାଦ୍ୟ ରୁଚି’ରେ ସ୍ଥାନ ପାଇଛି ଆଉ ଏକ ନୂତନ ସ୍ୱାଦିଷ୍ଟ ଡିସ୍। ମାଛକୁ ନେଇ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ନୂଆ ନୂଆ ଡିସ୍ ପ୍ରସ୍ତୁତ ହେଉଥିବାବେଳେ ସେଥି ମଧ୍ୟରେ ଗୋଟିଏ ହେଉଛି ‘ପମ୍ଫ୍ରେଟ୍ ରୋଷ୍ଟ’। ଅତି ସହଜରେ ଘରେ ଏହାକୁ ତିଆରି କରିହେବ। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ସଫ୍ଟୱେର୍ ଇଞ୍ଜିନିୟର ତଥା ଫୁଡ୍ ବ୍ଲଗର୍ ପ୍ରୀତିଶା ଦାସଙ୍କଠାରୁ ଜାଣିବା।

### ଆବଶ୍ୟକ ସାମଗ୍ରୀ



ପମ୍ଫ୍ରେଟ୍ ମାଛ– ୨ଟି
ଲେମ୍ବୁ ରସ– ଅଧା ଚାମଚ
ଅଦା ପେଷ୍ଟ– ଅଧା ଚାମଚ
ରସୁଣ ପେଷ୍ଟ– ଅଧା ଚାମଚ
ଗୋଲମରିଚ ଗୁଣ୍ଡ– ଅଧା ଚାମଚ
ନାଲି ଲଙ୍କା ଗୁଣ୍ଡ– ଅଧା ଚାମଚ
ହଳଦୀ – ଅଧା ଚାମଚ
ସୁଜି– ୩/୪ ଚାମଚ
ତେଲ– ୨ଚାମଚ
ଲୁଣ– ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ...

ପ୍ରଥମେ ମାଛକୁ ଭଲଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ସ୍ୱାଦ ଅନୁଯାୟୀ ଲୁଣ, ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ, ଅଦା, ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ ଏବଂ ଲଙ୍କା ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ୨୦ ମିନିଟ୍ ପର୍ଯ୍ୟନ୍ତ ଏପରି ରଖିବା ପରେ ପ୍ୟାନ୍‌ରେ ତେଲ ପକାଇ ଗରମ କରନ୍ତୁ। ଏବେ ମ୍ୟାରିନେଟ୍ ହୋଇ ରହିଥିବା ମାଛକୁ ସୁଜିରେ ପକାଇ ଭଲଭାବେ କୋଟ୍ କରି ଦିଅନ୍ତୁ। ଗରମ ତେଲରେ ମିଡିୟମ୍ ଫ୍ଲେମ୍‌ରେ ମାଛକୁ ବ୍ରାଉନ୍ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା ‘ପମ୍ଫ୍ରେଟ୍ ରୋଷ୍ଟ’। ଏବେ ଏକ ପାତ୍ରକୁ କାଢି ପିଆଜ, ଲେମ୍ବୁ ଏବଂ ଚଟଣୀ ସହିତ ଏହାର ମଜା ନିଅନ୍ତୁ।

–ପ୍ରସ୍ତୁତି: ବନ୍ଦନା ସେଠୀ, ଭୁବନେଶ୍ୱର

# ଗ୍ରାମାଞ୍ଚଳରେ ଶିଶୁ ସାହିତ୍ୟ ଉତ୍ସବର ଆବଶ୍ୟକତା ରହିଛି




ଅଙ୍କୁର ଶିଶୁ ସାହିତ୍ୟ ମହୋତ୍ସବର ଶନିବାର ଉଦ୍‌ଯାପନ ଅବସରରେ ଅତିଥିଙ୍କ ସହ କୃତି ଛାତ୍ରୀଛାତ୍ର।

### ଅଙ୍କୁର ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ଗୀତଗୋବିନ୍ଦ ଭବନରେ ଚାଲିଥିବା ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ ଶନିବାର ଶେଷ ହୋଇଛି। ଏହି ଦୁଇ ଦିନିଆ ଉତ୍ସବରେ ପିଲାଙ୍କ ପାଇଁ କବିତା ଆବୃତ୍ତି, ଗଳ୍ପ କଥନ, ଚିତ୍ରକଳା ଓ ଥିଏଟର କର୍ମଶାଳା ସହ ଏକ ଶିଶୁ ପୁସ୍ତକମେଳାର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ କହିଲେ, ବହିର ବିକଳ୍ପ ନାହିଁ। ପିଲାମାନେ ବହି ସହ ଯେତେ ଯୋଡି ହୋଇ ରହିବେ, ସେମାନଙ୍କ ସାମଗ୍ରିକ ବିକାଶ ସେତେ ସୁଗମ ହେବ। କେବଳ ଭୁବନେଶ୍ୱର ନୁହେଁ, ଓଡ଼ିଶାର ସମସ୍ତ ଗ୍ରାମାଞ୍ଚଳରେ ଏପରି ଶିଶୁ ସାହିତ୍ୟ ଉତ୍ସବର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ପୂର୍ବତନ କେନ୍ଦ୍ରୀୟ ସଚିବ ଅରୁଣ ରଥ କହିଲେ, ସୂଚନା ଓ ପ୍ରଯୁକ୍ତି ଯୁଗରେ କାହାଣୀ କହିବାର ପରମ୍ପରା ଲୋପ ପାଇ ଆସୁଛି। ଶିଶୁ ସାହିତ୍ୟ ଉତ୍ସବ ଏହି ପରମ୍ପରାକୁ ବଞ୍ଚେଇ ରଖିବା ସହ ପିଲାଙ୍କ ଭିତରେ ସୃଜନଶୀଳତା ବୃଦ୍ଧିରେ ସହାୟକ ହେବ। ଫାଉଣ୍ଡେଶନର ସମ୍ପାଦିକା ଚିନ୍ମୟୀ ପଣ୍ଡା ଏହି ସାହିତ୍ୟ ଉତ୍ସବକୁ ଓଡ଼ିଶା ବିଭିନ୍ନ ସ୍ଥାନକୁ ନେଇଯିବା ସମ୍ପର୍କରେ ନିଜ ଆଭିମୁଖ୍ୟ ପ୍ରକାଶ କରିଥିଲେ। ଉତ୍ସବରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦେବଦତ୍ତ ପତିଙ୍କ ନିର୍ଦ୍ଦେଶିତ ଓ ପିଲାଙ୍କ ଦ୍ୱାରା ଅଭିନୀତ ନୃତ୍ୟ ନାଟିକା ‘ତୁମ ପରି ଛୋଟ ପିଲାଟିଏ’ ଉଚ୍ଚ ପ୍ରଶଂସିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ସମ୍ବେଦନଶୀଳତା ଓ ଆତ୍ମୀୟତା ଲେଖକର ଭୂଷଣ

### ଗାଳ୍ପିକ ନର୍ମଦା ସାହୁ ‘ଏ ମାସର କଥାକାର’

ଭୁବନେଶ୍ୱର,୩୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଥାକାର ମାୟାଧର ସାହୁ ଯୋଗଦେଇ କହିଲେ, ଜୀବନ ଉପାଦାନ ଓ କଳ୍ପନାକୁ ମିଶାଇ ଯଥାର୍ଥ ସୃଜନ ସମ୍ଭବ। ସାହିତ୍ୟିକୁ ଜୀବନର ଅଙ୍ଗ କରିଦେଲେ ଜଣେ ଲେଖକ ଅଧିକ ସଫଳତା ହାସଲ କରିପାରେ। ସମ୍ବେଦନଶୀଳତା ଓ ଆତ୍ମୀୟତା ଜଣେ ଲେଖକର ଭୂଷଣ ବୋଲି ସେ ପ୍ରକାଶ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ବାରିକ ପୌରୋହିତ୍ୟ କରିଥିଲେ। କଥାକାର ବିଭୂତି ପାଣିଗ୍ରାହୀ, ନନ୍ଦ କିଶୋର ବିଶ୍ୱାଳ, ଡ. ବାସନ୍ତୀ ମହାନ୍ତି, ମଙ୍ଗଳା ପ୍ରସନ୍ନ ଧଳ ପ୍ରମୁଖ ଉପସ୍ଥିତ ଲେଖକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପରିଚାଳନା କରିଥିଲେ। ତରୁଣ ଗାଳ୍ପିକ ନର୍ମଦା ସାହୁ ‘ଏ ମାସର କଥାକାର’ ଭାବେ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଅଭୟ ନାରାୟଣ ନାୟକ ଓ ମିନତି ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ଶାକ୍ୟସିଂହ ମହାପାତ୍ର, ଅଶୋକ ସିଂହ, ବିଧୁଭୂଷଣ ତ୍ରିପାଠୀ, ସୁକୁମାର ବିଶ୍ୱାଳ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବିପିନ ଆଚାର୍ଯ୍ୟ, ଶଶିପ୍ରଭା ଦାସ, ପ୍ରମୋଦ ପଣ୍ଡା, ସୁଧୀର ମଉଡମଣି, ଇତିଶ୍ରୀ ପତି ଓ ତନୁଜା ମହାନ୍ତି କବିତା ପାଠ କରିଥିଲେ। ଜୀବନକୃଷ୍ଣ ମିଶ୍ର ବେଦପାଠ ଓ ଉପସଭାପତି ରକ୍ଷକ ନାୟକ ଧନ୍ୟବାଦ ଦେଇଥିଲେ।

### ପୋଷଣ ମାସ ଉଦ୍‌ଯାପନୀ ଉତ୍ସବ

# ପୋଷଣ ଉନ୍ନତିରେ ରାଜ୍ୟର ପ୍ରଗତି ହେବ

ଭୁବନେଶ୍ୱର, ୩୦।୯(ଅସମାପିକା ସାହୁ): ପୁଷ୍ଟି ସାଧନକୁ ଗୁରୁତ୍ୱ ଦେଇ ପ୍ରତିବର୍ଷ ସେପ୍ଟେମ୍ବରକୁ ପୋଷଣ ମାସ ଭାବେ ପାଳନ କରାଯାଉଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମାସବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଭୁବନେଶ୍ୱରସ୍ଥିତ ଗୃହ ଅର୍ଥନୀତି ତାଲିମ୍ କେନ୍ଦ୍ର(ଏଚ୍‌ଇଟିସି)ରେ ଆୟୋଜିତ ପୋଷଣ ମାସ ସମାପ୍ତି ଉତ୍ସବରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପୋଷଣ ସ୍ଥିତିକୁ ଦୃଢ଼ କରିବା ପାଇଁ ଆମ ରାଜ୍ୟରେ ତଥା ସମଗ୍ର ଦେଶରେ ପ୍ରଥମକରି ଅତି ଗୁରୁତ୍ୱପୂର୍ଣ୍ଣ ‘ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା’ ଓ ‘ପଡା ପୁଷ୍ଟି କାର୍ଯ୍ୟକ୍ରମ’ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ଅଙ୍ଗନୱାଡ଼ିର ସଫଳ ରୂପାନ୍ତରଣ ଓ ପ୍ରତ୍ୟେକ ମାସରେ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ କରାଯାଇ ଜନସଚେତନତା ସୃଷ୍ଟି କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ପୋଷଣର ଉନ୍ନତିରେ ହିଁ ସମଗ୍ର ରାଜ୍ୟର ଉନ୍ନତି ସାଧିତ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ଜିଲାସ୍ତରୀୟ ସମାଜ କଲ୍ୟାଣ ଅଧିକାରୀ(ଡିଏସ୍‌ଡବ୍ଲୁଓ) ନିଜ ଜିଲାରେ ପୁଷ୍ଟିଭିତ୍ତିକ ଉତ୍ତମ ଅଭ୍ୟାସ ବାବଦରେ ଆଲୋଚନା କରିଥିଲେ।

# ଗୀତିକବିତା ପୁସ୍ତକ ‘ଶକ୍ତିରୂପା’ ଉନ୍ମୋଚିତ

ଭୁବନେଶ୍ୱର,୩୦।୯ (ଶର୍ମିଷ୍ଠା ପାଣିଗ୍ରାହୀ)



ପୁସ୍ତକ ଉନ୍ମୋଚନବେଳେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ବିଶିଷ୍ଟ ଗୀତିକବି ତଥା ରାଜ୍ୟ ସୂଚନା ଆୟୁକ୍ତ ବାଳକୃଷ୍ଣ ମହାପାତ୍ର ଓ ସୌଦାମିନୀ ମହାପାତ୍ରଙ୍କ ଗୀତିକବିତା ପୁସ୍ତକ ‘ଶକ୍ତିରୂପା’ ଶନିବାର ରାଜ୍ୟ ସୂଚନା ଆୟୁକ୍ତ କାର୍ଯ୍ୟାଳୟଠାରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଜଳଦ କୁମାର ତ୍ରିପାଠୀ ପୁସ୍ତକକୁ ଉନ୍ମୋଚନ କରି କହିଛନ୍ତି, ‘ଶକ୍ତିରୂପା’ରେ ସ୍ଥାନ ପାଇଥିବା ଗୀତିଗୁଡ଼ିକ ଦେବୀମା’ଙ୍କ ପ୍ରତି ଭକ୍ତି ଓ ଆରାଧନା ସହ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟି କରିବ। ମାତୃଭକ୍ତିର ଅପୂର୍ବ ନିଦର୍ଶନ ଏହି ପୁସ୍ତକରେ ପୁଞ୍ଜିଭୂତ ହୋଇଛି। ସମ୍ମାନିତ ଅତିଥି ରାଜ୍ୟ ସୂଚନା ଆୟୁକ୍ତ ତଥା ସାମ୍ବାଦିକ ସୁଶାନ୍ତ କୁମାର ମହାନ୍ତି କହିଛନ୍ତି, ଏହି ପୁସ୍ତକଟି ଓଡ଼ିଶାର ଅଗଣିତ ଦେବୀଭକ୍ତଙ୍କ ଭକ୍ତିଧାରାକୁ ଉଜ୍ଜୀବିତ କରିବ। ତାଙ୍କ ସଙ୍ଗୀତଗୁଡ଼ିକ ମାତୃବନ୍ଦନାରେ ଅଭିମନ୍ତ୍ରିତ। ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ କାର୍ଯ୍ୟକ୍ରର ସଂଯୋଜନା କରିଥିଲେ।

### ଗ୍ୟାସ ପାଇପ୍ ଲାଇନ କାର୍ଯ୍ୟ ବେଳେ ଅଘଟଣ

# ଟନେଲ ଖୋଳୁ ଖୋଳୁ ଘର ଭିତରେ ପଶିଲା ମେଶିନ୍

ପୁରୁଣା ଭୁବନେଶ୍ୱର,୩୦।୯ (ସୁବାସ ଚନ୍ଦ୍ର ପ୍ରଧାନ)



ଗ୍ୟାସ ପାଇପ୍ ଲାଇନ କାର୍ଯ୍ୟ ଚାଲିଥିବା ବେଳେ ଶନିବାର ଏକ ଅଘଟଣ ଘଟିଛି। ସ୍ଥାନୀୟ ଶିଶୁଭବନ ଛକରୁ ଟ୍ରେନ ଲାଇନ ପାର ପାଇଁ ଟନେଲ କାମ କରୁଥିଲା। କର୍ମଚାରୀଙ୍କ ଅସାବଧାନତା ଯୋଗୁ ଟନେଲ ଖୋଳୁଥିବା ମେସିନ ଭୂତଳ ଦେଇ ରମେଶ୍ୱରପାଟଣା ବିଜୁ ଆଦର୍ଶ କଲୋନୀରେ ବାହାରିଥିଲା। ଆଲୋକ ଶତପଥୀ ଏବଂ ଉଦୟ ନାଥ ମହାନ୍ତିଙ୍କ ଘର ଭିତରେଥିବା ଫ୍ରିଜ ଓ ଆସବାବପତ୍ର ଭାଙ୍ଗିଯାଇଥିଲା। ଏହି ଘଟଣାରେ ଅଙ୍କିତା, ସଂଯୁକ୍ତା, ଆଦିତି, ଲକ୍ଷ୍ମୀପ୍ରିୟା ପ୍ରମୁଖ ଆହତ ହୋଇଥିଲେ। ଖବରପାଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତିନିଧି ଦାଶରଥି ଗରାବଡୁ ପହଞ୍ଚି ଲୋକଙ୍କୁ ଆଶ୍ୱସନା ଦେଇଥିଲେ।

# ‘ଦାନାପାଣି’ରେ ମଧ୍ୟବିତ୍ତ ସ୍ଥିତି ଓ ସଂଘର୍ଷର କାହାଣୀ

ବାଲିପାଟଣା,୩୦।୯(ଅଭିମନ୍ୟୁ ନାୟକ): ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ‘ଦାନାପାଣି’ ଉପନ୍ୟାସ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନିମାଇଁ ଚରଣ ଜେନା ଅଧ୍ୟକ୍ଷତା କରିଥିଲେ। ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ କୃତି ଉପରେ ଆଲୋଚକ ଡ. ନିଶାମଣି ସ୍ୱାଇଁ ଆଲୋଚନା କରିଥିଲେ। ‘ମଧ୍ୟବିତ୍ତ ସ୍ଥିତି ଓ ସଙ୍ଘର୍ଷର କାହାଣୀ ଦାନାପାଣି’ ଆଲୋଚନା କାର୍ଯ୍ୟକ୍ରମରେ ବକ୍ତାଭାବେ ଓଡ଼ିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡ. ରଶ୍ମିତା ମହାପାତ୍ର, ବରିଷ୍ଠ ଅଧ୍ୟାପିକା ଡ. ସୁଜାତା କୁମାରୀ ସାହୁ, ଅଧ୍ୟାପିକା ସସ୍ମିତା ବେହେରା, ଅଧ୍ୟାପକ ସୁକାନ୍ତ କୁମାର ବାରିକଙ୍କ ସମେତ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସର୍ବଦା ସତ୍‌ମାର୍ଗରେ ପରିଚାଳିତ ହୋଇ ଭବିଷ୍ୟତରେ ଜଣେ ଜଣେ ସଚ୍ଚୋଟ ନାଗରିକ ହେବା ପାଇଁ ଆଲୋଚକ ସ୍ୱାଇଁ ପରାମର୍ଶ ଦେଇଥିଲେ।

# ପରିବାରରୁ ଶିଶୁର ସାମାଜିକୀକରଣର ମୂଳଦୁଆ ପଡେ

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

### ବଡ଼ଗଡ଼ ବ୍ରିଟ୍ କଲୋନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ମାତୃ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ପରିବାର ହେଉଛି ଶିଶୁର ପ୍ରଥମ ବିଦ୍ୟାଳୟ। ପରିବାରରେ ସାମାଜିକକରଣର ମୂଳଦୁଆ ପଡେ ଏବଂ ବିଦ୍ୟାଳୟରୁ ଏହାର ଦ୍ୱିତୀୟ ପର୍ଯ୍ୟାୟ ଶିକ୍ଷା ମିଳିଥାଏ। ମୂଳକୁ ମଜଭୁତ କଲେ ହିଁ ଶିଶୁ ବଡ ହୋଇ ଜଣେ ଭଲ ମଣିଷ ହୋଇପାରିବ ବୋଲି ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ସହକାରୀ ପ୍ରଧ୍ୟାପିକା ଲେଖା ଦାସ କହିଛନ୍ତି। ଶନିବାର ବଡ଼ଗଡ଼ ବ୍ରିଟ କଲୋନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗ ପକ୍ଷରୁ ଅନୁଷ୍ଠିତ ମାତୃ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ, ଶିଶୁର ଶାରୀରିକ, ମାନସିକ ଏବଂ ସାମାଜିକ ବିକାଶ କିପରି ହେଉଛି ତାହା ପ୍ରତ୍ୟେକ ମା’ ବାପାଙ୍କ ପାଇଁ ଜାଣିବା ଉଚିତ। ଅଭିଭାବକ ନିଜ ଅଭିଳାଷକୁ ଛୁଆଙ୍କ ଉପରେ ଲଦିଦେବା ଠିକ୍ ନୁହେଁ। ମାର୍କ ପଛରେ ନ ଧାଇଁ, ଶିଶୁ କିପରି ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ପାରିବ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଦସ୍ୟା ସୁକାନ୍ତି ସ୍ୱାଇଁ ଯୋଗଦେଇ କହିଲେ, ଶିଶୁଙ୍କୁ କିଛି ଶିଖାଇବା ଆଗରୁ ଅଭିଭାବକମାନେ ପ୍ରଥମେ ତାହା ନିଜେ କରିବା ଦରକାର। କାରଣ ଶିଶୁ ଯାହା ଦେଖିବ, ଯେଉଁଭଳି ପରିବେଶରେ ବଢିବ ତାହାର ପ୍ରଭାବ ବେଶି ପଡିବ। ବିଶେଷକରି ଛୋଟ ଛୋଟ କାହାଣୀ ମାଧ୍ୟମରେ ସେମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ ବୋଲି ସେ କହିଥିଲେ। ପରିଚାଳନା ସମିତିର ଅନ୍ୟତମ ସଦସ୍ୟା ସସ୍ମିତା ଧଳ ଯୋଗଦେଇ ଶିଶୁଙ୍କ ବିକାଶ ଉପରେ ମତ ଦେଇଥିଲେ। ପ୍ରାରମ୍ଭରେ ଶିଶୁ ବାଟିକାର ଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବିଦ୍ୟାଳୟ ଓ ୟୁନିଟ–୩ ସଂକୁଳ ପ୍ରମୁଖ ପ୍ରଭାତ ନଳିନୀ ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀ ତୃପ୍ତିମୟୀ ମହାନ୍ତି, ରାଗମଞ୍ଜରୀ ମହାନ୍ତି, ସର୍ବରୀ ପ୍ରଧାନ, ସ୍ନିଗ୍ଧା ଧଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅନୀତା ଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ୨୬୦ଜଣ ମା’ ଯୋଗଦେଇଥିଲେ।

# ବାର୍ଦ୍ଧକ୍ୟକୁ ଉତ୍ସବ ରୂପେ ପାଳନ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୩୦।୯ (ଅସମାପିକା ସାହୁ)




ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ‘ମହିଳା ସଶକ୍ତୀକରଣ: ଭୂମିକା, ନମନୀୟତା ଓ ପୁରସ୍କାର’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଅତିଥିମାନେ।

ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଶନିବାର ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ‘ମହିଳା ସଶକ୍ତୀକରଣ: ଭୂମିକା, ନମନୀୟତା ଓ ପୁରସ୍କାର’ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୟସ୍କ ମହିଳାମାନେ ସେମାନଙ୍କ ବୃଦ୍ଧାବସ୍ଥାରେ ଯେପରି ସମ୍ମାନର ସହ ଖୁସିରେ ଜୀବନ ଯାପନ କରିପାରିବେ, ସେ ଦିଗରେ ଯୋଜନା ପ୍ରସ୍ତୁତି ତଥା କାର୍ଯ୍ୟ କରିବା ଦିଗରେ ସମସ୍ତେ ତତ୍ପର ହେବା ଆବଶ୍ୟକ ବୋଲି ହେଲ୍ପଏଜ୍ ଇଣ୍ଡିଆର ଓଡ଼ିଶା ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ମତପ୍ରକାଶ କରିଥିଲେ। ଶାନ୍ତା ମେମୋରିଆଲ ରିହାବିଲିଟେଶନ ସେଣ୍ଟରର ଚେୟାରପର୍ସନ ପ୍ରଫେସର ଡ. ଆଶା ହଂସ ଯୋଗଦେଇ ବାର୍ଦ୍ଧକ୍ୟକୁ ଏକ ଉତ୍ସବ ରୂପେ ପାଳନ ପାଇଁ ଆହ୍ୱାନ ଦେଇଥିଲେ। ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡ. ରୀନା ରାଉତରାୟ ବୟସ୍କ ମହିଳାଙ୍କ ମଧ୍ୟରେ ଏକାକୀପଣ ଓ ବିଚ୍ଛିନ୍ନତା ଭଳି ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିବା ସହ ବରିଷ୍ଠ ନାଗରିକଙ୍କ ପାଇଁ ଗୋଷ୍ଠୀ ଗଠନ ଆଭିମୁଖ୍ୟ ଗ୍ରହଣ କରିବାକୁ ଉପସ୍ଥିତ ସଂଗଠନଗୁଡ଼ିକୁ ଅନୁରୋଧ କରିଥିଲେ। ସାମାଜିକ ଗବେଷକ ତଥା ପୁସ୍ତକକାର ଡ. ପ୍ରଭାସ ମିଶ୍ର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବୟସ୍କ ମହିଳାଙ୍କୁ ସଶକ୍ତ କରିବା ପାଇଁ ସାମାଜିକ ଓ ସାମୂହିକ ସମ୍ପୃକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବରିଷ୍ଠ ବୟସ୍କ ମହିଳାଙ୍କ ପ୍ରତି ଭେଦଭାବ ହ୍ରାସ ଉପରେ ଆଲୋଚନା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶା ରେଡ଼କ୍ରସ୍ ସମିତିର ସମ୍ମାନିତ ସଚିବ ବିଭୂତି ଭୂଷଣ ପଟ୍ଟନାୟକ ସକ୍ରିୟ ଓ ସୁସ୍ଥ ବାର୍ଦ୍ଧକ୍ୟ, ଦୃଢ଼ ପେନସନ୍ ଯୋଜନା, ବୟସ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ବୟସ୍କ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ ଉପରେ ଗୁରୁତ୍ୱ ଦେଇଥିଲେ। ଯୁବପିଢ଼ିଙ୍କ ପାଇଁ ଦକ୍ଷତା ଭିତ୍ତିକ ପାଠ୍ୟକ୍ରମରେ ଜେରିଆଟ୍ରିକ୍ କେୟାର ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିବାକୁ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ହେଲ୍ପଏଜ୍ ଇଣ୍ଡିଆର କାର୍ଯ୍ୟକ୍ରମ ପରିଚାଳକ ରଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଉପଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଙ୍କୀ,୩୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ଏହି ଅବସରରେ ତାଙ୍କ କାର୍ଯ୍ୟାଳୟ ପରିସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଯୁକ୍ତ୨ ଅଧ୍ୟକ୍ଷ ରାଜକିଶୋର ପାଲ୍ ଏବଂ ଡ. ଶୈଳେନ୍ଦ୍ର ନାରାୟଣ ଦେଓ ଯୋଗଦେଇ ତାଙ୍କ କର୍ମଦକ୍ଷତା ଓ କର୍ତ୍ତବ୍ୟପରାୟଣ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ଜେନାଙ୍କୁ କଲେଜ ତରଫରୁ ଉପଢ଼ୌକନ ଓ ବାଙ୍କୀ କଲେଜର ପ୍ରତିକୃତି ପ୍ରଦାନ କରାଯାଇଥିଲା।

### ଅବସରପ୍ରାପ୍ତ ଜିଲାଜଜ୍‌ଙ୍କ ପରଲୋକ

ବାଙ୍କୀ,୩୦।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଭେଡ଼ାରାମଚନ୍ଦ୍ରପୁର ଗ୍ରାମର ଅବସରପ୍ରାପ୍ତ ଜିଲା ଜଜ୍ ଶରତ ଚନ୍ଦ୍ର ଛାଟୋଇ (୮୩) ତାଙ୍କ କଟକସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଆଶାଲତା ଛାଟୋଇ, ବଡ଼ପୁଅ ସଞ୍ଜିତ ରାୟ, ମଳୟ ରାୟ, ଚନ୍ଦନ ରାୟ ଏବଂ ଦୁଇ ବୋହୂ , ଝିଅ ସ୍ନିଗ୍ଧା ରାୟ ଓ ଜୋଇଁ ସୁନୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କନିଷ୍ଠ ପୁତ୍ର ଚନ୍ଦନ ରାୟ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଛାଟୋଇ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ଜଣେ ସକ୍ରିୟ ସଭ୍ୟ ଥିଲେ। ତାଙ୍କ ମୃତ୍ୟୁରେ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ଦାସ ଶୋକ ପ୍ରକାଶ କରିଛନ୍ତି।

### ସାଲେପୁର ଫାର୍ମାସୀ କଲେଜରେ କ୍ୟାମ୍ପସ ଚୟନ

ସାଲେପୁର, ୩୦।୯ (ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ଫାର୍ମାସୀ କଲେଜ ପକ୍ଷରୁ ଏକ କ୍ୟାମ୍ପସ ଚୟନ ଶିବିର ହାଇଦ୍ରାବାଦସ୍ଥିତ ଅରବିନ୍ଦ ଫାର୍ମାସିଟିକାଲ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ କଲେଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜ୍ୟର ବିଭିନ୍ନ କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଏମ୍ ଫାର୍ମା, ବିଫାର୍ମା, ଡିଫାର୍ମା ବିଭାଗର ଛାତ୍ରୀଛାତ୍ରମାନଙ୍କ ସହ ଡିପ୍ଲୋମା ଇଞ୍ଜିନିୟରିଂ, ଆଇଟିଆଇ ଏବଂ ବିଏସ୍‌ସି ଅନୁଷ୍ଠାନର ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନେ ପ୍ରଡୋକସନ୍, କ୍ୱାଲିଟି କଣ୍ଟ୍ରୋଲ୍, କ୍ୱାଲିଟି ଆସ୍ୟୁରାନ୍ସ ଓ ଅନ୍ୟାନ୍ୟ ପଦବୀ ପାଇଁ ଲିଖିତ ଓ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଅରବିନ୍ଦ ଫାର୍ମାସିଟିକାଲ୍ ଲିମିଟେଡ୍‌ର ଏଚ୍‌ଆର୍ ଟିଭି.ଏସ୍.ସ୍ୱରୁପ ଏବଂ ଟି.ମୋହିତ୍‌ଙ୍କ ସମେତ କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଏହାକୁ ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପସ୍ ନିଯୁକ୍ତି ସେଲ୍‌ର ଅଧିକାରୀ ଡ. ମୃତ୍ୟୁଞ୍ଜୟ ବାନାର୍ଜୀ, ଡ. ରଞ୍ଜନ କୁମାର ଗିରି, ଡ.ଏଚ୍.କେ. ସନ୍ଦିପ୍ କୁମାର ଓ ଡ. ସତ୍ୟଜିତ୍ ପଣ୍ଡା ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ।

# ଚାଷଜମିରୁ ନିଷ୍କାସନ ହୋଇପାରୁନି ବର୍ଷାଜଳ

**ରାଢ଼ଙ୍ଗ ପଞ୍ଚାୟତ**

- ଧାନଫସଲ କ୍ଷତିଗ୍ରସ୍ତ
- ଆନ୍ଦୋଳନ ସହ ଭୋଟ ବର୍ଜନ ଚେତାବନୀ

ରଘୁନାଥପୁର,୩୦।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରାଢ଼ଙ୍ଗ ପଞ୍ଚାୟତରେ ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ପଞ୍ଚାୟତର ରାଢ଼ଙ୍ଗ, କଳିଙ୍ଗା, ଜିରା, କରିମୂଳ ଓ କୁସିଙ୍ଗା ଗ୍ରାମର ଚାଷଜମିରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ଫଳରେ ଶତାଧିକ ହେକ୍ଟର ଗହୀର ବିଲରେ ୪ ଫୁଟ ଉଚ୍ଚର ପାଣି ଜମି ରହିଛି। ଫଳରେ ଧାନଫସଲ କ୍ଷତିଗ୍ରସ୍ତ ହେବାନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହାଛଡା କେନାଲ ନଂ.୭/୮/୯/୧୦ରେ ଖଲାସିଙ୍କ ଖାମଖିଆଲ ମନୋଭାବ ଯୋଗୁ ଅନେକ



ଚାଷ ଜମିରେ ଜମିରହିଥିବା ବର୍ଷାଜଳ।

ସମୟରେ ଜଳ ପ୍ରବାହ ହୋଇପାରୁନାହିଁ। ଏଥିଯୋଗୁ ବ୍ୟାଙ୍କ, ସୋସାଇଟି ଓ ହାତଉଧାରି କରଜ ଆଣି ଚାଷ କରିଥିବା ଚାଷୀମାନେ ସର୍ବସ୍ୱାନ୍ତ ହୋଇ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ସମ୍ପର୍କରେ ଗତ ୧୦ ବର୍ଷ ତଳୁ ପଞ୍ଚାୟତବାସୀ ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ସୁଦ୍ଧା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବିଗତ ଦଶବର୍ଷ ହେବ ପଞ୍ଚାୟତର ଚାଷୀମାନେ ଏଭଳି କ୍ଷତି ସହି ଆସୁଛନ୍ତି। ପ୍ରତିବର୍ଷ ସମସ୍ୟାର ସମାଧାନ ପାଇଁ ପକେଟରୁ ଖର୍ଚ୍ଚକରି ତହସିଲ, କୃଷି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସକୁ ଗୁହାରି କରିବାକୁ ଯାଇଥାନ୍ତି। ହେଲେ ଅଧିକାରୀମାନେ ଏହାର ସମାଧାନ ପାଇଁ ଆନ୍ତରିକତା ପ୍ରକାଶ କରନ୍ତି ନାହିଁ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଗତ ସେପ୍ଟେମ୍ବର ୧୬ରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା, ଜମିରୁ ଜଳ ନିଷ୍କାସନର ସୁବନ୍ଦୋବସ୍ତ କରିବା ଓ ଜଳକର ଫେରସ୍ତ ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ସହ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ଚାଷୀଙ୍କ ଜୀବନଜୀବିକା ପାଇଁ 'ମୋ ଦଳ' ପକ୍ଷରୁ ସରକାରଙ୍କୁ ଉପଯୁକ୍ତ ଜବାବ ଦିଆଯିବ ବୋଲି ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ମହାରଣା ଚେତାବନୀ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କ ବିକାଶର ମାଧ୍ୟମ ସୁରଭି



ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବଡ଼ମ୍ବା/ମାଣିଆବନ୍ଧ,୩୦।୯ (ମାୟାଧର ମଲ୍ଲିକ/ଆଲୋକ ସାହୁ):

**ରଗଡ଼ିପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ**

ବଡ଼ମ୍ବା ଶିକ୍ଷାମଣ୍ଡଳ ଅନ୍ତର୍ଗତ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ସଂଯୋଜନା ଓ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବଡ଼ମ୍ବା ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜସିଂହ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ଓ ବିକାଶର ମାଧ୍ୟମ ହେଉଛି ସୁରଭି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ସହକାରୀ ଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ, ବିଶିଷ୍ଟ ଅତିଥିଭାବେ ଡିଗିରିଆ ମଣ୍ଡଳ ସହଶିକ୍ଷା ଅଧିକାରୀ ନୀଳକଣ୍ଠ ସାହୁ, ସମ୍ମାନିତ ଅତିଥିଭାବେ ସହଶିକ୍ଷା ଅଧିକାରୀ ବଳରାମ ମୁଦୁଲି ଓ ଶିକ୍ଷାବିତ ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପେଇଦ୍ୱାର ଗଡାଡ଼ପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ସହିତ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। କ୍ଲଷ୍ଟରସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସୂଚନା ପ୍ରଦାନ କରାଯାଇଥିଲା।

# ଆଲୋକୀକରଣ, ଜଳସେଚନ, ଚାରାରୋପଣକୁ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ପିକୋଳ ବିକାଶ ପରିଷଦର ସଦସ୍ୟ ଓ ଅନ୍ୟମାନେ।

ସାଲେପୁର, ୩୦।୯ (ଅରବିନ୍ଦ ଭୂୟାଁ)

**ପିକୋଳ ବିକାଶ ପରିଷଦର ବୈଠକ**

ସାଲେପୁର ବ୍ଲକର ସ୍ୱେଚ୍ଛାସେବୀ ସଙ୍ଗଠନ ପିକୋଳ ବିକାଶ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭିକାରୀ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ମାଣିତ୍ରୀ ଗ୍ରାମର ଶ୍ରୀରାମ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଅନୁଷ୍ଠାନର ବାର୍ଷିକ ଉତ୍ସବ, ପିକୋଳ ପଞ୍ଚାୟତର ବିଭିନ୍ନ ସମସ୍ୟା ଯଥା ଆଲୋକୀକରଣ, ଜଳସେଚନ, ଚାରାରୋପଣ ଓ ବସୁଧା ଯୋଜନାରେ ସମସ୍ତ ଘରକୁ କିପରି ଜଳ ଯୋଗାଣ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅନୁଷ୍ଠାନର ସମ୍ପାଦକ ହେମନ୍ତ କୁମାର ସ୍ୱାଇଁ, ଉପସଭାପତି ଅଞ୍ଜନ ଭୋଇ, କୋଷାଧ୍ୟକ୍ଷ ଅନନ୍ତ ସାହୁ, ଉପଦେଷ୍ଟା ଗୌରାଙ୍ଗ ସେଠୀ, ଜ୍ୟୋତିରଞ୍ଜନ ସାହୁ, ସେକ୍ ମାସୁକ ତୟବ୍, ବଳରାମ ସାହୁ, ସେକ୍ ଅମୁଲ୍ ହୋଦା, ପାର୍ଥସାରଥି ମହାନ୍ତି, ସୁଜିତ୍ କୁମାର ନାୟକ, ରମେଶ ସାହୁ, ବାବାଜୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଅମୃତ କଳସ ଯାତ୍ରା

ମଙ୍ଗୁଳି-ଜଗତପୁର,୩୦।୯(ମାନସ ସାମଲ)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶରୁ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାତୃ ସେବାରେ ନିଜ ଜୀବନକୁ ଜଳାଞ୍ଜଳି ଦେଇଥିବା ଯବାନଙ୍କ ଜନ୍ମସ୍ଥାନରୁ ମାଟି ସଂଗ୍ରହ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ଡାକ ବିଭାଗ ପକ୍ଷରୁ ମୋ' ମାଟି ମୋ' ଦେଶ ଓ ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଦକ୍ଷିଣ ମଣ୍ଡଳ ଡାକଘର ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କଳସ ଯାତ୍ରାରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବିକାଶ ପରିଡା, ବିଭୁ ପ୍ରସାଦ ଦାସ, ଅମୂଲ୍ୟ ରଞ୍ଜନ ରଥ, ଶୋମା ସାହା ପ୍ରମୁଖ ଯୋଗଦେଇଥିଲେ। ଏହି କଳସ ଯାତ୍ରା ଚୌଦ୍ୱାର ପୌରପାଳିକାର ୭ନଂ. ୱାର୍ଡସ୍ଥିତ ଡାକଘର ସମୁଖରୁ ବାହାରି ଓଟିଏମ୍ କଲୋନୀ, ବୈଷ୍ଣବ ବିହାର, ୧୦ନଂ. ୱାର୍ଡ, ଚୁଡାଖିଆ ବଜାର ଦେଇ ୧୭ନଂ. ୱାର୍ଡ ନୂଆସାହି ମଙ୍ଗଳା ମନ୍ଦିରଠାରେ ପହଞ୍ଚିଥିଲା। ଏହି ଯାତ୍ରା ଦ୍ୱାରା ଏକତା, ଓ ଭାଇଚାରା ସୁଦୃଢ ହେବାରେ ସହାୟକ ହେବ ବୋଲି ଡାକଘର ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର କହିଛନ୍ତି। ଚୌଦ୍ୱାର ଡାକପାଳ ପ୍ରଭାକର ଦଳେଇ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରିୟଙ୍କା ପଟ୍ଟନାୟକ, ଅନୁସୟା ନାୟକ, ବାସୁଦେବ ସ୍ୱାଇଁ ଓ ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗାନ୍ଧିବାଦୀ ସାଇକେଲ ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା




ଡ. କିରଣ ସେଠଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଠଗଡ,୩୦।୯(ସତ୍ୟପ୍ରସାଦ ରଥ)

ଭାରତୀୟ ସଂସ୍କୃତି, ଶାସ୍ତ୍ରୀୟ ସଙ୍ଗୀତ ଓ ଗାନ୍ଧୀବାଦର ପ୍ରୋତ୍ସାହନ ପାଇଁ ସ୍ପିକ ମାକେ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିଷ୍ଠାତା ଡ. କିରଣ ସେଠ ଶ୍ରୀନଗରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା ଜାରି ରଖିଛନ୍ତି। ସେ ଆଠଗଡ଼ରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ୧୫ ଅଗଷ୍ଟ ୨୦୨୨ମସିହାରୁ ଏହି ସାଇକେଲ ଅଭିଯାନରେ ବାହାରି ପ୍ରାୟ ୮ହଜାର କି.ମି. ରାସ୍ତା ଅତିକ୍ରମ କରିବା ସହ ବିଭିନ୍ନ ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଭାରତୀୟ ସଂସ୍କୃତି ଶାସ୍ତ୍ରୀୟ ଓ ଗାନ୍ଧୀବାଦ ସମ୍ବନ୍ଧରେ ଭାବ ବିନିମୟ କରିଛନ୍ତି। ଏବେ ସେ ଓଡିଶାରେ ପହଞ୍ଚିଥିବାବେଳେ ଆଠଗଡ ଦେଇ ଖଡ଼ଗପୁର ଆଇଆଇଟିରେ ଅକ୍ଟୋବର ୨୨ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଶନିବାର ସେଠ ଆଠଗଡ ଦେଇ ଯାଉଥିବାବେଳେ ସ୍ଥାନୀୟ କିଶୋରପୁର ଛକରେ ଆଠଗଡ ନାଗରିକ ମଞ୍ଚ ତରଫରୁ ସ୍ୱାଗତ କରାଯାଇଥଲା। ବରିଷ୍ଠ ଖରଦାତା ସୁଧୀରଞ୍ଜନ ଦାଶଙ୍କ ସଂଯୋଜନାରେ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ପାର୍ଥ ସାରଥି ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ସ୍ପିକ ମାକେର ଓଡିଶା ସଂଯୋଜକ ସିଦ୍ଧେଶ୍ୱର ନାୟକ, ସହସଂଯୋଜକ ନବକିଶୋର ବେହୁରା,ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ, ତହସିଲଦାର ପ୍ରିୟବ୍ରତ ଦାସ, ସହକାରୀ ଜିଲାପାଳ ଦୀପ୍ତିମୟୀ ବେହେରା, ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସେଠଙ୍କୁ ଆଠଗଡ ଓକିଲ ସଂଘ, ସାମ୍ବାଦିକ ସଂଘ, ଜଷ୍ଟ ଫର ୟୁ ସ୍ୱେଚ୍ଛାସେବୀ ସଙ୍ଗଠନ,କାନ-କିଡୋ କମିଟି, ଭାରତୀୟ ସ୍କାଉଟ ଆଠଗଡ଼ ଶାଖା, ଆଠଗଡ଼ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସେଠଙ୍କୁ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# 'ବ୍ୟାଧି ଭଳି ମାଡ଼ିଚାଲିଛି ଶିଶୁ ଶ୍ରମିକ,ଚାଲାଣ ପ୍ରଥା'

ବଡ଼ମ୍ବା,୩୦।୯(ମାୟାଧର ମଲ୍ଲିକ)

ବାଲ୍ୟବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନାକୁ ରୋକିବା ପାଇଁ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋବେଲ ପୁରସ୍କାର ବିଜେତା ପ୍ରଫେସର କୈଳାସ ସତ୍ୟାର୍ଥୀଙ୍କ ସତ୍ୟାର୍ଥୀ ଫାଉଣ୍ଡେଶନ ଓ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ ବଡ଼ମ୍ବାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବଡ଼ମ୍ବା ଓ ତିଗିରିଆ ବ୍ଲକ ସଂଯୋଜକ ଚିନ୍ମୟ ଗୋଛି ଏଥିରେ ସଂଯୋଜନା କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱଜିତା ଚୌଧୁରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସଂଯୋଜକ ଗୋଛି ବାଲ୍ୟବିବାହ ନିଷେଧ ଅଧିନିୟମ ଓ ପୋକ୍ସୋ ଆକ୍ଟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଗ୍ରାମୀଣ ଅଞ୍ଚଳରେ ନାବାଳିକାମାନଙ୍କୁ ବିବାହ କରାଯାଉଥିବାରୁ କାର୍ଯ୍ୟକ୍ରମରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏବେ ଶିଶୁ ଶ୍ରମିକ, ଚାଲାଣ ଓ ଯୌନ ଶୋଷଣ ଭଳି ପ୍ରଥା ସାମାଜିକ ବ୍ୟାଧି ମାଡ଼ି ଚାଲିଛି ବୋଲି ଗୋଛି କହିଥିଲେ। ଉପରୋକ୍ତ ୨ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଓ କୋଚିଂ ସେଣ୍ଟରରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ।

### ରକ୍ତଦାନ ଶିବିର

ସାଲେପୁର, ୩୦।୯ (ଅରବିନ୍ଦ ଭୂୟାଁ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍, ଏନ୍‌ସିସି, ରୋଭର୍, ରେଞ୍ଜର୍‌ର ମିଳିତ ସହଯୋଗରେ ଶିବିରରୁ ୧୨୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ପରିଚାଳନା ସମିତି ସଭାପତି ମନୋରଞ୍ଜନ ଦାଶ ଓ ଅଧକ୍ଷା ଡ.ସଙ୍ଗୀତା ମିଶ୍ର ଉଦ୍‌ଘାଟନ କରିଥିଲେ।

# ଚିନିଶିଳ୍ପ ନ ଚାଲିଲେ ଆନ୍ଦୋଳନ ତୀବ୍ର ହେବ

ବଡ଼ମ୍ବା,୩୦।୯(ମାୟାଧର ମଲ୍ଲିକ):

**ବଡ଼ମ୍ବାରେ ଭାଜପାର ଜନ ଆକ୍ରୋଶ ସମାବେଶ**

ବଡ଼ମ୍ବା କଲେଜ ପଡ଼ିଆଠାରେ ଶନିବାର ଭାଜପାର ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ହାଟସ୍ଥିତ ଆଡ଼ିଆ ମହାଦେବଙ୍କ ପୀଠରୁ ଏକ ଶୋଭାଯାତ୍ରା ବାହାରି କଲେଜ ପଡ଼ିଆଠାରେ ପହଞ୍ଚିଥିଲା। ଏଥିରେ ବିଜେଡି ବିରୋଧରେ ନାନା ସ୍ଲୋଗାନ ଦିଆଯାଇଥିଲା। ପରେ କଲେଜ ପଡ଼ିଆଠାରେ ଅନୁଷ୍ଠିତ ସମାବେଶରେ ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ଜିଲା ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଜିଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଦଳ ବେହେରା ଓ ବ୍ଲକ ସଭାପତି ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇ ବଡ଼ମ୍ବାର ଭାତ ହାଣ୍ଡି ବୋଲାଉଥିବା ବଡ଼ମ୍ବା ଚିନି ଶିଳ୍ପକୁ ନିଲାମ କରାଯିବା ପ୍ରତିବାଦରେ ଏଭଳି ସମାବେଶ କରାଯାଇଛି। ଚିନି ଶିଳ୍ପ ଚାଲୁ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ସ୍ଥାନୀୟ ପ୍ରଶାସନ କାର୍ଯ୍ୟ କଳାପକୁ ନିନ୍ଦା କରିଥିଲେ। ରାଜ୍ୟରେ ଚାଲିଥିବା ସରକାରଙ୍କୁ ବିତାଡ଼ିତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତାଙ୍କ ସମେତ ବହୁ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ। ଶେଷରେ ବଡ଼ମ୍ବା ଅଞ୍ଚଳର କେତେଜଣ କର୍ମୀ ଭାଜପାରେ ଯୋଗ ଦେଇଥିଲେ।



ସମାବେଶରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ଦଳୀୟ ନେତୃମଣ୍ଡଳୀ।

# ୟୁସିସି ସାଧାରଣ ନାଗରିକଙ୍କ ପାଇଁ ଆଇନ

**ରେଭେନ୍ସା ରାଜନୀତି ବିଜ୍ଞାନ ପକ୍ଷରୁ ଆଲୋଚନାଚକ୍ର**

କଟକ,୩୦।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ୟୁନିଫର୍ମ ସିଭିଲ କୋଡ୍(ୟୁସିସି) ବିଷୟରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲଜିତ୍ ସିଂ ଯୋଗଦେଇ କହିଥିଲେ, ୟୁନିଫର୍ମ ସିଭିଲ୍ କୋଡ୍ ସାଧାରଣ ଲୋକଙ୍କ ପାଇଁ, ସାଧାରଣ ଲୋକଙ୍କ ଦ୍ୱାରା ପ୍ରଣିତ ହେବା ଯୋଗ୍ୟ ଆଇନ। ହେଲେ ଏହାକୁ ପୁରୁଷ କୈନ୍ଦ୍ରିକ ସମାଜ ବିରୋଧ କରୁଛି। ସଂକୀର୍ଣ୍ଣ ରାଜନୀତି କରୁଥିବା ନେତା ମଧ ବିରୋଧ କରୁଛନ୍ତି। ବାକି ସମସ୍ତେ ଏହା ସପକ୍ଷରେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଚାରପତି ତଥା ଦିଲ୍ଲୀର ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ଉପ




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ସଭାପତି ଡ. ମିଥିଲେଶ ଝା ଯୋଗଦେଇ କହିଥିଲେ, ଲିଙ୍ଗ, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମାନ ଆଇନ ସୁନିଶ୍ଚିତ କରିବ ୟୁନିଫର୍ମ ସିଭିଲ କୋଡ୍। ସମ୍ମାନିତ ଅତିଥି ସୁପ୍ରିମ୍‌କୋର୍ଟର ଆଡ୍‌ଭୋକେଟ୍ ଆନନ୍ଦ ମିଶ୍ର କହିଥିଲେ, ୟୁନିଫର୍ମ ସିଭିଲ କୋଡ୍‌କୁ ବିଧି ଆୟୋଗ ଗଣତାନ୍ତ୍ରିକ ଉପାୟରେ ଲାଗୁ କରିବା ପାଇଁ ଚାହୁଁଛି। ଏଥିରେ ଡ. ମାନଭଞ୍ଜନ କହଁର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଡ. କମଲଜିତ ସିଂ, ପ୍ରଫେସର ସଚ୍ଚିନ୍ଦ୍ର ରାଉଳ, ଆଇନଜୀବୀ ପ୍ରତାପ କୁମାର ସାହୁ, ପ୍ରଶାସକ ଶାନ୍ତି ମହାନ୍ତି, ଡ. ମାନଭଞ୍ଜନ କହଁର, ଡ. ରାଜେଶ କୁମାର ସିଂ, ଡ. ତ୍ରିଲୋଚନ ଜେନା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଡ. ଉମାକାନ୍ତ ମିଶ୍ର ଆବାହକ, ଆଇନଜୀବୀ ବିଭୁପ୍ରସାଦ ଦାସ ଓ ସୌଭାଗ୍ୟ ସ୍ୱାଇଁ ଯୁଗ୍ମ ଆବାହକ ଭାବେ ନିର୍ବାଚିତ ହୋଇଥିଲେ। ସୌଭାଗ୍ୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାନ୍ସର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆଇନଜୀବୀ ସଂଘମିତ୍ରା ରାଜଗୁରୁ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ବିଷୟରେ ସୂଚନା ଦେଇଥିଲେ। ଡ. ତ୍ରିଲୋଚନ ଜେନା ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ଡ. ରବି ନାରାୟଣ ପାତ୍ର, ବିକଳି ଚରଣ ଦାସ, ଖଗେନ୍ଦ୍ର ସେଠୀ, ଡ. ଗୌରୀଶଙ୍କର ସାହୁ, ନେତାଜୀ ଅଭିନନ୍ଦନ, ଆଇନଜୀବୀ ମନୋଜ ପତି, ବନ୍ଦିତା ନେନ, ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅସହାୟଙ୍କୁ ସହାୟତା

ଖୋର୍ଦ୍ଧା,୩୦।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଅନ୍ତର୍ଗତ ଅହମ୍ମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଏମାଉଲ୍ଲାଃ ପକ୍ଷରୁ ପୈଗମ୍ବର ମହାପୁରୁଷ ମହମ୍ମଦଙ୍କ ସ୍ମୃତିସଭା ଉପଲକ୍ଷେ ସର୍ବଧର୍ମ ସମନ୍ୱୟବାଦ ଓ ଭାଇଚାରାର ବାର୍ତ୍ତା ବାଣ୍ଟିବା ସହ ଝାଁଲାସ୍ଥିତ ମିଶନ ଆଶ୍ରାର ଗରିବ ଓ ଅସହାୟ ଲୋକଙ୍କୁ ବସ୍ତ୍ର, ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହା ସହିତ ଏକ ଶାନ୍ତିସଭାର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶୋହଦା ବେଗମ, ଶମିମା ବେଗମ, ଶମସାମ ଆରା ଏବଂ ଶାହେଦା ବାନୁ ଯୋଗଦେଇଥିଲେ। ଶାନ୍ତି ସଭାରେ ମାନବ ଧର୍ମ ହିଁ ମହାନ ଧର୍ମ । ଆମେ ସବୁ ମଣିଷ ଜାତି ଏକ। ତେଣୁ ଆମେ ସମସ୍ତେ ଭଉଣୀଭାଇ। ମହିଳା ସଶକ୍ତୀକରଣ ଦ୍ୱାରା ସମାଜରେ ସୁଧାର ଆସିବ ବୋଲି ସଭାରେ ଅତିଥିମାନେ ମତପ୍ରକାଶ କରିଥିଲେ।

### ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ କାର୍ଯ୍ୟକ୍ରମ

ଟାଙ୍ଗୀ,୩୦।୯(ରଘୁନାଥ ସାହୁ)

ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଜଣ ଛାତ୍ର ଓ ୧୬ଜଣ ଛାତ୍ରୀ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପରିଚାଳନା କମିଟି ସଭାପତି ବଦ୍ରିନାରାୟଣ ଚୌଧୁରୀ, ମୁଖ୍ୟ ବକ୍ତା ରାଜ୍ୟ ସ୍କାଉଟ ଗାଇଡର ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥିଭାବେ ଆଇଆଇସି ଜଗଦୀଶ କୁମାର କର, ସବଇନ୍ସପେକ୍ଟର କୃତିବାସ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତବ୍ୟ ଦେବା ସହ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କ୍ୟାଡେଟମାନଙ୍କୁ ଶପଥ ପାଠ କରାଯିବା ସହ ଟୋପି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମିନାକ୍ଷୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ମୁନା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯେ, ଛାତ୍ରୀଛାତ୍ର ନିଜକୁ ଶୃଙ୍ଖଳିତ କରିବା, ଶରୀର ଫିଟ୍ ରଖିବାକୁ ଯୋଗ, ପ୍ରାଣାୟମ ଓ ବ୍ୟାୟାମ କରିବା, ଆବଶ୍ୟକସ୍ଥଳେ ପୋଲିସଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### 'ମଧ୍ୟବିତ୍ତ ସ୍ଥିତି ଓ ସଂଘର୍ଷର କାହାଣୀ ଦାନାପାଣି' ଆଲୋଚନାଚକ୍ର

ବାଲିପାଟଣା,୩୦।୯(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଶିଶୁ ଅନନ୍ତ କଲେଜରେ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ 'ଦାନାପାଣି' ଉପନ୍ୟାସ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନିମାଇଁ ଚରଣ ଜେନା ଅଧ୍ୟକ୍ଷତା କରିଥିଲେ। ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ କୃତୀ ଉପରେ ଆଲୋଚକ ଡ. ନିଶାମଣୀ ସ୍ୱାଇଁ ଆଲୋଚନା କରିଥିଲେ। 'ମଧ୍ୟବିତ୍ତ ସ୍ଥିତି ଓ ସଙ୍ଘର୍ଷର କାହାଣୀ ଦାନାପାଣି' ଆଲୋଚନା କାର୍ଯ୍ୟକ୍ରମରେ ବକ୍ତାଭାବେ ଡ.ରଶ୍ମିତା ମହାପାତ୍ର, ବରିଷ୍ଠ ଅଧ୍ୟାପିକା ସୁଜାତା କୁମାରୀ ସାହୁ, ଅଧ୍ୟାପିକା ସସ୍ମିତା ବେହେରା, ଅଧ୍ୟାପକ ସୁକାନ୍ତ କୁମାର ବାରିକଙ୍କ ସମେତ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସଦାସର୍ବଦା ସତ୍ ମାର୍ଗରେ ପରିଚାଳିତ ହୋଇ ଭବିଷ୍ୟତରେ ଜଣେ ଜଣେ ସଚ୍ଚୋଟ ନାଗରିକ ହେବା ପାଇଁ ଆଲେଚକ ସ୍ୱାଇଁ ପରାମର୍ଶ ଦେଇଥିଲେ।

### ସ୍ମୃତିଚାରଣ ସଭା

ବୋଲଗଡ଼,୩୦।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ଚମ୍ପାଇଲୋର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତଙ୍କ କନ୍ୟା ତଥା ଆଞ୍ଚଳିକ ନୀଳାଚଳ ସତସଙ୍ଗର ଅନ୍ୟତମ ପ୍ରମୁଖ ସଞ୍ଚାଳିକା ବସନ୍ତ କୁମାରୀ ସାମନ୍ତଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅଇଁଠୁ ରଣଜିତସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପ୍ରବାଚିକା ନିର୍ମଳା ଫତେସିଂହ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଲକ୍ଷ୍ମୀଧର ସାହୁ, ସଞ୍ଜୟ କୁମାର ସୁବୁଦ୍ଧି, ପବିତ୍ର ମୋହନ ମାଝୀ, ସଞ୍ଜୟ କୁମାର ଗୁମାନସିଂହ, ବସନ୍ତ ନାୟକ, ହେମନ୍ତ ଉତ୍ତରରାୟ, ଜୟକୃଷ୍ଣ ପ୍ରହରାଜ, ଆନନ୍ଦ ଚନ୍ଦ୍ର ସାମନ୍ତରାୟ, ପ୍ରମୋଦ ପ୍ରତାପସିଂହ ଉପସ୍ଥିତ ଥିଲେ। ମନୋଜ ଗୁମାନସିଂହ ସଭା ସଂଯୋଜନା କରିଥିଲେ।

# ସମ୍ଭାବ୍ୟ ବର୍ଷା ପାଇଁ କର୍ମଚାରୀଙ୍କ ଛୁଟି ବାତିଲକଲା ବିଏମ୍‌ସି

ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)

ଅକ୍ଟୋବର ୩ ପର୍ଯ୍ୟନ୍ତ ଲଘୁଚାପଜନିତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହାର ମୁକାବିଲା ପାଇଁ ତତ୍ପରତା ପ୍ରକାଶ କରିଛି। ଶନିବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ଷା ଜନିତ ଜଳବନ୍ଦୀ ତଥା ଅନ୍ୟାନ୍ୟ ସମସ୍ୟାର ତ୍ୱରିତ ସମାଧାନ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯିବା ସହ ବିଏମ୍‌ସିର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଜଳବନ୍ଦୀ, ଗଛ ପଡିବା କିମ୍ବା କୌଣସି ଅସୁବିଧା ହେଲେ ନାଗରିକମାନେ ୧୯୨୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ସମସ୍ତ ଜୋନାଲ ଡେପୁଟି କମିଶନରମାନେ ଖାଲୁଆ ଅଞ୍ଚଳ ଚିହ୍ନଟ କରିବା, ବିଇଓ ଓ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଆଶ୍ରୟସ୍ଥଳଗୁଡ଼ିକୁ ପ୍ରସ୍ତୁତ ରଖିବା, ସ୍ଥାନୀୟ କର୍ପୋରେଟରଙ୍କୁ ସାମିଲ କରି ୱାର୍ଡ ସ୍ତରରେ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ଡ୍ରେନ ଭଲ ଭାବେ ସଫା ହୋଇଛି କି ନାହିଁ ତାହା ତଦାରଖ କରି ଡ୍ରେନରେ ଥିବା ଜାଲିଗୁଡିକୁ ଉଠାଇ ଦେବାକୁ ପରାମର୍ଶ ଦିଆଯାଇଛି। ଜଳବନ୍ଦୀ ଅଞ୍ଚଳ ଚିହ୍ନଟ କରିବା ସହ ଆବଶ୍ୟକ ସଂଖ୍ୟାରେ ପମ୍ପସେଟ୍, ଜେନେଟର ମହଜୁଦ୍ ରଖିବାକୁ କୁହାଯାଇଛି। ଆଗୁଆ ଶୁଖିଲା ଖାଦ୍ୟ ସାମଗ୍ରୀ ମହଜୁଦ୍ ରଖିବା, ଜଳବନ୍ଦୀ ଅଞ୍ଚଳରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଘର ବା ନିର୍ମାଣ ଉପରେ ସତର୍କ ନଜର ରଖିବା, ଡ୍ରେନ୍ ଉପରେ ପାଣି ଚାଲିବା ସମ୍ଭାବନା ଥିବା ଅଞ୍ଚଳରେ ବାଉଁଶ ବ୍ୟାରିକେଡ୍ କରିବା ଏବଂ ସିଟି ଓମେନ୍ସ କଲେଜ ନିକଟରେ ହେଉଥିବା ଜଳବନ୍ଦୀ ମୁକାବିଲା ପାଇଁ ସତର୍କ ରହିବାକୁ କୁହାଯାଇଛି। ସେହିପରି ସଫେଇ ଏଜେନ୍ସି ଓ ବିଏମ୍‌ସିର ଟିମ୍ ସାନିଟେଶନକୁ ମଧ୍ୟ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଶୁଭେନ୍ଦୁ କୁମାର ସାହୁ, ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର ଡ. ମନୋରଞ୍ଜନ ସାହୁଙ୍କ ସମେତ ସମସ୍ତ ଡେପୁଟି କମିଶନର,୩ ଜୋନାଲ ଡେପୁଟି କମିଶନର, ଟ୍ରାଫିକ ଡିସିପି, ଓଡ୍ରାଫ କମାଣ୍ଡାଣ୍ଟ, ସୁପରିଟେଣ୍ଡିଂ ଇଂଜିନିୟର, ବିଏମ୍‌ସି ଡ୍ରେନେଜ୍ ଡିଭିଜନ, ସୁପରିଟେଣ୍ଡିଂ ଇଂଜିନିୟର ଟିପିସିଓଡିଏଲ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ଅନ୍ୟ ଅଧିକାରୀ।


ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ। (ଫଟୋ: ରଘୁନାଥ ସାହୁ)


ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅବସରରେ ଆଇଟିବିପି ପକ୍ଷରୁ ମାଟି ସଂଗ୍ରହ କରାଯାଉଛି।

## ଆଇଟିବିପି ପକ୍ଷରୁ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

ନିରାକାରପୁର(ମାନସ ଚନ୍ଦ୍ର ପଟ୍ଟନାୟକ)/ ବୋଲଗଡ଼ ୩୦।୯ (ଦେବବ୍ରତ ହୋତା)

ଆଇଟିବିପି ପକ୍ଷରୁ ଶନିବାର ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଓଲସିଂହଠାରେ ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ନରେନ୍ଦ୍ର ସିଂଙ୍କ ନେତୃତ୍ୱରେ ଯବାନ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇ ଶହୀଦ ହୋଇଥିବା ପରିବାର, ସ୍ୱାଧୀନତା ସଂଗ୍ରାମୀ ପରିବାର ସହିତ କଲେଜ ଓ ଗ୍ରାମର ଲୋକମାନଙ୍କ ଘରୁ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଛି। ଦେଶ ଓ ସମ୍ବିଧାନ ପ୍ରତି ଅନୁଗୃହୀତ ରହିବାକୁ ଗ୍ରାମବାସୀ, ଛାତ୍ରଛାତ୍ରୀ ପଞ୍ଚପ୍ରାଣରେ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିବିପିର ଇନ୍‌ସ୍ପେକ୍ଟର ଅନିତା ଚୌଧୁରୀ, ସାଗର ସାହୁ, ଅନୁପ ସିଂହ, ରୋଜେଶ କୁଇନ, ତାହିର ଅହମ୍ମଦଙ୍କ ସହିତ ସତ୍ୟ ନାରାୟଣ ଶ୍ରୀଚନ୍ଦନ ସହଯୋଗ କରିଥିଲେ। ସେହିପରି ଶୁକ୍ରବାର ବୋଲଗଡ଼ ବ୍ଲକ ଅଞ୍ଚଳରେ ଆଇଟିବିପି କମାଣ୍ଡାଣ୍ଟ ବିରେନ୍ଦ୍ର ସିଂଙ୍କ ନେତୃତ୍ୱରେ ମାଟି ସଂଗ୍ରହ କରାଯାଇଛି। ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଭାରତବର୍ଷର ସମୃଦ୍ଧି, ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ପାଇଁ ଶପଥ ଗ୍ରହଣ ସହିତ ଜାତୀୟତାବାଦ ସୃଷ୍ଟି ପାଇଁ ସଙ୍କଳ୍ପ କରାଯାଇଥିଲା। ପରେ ବଣିକ ମହାସଂଘ ସହିତ ବୋଲଗଡ଼ ବଜାର ପରିକ୍ରମା କରିବା ସହିତ ବାମନ ଉଚ୍ଚ ବିଦ୍ୟାଳୟ, ଖଦୀ କେନ୍ଦ୍ର, ଗାନ୍ଧୀ ମଣ୍ଡପ, ଗୋପବନ୍ଧୁ ଛକ ଆଦି ସ୍ଥାନରୁ ମାଟି ସଂଗ୍ରହ କରାଯାଇଥିଲା।

## ପୁଣି ରାସ୍ତାକୁ ଓହ୍ଲାଇଲା ଓଡ଼ିଶା କୃଷକ ସାଥୀ ସଂଘ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

୭ ଦଫା ଦାବି ନେଇ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ୪୨ ଦିନ ଆନ୍ଦୋଳନ ପରେ ଗତ ଏପ୍ରିଲ ୪ରେ କୃଷି ଭବନରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଆଲୋଚନା ହୋଇଥିଲା। କୃଷକ ସାଥୀଙ୍କ ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଆଶ୍ୱାସନା ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଥିବାରୁ ସେ ଫେରିଲେ କୃଷକ ସାଥୀଙ୍କ ଦାବି ପୂରଣ ହେବ ବୋଲି ଆଶା କରାଯାଉଥିଲା। ମାସକର ସମୟ ନେଇ ୬ ମାସ ବିତିବା ପରେ ମଧ୍ୟ ଦାବି ପୂରଣ ନ ହେବାରୁ ଶନିବାର ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟରେ ପ୍ରାୟ ୧୩,୬୦୦ କୃଷକ ସାଥୀ କାର୍ଯ୍ୟରେ ଥିବାବେଳେ ସେମାନଙ୍କୁ କୃଷି ବିଭାଗରେ କୃଷି କର୍ମଚାରୀର ମାନ୍ୟତା ପ୍ରଦାନ, କୁଶଳୀ ଶ୍ରମିକ ହାରରେ ମାସିକ ମଜୁରି ପ୍ରଦାନ, ପିଏଫ୍, ଇଏସ୍ଆଇ ସହ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ସେହିପରି ଡ୍ରେସକୋଡ୍ ସହ ପରିଚୟପତ୍ର ପ୍ରଦାନ, ଉନ୍ନତ କୃଷି ନିମନ୍ତେ ତାଲିମ ଓ ପୁସ୍ତକ ଯୋଗାଇଦେବା, କାର୍ଯ୍ୟରତ କୃଷକ ସାଥୀଙ୍କ ମୃତ୍ୟୁ ପରେ ଅଗ୍ରାଧିକାର ଭିତ୍ତିରେ ପରିବାର ସଦସ୍ୟଙ୍କୁ ନିଯୁକ୍ତି, କୃଷିଭିତ୍ତିକ ଉନ୍ନୟନ କାର୍ଯ୍ୟରେ ଏନ୍‌ଜିଓ ପରିବର୍ତ୍ତେ କୃଷକ ସାଥୀଙ୍କୁ ନିୟୋଜିତ କରିବାକୁ ଦାବି କରାଯାଇଛି। ଏହାସହ ଗ୍ରାମାଞ୍ଚଳକୁ ଏନ୍ଏସି ଘୋଷଣା ପରେ ସେଠାରେ ନିୟୋଜିତ ଥିବା କୃଷକ ସାଥୀଙ୍କ ଉଚ୍ଛେଦ ପ୍ରକ୍ରିୟାକୁ କୃଷକ ସାଥୀମାନେ ବିରୋଧ କରିଛନ୍ତି।


ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶନିବାର ଗାଁ ସାଥୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୩୦।୯(ଅସମାପିକା ସାହୁ)

ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶନିବାର ସ୍ଥଗିତ ହୋଇଛି। ଦାବି ପୂରଣ ନେଇ ସରକାର ସମୟ ମାଗିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମିଳିବା ପରେ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ସାଧାରଣ ସମ୍ପାଦିକା ଡା. ଲୋପାମୁଦ୍ରା ଖଟୋଇ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ସ୍ୱାସ୍ଥ୍ୟ ସଚିବଙ୍କ ସହିତ ସକାରାତ୍ମକ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ଅନୁସାରେ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ସଂଘର ଦାବିକୁ ଦୃଢ଼ଭାବରେ ଉପସ୍ଥାପନ କରାଯିବା ସହିତ ଏହାର ସଫଳ ରୂପାୟନରେ ସ୍ୱାସ୍ଥ୍ୟ ସଚିବ ସକ୍ରିୟ ଭୂମିକା ଗ୍ରହଣ କରିବେ। ସଂଘର ଦାବିପ୍ରତି ସେ ସମସ୍ତ ପ୍ରକାର ସହାନୁଭୂତି ପ୍ରକାଶ କରିବା ସହିତ ଦାବିର ଯଥାର୍ଥତାକୁ ଉପଲବ୍ଧି କରିଥିଲେ। ରାଜ୍ୟର ସ୍ୱାସ୍ଥ୍ୟସେବାରେ ଆୟୁଷ ଚିକିତ୍ସାରେ ସଫଳ ଭୂମିକା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଉକ୍ତ ପ୍ରତିଶ୍ରୁତି ପ୍ରତି ସଂଘ ଆସ୍ଥା ପ୍ରକଟ କରି ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖୁଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ।

## ୧୨୩ ୟୁନିଟ୍ ରକ୍ତ ସଂଗ୍ରହ



ବେଗୁନିଆ(ହର ପ୍ରସନ୍ନ ପଣ୍ଡା)/ ବୋଲଗଡ଼,୩୦।୯(ଦେବବ୍ରତ ହୋତା)

ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ବୋଲଗଡ଼ ବ୍ଲକର ସାଗରଗୁଆଁ ପଞ୍ଚାୟତ ପକ୍ଷରୁ ଆଲତ୍ରା ସ୍କୁଲ ଓ ବେଗୁନିଆ ବ୍ଲକର ବେଗୁନିଆ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ରକ୍ତଭଣ୍ଡାର ବ୍ୟାଙ୍କ ଦ୍ୱାରା ସାଗରଗୁଆଁ ଠାରେ ୮୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଖୋର୍ଦ୍ଧା ବ୍ଲଡ୍ ବ୍ୟାଙ୍କ ଦ୍ୱାରା ବେଗୁନିଆ କଲେଜ ଠାରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସାଗୁର ଗାଁ ପଞ୍ଚାୟତର ପ୍ରତିନିଧି, ଯୁବ, ଛାତ୍ର, ମହିଳାମାନେ ଓ ବେଗୁନିଆ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କଲେଜ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିରଗୁଡ଼ିକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବେଗୁନିଆ ମହାବିଦ୍ୟାଳୟ ଅଧ୍ୟକ୍ଷା ସବିତାଞ୍ଜଳି ସେନାପତି ପ୍ରାଧ୍ୟାପକ ପଙ୍କଜ କୁମାର କର, ଅଧ୍ୟାପକ ବିଧୁଭୂଷଣ ରାଉତ, ବିଜୟଲକ୍ଷ୍ମୀ ସୁବୁଦ୍ଧି, ସତ୍ୟଜିତ ଦାସ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା,୩୦।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ଦେଶର ମୋଟ ୧୭ଟି ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ସହ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରାଯାଇଛି। ତୁରନ୍ତ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରାଯାଉ। ପୁଅ, ଝିଅଙ୍କ ବୟସକୁ ୩୦ ବର୍ଷ ପର୍ଯ୍ୟନ୍ତ ଲାଗୁ, ଜିଲା ଓ ବ୍ଲକ ସ୍ତରୀୟ ସାମ୍ବାଦିକଙ୍କୁ ସରକାରୀ ଅଧିସ୍ୱୀକୃତି ପ୍ରଦାନ ଓ ପ୍ରେସ୍ ଏକାଡେମୀ ଗଠନ ଆଦି ଦାବି ରହିଛି। ଦୁଇମାସ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ରାଜ୍ୟର ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ବିଧାନସଭା ଆଗରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ପ୍ରଭାତ ମିଶ୍ର, ମୁଖ୍ୟ ଉପଦେଷ୍ଟା ଉମାଶଙ୍କର ପ୍ରସାଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟ ପାଇକରାୟ, ଅଶୋକ କୁମାର ନାଏକ, ପ୍ରଦୀପ କୁମାର ବେହେରା, ଯୁଗ୍ମ ସମ୍ପାଦକ, ମାନସ ରଞ୍ଜନ ପାଣିଗ୍ରାହୀ, ମନୋଜ କୁମାର ସାମନ୍ତରାୟ, କାର୍ତ୍ତିକ ଚନ୍ଦ୍ର ଘଡେଇ, ସତ୍ୟପ୍ରକାଶ ସାହୁ, କେଦାରନାଥ ସାହୁ, ଉପଦେଷ୍ଟା ଶୁଭ୍ରରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ୟୁଜେଏ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଡିଲରଙ୍କ ନାମରେ ଚାଉଳ ହଡ଼ପ ଅଭିଯୋଗ

ଗୋପ,୩୦।୯(ଭାରତୀ ଭୂଷଣ ଉପାଧ୍ୟାୟ)

ରାଶନ କାର୍ଡ ହିତାଧିକାରୀଙ୍କୁ ସରକାରୀ ନିୟମ ମୁତାବକ ଚାଉଳ ନ ମିଳିବା ନେଇ ଅଭିଯୋଗ ଆସିବା ପରେ ଶନିବାର ଜିଲାସ୍ତରୀୟ ତଦନ୍ତ ହୋଇଥିଲା। ଏହି ତଦନ୍ତବେଳେ ଡିଲର କେନ୍ଦ୍ରରେ ୩୦ କୁଇଣ୍ଟାଲ ଚାଉଳ ନ ଥିବାରୁ ତଦନ୍ତକାରୀ ଟିମ୍ କେନ୍ଦ୍ରର ଖାତାପତ୍ର ସହିତ ଟିପ ଚିହ୍ନ ମେଶିନ ଜବତ କରି ଫେରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବୀରତୁଙ୍ଗ ପଞ୍ଚାୟତର ଏକ ଡିଲର କେନ୍ଦ୍ରରେ ରାଶନ କାର୍ଡ ହିତାଧିକାରୀଙ୍କୁ ମାସ ମାସ ଧରି ଚାଉଳ ନ ମିଳିବା, ଚାଉଳ ବଦଳରେ ହିତାଧିକାରୀଙ୍କୁ ଟଙ୍କା ଦେବା ଓ କେତେକ ହିତାଧିକାରୀଙ୍କ ଚାଉଳ କାଟି ରଖୁଥିବା ନେଇ ଡିଲରଙ୍କ ନାମରେ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓ ଦୀପ୍ତିରାଣୀ ଦାସ ଏହି ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ ସେଠୀ ଡିଲର କେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରେ ସତ୍ୟତା ଥିବା ଜାଣିବାକୁ ପାଇଥିବାବେଳେ ସମ୍ପୃକ୍ତ ରିଟେଲର ତଦନ୍ତରେ ସହଯୋଗ ନ କରି ଯୋଗାଣ ଅଧିକାରୀଙ୍କୁ ଦେଖା ଦେଇ ନ ଥିଲେ। ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗକୁ ରିପୋର୍ଟ ପ୍ରଦାନ କରିବା ପରେ ଶନିବାର ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁଙ୍କ ନେତୃତ୍ୱରେ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ, ଦେବବ୍ରତ ନାୟକ, ସତ୍ୟବ୍ରତ, ବିଶ୍ୱଜିତ୍ ନାୟକ, ପ୍ରଦୀପ ସେଠୀ ପ୍ରମୁଖ ଏକ ୬ ଜଣିଆ ଟିମ୍ ବୀରତୁଙ୍ଗ ଗ୍ରାମରେ ପହଞ୍ଚିଥିଲା। ସମ୍ପୃକ୍ତ ରିଟେଲରଙ୍କ ଷ୍ଟକ୍‌ରୁ ୨୦ରୁ ୩୦ କୁଇଣ୍ଟାଲ ଚାଉଳ କମ୍ ଥିବା ଅଧିକାରୀ ଜାଣିବାକୁ ପାଇଥିଲେ। ଏନେଇ ନିକଟ ଖାଉଟିଙ୍କ ବୟାନ ସଂଗ୍ରହ କରିଥିଲେ। ଦୀର୍ଘ ୪ ଘଣ୍ଟା ବିଳମ୍ବରେ ସମ୍ପୃକ୍ତ ରିଟେଲର ତଦନ୍ତ ଅଧିକାରୀଙ୍କୁ ଦେଖା କରିଥିବା ବେଳେ ତାଙ୍କଠାରୁ ବୟାନ ସଂଗ୍ରହ କରିବା ସହ ପିଓଏସ୍ ମେଶିନ ଓ ଖାତା ସମେତ ସମସ୍ତ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟ ପ୍ରଦାନ ପରେ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ ସୂଚନା ଦେଇଛନ୍ତି।

- ୬ ଜଣିଆ ଜିଲା ଟିମ୍‌ର ତଦନ୍ତ ବେଳେ ଆସିଲା ଅନିୟମିତତା
- ୩୦ କୁଇଣ୍ଟାଲ ଚାଉଳର ହିସାବ ମିଳିଲାନି


ବୀରତୁଙ୍ଗ ଗ୍ରାମରେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ଚୋରି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହେଲେ ଅଭିଯୁକ୍ତ

ପିପିଲି,୩୦।୯(ଦୁର୍ଗାମାଧବ ମିଶ୍ର)

ଏକ ଚୋରି ମାମଲାରେ ସମସ୍ତ ସାକ୍ଷ ପ୍ରମାଣକୁ ଭିତ୍ତିକରି ଶନିବାର ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ସଂଗ୍ରାମ ମିଶ୍ର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଖୋର୍ଦ୍ଧା ଜିଲା ଭାଲିଆବାଡ଼ି ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳର କିଶୋର ଭୋଇ। ସୂଚନା ଅନୁଯାୟୀ, ୨୦୨୨ ନଭେମ୍ବର ୧୨ତାରିଖ ଭୋର ୩ଟା ୩୦ରେ କିଶୋର ଡେଲାଙ୍ଗ ଥାନା କୁଞ୍ଜର ଗ୍ରାମର ପ୍ରମୋଦ ରାଉତଙ୍କ ଘର ଭିତରେ ପଶି ଚୋରି କରୁଥିବାବେଳେ ପ୍ରମୋଦ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କିଶୋର ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଏଥିସହ ପ୍ରମୋଦଙ୍କ ପୁଅ ଦେବୀପ୍ରସାଦ ରାଉତଙ୍କୁ ମଧ୍ୟ ସେ ଆକ୍ରମଣ କରିଥିଲେ। ପରେ କିଶୋର ସେଠାରୁ ପଳାଇଥିଲେ। ସ୍ଥାନୀୟ ଲୋକେ କିଶୋରଙ୍କୁ ବେରବୋଇ ରେଲ୍‌ୱେ ଗେଟଠାରୁ ଧରି ଡେଲାଙ୍ଗ ଥାନାରେ ଜିମା ଦେଇଥିଲେ। ଘଟଣାର ତଦନ୍ତ ଶେଷକରି କିଶୋରଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିବାବେଳେ ମାନ୍ୟବର କୋର୍ଟ ସମସ୍ତ ସାକ୍ଷପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସେହିଭଳି ଜୁଡ଼ିସିଆଲ କୋର୍ଟ ବାଇକ ଚୋରି ଘଟଣାରେ ଏକ ମାମଲାର ବିଚାର କରି ଗତ ୧୮ ତାରିଖରେ ଅଭିଯୁକ୍ତ ମହମଦ ମୁସ୍ତାକ୍ ନାମକ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି। ଉଭୟ ମାମଲାର ଅଭିଯୁକ୍ତଙ୍କ ପକ୍ଷରୁ ଯୁବ ଆଇନଜୀବୀ ଶଙ୍କର୍ଷଣ ପ୍ରଧାନ ମକଦ୍ଦମା ପରିଚାଳନା କରୁଥିଲେ।

### ଡିଜେ ସାଉଣ୍ଡରେ ଲୋକେ ଅତିଷ୍ଠ, କାର୍ଯ୍ୟାନୁଷ୍ଠାନ ଦାବି

ନିମାପଡ଼ା,୩୦।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳରେ ରୋଶଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡର ଉଚ୍ଚ ଶବ୍ଦରେ ହୃଦ୍‌ରୋଗୀ ଏବଂ ସାଧାରଣ ଜନତା ଅତିଷ୍ଠ ହୋଇପଡୁଛନ୍ତି। ଏପରିକି ଏହି ପ୍ରଚଣ୍ଡ ଶବ୍ଦ ଶିଶୁଙ୍କ ପାଇଁ ମଧ୍ୟ ଘୋର ବିପଦ ଟାଣି ଆଣୁଛି। ଡିଜେ ବ୍ୟବହାର ଦିଗରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ କଡ଼ା କଟକଣା ରହିଛି। ହେଲେ ନିମାପଡ଼ା ଥାନା ଅଞ୍ଚଳରେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା ଭସାଣି ଶୋଭାଯାତ୍ରା, ବିଭିନ୍ନ ବିବାହ ଶୋଭାଯାତ୍ରାରେ ଖୁଲମଖୁଲା ଭାବେ ଡିଜେ ବହୁ ଉଚ୍ଚ ଶବ୍ଦରେ ବାଜୁଥିବା ଦେଖାଯାଉଛି। କୌଣସିଡିଜେ ମାଲିକ ଓ ଶୋଭାଯାତ୍ରାକାରୀ, ପୂଜା କମିଟିରେ ଆୟୋଜକଙ୍କୁ ନିମାପଡ଼ା ଥାନା ପକ୍ଷରୁ ଅନୁମତି ପ୍ରଦାନ କରାଯାଉ ନ ଥିଲେ ମଧ୍ୟ ସେମାନେ ନିୟମ ଉଲ୍ଲଂଘନ କରି ଉଚ୍ଚ ଶବ୍ଦରେ ଡିଜେ ବଜାଉଛନ୍ତି।

### ମହାଜାଗତିକ ସତ୍‌ସଙ୍ଗ ମହୋତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ, ୩୦।୯(ଭରତ ରାଉତ)

ପୁରୀ ଜିଲା ସତ୍ୟବାଦୀ ଅଧୀନ ଉତ୍ତରପଡ଼ା ଶାଖା ପରିସରରେ ବିଶ୍ୱଭ୍ରାତୃତ୍ୱ ଦିବ୍ୟମ୍ମା ପରିଷଦ କ୍ଷୀତି ଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା କଟକ ଆନୁକୂଲ୍ୟରେ ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଭାଗବତ ଜନ୍ମ ତଥା ଶ୍ରୀଗୁରୁ ସ୍ୱାମୀଙ୍କର ୬୯ତମ ମର୍ତ୍ତ୍ୟାବତରଣ ତିଥି ଉପଲକ୍ଷେ ଏକ ସତ୍‌ସଙ୍ଗ ଅଧିବେଶନ ଶନିବାର ଆୟୋଜିତ ହୋଇଯାଇଛି। ସପ୍ତଦିନବ୍ୟାପୀ ଯଜ୍ଞ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅନୁଷ୍ଠାନର ପରିଚାଳକ ପ୍ରମୋଦ ସାହୁଙ୍କ ପୌରୋହିତ୍ୟରେ ପୂଜକ ଲିଙ୍ଗରାଜ ସାହୁ, ସଙ୍ଗଠକ ଦେବ ନାରାୟଣ ମେକାପ, କୋଷାଧ୍ୟକ୍ଷ ଅନନ୍ତ ନାରାୟଣ ଜେନା, ଗଦାଧର ମଲିକଙ୍କ ଆଭାସୀ ମାଧ୍ୟମରେ ଭାଗବତ କଥାମୃତ ଅନୁଷ୍ଠିତ ହୋଇଥିଲା।

# ଅବ୍ୟବସ୍ଥା ଘେରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଅସ୍ତରଙ୍ଗ,୩୦।୯(ପ୍ରଦୀପ୍ତ ଦୀକ୍ଷିତୀ)

- ଖସିଲାଣି ପ୍ଲାଷ୍ଟର, ଛାତରୁ ଗଳୁଛି ପାଣି
- ବିଭିନ୍ନ ଡାକ୍ତରୀ ପଦବୀ ଖାଲି

ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତର ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ହେଲେ କେନ୍ଦ୍ରରେ ୬ଜଣ ଡାକ୍ତର ଥିବାବେଳେ ବିଭିନ୍ନ ପଦବୀ ଯଥା ଗାଇନିଂ, ପେଡିଆଟ୍ରିକ୍, ମେଡିସିନ୍, ଅର୍ଥୋପେଡିକ ବିଭାଗରେ ଡାକ୍ତର ନାହାନ୍ତି। ଫଳରେ ବିଭିନ୍ନ ସମୟରେ ରୋଗୀ ଅସୁବିଧାର ସମ୍ମୁଖୀନ ହେବା ସହ ଘଣ୍ଟା ଘଣ୍ଟା ଧରି କେନ୍ଦ୍ର ପରିସରରେ ଠିଆ ହୁଅନ୍ତି। ଅନ୍ୟପଟେ କେନ୍ଦ୍ରରେ ବହିର୍ବିଭାଗ ନ ଥିବାରୁ ଲୋକ ଡାକ୍ତରଙ୍କ କ୍ୟାବିନ ପରିସରରେ ଚିକିତ୍ସିତ ହେଉଛନ୍ତି। କେନ୍ଦ୍ରର କାନ୍ଥ ପ୍ଲାଷ୍ଟର ଅନେକ ସମୟରେ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛାତ ଫାଟି ଆଁ କରିଛି ।

ଖସିବା ସହ ଛାତରୁ ପାଣି ଗଳିବା ଭଳି ବିପଦସଙ୍କୁଳ ପରିସ୍ଥିତିରେ ରୋଗୀ ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ଅବସ୍ଥା ନେଇ ଅସ୍ତରଙ୍ଗ ବ୍ୟବସାୟୀ ସଙ୍ଘ ସଭାପତି ଦୁଷ୍ମନ୍ତ ପରିଡ଼ା ଅଭିଯୋଗ କରିଛନ୍ତି। ଆଗକୁ ହେବାକୁ ଥିବା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଶୀଘ୍ର କରାଯାଉ, ନଚେତ ଖୁବ୍‌ଶୀଘ୍ର କେନ୍ଦ୍ର ପରିସରରେ ବହିର୍ବିଭାଗ କରାଯାଉ ବୋଲି ପରିଡ଼ା ଦାବି କରିଛନ୍ତି। ଏପରି ସମସ୍ୟା ବାବଦରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନଙ୍କୁ ପଚାରିବାରେ, ଏହି କେନ୍ଦ୍ର ବହୁତ ପୁରୁଣା, ସେଥିପାଇଁ ଘରର କାନ୍ଥ ଫାଟିଯାଇଛି। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଖୁବ୍‌ଶୀଘ୍ର ଏହାର ମରାମତି ହେବ ସେମାନେ କହିଥିଲେ।

# ଉଦୟପୁର ହୋମିଓପାଥିକ କେନ୍ଦ୍ର :ଔଷଧ ଅଛି, ଶିଶି ନାହିଁ

ଅସ୍ତରଙ୍ଗ,୩୦।୯(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅଧୀନ ଉଦୟପୁର ପଞ୍ଚାୟତରେ ରହିଛି ୪୦ ବର୍ଷର ପୁରୁଣା ସରକାରୀ ହୋମିଓପାଥିକ ଚିକିତ୍ସାଳୟ। ଏହା ୪ଟି ପଞ୍ଚାୟତବାସୀଙ୍କୁ ସେବା ଯୋଗାଇ ଆସୁଛି। ହେଲେ ଏବେ ଏହା ସରକାରୀ ଅବହେଳାର ଶିକାର ହୋଇଛି। ରୋଗୀ ଚିକିତ୍ସିତ ହେବାକୁ ଆସିବାବେଳେ ଡାକ୍ତର ସେମାନଙ୍କୁ ପ୍ରେସ୍କ୍ରିପଶନ ଧରାଇ ଦେଇ ଶିଶି ନ ଥିବାରୁ ଔଷଧ ଦେଉନାହାନ୍ତି। ଏପରି ପରିସ୍ଥିତିରେ ରୋଗୀ ବାଧ୍ୟହୋଇ ବେସରକାରୀ ହୋମିଓପାଥିକ ଦୋକାନରୁ ପ୍ରେସ୍କ୍ରିପଶନ ଦେଖାଇ ଔଷଧ କିଣୁଛନ୍ତି। ଯେତେବେଳେ ସେ ଦୋକାନ ବନ୍ଦ ରହୁଛି, ଲୋକେ ଔଷଧ ପାଉ ନାହାନ୍ତି। ଏ ସମ୍ପର୍କରେ ହୋମିଓପାଥିକ କେନ୍ଦ୍ରର କର୍ମଚାରୀଙ୍କୁ




ପଚାରିବାରେ, ସେମାନେ ନାମ ଗୋପନ ରଖି କହିଛନ୍ତି, ୬ ମାସରେ ଥରେ ଶିଶି ମିଳୁଛି। ତା' ପୂର୍ବରୁ ଶିଶି ଶେଷ ହେଲେ ଆଉ ଦିଆଯାଉନାହିଁ। କିନ୍ତୁ ସାଧାରଣ ରୋଗୀଙ୍କ କହିବା କଥା ଏଠି ବର୍ଷ ସାରା ଏଇ ଅବସ୍ଥା। ଘରେ ଥିବା ପୁରୁଣା ସିସିକୁ ଧୋଇ ଧାଡ଼ିରେ ଛିଡା ହୋଇ ଆମେ ଏମିତି ଔଷଧ ନେଉଛୁ। ଏମିତି ନ କଲେ ଔଷଧ ନ ନେଇ ଘରକୁ ଫେରିବାକୁ ପଡୁଛି।

### ମକରା ନଦୀରେ ନିଖୋଜ ବୃଦ୍ଧଙ୍କ ମୃତଦେହ ଚିଲିକା ମୁହାଣରୁ ଜବତ

କଣାସ,୩୦।୯(ବିଭୂତି ଭୂଷଣ ତ୍ରିପାଠୀ)

ଦିନକ ତଳେ ମକରା ନଦୀରେ ନିଖୋଜ ହୋଇଯାଇଥିବା ବୃଦ୍ଧଙ୍କ ମୃତଦେହ ଶନିବାର ଚିଲିକା ମୁହାଣରୁ ଜବତ କରାଯାଇଛି। ମୃତକ ହେଲେ କଣାସ ବ୍ଲକ ଅଧୀନ କାଦୁଆ ଗ୍ରାମପଞ୍ଚାୟତ କଉଡ଼ିଖିଣି ଗ୍ରାମର ବୃଦ୍ଧ କୃଷ୍ଣଚନ୍ଦ୍ର ବେହେରା (୮୦)। ସେ ଶୁକ୍ରବାର ମଧ୍ୟାହ୍ନରେ ମକରା ନଦୀକୁ ଶୌଚ ପାଇଁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଗ୍ରାମର ଲୋକେ ଡଙ୍ଗା ସାହାଯ୍ୟରେ ଓ କଣାସ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ଶନିବାର ଦମକଳ ବାହିନୀ ପକ୍ଷରୁ ସନ୍ଧାନ ଜାରି ରହିଥିବାବେଳେ ଚିଲିକା ମୁହାଣରେ ଏକ ମୃତଦେହ ଭାସୁଥିବା ଖବର ମିଳିଥିଲା। ଦମକଳ ବାହିନୀ ସେଠାକୁ ଯାଇ ବୃଦ୍ଧଙ୍କ ମୃତଦେହ ଜବତ କରି ଡାଙ୍ଗି ଥାନାକୁ ହସ୍ତାନ୍ତର କରିଛି।

## ଖାଦ୍ୟ ରୁଚି

# 'ପମ୍ଫ୍ରେଟ୍ ରୋଷ୍ଟ'



ଆମିଷ ପ୍ରିୟ ଲୋକଙ୍କ ପାଇଁ ଚଳିତ ସପ୍ତାହର 'ଖାଦ୍ୟ ରୁଚି'ରେ ସ୍ଥାନ ପାଇଛି ଆଉ ଏକ ନୂତନ ସ୍ୱାଦିଷ୍ଟ ଡିସ୍। ମାଛକୁ ନେଇ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ନୂଆ ନୂଆ ଡିସ୍ ପ୍ରସ୍ତୁତ ହେଉଥିବାବେଳେ ସେଥି ମଧ୍ୟରେ ଗୋଟିଏ ହେଉଛି 'ପମ୍ଫ୍ରେଟ୍ ରୋଷ୍ଟ'। ଅତି ସହଜରେ ଘରେ ଏହାକୁ ତିଆରି କରିହେବ। ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ସଫ୍ଟୱେର୍ ଇଞ୍ଜିନିୟର ତଥା ଫୁଡ୍ ବ୍ଲଗର୍ ପ୍ରିତିଶା ଦାସଙ୍କଠାରୁ ଜାଣିବା।

### ଆବଶ୍ୟକ ସାମଗ୍ରୀ



- ପମ୍ଫ୍ରେଟ୍ ମାଛ– ୨ଟି
- ଲେମ୍ବୁ ରସ– ଅଧା ଚାମଚ
- ଅଦା ପେଷ୍ଟ– ଅଧା ଚାମଚ
- ରସୁଣ ପେଷ୍ଟ– ଅଧା ଚାମଚ
- ଗୋଲମରିଚ ଗୁଣ୍ଡ– ଅଧା ଚାମଚ
- ନାଲି ଲଙ୍କା ଗୁଣ୍ଡ– ଅଧା ଚାମଚ
- ହଳଦୀ – ଅଧା ଚାମଚ
- ସୁଜି– ୩/୪ ଚାମଚ
- ତେଲ– ୨ଚାମଚ
- ଲୁଣ– ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ...

ପ୍ରଥମେ ମାଛକୁ ଭଲଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ସ୍ୱାଦ ଅନୁଯାୟୀ ଲୁଣ, ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ, ଅଦା, ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ ଏବଂ ଲଙ୍କା ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ୨୦ ମିନିଟ୍ ପର୍ଯ୍ୟନ୍ତ ଏପରି ରଖିବା ପରେ ପ୍ୟାନ୍‌ରେ ତେଲ ପକାଇ ଗରମ କରନ୍ତୁ। ଏବେ ମ୍ୟାରିନେଟ୍ ହୋଇ ରହିଥିବା ମାଛକୁ ସୁଜିରେ ପକାଇ ଭଲଭାବେ କୋଟ୍ କରି ଦିଅନ୍ତୁ। ଗରମ ତେଲରେ ମିଡିୟମ୍ ଫ୍ଲେମ୍‌ରେ ମାଛକୁ ବ୍ରାଉନ୍ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପ୍ରସ୍ତୁତ ହୋଇଗଲା 'ପମ୍ଫ୍ରେଟ୍ ରୋଷ୍ଟ'। ଏବେ ଏକ ପାତ୍ରକୁ କାଢି ପିଆଜ, ଲେମ୍ବୁ ଏବଂ ଚଟଣୀ ସହିତ ଏହାର ମଜା ନିଅନ୍ତୁ।

–ପ୍ରସ୍ତୁତି: ବନ୍ଦନା ସେଠୀ, ଭୁବନେଶ୍ୱର

# ସାଙ୍ଗଠନିକ ବୈଠକରେ ଦଳକୁ ମଜଭୁତ କରିବାକୁ ଆହ୍ୱାନ

ଚାରିଛକ,୩୦।୯(ଶିଶିର ସ୍ୱାଇଁ)

ନିମାପଡ଼ା ନିର୍ବାଚନମଣ୍ଡଳୀର ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ଭାଜପାର



ଭାଜପାରେ ଯୋଗ ଦେଇଥିବା କର୍ମୀ ।

ଏକ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ନେତୃତ୍ୱ କରିଥିଲେ। ବୈଠକରେ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରଭାରୀ ରତିକାନ୍ତ ବେହେରା, ଚାରିଛକ ମଣ୍ଡଳ ଶ୍ୟାମସୁନ୍ଦର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ବାହାରଣା ପଞ୍ଚାୟତରୁ ବିଜେଡି ତ୍ୟାଗ କରି ୨୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ଚାରିଛକ ମଣ୍ଡଳରେ ଦଳ କିଭଳି ଭାବେ ଭଲ କାମ କରିବ ସେନେଇ ପଞ୍ଚାୟତସ୍ତରୀୟ ବୁଥ୍ କମିଟି ଗଢ଼ାଯାଇଥିଲା। ବୈଠକରେ ଜ୍ୟୋତିରଞ୍ଜନ ପାତ୍ର, କୈଳାସ କର, ଅକ୍ଷୟ ପଢ଼ିଆରୀ, ଭକ୍ତବନ୍ଧୁ ବିଶ୍ୱାଳ, ଭଗବାନ ମିଶ୍ର, ଗୁଣନିଧି ମୁଦୁଲି, କୈଳାସ ରାୟ ପ୍ରମୁଖ ଯୋଗଦେଇଥିଲେ।

### ପ୍ରଦୀପ ମହାରଥୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

ପିପିଲି,୩୦।୯(ପ୍ରଭାତ ମହାପାତ୍ର)

ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପିପିଲି ହୁଙ୍କେଇପୁରସ୍ଥିତ ତାଙ୍କ କର୍ମଭୂମି ବାସଭବନ ଫାର୍ମହାଉସଠାରେ ଏକ ଆଧ୍ୟାତ୍ମିକ ସ୍ମୃତିଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମହାରଥୀଙ୍କ ସ୍ତ୍ରୀ ଡ. ପ୍ରତିଭା ମହାରଥୀ ମିଶ୍ରଙ୍କ ପ୍ରତ୍ୟକ୍ଷ ଆୟୋଜନରେ ପିପିଲିର ଅନେକ ଆମନ୍ତ୍ରିତ ବୁଦ୍ଧିଜୀବୀ ଏଥିରେ ଯୋଗଦେଇଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅନେକ ପ୍ରଚାରିକା ଭଉଣୀଙ୍କ ସହିତ ବିଶିଷ୍ଟ ଓଁ ଶାନ୍ତି ଅନୁଗାମୀମାନେ ଯୋଗଦେଇ ଆତ୍ମା ଓ ପରମାତ୍ମା ସମ୍ବନ୍ଧିତ ଭଗବତ ଗୀତା ଦର୍ଶନର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ଘ୍ୟ ପରେ ଭାଗବତ ଗୀତା ଆବୃତ୍ତି କରାଯାଇଥିଲା।

# ଭାଜପାରେ ମିଶିଲେ ୫୦ କର୍ମୀ



ଭାଜପା ନେତାଙ୍କ ଗହଣରେ ଦଳରେ ଯୋଗ ଦେଇଥିବା ନୂତନ କର୍ମୀ।

ନିମାପଡ଼ା,୩୦।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଡିହବାରୀ ରାସ୍ତାରେ ଥିବା ଭାଜପା କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିମାପଡ଼ା ବ୍ଲକର ଶାସକ ଦଳର ବହୁ କର୍ମୀ ଦଳୀୟ ନେତାଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ି ଭାଜପାରେ ସାମିଲ ହେବାରେ ଲାଗିଛନ୍ତି। ତୃଣମୂଳସ୍ତରରୁ ଭାଜପାର ସାଂଗଠନିକ ସ୍ଥିତି ବେଶ୍ ଶକ୍ତିଶାଳୀ ହେବାରେ ଲାଗିଛି ବୋଲି ନାୟକ ସମାରୋହରେ କହିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ନିରଞ୍ଜନ ମହାପାତ୍ର, ସନ୍ତୋଷ ରଥ, ଅଜୟ ଭୋଇ, ଶୁଭ୍ରଜିତ୍ ବାରିକ୍, ଦଳର ପ୍ରଭାରୀ ତଥା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଂଗଠନକୁ ମଜଭୁତ କରିବାକୁ କର୍ମୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକ ଅଧୀନ ବଳଙ୍ଗା ପଞ୍ଚାୟତର ପ୍ରାୟ ୫୦ ଜଣ କର୍ମୀ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ରାଜକିଶୋର କାଣ୍ଡି, ପ୍ରଭାକର ନାୟକ, ମଙ୍ଗୁଲି ବେହେରା, ସୁରେନ୍ଦ୍ର ଖଟୁଆ ପ୍ରମୁଖଙ୍କ ନେତୃତ୍ୱରେ ଏହି କର୍ମୀମାନେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ନେତୃବୃନ୍ଦମାନେ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳରେ ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ।

# ଓଡ଼ିଶା ମୋ–ପରିବାରର ମେଗା ରକ୍ତଦାନ ଶିବିର

ନିମାପଡ଼ା,୩୦।୯(ବିଚିତ୍ରାନନ୍ଦ ସାହୁ)

ଓଡ଼ିଶା ମୋ– ପରିବାର ଜୀବନବିନ୍ଦୁ ପରିବାର ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍, ୱାଇଆର୍‌ସି ସହାୟତାରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜହତ ପ୍ରସାଦ ସାବୁତ୍, ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ମିତା ରାଜଗୁରୁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ୀ, ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, ଜୀବନବିନ୍ଦୁର ଜିଲା ସଂଯୋଜକ ସୁବାଶିଷ




ଅତିଥିମାନେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ, ରକ୍ତାଭାବରୁ ଆମ ରାଜ୍ୟରେ କେହି ମରିବେ ନାହିଁ ବୋଲି ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ଆଜିର ଯୁବ ଛାତ୍ର ଏହିଭଳି କାର୍ଯ୍ୟକ୍ରମରେ ବହୁଳ ଭାବେ ସାମିଲ ହୋଇ ରକ୍ତ ଦାନ ପାଇଁ ଆଗେଇ ଆସିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିବିରରେ କଲେଜର ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୧୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଲେଜର ବହୁ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଏନ୍‌ସିସି, ଏନ୍‌ଏସ୍‌ଏସ୍ କ୍ୟାଡେଟ୍ ୱାଇଆର୍‌ସି ଛାତ୍ରୀଛାତ୍ର ଶିବିରକୁ ପରିଚାଳନା ଓ ସଂଯୋଜନା କରିଥିଲେ। ଅତିଥିମାନେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### ବିଦାୟକାଳୀନ ସଭା

ଚାରିଛକ,୩୦।୯(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଥାନା ଅଧୀନ ବାହାରଣା ପଞ୍ଚାୟତ ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣା ହାଇସ୍କୁଲର ୪ର୍ଥ ଶ୍ରେଣୀ କର୍ମଚାରୀ ନାରାୟଣ ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ତଥା ମଞ୍ଚର ସଭାପତି ପ୍ରମେଶ ରାଉତ ଏହାର ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଏବିଇଓ ସୌଦାମିନୀ ଦାଶ, ତ୍ରିଲୋଚନ କର, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ପୂର୍ବତନ ବାହାରଣା ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଏସ୍ଏନ୍ଏଲ ଅଫିସରେ ଅଗ୍ନିକାଣ୍ଡ

ପୁରୀ,୩୦।୯(ଅଜିତ୍ ମହାନ୍ତି):

ପୁରୀ ବଳିଆପଣ୍ଡା ସ୍ଥିତ ବିଏସ୍ଏନ୍ଏଲ ଅଫିସରେ ଶନିବାର ଅଗ୍ନିକାଣ୍ଡ ଘଟି ବହୁ ଦସ୍ତାବିଜ, ଫୋନ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଅରୁଣଙ୍କୁ ପ୍ରକୃତି ସାଥୀ ସମ୍ମାନ ପ୍ରଦାନ

କଣାସ,୩୦।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ସାନଓରା ଗ୍ରାମର ଯୁବ ସାମାଜିକ କର୍ମୀ ଅରୁଣ ମହାପାତ୍ରଙ୍କୁ ପ୍ରକୃତି ସାଥୀ ସମ୍ମାନରେ ସମ୍ମାନିତ କରାଯାଇଛି। ସାମାଜିକ ପ୍ରତିବଦ୍ଧତା ଓ ପ୍ରକୃତି ସୁରକ୍ଷା ଦିଗରେ ତାଙ୍କୁ ଏହି ସମ୍ମାନ ମିଳିଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୁମାର କବି ଫାଉଣ୍ଡେଶନ ପକ୍ଷରୁ ପୁରୀଠାରେ ଅନୁଷ୍ଠିତ ହେଉଥିବା ଉତ୍ସବରେ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି, ସନ୍ଥ ବିଭୂତି ଦାସ ଓ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଅରୁଣଙ୍କୁ ସମ୍ମାନ ଫଳକ, ଅଙ୍ଗବସ୍ତ୍ର ଓ ଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନ କରିଥିଲେ।



ଅରୁଣ ମହାପାତ୍ରଙ୍କୁ ପ୍ରକୃତି ସାଥୀ ସମ୍ମାନରେ ସମ୍ମାନିତ କରାଯାଉଛି।

### ମେରି ମାଟି ମେରା ଦେଶ୍ କାର୍ଯ୍ୟକ୍ରମ

ପିପିଲି,୩୦।୯
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବର ଅଂଶବିଶେଷ ମେରି ମାଟି ମେରା ଦେଶ୍ କାର୍ଯ୍ୟକ୍ରମ ପିପିଲିର ବିଭିନ୍ନ ବିଦ୍ୟାଳୟରେ ଶନିବାର ପାଳିତ ହୋଇଯାଇଛି। ଗୋବିନ୍ଦପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ଆରୁହା ୟୁପିୟୁପି, ହରିଅନ୍ତା ପିୟୁପି, ଗୋବିନ୍ଦପୁର ନୋଡାଲ ୟୁପି, ବାଲୁଙ୍କେଶ୍ୱର ୟୁପି, କଣ୍ଟାପଡ଼ା, ଶିଉଳା, ତଲଉ, କୁଞ୍ଜର, ଅଡଙ୍ଗପଡା ପ୍ରାଥମିକ ବିଦ୍ୟାଳୟ, ନୀଳକଣ୍ଠ ନୋଡାଲ, ଗୋବିନ୍ଦପୁର ହାଇସ୍କୁଲ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ପଞ୍ଚପ୍ରାଣ ଶପଥପାଠ କରିଥିଲେ। ପରେ ବୀର ଶହୀଦ ଶିକ୍ଷକଙ୍କ ଫଟୋଚିତ୍ର, ଜାତୀୟ ପତାକା ସହ ଜାତୀୟ ସଙ୍ଗୀତ ଗାନକରି ପ୍ରଭାତଫେରି କରାଯାଇଥିଲା।

# ସୁନା ଋଣ ପ୍ରଦାନ ସଂସ୍ଥା ନାମରେ ସାଇବର ଠକେଇ ଉଦ୍ୟମ

ଅସ୍ତରଙ୍ଗ,୩୦।୯(ମମତା ଜେନା)

**ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତିଲେ ମହିଳା**

ବର୍ତ୍ତମାନ ରାଜ୍ୟରେ ସାଇବର ଅପରାଧ ବଢିବାରେ ଲାଗିଛି। ଅସ୍ତରଙ୍ଗ ବ୍ଲକ ରଘୁନାଥପୁର ଗ୍ରାମର ଜଣେ ମହିଳା ସାଇବର ଠକେଇର ଶିକାର ହେବାକୁ ଯାଉଥିବାବେଳେ ଉପସ୍ଥିତ ବୁଦ୍ଧି ଖଟାଇ ଠକେଇରୁ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ଅସ୍ତରଙ୍ଗ କାକଟପୁର ଅଞ୍ଚଳର ଏକମାତ୍ର ମୁଥୁଟ୍ ସୁନା ଋଣ ପ୍ରଦାନକାରୀ କାର୍ଯ୍ୟାଳୟରେ ଅନେକ ସ୍ଥାନୀୟ ଲୋକ ନିଜ ନିଜର ସୁନା ବନ୍ଧକ ଥୋଇ ଲକ୍ଷାଧିକ ଟଙ୍କା ଋଣ ଆଣିଛନ୍ତି। ଠିକ୍ ସେହି ପରି ସ୍ନେହଲତା ମହାନ୍ତି ଗତବର୍ଷ ୧ଲକ୍ଷ ଟଙ୍କା ଋଣ ଆଣିଥିଲେ। ଋଣ ବାବଦକୁ ମାସକୁ ୮୨୦ ଟଙ୍କା ସୁଧ ଦେଉଛନ୍ତି। କିନ୍ତୁ ହଠାତ୍ ଶୁକ୍ରବାର ତାଙ୍କ ଫୋନକୁ (୭୨୦୫୬୨୩୯୪୭)ନମ୍ବରରୁ ଏକ କଲ୍ ଆସିଥିଲା। ଏହି କଲ୍ କରିଥିବା ବ୍ୟକ୍ତି ନିଜକୁ ମୁଥୁଟ ଋଣ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ନିର୍ଦ୍ଦିଷ୍ଟ ସମୟ ଭିତରେ ଋଣର ସୁଧ ପୈଠ କରୁଥିବାରୁ ଆପଣଙ୍କୁ ମୁଥୁଟ୍ ପକ୍ଷରୁ ୨୫ହଜାର ଟଙ୍କା ଛାଡ଼ କରାଯାଇଛି। ସେଥିପାଇଁ ଆପଣଙ୍କ ଏକ ବୀମା ପ୍ରସ୍ତୁତି ହେବ। ଏ ବାବଦରେ ୧୫ଶହ ଟଙ୍କା ଦେବାକୁ ପଡିବ। ମୁଁ ବ୍ୟାଙ୍କରେ ଅଛି। ଆପଣଙ୍କୁ ଆଉ ବ୍ୟାଙ୍କ ଆସିବାକୁ ପଡିବନି। ଗୋଟେ ଫୋନ ପେ' ନମ୍ବର ପଠାଉଛି, ସେଥିରେ ପଠାଇଦେବେ। ପୁଣି ଅନ୍ୟ ଏକ ନମ୍ବର (୮୬୫୮୪୨୭୫୬୦)ରୁ କଲ୍ କହି ଏକା କଥା କହିଥିଲେ। କିନ୍ତୁ ସ୍ନେହଲତାଙ୍କ ପାଖରେ ୫ଶହ ଟଙ୍କା ଅଛି ବୋଲି କହିବାରୁ ସେହି ବ୍ୟକ୍ତି ଜଣଙ୍କ ଆଉ ୧ ହଜାର ଟଙ୍କା ନିଜଆଡୁ ଦେବେ ବୋଲି କହିଥିଲେ। ଏହାପରେ ସ୍ନେହଲତା ଯାଇ ପରାମର୍ଶ କରିବାକୁ ତାହା ଫେକ୍ କଲ୍ ବୋଲି ଜାଣିବାକୁ ପାଇଥିଲେ। ହେଲେ ସ୍ନେହଲତା ବ୍ୟାଙ୍କରୁ ଋଣ ଆଣିବା ଓ ସୁଧ ଠିକ୍ ସମୟରେ ପୈଠ କରିବା ନେଇ ସେ ବ୍ୟକ୍ତି କିପରି ଜାଣିଲେ ଏନେଇ ମହିଳା ଅଭିଯୋଗ କରି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ବିଧାନସଭାରେ ଭାଜପା ସଭ୍ୟଙ୍କ ହଟ୍ଟଗୋଳ

## ଦିନତମାମ ଗୃହ ଅଚଳ

## ‘ମେଣ୍ଟାଲ ଡିଜ୍‌ଅର୍ଡର’ ଶବ୍ଦ ବିବରଣୀରୁ ବାଦ୍ ଦେଲେ ବାଚସ୍ପତି

ଭୁବନେଶ୍ୱର,୩୦।୯(ଅନିଲ ଦାସ)

ବାଚସ୍ପତିଙ୍କ ପୋଡିୟମ ଉପରକୁ ଡାଲି ଫିଙ୍ଗିବା ଘଟଣାରେ ଭାଜପାର ୨ ବିଧାୟକ ମୋହନ ଚରଣ ମାଝି ଏବଂ ମୁକେଶ ମହାଲିଙ୍ଗ ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ଏଥିସହିତ ଶାସକ ଦଳ ସଦସ୍ୟ ଅରୁଣ ସାହୁଙ୍କ ବିରୋଧୀ ଦଳ ନେତାଙ୍କ ମାନସିକ ସ୍ଥିତି ଭଲ ନ ଥିବା ମନ୍ତବ୍ୟକୁ ନେଇ ଶନିବାର ବିଧାନସଭାରେ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଭାଜପା ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ, ଅତିରିକ୍ତ ବଜେଟ ଆଲୋଚନା ସବୁକିଛି ବାଏଁ ବାଏଁ ଉଡ଼ିଯାଇଛି। ‘ମେଣ୍ଟାଲ ଡିଜ୍‌ଅର୍ଡର’ ଶବ୍ଦକୁ ବାଚସ୍ପତି ଗୃହର ବିବରଣୀରୁ ବାଦ୍ ଦେବା ପରେ ମଧ୍ୟ ଭାଜପା ସଦସ୍ୟମାନେ ଶାନ୍ତ ହୋଇନାହାନ୍ତି। ୨ ସଦସ୍ୟଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ଜିଦ୍‌ରେ ଅଟଳ ରହିବା ସହ ବିଧାନସଭାକୁ ଅଚଳ କରିଛନ୍ତି।

ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରମିଳା ମଲ୍ଲିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ବିଜେଡି ସଭ୍ୟ ସୁଧୀର ସାମଲ ପଚାରିଥିବା ପ୍ରଶ୍ନ ନଂ. ୧୫୧ର ଉତ୍ତର ଦେବାକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ କହିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ନିଲମ୍ବିତ ୨ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରି ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ଗତ ୨୮ତାରିଖରେ ଶାସକ ଦଳ ବିଧାୟକ ଅରୁଣ ସାହୁ ବିରୋଧୀ ଦଳର ଦୁଇ ବରିଷ୍ଠ ନେତାଙ୍କୁ ଆକ୍ଷେପ କରି କହିଥିବା ‘ମେଣ୍ଟାଲ ଡିଜ୍‌ଅର୍ଡର’ ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ବି ଗୃହ ସ୍ୱାଭାବିକ ହୋଇପାରି ନ ଥିଲା। ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବାଚସ୍ପତିଙ୍କୁ କହିଥିଲେ, ନିଲମ୍ବିତ ୨ ଭାଜପା ସଦସ୍ୟଙ୍କ ଉପରୁ ନିଃସର୍ତ୍ତ ଭାବେ ନିଲମ୍ବନ ପ୍ରତ୍ୟାହାର କରାଯାଉ। ସେମାନେ ଗୃହରେ କ’ଣ କହିବେ, ତାଙ୍କ ବିବେକ ଉପରେ ଛାଡ଼ି ଦିଆଯାଉ। ଗୃହକୁ ସୁରୁଖୁରୁରେ ବାଚସ୍ପତି ଚଳାନ୍ତୁ, ସହଯୋଗ କରିବାକୁ ବିରୋଧୀ ଦଳ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ। ଏହି ପ୍ରସ୍ତାବକୁ ବିଚାର କରିବେ ବୋଲି ବାଚସ୍ପତି କହିଥିଲେ। ତେବେ ଗୃହ ଠିକ୍‌ରେ ଚାଲୁ ନ ଥିବା ଅଭିଯୋଗ କରି କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ଉଲ୍ଲେଖଯୋଗ୍ୟ, ବିରୋଧୀ ଦଳ ନେତାଙ୍କ ପ୍ରତି ଶାସକ ବିଧାୟକ ଅରୁଣ ସାହୁ ‘ମାନସିକ ସ୍ୱାସ୍ଥ୍ୟ’ ଠିକ୍ ନାହିଁ ବୋଲି କହିବାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏପରିକି ଭାଜପା ଏହି ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ଜିଦ୍ କରିଥିଲେ ମଧ୍ୟ ବାଚସ୍ପତି ସେଥିପ୍ରତି କର୍ଣ୍ଣପାତ ନ କରିବାରୁ ଭାଜପା ସଦସ୍ୟମାନେ ଭିନ୍ନ ଢଙ୍ଗରେ ପ୍ରତିବାଦ କରି ବାଚସ୍ପତିଙ୍କ ପୋଡ଼ିୟମକୁ ଡାଲି ଫିଙ୍ଗିଥିଲେ। ସେଥିପାଇଁ ୨୮ତାରିଖରେ ଭାଜପାର ୨ ସଦସ୍ୟଙ୍କୁ ବାଚସ୍ପତି ଚଳିତ ଅଧିବେଶନର ଅବଶିଷ୍ଟ କାର୍ଯ୍ୟଦିବସ ପର୍ଯ୍ୟନ୍ତ ନିଲମ୍ବନ ଘୋଷଣା କରିଥିଲେ। ଉକ୍ତ ୨ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବି କରି ଭାଜପା ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି।

# ୪୨ ବିଭାଗର ଖର୍ଚ୍ଚଦାବି ପାରିତ

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

- ଗିଲୋଟିନ ମାଧ୍ୟମରେ ପାରିତ ହେଲା ୪୦ ବିଭାଗର ଖର୍ଚ୍ଚଦାବି
- କକ୍ଷତ୍ୟାଗ କଲା କଂଗ୍ରେସ, ଶେଷ ପର୍ଯ୍ୟନ୍ତ ବିରୋଧୀ ଦଳ ସଦସ୍ୟଙ୍କ ପ୍ରତିବାଦ



ବିଧାନସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଶନିବାର ପଞ୍ଚାୟତିରାଜ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନାକରି ପାରିତ କରାଯାଇଛି। ଗତ ୨୮ରେ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିଲା। ତେବେ ଅନାଲୋଚିତ ଭାବେ ୪୦ଟି ବିଭାଗର ଖର୍ଚ୍ଚଦାବି ଗିଲୋଟିନ ଜରିଆରେ ପାରିତ ହୋଇଯାଇଛି।

ବିଧାନସଭା ଆରମ୍ଭ ହେବା ମାତ୍ରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୟୂରଭଞ୍ଜ ଜିଲାର ରବିନାରାୟଣ ଦାଶ ଓ ରେବତୀ ଦାଶଙ୍କ ପାଇଁ ଶୋକବାର୍ତ୍ତା ଜଣାଇଥିଲେ। ଭାଜପାର ୨ ବିଧାୟକଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ଦାବିରେ ଗୃହରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ପଏଣ୍ଟ ଅଫ୍ ଅର୍ଡର ଆଣି କହିଥିଲେ, ବିଜେଡି–ଭାଜପା ସଦସ୍ୟଙ୍କ ହୋହଲ୍ଲାରୁ ଗୃହ ବାରମ୍ବାର ବନ୍ଦ ହେଉଛି। ଆନ୍ଦୋଳନରତ ସରପଞ୍ଚ, ସମିତି ସଭ୍ୟ, ଆଶା, ଅଙ୍ଗନୱାଡି କର୍ମୀଙ୍କ କଥା ଆଲୋଚନା କରିହେଉ ନାହିଁ। ସନ୍ତୋଷ ସିଂ ସାଲୁଜା ପଏଣ୍ଟ ଅଫ୍ ଅର୍ଡର ଆଣି କହିଥିଲେ, ପ୍ରାଥମିକ ଶିକ୍ଷକମାନେ ଧାରଣାରେ ବସିଛନ୍ତି। ୬ ବର୍ଷ ଚାକିରି ପୂରଣ ହୋଇସାରିଥିବା ଶିକ୍ଷକଙ୍କୁ ସ୍ଥାୟୀ କରାଯାଉ। ଆନ୍ଦୋଳନକାରୀଙ୍କ ସମସ୍ୟା ସଂସଦୀୟ ବ୍ୟାପାର ବିଭାଗକୁ ପଠାଯାଉ। ବିରୋଧୀ ଦଳ ସଦସ୍ୟ ଜୋର୍‌ଦାର ବିରୋଧ ପ୍ରଦର୍ଶନ କରିବାରୁ ବାଚସ୍ପତି ପ୍ରମିଳା ମଲ୍ଲିକ ୪ଟା ୯ରୁ ୫ଟା ୯ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକକୁ ବିରୋଧୀ ଦଳର ନେତା, କଂଗ୍ରେସ ବିଧାୟକ ଦଳ ନେତା, ଅର୍ଥମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ, ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ସ୍ୱାଧୀନ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ନିମନ୍ତ୍ରଣ କରିଥିଲେ। ମୁଲତବୀ ସମୟକୁ ପ୍ରଥମେ ୫ଟା ୯ରୁ ୧୫ ମିନିଟ୍ ବୃଦ୍ଧି କରାଯିବା ନେଇ ଉପବାଚସ୍ପତି ରଜନୀକାନ୍ତ ସିଂ ଘୋଷଣା କରିଥିଲେ। ପୁଣିଥରେ ଉପବାଚସ୍ପତି ବାହାରକୁ ଆସି ୫ଟା ୨୪ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଥିଲେ।

ବୈଠକ ପରେ ବାଚସ୍ପତି ଶାସକ ଦଳ ସଦସ୍ୟ ଅରୁଣ କୁମାର ସାହୁ ଙ୍କ ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିବା କହିଥିଲେ। ନରସିଂହ ମିଶ୍ର ଭାଜପା ସଦସ୍ୟ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଗୃହ ମଧ୍ୟଭାଗକୁ ଆସି ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବକ ଅସଦାଚରଣ ପ୍ରଦର୍ଶନକରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗର ପରୀକ୍ଷା କରିବା ଲାଗି ଗଠନ କରାଯାଇଥିବା ସ୍ୱତନ୍ତ୍ର କମିଟି ରିପୋର୍ଟକୁ ଗୃହରେ ଉପସ୍ଥାପିତ କରିଥିଲେ।

ପଞ୍ଚାୟତିରାଜ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚଦାବି ଉପସ୍ଥାପନ କରାଯାଇଥିଲା। ନରସିଂହ ପୁଣି ପଏଣ୍ଟ ଅଫ୍ ଅର୍ଡର ଆଣି କହିଥିଲେ, ଏ ଗୃହ କାର୍ଯ୍ୟ ଯେପରି ଚାଲିବା କଥା ସେଭଳି ଚାଲୁନାହିଁ। ତେଣୁ କଂଗ୍ରେସ ସଦସ୍ୟ ଗୃହ ତ୍ୟାଗ କରୁଛନ୍ତି। ଏହା କହି କଂଗ୍ରେସର ସବୁ ସଦସ୍ୟ ବିଧାନସଭାରୁ ଚାଲିଯାଇଥିଲେ। ଜୟନାରାୟଣ ମିଶ୍ର ପଏଣ୍ଟ ଅଫ୍ ଅର୍ଡର ଆଣି କହିଥିଲେ, ବାଚସ୍ପତିଙ୍କ ଆସନକୁ ଆମର ଯଥେଷ୍ଟ ସମ୍ମାନ ରହିଛି। ଶାସକ ଦଳ ସଦସ୍ୟ ଅରୁଣ ସାହୁ ଗୃହର ୨ ବରିଷ୍ଠ ସଦସ୍ୟଙ୍କୁ ଆକ୍ଷେପକରି କହିଥିବା ବକ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଥିବାରୁ ଧନ୍ୟବାଦ। ହେଲେ ଏହା ଯଥେଷ୍ଟ ନୁହେଁ, ସେ ଗୃହରେ କ୍ଷମା ମାଗିବାର ଆବଶ୍ୟକତା ଥିଲା। ହେଲେ ୨ ଭାଜପା ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି। ସେହି ଦୁଇ ସଦସ୍ୟଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ଗୃହକୁ ସୁରୁଖୁରୁରେ ଚଳାଯାଉ। ଏଥିରେ ବିରୋଧୀ ଦଳ ସହଯୋଗ କରିବା ସହ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ ମିଳିତ ଭାବେ ଆଲୋଚନାକରି ଏହାର ସମାଧାନ କରାଯିବ। ବିରୋଧୀ ପୁଣି ଥରେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବାଚସ୍ପତି ପଞ୍ଚାୟତିରାଜ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚଦାବି ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅନ୍ୟ ସବୁ ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ମାଧ୍ୟମରେ ପାରିତ କରି ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

# ଡିସେମ୍ବର ସୁଦ୍ଧା ୧୭୭୧ ହାଇସ୍କୁଲ ରୂପାନ୍ତରଣ

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

୨୦୨୩–୨୪ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ପରେ ଗୃହୀତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନାବେଳେ କହିଥିଲେ, ୫–ଟି ନୀତି ଦ୍ୱାରା ଅନୁପ୍ରେରିତ ଏହି କାର୍ଯ୍ୟକ୍ରମ ରାଜ୍ୟର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଆକାଂକ୍ଷା ସୃଷ୍ଟି କରିଛି। ମୋ ସ୍କୁଲ ଅଭିଯାନରେ ୩୦ ଲକ୍ଷରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି ଓ ୫୦,୩୨୫ ବିଦ୍ୟାଳୟ ସହ ଏହି କାର୍ଯ୍ୟକ୍ରମରେ ସଂଯୁକ୍ତ ହେବାରେ ସକ୍ଷମ ହୋଇଛି। ଏପର୍ଯ୍ୟନ୍ତ ୫–ଟି ଉଚ୍ଚବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ୩ୟ ପର୍ଯ୍ୟାୟ ସୁଦ୍ଧା ୬୮୮୩ ହାଇସ୍କୁଲକୁ ସାମିଲ କରାଯାଇଛି। ୬୧୩୨ ହାଇସ୍କୁଲ ଲୋକାର୍ପିତ ହୋଇସାରିଛି। ୧୭୭୧ ହାଇସ୍କୁଲକୁ ଡିସେମ୍ବର ସୁଦ୍ଧା ରୂପାନ୍ତରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଯାବତ୍ ୧,୦୬,୬୦୬ କନିଷ୍ଠ ଶିକ୍ଷକଙ୍କୁ ଏବଂ ୨୦୦୩–୦୪ରୁ ନିଯୁକ୍ତି ପାଇଥିବା ୧୮,୩୦୯ ମାଧ୍ୟମିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ୮୮୮୦ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି କରାଯାଇଥିବାବେଳେ ଅନ୍ୟ ୮୦୦୦ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତି ନିମନ୍ତେ ବ୍ୟବସ୍ଥା କରାଯାଇଛି। ୨୦୨୩–୨୪ରେ ୫୧,୫୩୫ ପଦବୀରେ ନିଯୁକ୍ତି/ନିୟୋଜନ ନିମିତ୍ତ ସୁଯୋଗ ସୃଷ୍ଟି କରାଯାଇଛି। ନୂତନ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ସଂସ୍କୃତ ଟୋଲ୍ ଏବଂ ମଦ୍ରାସାରେ କାର୍ଯ୍ୟରତ କର୍ମଚାରୀଙ୍କୁ ୭ମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ବର୍ଦ୍ଧିତ ହାରରେ ଦରମା ଦେବାକୁ ସ୍ଥିର କରିଛନ୍ତି। ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର ସମର୍ଥନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିଥିଲେ। ବିଜେଡି ବିଧାୟକ ଧ୍ରୁବ ସାହୁ ସମର୍ଥନ କରିଥିଲେ। ବାଚସ୍ପତି ବାଚନିକ ଭୋଟରେ ଗୃହୀତ କରାଇଛନ୍ତି।

# ମହିଳା କମିଶନରେ ୪୦୮୯ ମାମଲା ବିଚାରାଧୀନ

## ଶିଶୁ କମିଶନରେ ୯୮୭

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

ମହିଳା କମିଶନ ୨୦୨୦–୨୧, ୨୦୨୧–୨୨ ଏବଂ ୨୦୨୨–୨୩ ମସିହାରେ ମୋଟ ୬୯ଟି ମହିଳା କମିଶନ ଓ ଶିଶୁ କମିଶନ ନିଜ ଆଡୁ ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ତେବେ ମହିଳା କମିଶନଙ୍କ ପାଖରେ ଥିବା ଅଭିଯୋଗ ମଧ୍ୟରୁ ୪୯୬୦ ମାମଲା ବିଚାରାଧୀନ ଥିବା ଜଣାପଡ଼ିଛି। ମହିଳା କମିଶନରେ ୪୦୮୯ ମାମଲା ବିଚାରାଧୀନ ଥିବା ଜଣାପଡିଛି। ଶିଶୁ କମିଶନରେ ଗତ ୩ ବର୍ଷରେ ଅଧିକ ମାମଲା ରୁଜୁହେବା ସହ ୯୮୭ ମାମଲା ବିଚାର ନ ହୋଇ ପଡିରହିଛି।

୨୦୨୦–୨୧ରେ କମିଶନ ମହିଳା କମିଶନ ୧୪ଟି ମାମଲା ନିଜ ଆଡୁ ରୁଜୁକରି ତଦନ୍ତ କରୁଛନ୍ତି। ୨୦୨୧–୨୨ରେ ୧୮ଟି ମାମଲା ରୁଜୁ କରାଯାଇଥିବାବେଳେ ସେଥିରୁ ୧୦ଟିର ସମାଧାନ ସରିଥିବା ବେଳେ ୮ଟି ଏବେ ବି ସମାଧାନ ନ ହୋଇ ପଡି ରହିଛି। ୨୦୨୨–୨୩ ବର୍ଷରେ ମୋଟ୍ ୩୭ ମାମଲା କମିଶନ ରୁଜୁ କରିଥିବା ମାମଲାରୁ ୧୭ଟିର ସମାଧାନ ସାରିଛି। ଅର୍ଥାତ୍ ଏହି ୩ ବର୍ଷ ମଧ୍ୟରେ ମୋଟ ୬୯ଟି ମାମଲା କମିଶନ ନିଜ ଆଡୁ ରୁଜୁ କରିଥିବାବେଳେ ସେଥିରୁ ୪୦ଟି ମାମଲାର ସମାଧାନ କରିବା ସହ ୨୯ଟି ସମାଧାନ ନ ହୋଇ ପଡି ରହିଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ସୂଚନା ଦେଇଛନ୍ତି। ହେମ୍ବ୍ରମ କହିଛନ୍ତି, ଯେଉଁ ମାମଲାଗୁଡିକ ମହିଳା କମିଶନଙ୍କ ପାଖକୁ ଆସି ନ ପାରି ଗଣମାଧ୍ୟମରେ ପ୍ରକାଶ ପାଉଛି ସେଗୁଡିକ ସ୍ୱତଃପ୍ରବୃତ୍ତ ପରିଚାଳିତ ହେଉଛି। ୨୦୨୦ରେ ଶିଶୁ କମିଶନ ୧୯୪ ମାମଲା ରୁଜୁ କରିଥିବା ବେଳେ ୮୯ଟି ଘଟଣାରେ ଅଭିଯୋଗକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ୨୦୨୧ରେ କମିଶନ ନିଜ ଆଡୁ ୧୮୫ଟି ମାମଲା ରୁଜୁ କରିଥିବା ବେଳେ ୬୮ଟି ଘଟଣାରେ ଅଭିଯୋଗକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ସେଥିରୁ କମିଶନ ୨୦ଟି ଘଟଣାର ସମାଧାନ ହୋଇଥିବା ବେଳେ ୨୩୩ଟି ମାମଲା ବିଚାରାଧୀନ ରହିଛି। ୨୦୨୨ରେ କମିଶନ ନିଜ ଆଡୁ ୧୬୬ଟି ମାମଲା ରୁଜୁ ହୋଇଥିବାବେଳେ ଅଭିଯୋଗକାରୀଙ୍କ ପକ୍ଷରୁ ୧୪୪ଟି ଘଟଣାରେ ଅଭିଯୋଗ ହୋଇଛି। ଯେଉଁଥିରୁ ୧୧ଟିର ସମାଧାନ ହୋଇ ୨୬୯ଟି ମାମଲା ପଡ଼ିରହିଛି। ୨୦୨୩ରେ ବର୍ତ୍ତମାନ ସୁଦ୍ଧା କମିଶନ ନିଜ ଆଡୁ ୨୧୦ଟି ମାମଲା ରୁଜୁକରିଛନ୍ତି। ଅଭିଯୋଗକାରୀ ନିଜ ଆଡୁ ଆସି ୩୬ଟି ଅଭିଯୋଗ କରିଛନ୍ତି। ଏଥିମଧ୍ୟରୁ ଗୋଟିଏ ହେଲେ ମାମଲା ସମାଧାନ ହୋଇ ନ ଥିବାବେଳେ ୨୪୬ଟି ଯାକ ମାମଲା ପଡିରହିଛି। ଏହିପରି ମୋଟ୍ ୩ ବର୍ଷରେ ମୋଟ୍ ୧୦୬୨ ମାମଲା ରୁଜୁ ହୋଇଥିବା ବେଳେ ୭୫ଟି ସମାଧାନ ହୋଇଥିବା ବେଳେ ୯୮୭ ମାମଲା ସେମିତି ପଡ଼ି ରହିଛି।

# ରାଜ୍ୟରେ ବିଚାରାଧୀନ ୨୦,୧୫,୦୬୫ ମାମଲା

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

- ୩ ବର୍ଷରେ ଲୋକ ଅଦାଲତରେ ଫଇସଲା ହୋଇଛି ୨,୫୪,୯୭୬
- ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଲୋକ ଅଦାଲତ ମାଧ୍ୟମରେ ଫଇସଲା ହୋଇଛି ୭୫୯ ବିଚାରାଧୀନ କେସ୍
- ଜିଲା ଓ ଅଧିସ୍ତନ କୋର୍ଟ ଦ୍ୱାରା ଲୋକ ଅଦାଲତ ଦ୍ୱାରା ଫଇସଲା ହୋଇଛି ୧,୯୮,୧୪୭ ମାମଲା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମେତ ରାଜ୍ୟର ଅନ୍ୟ ଜିଲା ଓ ଦୌରାଜଜ୍ କୋର୍ଟଗୁଡିକରେ ୨୦,୧୫,୦୬୫ ମାମଲା ବିଚାରାଧୀନ ରହିଛି। ଗତ ୩ ବର୍ଷରେ ୧୧,୭୩, ୫୩୭ ମାମଲା ଫଇସଲା ହୋଇଛି। ଲୋକ ଅଦାଲତ ମାଧ୍ୟମରେ ୨,୫୪,୯୭୬ ଫଇସଲା ହୋଇଥିବା ଆଇନମନ୍ତ୍ରୀ ଜଗନ୍ନାଥ ସାରକା ସୂଚନା ଦେଇଛନ୍ତି। ବିଧାୟକ ସୌଭିକ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ସାରକା କହିଛନ୍ତି, ତ୍ୱରିତ ସମାଧାନ ପାଇଁ ନିୟମିତ ନୋଟିସ ଏବଂ ଅନୁସ୍ମାରକ ପଠାଇବା, ପୁରୁଣା ମାମଲାଗୁଡିକୁ ଚିହ୍ନଟକରି ଶୁଣାଣି କରାଯାଉଛି। ବିଭିନ୍ନ ମାମଲାରେ ନିୟମିତ ସାକ୍ଷ୍ୟ ଗ୍ରହଣ ସହ ସରକାର ନୂତନ କୋର୍ଟ ସ୍ଥାପନ କରି ମାମଲାଗୁଡିକର ତୁରନ୍ତ ଫଇସଲା କରିବା ନିମନ୍ତେ ବିହିତ ପଦକ୍ଷେପ ମାନ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ବିଧାୟକ ସୁଶାନ୍ତ କୁମାର ବେହେରା ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାରକାଙ୍କୁ କହିଛନ୍ତି, ୨୦୨୧ରୁ ୨୦୨୩ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟିଙ୍କ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଲୋକ ଅଦାଲତ ମାଧ୍ୟମରେ ମୋଟ୍ ୭୫୯ଟି ବିଚାରାଧୀନ ମାମଲା ଫଇସଲା ହୋଇଛି। ଏହା ବ୍ୟତୀତ ଏହି ୩ ବର୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ଓ ତାଲୁକା ଆଇନ ସେବା କମିଟି ଦ୍ୱାରା ଜିଲା କୋର୍ଟ ଏବଂ ଅଧିସ୍ତନ କୋର୍ଟଗୁଡିକ ଦ୍ୱାରା ଲୋକ ଅଦାଲତ ଅନୁଷ୍ଠିତ ହୋଇ ୧,୯୮,୧୪୭ ମାମଲାର ଫଇସଲା ହୋଇଛି। ମନ୍ତ୍ରୀ ଦେଇଥିବା ସୂଚନା ମୁତାବକ, ଅନୁଗୋଳର ୪୮୧୦, ବାଲେଶ୍ୱର ୧୧୩୯୩, ବଲାଙ୍ଗୀର ୩୫୩୩, ଭଦ୍ରକ ୬୫୦୦, ବରଗଡ ୩୮୦୨, ବୌଦ୍ଧ ୫୫୦, କଟକ ୨୨୭୧୩, ଢେଙ୍କାନାଳ ୪୩୪୯, ଦେବଗଡ଼ ୨୮୭୬, ଗଞ୍ଜାମ ୯୩୩୧, ଗଜପତି ୪୧୯୭, ଜଗତ୍‌ସିଂହପୁର ୪୯୩୩, ଯାଜପୁର ୨୭୩୯, ଝାରସୁଗୁଡ଼ାରେ ୧୬୦୩, କଳାହାଣ୍ଡି ୨୫୯୯, ଫୁଲବାଣୀ ୪୩୧୯, କେନ୍ଦ୍ରାପଡ଼ା ୨୫୨୮, କେନ୍ଦୁଝର ୪୬୬୮, ଖୋର୍ଦ୍ଧା ୪୨,୬୩୬, କୋରାପୁଟ ୨୭୬୯, ମାଲକାନାଗିରି ୨୮୧୩, ମୟୂରଭଞ୍ଜ ୪୩୨୪, ନବରଙ୍ଗପୁର ୨୭୭୭, ନୟାଗଡ଼ ୫୫୭୩, ନୂଆପଡ଼ା ୧୩୭୭, ପୁରୀ ୯୫୫୯, ରାୟଗଡ଼ା ୫୧୪୪, ସମ୍ବଲପୁର ୧୨୦୧୨, ସୋନପୁର ୬୬୭ ଏବଂ ସୁନ୍ଦରଗଡର ୧୦୮୮୩ ମାମଲା ଫଇସଲା ହୋଇଥିବା ଦର୍ଶାଯାଇଛି।

# ନିଶା ସେବନକାରୀଙ୍କ ସଂଖ୍ୟା ବଢୁଛି ନା ନାହିଁ ତଥ୍ୟ ରଖିପାରିବେନି ସରକାର

## ପ୍ରତି ବର୍ଷ ବେଆଇନ ନିଶା କାରବାର ବଢୁଛି

ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ନିଶାସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଥିବା ଅନେକ ସମୟରେ ବିଭିନ୍ନ ସୂତ୍ରରୁ ପ୍ରକାଶ ପାଉଛି। ପ୍ରତ୍ୟେକ ଦିନ ନିଶା କାରବାର ବଢୁଥିବାରୁ ପୋଲିସଠାରୁ ଆରମ୍ଭକରି ଅବକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାରେ ଲାଗିଛନ୍ତି। ହେଲେ ସରକାର ରାଜ୍ୟରେ ନିଶାସେବନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ବଢୁଛି ନା କମୁଛି ସେନେଇ ତଥ୍ୟ ରଖିବାର ସରକାରଙ୍କ ପାଖରେ କିଛି ବ୍ୟବସ୍ଥା ନାହିଁ ବୋଲି ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦେଇଥିବା ଉତ୍ତର ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଧାୟକ ପ୍ରଫୁଲ୍ଲ ସାମଲ ବିଧାନସଭାରେ ଶନିବାର ପଚାରିଥିବା ଏ ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି।

ହେଲେ ମନ୍ତ୍ରୀ ଆଉ ଜଣେ ବିଧାୟକ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି, ରାଜ୍ୟରେ ଏନ୍‌ଡିପିଏସ୍ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ୨୦୨୦–୨୧ ଆର୍ଥିକ ବର୍ଷର ତଥ୍ୟ ଅନୁଯାୟୀ ରାଜ୍ୟରେ ଏନ୍‌ଡିପିଏସ୍ କେସ୍ ଅନୁଯାୟୀ ୩୮୧ ମାମଲା ରୁଜୁହୋଇ ୩୯୮ ଜଣଙ୍କୁ ସରକାର ଗିରଫ କରିଥିଲେ। ୨୦୨୧–୨୨ରେ ବେଆଇନ ନିଶା କାରବାର କରି ମୋଟ୍ ୬୮୬ ମାମଲା ରୁଜୁ ହୋଇଥିବା ବେଳେ ୭୬୯ ଜଣଙ୍କୁ ଗିରଫ କରାଯାଇଛି। ୨୦୨୨–୨୩ ବର୍ଷର ତଥ୍ୟ ଅନୁଯାୟୀ ୧୯୪୯ ମାମଲା ରୁଜୁ ହୋଇଥିବା ବେଳେ ମୋଟ୍ ୨୨୩୨ ଜଣଙ୍କୁ ଗିରଫ କରାଯାଇଛି। ୨୦୨୩–୨୪ ବର୍ଷର ଏ ପର୍ଯ୍ୟନ୍ତ ୮୩୫ଟି ମାମଲା ରୁଜୁ ହୋଇ ୯୯୦ ଜଣ ଗିରଫ ହୋଇଛନ୍ତି।

# ରିବନ୍ ବାନ୍ଧି ଝାଡୁ କଲେ, ଦଣ୍ଡବତ ହେଲେ

## ଗାଁ ସାଥୀଙ୍କ ଅଭିନବ ପ୍ରତିବାଦ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)



ଗାଁ ସାଥୀମାନେ ଲୋୟର ପିଏମ୍‌ଜିକୁ ସଫେଇ କରିବା ସହ ଦଣ୍ଡବତ ହୋଇ ଧାରଣାସ୍ଥଳରୁ ବିଧାନସଭା ଅଭିମୁଖେ ଯାଉଛନ୍ତି।

ଗାଁ ସାଥୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଗାଇଡ୍‌ଲାଇନ କାର୍ଯ୍ୟକାରୀ କରାଯାଉନାହିଁ। ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ୨୦୨୧ ମସିହାରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଏଭଳି ୨ଟି ଅଭିଯୋଗ ନେଇ ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭୁବନେଶ୍ୱରଠାରେ ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ଅଭିନବ ଉପାୟରେ ପ୍ରତିବାଦ କରାଯାଉଛି। ଜୀବନଜୀବିକା ବିପନ୍ନ ହୋଇଯାଇଥିବା ଦର୍ଶାଇ ପୂର୍ବରୁ ଘାସ ଓ ନଡ଼ା ଖାଇ ପ୍ରତିବାଦ କରିଥିବାବେଳେ ଶନିବାର ସଂଘର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ହଜାର ହଜାର ଗାଁ ସାଥୀ ମୁଣ୍ଡରେ ରିବନ ବାନ୍ଧି ରାସ୍ତା ସଫେଇ କରିବା ସହ ଆଣ୍ଠେଇ ଆଣ୍ଠେଇ ଦଣ୍ଡବତ କରି ଧାରଣାସ୍ଥଳରୁ ବିଧାନସଭା ଅଭିମୁଖେ ବାହାରିଥିଲେ। ଆନ୍ଦୋଳନକାରୀମାନେ ରାମଧୁନ୍ ସହ ଅନ୍ୟ ପ୍ରତିବାଦମୂଳକ ଗୀତ ପରିବେଷଣ କରି ଦାବି ଉପସ୍ଥାପନ କରିଥିଲେ। ଧାରଣା ସ୍ଥଳରେ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟ ଭାଜପା ନେତା ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ଧାରଣାସ୍ଥଳରୁ ନବୀନ ନିବାସ ମାତ୍ର କିଛି ଦୂରରେ ରହିଥିଲେ ମଧ୍ୟ ସେ କିମ୍ବା ତାଙ୍କ ପ୍ରତିନିଧି ଧାରଣାସ୍ଥଳକୁ କାହିଁକି ଆସୁନାହାନ୍ତି ବୋଲି ସୂର୍ଯ୍ୟବଂଶୀ ପ୍ରଶ୍ନ କରିଥିଲେ।

# ମାଧ୍ୟମିକ ଶିକ୍ଷକଙ୍କ ମହାସମାବେଶ

ଭୁବନେଶ୍ୱର,୩୦।୯(ଅନୁରାଧା ମହାରଣା)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆହ୍ୱାନରେ ଚାଲିଥିବା ଅହୋରାତ୍ର ଧାରଣାର ଶନିବାର ଷଷ୍ଠ ଦିବସରେ ବିଶାଳ ସମାବେଶ ଦେଖିବାକୁ ମିଳିଥିଲା। ସାରା ରାଜ୍ୟରୁ ହଜାର ହଜାର ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ରାଜଧାନୀକୁ ଆସି ଜାରି ରହିଥିବା ଆନ୍ଦୋଳନରେ ସାମିଲ ହେବା ସହ ଲୋୟର ପିଏମ୍‌ଜିରେ ମହାସମାବେଶ କରି ସରକାରଙ୍କ ନିକଟରେ ଦାବି ଦୋହରାଇଥିଲେ। ଅନୁଦାନ ଦିଅ, ଅବସର ପରେ ବଞ୍ଚିବା ପାଇଁ ପେନସନ୍ ବ୍ୟବସ୍ଥା କର, ସପ୍ତମ ବେତନ କମିଶନ ଲାଗୁକର, ସବୁ ବିଦ୍ୟାଳୟକୁ ସରକାରୀ ଘୋଷଣା କର, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି ଦିନଠାରୁ ବରିଷ୍ଠତା ପ୍ରଦାନ କର, ଅବସର ବୟସ ସୀମା ୬୨କୁ ବୃଦ୍ଧି କର, ନୂତନ ପେନ୍‌ସନ ଯୋଜନା ପ୍ରତ୍ୟାହାର କରି ପୁରୁଣା ପେନ୍‌ସନ ଯୋଜନା ଲାଗୁ କର, ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କର, ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଘରୋଇ ମାଲିକାନା ହାତକୁ ଟେକିଦେବାର ଚକ୍ରାନ୍ତରୁ କ୍ଷାନ୍ତ ରୁହ କହି ନାରାବାଜି କରିଥିଲେ। ଏହି ସମୟରେ ଧାରଣାସ୍ଥଳରେ ସଂଘ ପକ୍ଷରୁ ଏକ ଅଭିଯୋଗ ବାକ୍ସ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀମାନେ ‘ଆମେ ହକ୍ ପାଇଁ ଆନ୍ଦୋଳନ କଲୁ, ପାଠ ମଧ୍ୟ ପଢ଼ାଇଲୁ। ବିଦ୍ୟାଳୟ ବନ୍ଦ କରିବାକୁ ଆମେ ଚାହୁଁ ନ ଥିଲୁ। କିନ୍ତୁ ସରକାର ତାଙ୍କ ଜିଦ୍‌ରେ ବସିଛନ୍ତି। ତେଣୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ପାଇଁ ସରକାର ଦାୟୀ’ ଏପରି ଚରମବାଣୀ ଲେଖି ଏହି ଅଭିଯୋଗ ବାକ୍ସରେ ପକାଉଥିଲେ।

ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ସରକାର ସବୁ ଜାଣି ମଧ୍ୟ ଆନ୍ଦୋଳନସ୍ଥଳକୁ ଆସୁନାହାନ୍ତି କି ଆଲୋଚନା କରୁନାହାନ୍ତି। ସଂଗଠନ ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ଆଗାମୀ ଦିନରେ ରାଜ୍ୟର ସମସ୍ତ ସ୍କୁଲ୍, କଲେଜ, ଅଫିସ୍, ଦପ୍ତର ବନ୍ଦ କରିବାର ଯୋଜନା ପ୍ରସ୍ତୁତ କରାଯାଉଛି। ଦାବି ପୂରଣ ନ ହେଲେ ସଂଘ ଏହି ଯୋଜନାକୁ ରୂପରେଖ ଦେବ ବୋଲି ସେ କହିଛନ୍ତି।



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ମିକିନା
ପରିବାରବର୍ଗ


ରିଚା
ପରିବାରବର୍ଗ


କୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସରକାର ଜଣେ ୨ ଜଣ ଶିଳ୍ପପତିଙ୍କ ପାଇଁ ନୁହେଁ: ରାହୁଲ

**ଭୋପାଲ,୩୦।୯ :** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ମଧ୍ୟପ୍ରଦେଶର ଶାଜାପୁର ଜିଲାରେ ନିର୍ବାଚନ ପ୍ରଚାର କରିଛନ୍ତି। କାଲାପିପାଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଲାଇକାଲାଠାରେ ଏକ ନିର୍ବାଚନୀ ସଭାରେ ରାହୁଲ ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଜ୍ୟ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଏଠାରେ ଆଦର୍ଶର ଲଢ଼େଇ ଚାଲିଛି। ଗୋଟିଏ ପଟେ କଂଗ୍ରେସ ଏବଂ ଅନ୍ୟ ପଟେ ଭାଜପା ତଥା ଆରଏସଏସ। ଗୋଟିଏ ପାର୍ଶ୍ୱରେ ଗାନ୍ଧିଜୀ ଏବଂ ଅନ୍ୟ ପଟେ ଗଡ୍‌ସେ। ଗୋଟିଏ ପାର୍ଶ୍ୱରେ ଘୃଣା ଏବଂ ଅନ୍ୟ ପଟେ ପ୍ରେମ ଅଛି। ଭାଜପା ଲୋକମାନେ ଯୁଆଡେ ଯାଆନ୍ତି ଘୃଣା ବଢାନ୍ତି। ତେଣୁ ମଧ୍ୟପ୍ରଦେଶର କୃଷକ ଏବଂ ଯୁବକମାନେ ସେମାନଙ୍କୁ ଘୃଣା କରିବା ଆରମ୍ଭ କରି ଦେଇଛନ୍ତି। ଏହି ଲୋକମାନେ ଜନସାଧାରଣଙ୍କ ପାଇଁ ଯାହା ଖରାପ କରିଥିଲେ, ବର୍ତ୍ତମାନ ଜନସାଧାରଣ ସେମାନଙ୍କ ପ୍ରତି ଘୃଣା ପ୍ରଦର୍ଶନ କରୁଛନ୍ତି। ଏହି କାରଣରୁ, ଆମେ ଏଠାରେ ଜନ ଆକ୍ରୋଶ ଯାତ୍ରା ଆରମ୍ଭ କରିଛୁ। ଆମର ଯାତ୍ରା ରାଜ୍ୟର ପ୍ରାୟ ୩୭୦ କିଲୋମିଟର ଅତିକ୍ରମ କରିଛି। କୃଷକ, ଯୁବକ, ମା ଏବଂ ଭଉଣୀମାନଙ୍କୁ ଆମେ ଭେଟିଛୁ। ରାଜ୍ୟରେ ଭାଜପା ଲୋକେ ଯେଉଁ ଦୁର୍ନୀତି କରିଛନ୍ତି ତାହା ସମଗ୍ର ଦେଶରେ କରାଯାଇ ନାହିଁ। ପିଲାମାନଙ୍କର ପାଣ୍ଠି, ମଧ୍ୟାହ୍ନ ଭୋଜନ ପାଣ୍ଠି, ସ୍କୁଲ ୟୁନିଫର୍ମ ପାଣ୍ଠି ଚୋରି ହୋଇଛି। ମହାକାଳ କରିଡରରେ ଭାଜପା ଟଙ୍କା ଚୋରି କରିଛି। ବ୍ୟାପମ ସ୍କାମରେ ଏକ କୋଟି ଯୁବବର୍ଗ କ୍ଷତିଗ୍ରସ୍ତ ହୋଇଛନ୍ତି। ସିଟ ବିକ୍ରି ହେଉଛି। ପେପର ଲିକ ହେଉଛି। ରାଜ୍ୟରେ ତାଙ୍କର ଏକଚାଟିଆ ରାଜୁତି ଚାଲିଛି। କୃଷକମାନେ ଆମକୁ କହିଛନ୍ତି ସରକାର ଏଠାରେ ଉଚିତ ମୂଲ୍ୟ ଦେଉ ନାହାଁନ୍ତି। ଯଦି ଆପଣ ଛତିଶଗଡ଼ର କୃଷକମାନଙ୍କୁ ପଚାରିବେ, ତେବେ ଆପଣ ଜାଣିବେ ଧାନ ଚାଷ ପାଇଁ ଆମେ କେତେ ଟଙ୍କା ଦେଉଛୁ। ଆମେ ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ କରିଛୁ। ମଧ୍ୟପ୍ରଦେଶ, କର୍ନାଟକ, ଛତିଶଗଡ଼ ସମେତ ପ୍ରତ୍ୟେକ ରାଜ୍ୟରେ କୃଷକଙ୍କ ଋଣ ଛାଡ କରାଯାଇଥିଲା। କମଲନାଥଜୀ କୃଷକଙ୍କ ଋଣ ଛାଡ କରିଥିଲେ। ଏଠାରେ ଭାଜପା ଲୋକେ ଆପଣଙ୍କୁ ପ୍ରତାରଣା କରି ସରକାର ଗଢ଼ିଛନ୍ତି। ଭାରତ ଇତିହାସରେ ପ୍ରଥମ ଥର ପାଇଁ କୃଷକମାନେ ଟିକସ ଦେଉଛନ୍ତି। ଚାଷୀଙ୍କୁ ଦମନ ଏବଂ ହଟାଇବା ପାଇଁ ସେମାନେ କଳା ନିୟମ ଆଣିଥିଲେ। ଭାରତର ସମସ୍ତ କୃଷକ ଏକତ୍ରିତ ହୋଇ ସେମାନଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କହିଥିଲେ ସେ ଏହି ନିୟମକୁ କୃଷକଙ୍କ ସୁବିଧା ପାଇଁ ଆଣିଛନ୍ତି। କୃଷକମାନେ ସେମାନଙ୍କ ପାଇଁ ଲାଭଦାୟକ ନିୟମ ବିରୋଧରେ କାହିଁକି ରାସ୍ତାକୁ ଓହ୍ଲାଇଲେ ? ସରକାର ଲୋକଙ୍କ ପାଇଁ ହେବା ଉଚିତ,କୌଣସି ସଂସ୍ଥା କିମ୍ବା ଜଣେ ଦୁଇ ଜଣ ଶିଳ୍ପପତିଙ୍କ ପାଇଁ ନୁହେଁ। ମୁଁ ସଂସଦରେ ଆଦାନୀଜୀଙ୍କ ବିଷୟରେ କହିବା ଆରମ୍ଭ କରିବା ମାତ୍ରେ ମୋର ଲୋକସଭା ସଦସ୍ୟତା ତୁରନ୍ତ ରଦ୍ଦ ହୋଇଥିଲା। ଏହାର ଜବାବ ସାଧାରଣ ଜନତା ଦେବେ ବୋଲି ରାହୁଲ କହିଛନ୍ତି।


ରାହୁଲ ଗାନ୍ଧୀ

# ଭାଜପା ନେତାଙ୍କ ଗୀତରେ ନାଚିଲେ କଂଗ୍ରେସ କର୍ମୀ

**୧୩ତମ ଜନ୍ମଦିନ ଶୁଭେଚ୍ଛା**



**ସାଇଶ୍ରଦ୍ଧା ପଟ୍ଟନାୟକ (ରିଚା)**
ବୋଧଖଣ୍ଡି, ବାଳକାଟି, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ, ମା' ତାରିଣୀ, ସାଇବାବାଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, ମାଈଁ, ଡାଡି, ମମି, ବାବା, ମାମା, ଦାଦା, ଖୁଡୀ, ସୋନୁଭାଇ, ରିଷି, ରିକି, ଆଶୁ, ଓ ପରିବାରବର୍ଗ।
ଧ-୭୫୦୪୪

**ଇନ୍ଦୋର,୩୦।୯ :** ମଧ୍ୟପ୍ରଦେଶର ଇନ୍ଦୋରରେ ସଂଘଠିତ ଏକ ଘଟଣାକୁ ନେଇ ସେଠାକାର ରାଜନୈତିକ ମହଲ ସରଗରମ ହୋଇଛି। ଏଠାରେ କଂଗ୍ରେସ କର୍ମୀମାନେ ଭାଜପା ନେତାଙ୍କ ଗୀତରେ ମନ ଭରି ନାଚିଛନ୍ତି। ଏହାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକୃତପକ୍ଷେ, ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ବରିଷ୍ଠ ଭାଜପା ନେତା ତଥା ଇନ୍ଦୋର-୧ ବିଧାନସଭା ପ୍ରାର୍ଥୀ କୈଳାସ ବିଜୟଭର୍ଗୀୟ ଏବଂ ତାଙ୍କ ସମର୍ଥକମାନେ ଯାଉଥିଲେ। ସେହି ରାସ୍ତାରେ କଂଗ୍ରେସ ଦଳର ଏକ ସଭା ଚାଲିଥିଲା। କୈଳାସ 'ୟେ ଦେଶ ହୈ ବୀର ଜୱାନ କା' ଗୀତ ଗାଉଥିଲେ। ଏହି ଗୀତ ଶୁଣି ସଭାରେ ଉପସ୍ଥିତ ଥିବା କଂଗ୍ରେସ

## ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା...

କର୍ମୀମାନେ ମଧ୍ୟ ନାଚିବା ଆରମ୍ଭ କରିଥିଲେ। ଏହା ଦେଖି କୈଳାସଙ୍କ ଉତ୍ସାହ ଆହୁରି ବଢ଼ି ଯାଇଥିଲା। ସେ ଗୀତକୁ ପୁଣି ଗାଇବା ଆରମ୍ଭ କରିଥିଲେ। ଭାଇରାଲ ହୋଇଥିବା ଭିଡିଓରେ ଏହା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଭାଜପା ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି ଯେଉଁଥିରେ କୈଳାସ ବିଜୟଭର୍ଗୀୟଙ୍କୁ ଇନ୍ଦୋର -୧ରୁ ଦଳର ପ୍ରାର୍ଥୀ କରାଯାଇଛି। ନାମ ଘୋଷଣା ପରେ କୈଳାସ ଏବେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଅବଶ୍ୟ ପ୍ରଥମେ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିବା କହିଥିଲେ।


ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଟିପ୍ରାଲାଣ୍ଡ ରାଜ୍ୟ ଦାବି କରି ଅଗରତାଲାଠାରେ ଶନିବାର 'ଟିପ୍ରା ମୋଥା'ର ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଦେଇଥିବା ପ୍ରତିଶ୍ରୁତି ପାଳନ କରାଯାଉନି: ଭାଜପା

**ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର)**

ଲୋୟର ପିଏମ୍‌ଜିରେ ଗତ ୨୫ ତାରିଖରୁ ରାସ୍ତାରେ ଝାଡୁ ମାରି, ଦଣ୍ଡବତ କରି ଗାଁ ସାଥୀମାନେ ଦାବି ଉପସ୍ଥାପନା କରିଛନ୍ତି। ହେଲେ ରାଜ୍ୟ ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରୁନାହାନ୍ତି। ପଞ୍ଚାୟତ ଓ ବ୍ଲକରେ ଗାଁ ସାଥୀଙ୍କ ପ୍ରତି ଅବିଚାର କରାଯାଉଛି। ଅତୀତରେ ସରକାର ସେମାନଙ୍କ ସମ୍ପର୍କରେ ନେଇଥିବା ନିଷ୍ପତି ବାରମ୍ବାର ବଦଳାଇଛନ୍ତି। ଏଥି ସହିତ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ସରକାରଙ୍କ ଉପରେ ସେମାନେ ଭରସା ତୁଟାଇଲେଣି ବୋଲି ଭାଜପା କହିଛି। ଭାଜପାର ଏକ ପ୍ରତିନିଧି ଦଳ ଶନିବାର ଗାଁ ସାଥୀଙ୍କ ଆନ୍ଦୋଳନ ସ୍ଥଳକୁ ଯାଇ ସେମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ଭାଜପା

## ଗାଁ ସାଥୀଙ୍କ ଆନ୍ଦୋଳନ ସ୍ଥଳରେ ପ୍ରତିନିଧି ଦଳ

ପକ୍ଷରୁ କୁହାଯାଇଛି, ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ତାକୁ ପୂରଣ ନ କରିବା ଯୋଗୁ ବାଧହୋଇ ଗାଁ ସାଥୀମାନେ ରାଜଧାନୀରେ ଆନ୍ଦୋଳନ କରୁଛନ୍ତି। ସେମାନଙ୍କୁ ନ୍ୟାୟ ଓ ପାରିଶ୍ରମିକ ବୃଦ୍ଧି ପାଇଁ ୮ ହଜାର ଟଙ୍କାରୁ ଅଧିକ ପ୍ରୋତ୍ସାହନ ରାଶି, ପଞ୍ଚାୟତିରାଜ ବିଭାଗରେ ସ୍ଥାୟୀ ନିଯୁକ୍ତି ଇତ୍ୟାଦି ସହ ୫ ଦଫା ଦାବି କରୁଛନ୍ତି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗାଁ ସାଥୀ ଓ ପ୍ରତ୍ୟେକ ମେଟ୍‌ମାନଙ୍କୁ ୧୦୦ ଦିନରୁ ୧୦ ଦିନ ନିଶ୍ଚିତ କାମ ଯୋଗାଇବା ପାଇଁ ସରକାରୀ ନିଷ୍ପତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା କହିଛି।

## 'ଭିନ୍ନକ୍ଷମଙ୍କ ପାଇଁ ଦରଦ ନାହିଁ'

**ଭୁବନେଶ୍ୱର, ୩୦।୯(ସୁନିତ୍ ମିଶ୍ର):** ଭିନ୍ନକ୍ଷମଙ୍କ ସାମାଜିକ, ଆର୍ଥିକ ସୁରକ୍ଷା ତଥା ସଶକ୍ତିକରଣ ନିମନ୍ତେ ''ଭିନ୍ନକ୍ଷମ କମିଶନ'' ଗଠନ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଦୀର୍ଘ ଦେଢ଼ବର୍ଷ ଧରି ଭିନ୍ନକ୍ଷମ କମିଶନ ପଦବୀ ପୂରଣ ନ ହେବା ଭିନ୍ନକ୍ଷମ ସମାଜ ପାଇଁ ରାଜ୍ୟ ସରକାରଙ୍କ ଦରଦ ନ ଥିବା ଦର୍ଶାଉଛି। ମେୟର ସୁଲୋଚନା ଦାସ ନିର୍ବାଚନ ଲଢ଼ିବା ନିମନ୍ତେ ଗତ ୨୦୨୨ ମାର୍ଚ୍ଚରେ ଭିନ୍ନକ୍ଷମ କମିଶନ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ଏପର୍ଯ୍ୟନ୍ତ ଏହି ପଦବୀ ଖାଲି ପଡ଼ିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ବାଚସ୍ପତିଙ୍କୁ ଅସମ୍ମାନ କରାଯାଇଛି : ବିଜେଡି

**ସମ୍ବଲପୁର,୩୦।୯(ଶୁଭାଶିଷ ପାଢ଼ୀ):** ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଅସମ୍ମାନ ଘଟଣାରେ ଭାଜପା ବିଧାୟକଙ୍କ ବିରୋଧରେ ପ୍ରତିବାଦ କରୁଛି ବିଜେଡି। ଏ ନେଇ ସମ୍ବଲପୁର ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ସମ୍ପୃକ୍ତ ବିଧାୟକଙ୍କ ଆଚରଣକୁ ନିନ୍ଦା କରାଯାଇଛି। ବିଜେଡି କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଉଛନ୍ତି। ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ମହିଳା ଭାବେ ପ୍ରମିଳାଙ୍କୁ ବାଚସ୍ପତି ଆସନରେ ବସାଇଛନ୍ତି। ହେଲେ ମହିଳା ସଶକ୍ତୀକରଣକୁ ଭାଜପା ଗ୍ରହଣ କରିପାରୁ ନାହିଁ। ବିଧାନସଭା ଭଳି ପବିତ୍ର ଗୃହରେ ବାଚସ୍ପତିଙ୍କୁ ଅସମ୍ମାନ କରି କଳା ଅଧ୍ୟାୟ ସୃଷ୍ଟି କରିଛି। ଗୃହର ଗରିମା ଭାଙ୍ଗି ମହିଳା ବାଚସ୍ପତିଙ୍କୁ ଯେଉଁଭଳି ଭାବରେ ଭାଜପାର ଦୁଇ ବିଧାୟକ ଅସମ୍ମାନ କଲେ ତାହା ନିନ୍ଦନୀୟ। ଗୋଟିଏପଟେ କେନ୍ଦ୍ର ସରକାର ସଂସଦରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ଗୃହୀତ କରାଇଛନ୍ତି। ହେଲେ ରାଜ୍ୟରେ ଭାଜପା ବିଧାୟକ ମହିଳା ବାଚସ୍ପତିଙ୍କୁ ଅସମ୍ମାନ କରୁଛନ୍ତି। ଏହା ଭାଜପା ନେତାଙ୍କ ଅସଲ ଚେହେରାକୁ ପଦାରେ ପକାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଭାଜପା ବିଧାୟକ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ର, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ସିପ୍ରା ମହାନ୍ତି, ସୁରେଖା ସାହୁ, ଉଷା ପ୍ରଧାନ, ବସନ୍ତ ମିଶ୍ର, ସତୀଶ ବିଶି, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ ।


ସମ୍ବଲପୁର ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ରାଜନୈତିକ ଆକ୍ରୋଶ ରଖି ବଦନାମ କରାଯାଉଛି: ସୁଧାଂଶୁ

## ଶାସକ ଦଳ ନାଁରେ ଅଭିଯୋଗ ଆଣିଲେ ଭାଜପା ନେତା

**ବନ୍ତ,୩୦।୯(ହରିନାରାୟଣ ମହାନ୍ତି)**

ରାଜନୈତିକ ଆକ୍ରୋଶ ରଖି ଶାସକ ବିଜେଡି ତାଙ୍କୁ ବଦନାମ କରୁଛି ବୋଲି ଶନିବାର ଭଦ୍ରକ ଜିଲା ବନ୍ତଠାରେ ଖବରଦାତା ସମ୍ମିଳନୀରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ପତ୍ନୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକଙ୍କ ସହ ଗତ ୨୭ରେ ଭାଜପାରେ ଯୋଗଦେବା ପରେ ଶାସକ ଦଳ ତାଙ୍କୁ ଟାର୍ଗେଟ କରିଛି। ୨ ଦିନ ତଳେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ ତାଙ୍କ ବିରୋଧରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟାଦେଶ ନିଜ ନାମରେ ନେବା, ବ୍ଲକ ଅଧ୍ୟକ୍ଷାଙ୍କ ଚାପ ପକାଇ କାର୍ଯ୍ୟାଦେଶ ପାଇବା, ନିମ୍ନମାନର କାର୍ଯ୍ୟ କରିବା, ଡିଗି ପୋଖରୀକୁ ବିନା ଟେଣ୍ଡରରେ ନିଜ ଲୋକଙ୍କ ନାମରେ ନେବା ଆଦି ବିଭିନ୍ନ ଅଭିଯୋଗ କରାଯାଇଥିଲା। ଶନିବାର ସୁଧାଂଶୁ ଏକ ଖବରଦାତା ସମ୍ମିଳନୀ କରି ତାହାର ଜବାବ ଦେଇଛନ୍ତି।

୨୦୧୮ରେ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇବା ପାଇଁ ୪୧ ଲକ୍ଷ ଟଙ୍କା ଅନୁଦାନରେ ଗୃହ ନିର୍ମାଣ କରାଯାଇଥିଲା। ସେତେବେଳେ ସେ କଲେଜ କନ୍‌ଷ୍ଟ୍ରକ୍ସନ କମିଟିର ବରିଷ୍ଠ ସଦସ୍ୟ ଥିବାରୁ ତାଙ୍କ ନାମରେ କାର୍ଯ୍ୟାଦେଶ ଦେବା ପାଇଁ କଲେଜ ଅଧ୍ୟକ୍ଷ ବିଧାୟକ ଓ ଏମ୍‌ପିଙ୍କୁ ଚିଠି ଲେଖିଥିଲେ। ସେହି ଅନୁଯାୟୀ ତାଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। ସେତେବେଳେ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ ନ ଥିବାବେଳେ କାର୍ଯ୍ୟାଦେଶ ପାଇଁ ଚାପ ପକାଇବା ପ୍ରଶ୍ନ ଉଠୁଛି କେଉଁଠୁ ବୋଲି ସେ କହିଥିଲେ। କୋଟି କୋଟି ଟଙ୍କାର କାର୍ଯ୍ୟ ବିଭାଗୀୟ କର୍ମଚାରୀଙ୍କ ନାମରେ ହେଉଥିବା ବେଳେ ଜଣେ କଲେଜ କର୍ମଚାରୀଙ୍କ ନାମରେ କାର୍ଯ୍ୟାଦେଶ ହେବାରେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଥିଲେ। ଡିଗି ପୋଖରୀ ନିଲାମ ଲାଗି ୨୦୨୦ ଅକ୍ଟୋବର ୯ରେ ଡିଏଫ୍‌ଓଙ୍କ ଚିଠି ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇ ନାୟକଙ୍କ ସମ୍ପର୍କୀୟ ପୋଖରୀ ନିଲାମ ନେଇଥିବା କହିଥିଲେ। ସେଥିରେ ଚଞ୍ଚକତା କେଉଁଠୁ ଆସିଲା ବୋଲି ସୁଧାଂଶୁ କହିଛନ୍ତି। ବରିଷ୍ଠ ନେତା କମଳାକାନ୍ତ ସାହୁ, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା, ସୁଧାକର ଧଳ, ବସନ୍ତ କୁମାର ବିଶ୍ୱାଳ, ଲକ୍ଷ୍ମୀଧର କର, ସୁଧୀର କୁମାର ନାୟକ, ହରେକୃଷ୍ଣ ସେନାପତି, ହରପ୍ରସାଦ ରାଉତ, ତାପସ ଖଣ୍ଡେଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ**



**୰ଜ୍ୟୋସ୍ନାରାଣୀ ମହାପାତ୍ର**
ହାଡ଼ଗଡ଼ିଆ ସାହି, ପୁରୀ
ଆବିର୍ଭାବ: ୨୨।୦୪।୧୯୬୨
ତିରୋଧାନ: ୨୯।୦୯।୨୦୦୩
ଏହାଭିତରେ ଷୋହଳ ବର୍ଷ ବିତିଗଲାଣି ସବୁକିଛି କାଲି ପରି ଲାଗୁଛି। ଯେଉଁଠି ଥାଅ, ଭଲରେ ଥାଅ। ତୁମର ଆଶୀର୍ବାଦ ଆମ ଉପରେ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:- ପୁଅ-ମୁନା, ଲୁନା, ବୋହୂ- ଅଞ୍ଜଳି, ସ୍ୱାମୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୪୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ରଘୁନାଥ ସାହୁ**
ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୬।୦୧।୧୯୫୩
ତିରୋଧାନ: ୧୧।୦୯।୨୦୨୨
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମକୁ ପ୍ରତିମୁହୂର୍ତ୍ତରେ ବ୍ୟଥିତ କରୁଛି। ତୁମ ନିଃସ୍ୱାର୍ଥପରତା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆଉ ସମୟାନୁବର୍ତ୍ତିତା ଆମ ପଥ ପ୍ରଦର୍ଶକ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମର ଶୋକସନ୍ତପ୍ତ: ପତ୍ନୀ, ଅଲିଅଳ କନ୍ୟା: ଜ୍ୟୋସ୍ନା, ପୁତ୍ର: ଦେବାଶିଷ
ଧ-୧୪୪୪

**Classified Everyday 0674-2580101, 2549949**


MATRIMONIAL

GROOM WANTED

47 ବର୍ଷର ମହିଳା, P.N.B Bankରେ କାର୍ଯ୍ୟରତ। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। 7656973285. D-1413

Age-34, Govt. ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7787907421. D-1410


REAL ESTATE

SALE

Khurda ITBP & IRB ପାଖରେ Stithiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604. D-75222

BDA & RERA Approved 2BHK, 3BHK flats for sale, Project: Bivab Nest and Bivab Ansh, At- Madanpur, near Infocity-II, Bhubaneswar, Home loan available (All leading Bank). Contact: 9437345524, 9937138980. D-74587

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75045

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

**ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108.** D-75220

South facing corner 4BHK Duplex, Balianta Syphon. Land- 1400 Construction- 2200-89Lakh. 9938219397, 9861022055. D-1433

Duplex sale at Bhubaneswar @ 57 lakhs only. Contact: 9777433701. D-75223

କଟକ ଜଗତ୍‌ପୁରଠାରେ ନୂଆ ତିଆରି ହୋଇଥିବା 2BHK ଘର (1000sqft.) ବିକ୍ରିହେବ। Price- 27laks. Contact: 8984352783. D-1435

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

ପୁରୀ ସାତପଡ଼ା ବ୍ରହ୍ମଗିରି ରୋଡ୍ (NH-316) ପାଖରେ Commercial plot ବିକ୍ରି ହେବ। ମୋବାଇଲ ନଂ.- 7008384659. D-75303

3BHK Apartment Rasulgarh- 89,00,000, 3BHK Duplex near Tankapani- 79,00,000, 3BHK Duplex near Nandankanan- 92,00,000, Gangapada 9Acre, Pitapalli 5Acre. Residential Land DPS back- 990, Jaanla-990, Patrapada-2200, Tamando- 1500/2700. 8984071303, 8249630501. D-1434

LEASE

Wanted Wedding Mandap with parking of 20000 square feet and above for long term lease in Bhubaneswar/ Puri. Contact- 9437029152. D-1443

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body Massage expert boy's Therapist home Service availble Ph- 8093303918. D-1442

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

**Newly open SPA positively health benefits with expert therapist. 9938843929.** D-75150

Spa Kerala body Massage only best Therapist @699/- Bhubaneswar. 9337672475. D-1438

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଐତିହାସିକ ପଦକ ପକ୍କାକଲେ ସୁତୀର୍ଥା, ଆହିକା



ସେମିଫାଇନାଲ ପ୍ରବେଶ ପରେ ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ।



୧୦୦ ମିଟର ବାଧା ଦୌଡ଼ ଅବସରରେ ଜ୍ୟୋତି ୟାରାଜୀ(ବାମ)।



କିଡାମ୍ବୀ ଶ୍ରୀକାନ୍ତ

ହାଙ୍ଗଝୋ,୩୦।୯(ପି.ଟି.)

ବିଶ୍ୱ ଚାମ୍ପିୟନ ଚାଇନା ଖେଳାଳି ଚେନ୍ ମାଙ୍ଗ ଓ ୟିଦି ୟାଙ୍ଗଙ୍କୁ ପରାସ୍ତ କରି ଏସିଆନ୍ ଗେମ୍ସ ଟେବୁଲ ଟେନିସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ମହିଳା ଡବଲ୍ସ ଖେଳାଳି ସୁତୀର୍ଥା ମୁଖାର୍ଜୀ ଓ ଆହିକା ମୁଖାର୍ଜୀ। ଏହା ସହିତ ଟେବୁଲ ଟେନିସ୍‌ରେ ଭାରତର ଏକ ଐତିହାସିକ ପଦକ ପକ୍କା ହୋଇଛି। ପୂର୍ବରୁ ଭାରତ ମହିଳା ଟେବୁଲ ଟେନିସରେ ପଦକ ହାସଲ କରିପାରି ନାହିଁ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଚାଇନିଜ୍ ଯୋଡିଙ୍କୁ ୧୧-୫, ୧୧-୫, ୫-୧୧, ୧୧-୯ ସେଟ୍‌ରେ ପରାସ୍ତ କରିଥିଲେ ସୁତୀର୍ଥା ଓ ଆହିକା। ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ପ୍ରଥମ ସେଟ୍‌କୁ ମାତ୍ର ୮ ମିନିଟରେ ଜିତିଥିଲେ ଭାରତୀୟ ଯୋଡି। ଦ୍ୱିତୀୟ ସେଟ୍‌କୁ ୯ ମିନିଟରେ ଜିତିବା ସହିତ ଭାରତୀୟ ଯୋଡି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲେ। ତୃତୀୟ ରାଉଣ୍ଡରେ ଘରୋଇ ଦଳର ଖେଳାଳି ବିଜୟୀ ହୋଇଥିବା ବେଳେ ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଜିତି ସୁତୀର୍ଥା ଓ ଆହିକା ଇତିହାସ ରଚିଥିଲେ। ତେବେ ମନିକା ବାତ୍ରା ପରାଜିତ ହେବା ସହିତ ମହିଳା ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ୟିଦି ୟାଙ୍ଗ ୮-୧୧, ୧୨-୧୦, ୬-୧୧, ୪-୧୧, ୧୪-୧୨ ଓ ୫-୧୧ ସେଟ୍‌ରେ ମନିକାଙ୍କୁ ହରାଇଥିଲେ। **ଆଥଲେଟିକ୍ସ:** ଆଥଲେଟିକ୍ସରେ ଭାରତୀୟ ଖେଳାଳିଙ୍କୁ ସକରାତ୍ମକ ଆରମ୍ଭ ମିଳିଛି। ୧୦୦ ମିଟର ବାଧାଦୌଡରେ ଜ୍ୟୋତି ୟାରାଜୀ ଓ ନିତ୍ୟା ରାମରାଜଙ୍କ ସହିତ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଓ ଜେସୱିନ ଆଲଡ୍ରିନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ୍ ଚାମ୍ପିୟନ ଜ୍ୟୋତି ୟାରାଜୀ ୧୦୦ ମିଟର ବାଧାଦୌଡରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ ୧୩.୦୩ ସେକେଣ୍ଡର ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ପକ୍ଷରେ ନିତ୍ୟା ରାମରାଜ ୧୩.୩୦ ସେକେଣ୍ଡର ସମୟ ନେଇ ଫାଇନାଲରେ ପହଞ୍ଚିଥିଲେ। ଏହାକୁ ମିଶାଇ ଜ୍ୟୋତି କ୍ରମାଗତ ଭାବରେ ସପ୍ତମ ଥର ପାଇଁ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। **ବ୍ୟାଡମିଣ୍ଟନ:** ଭାରତୀୟ ବ୍ୟାଡମିଣ୍ଟନ ପୁରୁଷ ଦଳଗତ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିବା ସହିତ ସ୍ୱର୍ଣ୍ଣ ପଦକରୁ ଗୋଟିଏ ପାଦ ଦୂରରେ ରହିଛି। ଶନିବାର ଦକ୍ଷିଣ କୋରିଆ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ୩-୨ରେ ବିଜୟୀ ହୋଇଥିଲା ଭାରତ। ଏଚ୍. ଏସ୍. ପ୍ରଣୟ ପ୍ରଥମ ମ୍ୟାଚ୍ ଜିତି ଭାରତକୁ ୧-୦ରେ ଆଗୁଆ କରିଥିଲେ। ତେବେ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପରାଜିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚରେ ଲକ୍ଷ୍ୟ ସେନ୍ ଚମତ୍କାର ବିଜୟ ସହିତ ଭାରତକୁ ୨-୧ରେ ଆଗୁଆ କରିଥିଲେ। ତେବେ ଏମ୍. ଆର. ଅର୍ଜୁନ ଓ ଧ୍ରୁବ କପିଳା ପରାଜିତ ହେବାରୁ ମ୍ୟାଚ୍ ୨-୨ ସ୍ଥିତିକୁ ଆସିଥିଲା। ଅନ୍ତିମ ମ୍ୟାଚରେ କିଡାମ୍ବୀ ଶ୍ରୀକାନ୍ତ ଦମଦାର ପ୍ରଦର୍ଶନ କରିବା ସହିତ ମ୍ୟାଚ୍‌କୁ ଜିତି ଭାରତକୁ ଫାଇନାଲରେ ପହଞ୍ଚାଇଥିଲେ। **୩ଏ ସାଇଡ୍ ବାସ୍କେଟବଲ୍:** ୩ଏ ସାଇଡ୍ ବାସ୍କେଟବଲରେ ଭାରତୀୟ ମହିଳା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ପୁରୁଷ ଦଳ ବିଦାୟ ନେଇଛି। ମହିଳା ଦଳ ମାଲେସିଆକୁ ୧୬-୬ରେ ପରାସ୍ତ କରିଥିବା ବେଳେ ବୈଷ୍ଣବୀ ଯାଦବ ଏକାକୀ ୯ ପଏଣ୍ଟ ସ୍କୋର କରିଥିଲେ। କ୍ୱାର୍ଟର ଫାଇନାଲରେ ଦଳ ଚାଇନିଜ୍ ତାଇପେକୁ ଭେଟିବ। ଅନ୍ୟ ପକ୍ଷରେ ପୁରୁଷ ଦଳ ୧୭-୧୯ରେ ଇରାନ ନିକଟରୁ ପରାଜିତ ହୋଇଛି। **ଭାରୋତ୍ତୋଳନ:** ଅଲିମ୍ପିକ୍ସ ପଦକ ବିଜୟିନୀ ଭାରୋତ୍ତୋଳିକା ମୀରାବାଇ ଚାନୁ ଆହତ ହୋଇ ବିଦାୟ ନେଇଛନ୍ତି। ୱେଟ୍ ଉଠାଇବା ସମୟରେ ପାଦ ଖସିବା କାରଣରୁ ପଛ ପଟୁଆ ତଳେ ପଡି ଯାଇଥିଲେ ଚାନୁ। ସ୍ନାଚ୍‌ରେ ୮୩ କିଗ୍ରା ଉତ୍ତୋଳନ କରିଥିବା ଚାନୁ କ୍ଲିନ୍ ଆଣ୍ଡ ଜର୍କରେ ୧୧୭ କିଗ୍ରା ଓଜନ ଉଠାଇବା ପ୍ରୟାସରେ ଆହତ ହୋଇଥିଲେ। ୧୯୧ କିଗ୍ରାର ମୋଟ ଉତ୍ତୋଳନ ସହିତ ସେ ଚତୁର୍ଥ ସ୍ଥାନରେ ରହିଥିଲେ। **କାନୋଇଁ ଓ କାୟାକିଂ:** ଭାରତୀୟ ଖେଳାଳି କାନୋଇଁ ଓ କାୟାକିଂ ଇଭେଣ୍ଟରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। କାନୋଇଁ ଇଭେଣ୍ଟରେ ନୀରଜ ବର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ୧୦୦୦ ମିଟର ସେମିରେ ନୀରଜ ୪:୩୧.୬୨ ସେକେଣ୍ଡର ସମୟ ନେଇଥିଲେ। ସୋମବାର ଏହି ଇଭେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ମହିଳା କାୟାକ ଯୋଡି ବିନିତା ଚାନୁ ଓଇନାମ ଓ ପାର୍ବତୀ ଗୀତା ଫାଇନାଲରେ ପ୍ରବେଶ କରିଛନ୍ତି। ୫୦୦ମିଟର ସ୍ପ୍ରିଣ୍ଟ ସେମିରେ ୨:୦୭.୦୩୬ ସେକେଣ୍ଡର ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। କାନୋଇଁ ଓ କାୟାକିଂ ଇଭେଣ୍ଟରେ ଭାରତ ଏସିଆନ୍ ଗେମ୍ସରେ ମାତ୍ର ଗୋଟିଏ ପଦକ ହାସଲ କରିବାରେ ସମର୍ଥ ହୋଇଛି। **ଚେସ୍ :** ଚେସ୍‌ର ଦଳଗତ ଇଭେଣ୍ଟରେ ଭିଏତନାମକୁ ପରାସ୍ତ କରିଛି ଭାରତୀୟ ମହିଳା ଦଳ। ଶନିବାର ୨.୫ ଓ ୧.୫ ପଏଣ୍ଟରେ ଭାରତ ବିଜୟୀ ହୋଇଥିଲା। କୋନେରୁ ହମ୍ପି, ଭାନ୍ତିକା ଅଗ୍ରୱାଲ ନିଜର ମ୍ୟାଚ ଅମୀମାଂସିତ ରଖିଥିବା ବେଳେ ଆର. ବୈଶାଳୀ ବିଜୟୀ ହୋଇଥିଲେ।

## ୧୦,୦୦୦ ମିଟର ଚାଲିରେ ଭାରତକୁ ରୌପ୍ୟ, ବ୍ରୋଞ୍ଜ



୧୦ ହଜାର ମିଟା ଚାଲିରେ ରୌପ୍ୟ ବିଜେତା କାର୍ତ୍ତିକ କୁମାର(ବାମ) ଓ ବ୍ରୋଞ୍ଜ ବିଜେତା ଗୁଲବୀର ସିଂ।

ହାଙ୍ଗଝୋ,୩୦।୯(ପି.ଟି.)

ଭାରତୀୟ ଲଙ୍ଗ ଡିଷ୍ଟାନ୍ସ ରନର କାର୍ତ୍ତିକ୍ କୁମାର ଓ ଗୁଲବୀର ସିଂ ଏସିଆନ୍ ଗେମ୍ସ ୧୦ ହଜାର ମିଟର ଚାଲିରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। କାର୍ତ୍ତିକ ୨୮:୧୫.୩୮ ସେକେଣ୍ଡର ଟାଇମିଂ ସହିତ ରୌପ୍ୟ ପଦକ ହାସଲ କରିଥିବା ବେଳେ ଗୁଲବୀର ସିଂ ୨୮: ୧୭.୨୧ର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ଭାରତୀୟ ଖେଳାଳି ରେସ୍‌ର ଅନ୍ତିମ ୧୦୦ ମିଟରେ ପଦକ ରେସ୍‌ରେ ସାମିଲ ହୋଇଥିଲେ। ୩ ଜଣ ରେସ୍ ୱାକର ପରସ୍ପର ସହିତ ଧକା ହୋଇ ଟ୍ରାକରେ ପଡିଯିବା କାରଣରୁ ଦୁଇ ଭାରତୀୟଙ୍କୁ ପଦକ ଦୌଡରେ ସାମିଲ ହେବାର ସୁଯୋଗ ପାଇଥିଲେ। ବାହାରିନ୍‌ର ବିରହାନୁ ୟେମାଟାୱ ବାଲେ ୨୮:୧୩.୬୨ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ପାକିସ୍ତାନ ବିପକ୍ଷରେ ଭାରତର ବୃହତ୍ ବିଜୟ

ହାଙ୍ଗଝୋ,୩୦।୯(ପି.ଟି.)

ଅଧିନାୟକ ହରମନ୍‌ପ୍ରୀତ୍ ସିଂଙ୍କ ୪ ଗୋଲ ବଳରେ ପାକିସ୍ତାନକୁ ୧୦-୨ରେ ପରାସ୍ତ କରିଛି ଭାରତୀୟ ପୁରୁଷ ହକି ଦଳ। ପୁଲ୍ ଏରେ ସ୍ଥାନ ପାଇଥିବା ଭାରତ ଏହି ବିଜୟ ସହିତ ସେମି ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ବିପକ୍ଷରେ ଏହା ଭାରତୀୟ ଦଳର ସର୍ବବୃହତ ବିଜୟ। ହରମନ୍‌ପ୍ରୀତ (୧୧, ୧୭, ୩୩ ଓ ଓ ୩୪ ମିନିଟ)ରେ ଗୋଲ ସ୍କୋର କରିଥିଲେ। ବରୁଣ କୁମାର ୪୧ ଓ ୫୪ ମିନିଟରେ ଡବଲ ଗୋଲ ସ୍କୋର କରିଥିବା ବେଳେ ମନଦୀପ୍ ସିଂ(୮), ସୁମିତ(୩୦), ସମଶେର ସିଂ(୪୬) ଓ ଲଳିତ କୁମାର ଉପାଧ୍ୟାୟ(୪୯) ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଖାନ୍(୩୮ ମିନିଟ) ଓ ଅବଦୁଲ୍ ରାଣା(୪୫ ମିନିଟ) ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ୧୮୦ ତମ ମ୍ୟାଚ ହୋଇଥିବା ବେଳେ ଗୋଲ ବ୍ୟବଧାନରେ ଏହା ସର୍ବବୃହତ ବିଜୟ। ଏହା ପୂର୍ବରୁ ପାକିସ୍ତାନ ୧୯୮୨ରେ ଓ ଭାରତ ୨୦୧୭ରେ ୭-୧ରେ ବିଜୟ ହାସଲ କରିଥିଲା।

### ଏସିଆନ ଗେମ୍ସରେ ଭାରତର ପଦକ
(ଶନିବାର)

**ସ୍ୱର୍ଣ୍ଣ:**
* ରୋହନ ବୋପାନ୍ନା-ଋତୁଜା ଭୋସେଲ: ମିକ୍ସଡ ଡବଲ୍ସ ଟେନିସ।
* ପୁରୁଷ ସ୍କ୍ୱାଶ ଦଳ : ପୁରୁଷ ଟିମ୍ ଇଭେଣ୍ଟ।

**ରୌପ୍ୟ:**
* ସରବଜୋତ ସିଂ- ଦିବ୍ୟା ଟିଏସ୍ :୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ
*କାର୍ତ୍ତିକ କୁମାର: ୧୦,୦୦୦ ମିଟର ଚାଲି

**ବ୍ରୋଞ୍ଜ:**
* ଗୁଲବୀର୍ ସିଂ : ୧୦,୦୦୦ ମିଟର ଚାଲି।




ପାକିସ୍ତାନକୁ ହରାଇବା ପରେ ଉଲ୍ଲସିତ ଭାରତୀୟ ଦଳ।

## ନଜରରେ ପୂଜାରା, ଉନାଡକଟ୍, ବିହାରୀ

ରାଜକୋଟ୍,୩୦।୯(ପି.ଟି.)

ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ଓ ଭାରତ ମଧ୍ୟରେ ଇରାନୀ ଟ୍ରଫି ମ୍ୟାଚ ରବିବାରଠାରୁ ଆରମ୍ଭ ହେବ। ଏଥିରେ ଭେଟେରାନ ଚେତେଶ୍ୱର ପୂଜାରା ଓ ହନୁମା ବିହାରୀଙ୍କ ଭଳି ଷ୍ଟାର ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ନଜରରେ ରହିବାକୁ ଚାହିଁବେ। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମ ହେଉଛି ପୂଜାରାଙ୍କ ଅନ୍ୟତମ ଫେଭରିଟ୍ ଭେନ୍ୟୁ। ଗତ ଜୁଲାଇରେ ୱେଷ୍ଟଇଣ୍ଡିଜ ଟୁର୍‌ରୁ ବାଦ୍ ପଡ଼ିବା ପରେ ତାଙ୍କ ଟେଷ୍ଟ କ୍ୟାରିୟର ପ୍ରତି ବିପଦ ଦେଖାଦେଇଛି। ୩୫ ବର୍ଷୀୟ ଖେଳାଳି ଇଂଲିଶ କାଉଣ୍ଟି କ୍ରିକେଟରେ ସସେକ୍ସ ତରଫରୁ ଖେଳିବାବେଳେ ଚମତ୍କାର ଫର୍ମରେ ଥିଲେ। ମାତ୍ର ତାହା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପ୍ରତିଫଳିତ ହୋଇପାରି ନ ଥିଲା। ଭାରତବର୍ଷ ପରବର୍ତ୍ତୀ ଭାଗରେ ଦକ୍ଷିଣ ଆଫ୍ରିକା ଗସ୍ତ କରିବ। ଆସନ୍ତାବର୍ଷ ଇଂଲଣ୍ଡ ଟୁର୍‌ରେ ଆସିବ। ପୂଜାରା ଏହି ସୁଯୋଗ ହାତଛଡ଼ା କରିବାକୁ ଚାହିଁବେ ନାହିଁ। କିନ୍ତୁ ସୌରାଷ୍ଟ୍ରର ଏହି ଷ୍ଟାର ବ୍ୟାଟରଙ୍କୁ

**ଇରାନୀ ଟ୍ରଫି ଆଜିଠାରୁ**



ପେସ୍ ବୋଲର ବିଦ୍ୱାଥ କାଭେରାପ୍ପା, ନବଦ୍ୱୀପ ସାଇନି ଏବଂ ସ୍ପିନର ବି. ସାଇ ସୁଦର୍ଶନ ଏବଂ ଶାମ୍ସ ମୁଲାନୀଙ୍କ ବୋଲିଂ ଆକ୍ରମଣ ବିରୋଧରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ୍ ଏଥିରେ ଭଲ ପ୍ରଦର୍ଶନ କରିପାରିଲେ ଟେଷ୍ଟ ଦଳରେ ହୁଏତ ସେ ତାଙ୍କ ସ୍ଥାନ ବଜାୟ ରଖିପାରନ୍ତି। ୨୦୨୨-୨୩ ଘରୋଇ ସର୍କିଟରେ ଚମତ୍କାର ଫର୍ମ ଯୋଗୁ ଏହି ବାମହାତୀ ଖେଳାଳିଙ୍କୁ ୱେଷ୍ଟଇଣ୍ଡିଜ ଟୁର୍‌ରେ ଭାରତୀୟ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେଠାରେ ୩ଟି ଇନିଂସରେ ତାଙ୍କ ୨୬ ଓଭର ବୋଲିଂରେ ସେ ଉଇକେଟ ଶୂନ୍ୟ ରହିଥିଲେ। ଅବଶିଷ୍ଟ ଭାରତ ଏକାଦଶର ଅଧିନାୟକ ହନୁମା ବିହାରୀ ଗତ ବର୍ଷ ବର୍ମିଂହାମ୍‌ଠାରେ ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ଖେଳିବା ପରେ ଭାରତୀୟ ଦଳକୁ ଫେରିପାରି ନାହାନ୍ତି। ୨୯ ବର୍ଷୀୟ ଏହି ଖେଳାଳି ଗତ ଜୁଲାଇରେ ବେଙ୍ଗାଲୁରୁରେ ଦକ୍ଷିଣାଞ୍ଚଳକୁ ଦୁଲିପ ଟ୍ରଫି ଜିତାଇବାରେ ସଫଳ ହୋଇଥିଲେ। ଫାଇନାଲରେ ସେ ୬୩ ଓ ୪୨ ରନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଇରାନୀ ଟ୍ରଫିରେ ଭଲ ପ୍ରଦର୍ଶନ କରି ଭାରତୀୟ ଦଳରେ ମିଡଲ ଅର୍ଡର ସ୍ଥାନ ଫେରିବା ଲକ୍ଷ୍ୟରେ ସେ ଅଛନ୍ତି। ଏହି ସ୍ଥାନ ବର୍ତ୍ତମାନ ଅଜିଙ୍କ୍ୟ ରାହାନେ ଅକ୍ତିଆର କରିନେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟକୁ ଫେରି ରାହାନେ ଆଶାନୁରୂପ ପ୍ରଦର୍ଶନରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ମୁମ୍ବାଇର ସର୍ଫରାଜ ଖାନ୍ ଓ କର୍ନାଟକର ମୟଙ୍କ ଅଗ୍ରୱାଲ ଓପନିଂରେ ଏକ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି। ଗତ ଘରୋଇ ସିଜନରେ ଉଭୟେ ବହୁ ରନ୍ ସ୍କୋର କରିଥିଲେ। ଅଗ୍ରୱାଲ ସର୍ବାଧିକ ୯୯୦ ରନ ସଂଗ୍ରହ କରିଥିଲେ। ତେବେ ଶୁବମନ ଗିଲ୍ ଓ ଯଶସ୍ୱୀ ଜୟସ୍ୱାଲ ଭାରତୀୟ ଦଳର ସ୍କିମ୍‌ରେ ସେମାନଙ୍କ ସ୍ଥାନ ସୁଦୃଢ଼ କରିସାରିଛନ୍ତି।

**ଅବଶିଷ୍ଟ ଭାରତ ଦଳ:** ହନୁମା ବିହାରୀ (ଅଧିନାୟକ), କେ.ଏସ୍. ଭରତ, ମୟଙ୍କ ଅଗ୍ରୱାଲ, ୟାଶ ଧୂଲ, ଶାମ୍ସ ମୁଲାନୀ, ସାଇ ସୁଦର୍ଶନ, ସର୍ଫରାଜ ଖାନ୍, ପୁଲକିତ ନାରଙ୍ଗ, ସୌରଭ କୁମାର, ୟାଶ ଦୟାଲ, ନବଦୀପ ସଇନି, ବିଦ୍ୱାଥ କାଭେରାପ୍ପା, ଆକାଶ ଦୀପ, ରୋହନ କୁନୁମାଲ ଓ ଧ୍ରୁବ ଜୁରେଲ।

**ସୌରାଷ୍ଟ୍ର ଦଳ:** ଜୟଦେବ ଉନାଡକଟ୍ (ଅଧିନାୟକ), ଚେତେଶ୍ୱର ପୂଜାରା, ଶେଲ୍‌ଡନ ଜ୍ୟାକସନ, ଅର୍ପିତ ଭାସାଭାଦା, ହାର୍ଭିକ ଦେଶାଇ, ଧର୍ମେନ୍ଦ୍ର ସିଂ ଜାଡେଜା, ପ୍ରେରକ ମଙ୍କଡ, ଚିରାଗ ଜାନି, ଜୟ ଗୋହିଲ, ପାର୍ଥ ଭୁତ୍, ବିଶ୍ୱରାଜ ସିଂ ଜାଡେଜା, ସମର୍ଥ ଭ୍ୟାସ୍, ଯୁବରାଜ ସିଂ ଡୋଡିୟା, କୁଶାଙ୍ଗ ପଟେଲ, ସ୍ନେଲ ପଟେଲ, ଦେବାଙ୍ଗ କରମଟା।

## ମଣିପୁର ଜାତୀୟ ଜୁନିୟର ଫୁଟ୍‌ବଲ ଚାମ୍ପିୟନ

ଭୁବନେଶ୍ୱର,୩୦।୯(ସରୋଜ ଜେନା)

ଭୁବନେଶ୍ୱରରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବ୍ୟାପାର ପକ୍ଷରୁ ଅନୁଷ୍ଠିତ ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପରେ ବିଜୟୀ ହୋଇଛି ମଣିପୁର। ହେମମ ଲିଣ୍ଥୋଇ ଦେବୀଙ୍କ ୮୯ ତମ ମିନିଟ ଗୋଲ ବଳରେ ଦଳ ତାମିଲନାଡୁକୁ ୧-୦ରେ ପରାସ୍ତ କରିଛି। କଡା ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ସ୍କୋର କରିବା ପ୍ରୟାସରେ ବିଫଳ ହୋଇଥିବା ବେଳେ ୮୯ ତମ ମିନିଟରେ ହେମମ ଏକମାତ୍ର ଗୋଲଟି ଦେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପ ସଭାପତି ଦିଲୀପ କୁମାର ସାହୁ, ଯୁଗ୍ମ ସଚିବ ଅଭିଜିତ ପଲ୍, ବିଶ୍ୱ ରଞ୍ଜନ ଘଡେଇ, ସଙ୍ଗୀତା ଶର୍ମା ଓ ଫାଓର ମହିଳା କମିଟି ଅଧ୍ୟକ୍ଷା ସହଦେବ ରାଉତ ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ମଣିପୁର ଦଳ।

## ଏ ସପ୍ତାହର ପ୍ରଶ୍ନ

୧– .............. ଗ୍ରହରେ ସର୍ବାଧିକ ସଂଖ୍ୟାରେ ଉପଗ୍ରହ ରହିଛି ?
୨– ସବୁଠୁ ଦ୍ରୁତ ବେଗରେ ଉଡିପାରୁଥିବା ପକ୍ଷୀ ............. ?
୩– ଅକ୍ଟୋପସ୍‌ର ............ଟି ହୃତ୍‌ପିଣ୍ଡ ରହିଛି ?
୪– ମଣିଷ ଶରୀରର ଶକ୍ତ ମାଂସପେଶୀ .............. ?
୫– ଫିଫାର ଫୁଲ୍ ଫର୍ମ ................. ?

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ଅଗଷ୍ଟ ୨୩
୩ ଦଲାଇ ଲାମା ଓ ଡେସ୍‌ମଣ୍ଡ ଟୁଟୁ
୪ ସ୍ୱିଜରଲାଣ୍ଡ
୫ ଅହିରାଜ

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ପ୍ରଦୀପ କୁମାର ନାଏକ
ବଲାଙ୍ଗୀର


ନିର୍ବିକଳ୍ପ ନାଥ
ଭଦ୍ରକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଉଚ୍ଚା ପକ୍ଷୀ



୧– କମନ୍ ଅଷ୍ଟ୍ରିଚ୍.............................. ୨.୮ ମିଟର
୨– ସୋମାଲି ଅଷ୍ଟ୍ରିଚ୍.............................. ୨.୭୨ ମିଟର
୩– ଏମୁ .............................. ୧.୯ ମିଟର
୪– ସଦର୍ନ କ୍ୟାଜୋୟାରୀ.............................. ୧.୮ ମିଟର
୫– ଡାଲମାଟିଆନ୍ ପେଲିକାନ୍ .............................. ୧.୭୫ ମିଟର
୬– ନର୍ଦନ କ୍ୟାଜୋୟାରୀ .............................. ୧.୭ ମିଟର
୭– ମ୍ୟୁଟ୍ ସ୍ୱାନ୍ ଓ ଟ୍ରମ୍ପେଟର ସ୍ୱାନ୍ .............................. ୧.୭ ମିଟର
୮– ଗ୍ରେଟର ରେଆ .............................. ୧.୫ ମିଟର
୯– ମାରାବୋଉ ଷ୍ଟର୍କ .............................. ୧.୫ ମିଟର
୧୦– ଶୋଏବିଲ୍ .............................. ୧.୫ ମିଟର

## ଜାଣନ୍ତୁ ଦୁନିଆ

# ଟେକ୍ନୋଲୋଜି

**ବର୍ତ୍ତମାନ ଆମେ ଟେକ୍ନୋଲୋଜି ଉପରେ ଏତେ ନିର୍ଭରଶୀଳ ଯେ, ଏହା ବିନା କୌଣସି କାର୍ଯ୍ୟ କଳ୍ପନା କରିବା ଯେପରି ଅସମ୍ଭବ ମନେହେଉଛି। ତେବେ ଆସନ୍ତୁ ଜାଣିବା ଏହି ଟେକ୍ନୋଲୋଜିକୁ ନେଇ କେତୋଟି କୌତୂହଳପୂର୍ଣ୍ଣ ତଥ୍ୟ...**

⏭ଆମେରିକାର ପଦାର୍ଥବିଜ୍ଞାନୀ ଜନ୍ ମୌଚ୍‌ଲୀ ଏବଂ ଇଞ୍ଜିନିୟର ଜେ. ପ୍ରେସ୍ପର୍ ଏକର୍ଟଙ୍କ ଦ୍ୱାରା ୧୯୪୩ ମସିହାରେ ପୃଥିବୀର ପ୍ରଥମ କମ୍ପ୍ୟୁଟର ଏନିଆକ୍ (ଇଲେକ୍ଟ୍ରୋନିକ୍ ନ୍ୟୁମେରିକାଲ ଇଣ୍ଟିଗ୍ରେଟର ଆଣ୍ଡ କମ୍ପ୍ୟୁଟର) ଉଦ୍ଭାବନ କରାଯାଇଥିଲା। ଏହାର ଲମ୍ବା ୫୦ ଫୁଟ୍ ଏବଂ ଚଉଡା ୩୦ ଫୁଟ ଥିଲା। ଏହି ବୃହଦାକାର କମ୍ପ୍ୟୁଟରର ଦାମ୍ ୪,୫୦,୦୦୦ ଡଲାର ଥିଲା।

⏭୧୯୬୯ ମସିହା ଅକ୍ଟୋବର ୨୯ ତାରିଖରେ ଆମେରିକାର ସୁରକ୍ଷା ବିଭାଗର ଆଡଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ଦ୍ୱାରା ୪ଟି ୟୁନିଭର୍ସିଟିକୁ କମ୍ପ୍ୟୁଟର ନେଟ୍‌ୱର୍କିଂ ଦ୍ୱାରା ଯୋଡି ରଖାଯାଇଥିଲା, ଯାହାର ନାମ ଅର୍ପାନେଟ୍ (ଆଡ୍‌ଭାନ୍ସ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ) ରଖାଯାଇଥିଲା।

⏭୧୯୮୩ ଅକ୍ଟୋବରରେ ମାଇକ୍ରୋସଫ୍ଟ ଦ୍ୱାରା ୱାର୍ଡ ପ୍ରୋସେସିଂ ସଫ୍ଟୱେର ଏମ୍‌ଏସ୍ ୱାର୍ଡ ଆରମ୍ଭ କରାଯିବା ପରେ କମ୍ପ୍ୟୁଟରରେ ଟାଇପ୍ କରିବା ସହଜ ହୋଇପାରିଲା।

⏭ବ୍ରିଟିଶ୍ ବୈଜ୍ଞାନିକ ଟିମ୍ ବର୍ନର୍ସ ଲି ୧୯୯୦ ମସିହାରେ ୱାର୍ଲ୍ଡ ୱାଇଡ୍ ୱେବ୍(ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ଆବିଷ୍କାର କରିଥିଲେ। ୧୯୯୨ରେ ଇଲିନୋଇସ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଥମ ୱେବ୍ ବ୍ରାଉଜର୍ ଲଞ୍ଚ କରାଯାଇଥିଲା।

⏭ଟେକ୍ନୋଲୋଜି ଦୁନିଆରେ ଆହୁରି ଉନ୍ନତି ଘଟିଲା ସ୍ମାର୍ଟଫୋନ୍ ଆସିବାପରେ। ଆଇବିଏମ୍ ଦ୍ୱାରା ୧୯୯୨ ମସିହାରେ ସ୍ମାର୍ଟଫୋନ୍ ଆରମ୍ଭ କରାଯାଇଥିଲା, ଯାହାକୁ ଫ୍ରାଙ୍କ୍ କାନୋଭା ତିଆରି କରିଥିଲେ।

⏭ଇଣ୍ଟରନେଟ୍‌ର ସବୁଠୁ ବଡ଼ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ୧୯୯୮ ମସିହା ସେପ୍ଟେମ୍ବର ୨୭ ତାରିଖରେ ଲ୍ୟାରୀ ପେଜ୍ ଏବଂ ସର୍ଗି ବ୍ରେନ୍‌ଙ୍କ ଦ୍ୱାରା ଏକ ରିସର୍ଚ୍ଚ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଥିଲା।



# ନୂଆ ଜାଗାରେ ଜବ୍...

**ନୂଆ ଜବ୍ ପାଇଁ ହେଉ ଅବା ଟ୍ରାନ୍ସଫର ହେଲେ କିମ୍ବା ଜବ୍ ପରିବର୍ତ୍ତନ କରୁଥିଲେ, ନୂଆ ସ୍ଥାନକୁ ଯିବାକୁ ହୋଇଥାଏ। ହେଲେ ପ୍ରାରମ୍ଭିକ ସମୟରେ ଏକ ନୂଆ ସହରରେ ଆଡ୍‌ଜଷ୍ଟ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ ...**



**କିପରି ନେବେ ଘର:** ଜବ୍ ପାଇଁ କୌଣସି ନୂଆ ସ୍ଥାନକୁ ଯିବାକୁ ହେଲେ ପ୍ରଥମେ ଅଫିସ୍‌ଠାରୁ ଅଳ୍ପ ଦୂରରେ ଘର ଖୋଜନ୍ତୁ। ସେଠାରେ ଯଦି ପୂର୍ବରୁ କେହି ବନ୍ଧୁ କିମ୍ବା ପରିଚିତ ରହୁଥା'ନ୍ତି, ତେବେ ସେମାନଙ୍କ ସହାୟତା ମାଗନ୍ତୁ; ଅଧିକ ଉପକୃତ ହେବେ। ଯଦି ଏଭଳି ସୁବିଧା ନାହିଁ, ତେବେ ଇଣ୍ଟରନେଟ୍‌ର ସାହାଯ୍ୟ ନିଅନ୍ତୁ। ବର୍ତ୍ତମାନ କେତେକ ୱେବ୍‌ସାଇଟ୍‌ରେ ଅଧିକାଂଶ ସହରରେ ଥିବା ରେଣ୍ଟେଡ୍ ହାଉସ୍ ବିଷୟରେ ସୂଚନା ମିଳିଯାଉଛି, ଯେଉଁଥିରୁ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ଘର ଏବଂ କେତେଟଙ୍କା ଭଡ଼ା ଆଦି ଜାଣିପାରିବେ।

**ଏକା ରହୁଥିଲେ:** ଯଦି ସାଙ୍ଗରେ କେହି ପରିବାର ସଦସ୍ୟ ରହିବା ପାଇଁ ଚାହାନ୍ତି, ତେବେ ଯେକୌଣସି ସ୍ଥାନରେ ଭଲ ଘର ନେଇପାରିବେ। ହେଲେ ଏକା ରହିବାକୁ ପଡୁଥିଲେ ସର୍ବଦା ଅଧିକ ଲୋକ ରହୁଥିବା ଭଳି ସ୍ଥାନ ଯେପରି ଆପାର୍ଟମେଣ୍ଟ କିମ୍ବା କୌଣସି ଘରୋଇ ଲୋକଙ୍କ ଘରେ ଭଡ଼ା ରହିବା ନିରାପଦ। ଏହାବ୍ୟତୀତ ଅନେକ ସ୍ଥାନରେ ମେସ୍‌ର ବ୍ୟବସ୍ଥା ମଧ୍ୟ ରହିଛି, ଯେଉଁଠି ରହିବା ବି ଭଲ।

**ମେଡ୍ ରଖୁଥିଲେ:** କାର୍ଯ୍ୟବ୍ୟସ୍ତତା ଭିତରେ ଘର କାମ କରିବା ଅନେକ କର୍ମଜୀବୀଙ୍କ ପାଇଁ ସହଜ ହୋଇ ନ ଥାଏ। ତେଣୁ ସେମାନେ ମେଡ୍ ଏବଂ ରୋଷେଇ ପାଇଁ କୁକ୍ ମଧ୍ୟ ରଖିଥାଆନ୍ତି। ହେଲେ ନୂଆ ଜାଗାରେ ଏମାନଙ୍କୁ ରଖୁଥିଲେ କୌଣସି ବିଶ୍ୱସ୍ତ ଏଜେନ୍ସିରୁ ହିଁ ମେଡ୍ ରଖନ୍ତୁ। ସେମାନଙ୍କ ଆଧାରକାର୍ଡ ଏବଂ ଅନ୍ୟ ପରିଚୟ ପତ୍ର ଦେଖନ୍ତୁ। ଘରେ ଥିବା ବେଳେ ସେମାନଙ୍କୁ ଆସିବାକୁ କୁହନ୍ତୁ। ନ ଥିବା ବେଳେ ବିଶ୍ୱାସରେ କାହାକୁ ଚାବି ଦେଇଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ।

**ଟ୍ରାନ୍ସପୋର୍ଟ ସୁବିଧା:** ଯଦି ଆପଣଙ୍କର ପର୍ସନାଲ ଗାଡ଼ି ଅଛି, ତେବେ ଭଡ଼ାଘରେ ଏହାର ପାର୍କିଂ ସୁବିଧା ଅଛିକି ନାହିଁ ପ୍ରଥମେ ବୁଝିନିଅନ୍ତୁ। ଯଦି ଗାଡ଼ି ନାହିଁ ଏବଂ ଆପଣଙ୍କୁ ପବ୍ଲିକ୍ ଟ୍ରାନ୍ସପୋର୍ଟ ଉପରେ ନିର୍ଭର କରିବାକୁ ପଡ଼େ, ତେବେ ଘର ଭଡ଼ା ନେବା ପୂର୍ବରୁ ପାଖରେ ଏହି ବ୍ୟବସ୍ଥା ଅଛି କି ନାହିଁ ବୁଝିନିଅନ୍ତୁ।

**ମାର୍କେଟ୍:** ନିଜର ପ୍ରତ୍ୟେକ ଆବଶ୍ୟକ ସାମଗ୍ରୀ କିଣିବା ଲାଗି ମାର୍କେଟ୍ ଯିବାକୁ ପଡ଼ିଥାଏ। ତେଣୁ ନୂଆ ସ୍ଥାନରେ ଘର ଭଡ଼ା ନେବାବେଳେ ପାଖରେ ମାର୍କେଟ୍ ଅଛି କି ନାହିଁ ଦେଖିନିଅନ୍ତୁ।

**ମେଡିକାଲ୍ ସୁବିଧା:** ସେହିପରି ରହିବା ପୂର୍ବରୁ ନିକଟରେ କେଉଁଠି ମେଡିକାଲ ଅଛି ମଧ୍ୟ ଭଲ ଭାବେ ବୁଝିନିଅନ୍ତୁ, କାରଣ ଏହାଦ୍ୱାରା କେବେ ଦେହ ଖରାପ ହେଲେ ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସା କରାଇବା ସହଜ ହୋଇପାରିବ।

**ଆପଣାନ୍ତୁ କ୍ୟାଶ୍‌ଲେସ୍ ବ୍ୟବସ୍ଥା:** ନୂଆ ସ୍ଥାନରେ ରହିବାକୁ ହେଲେ ବିଶେଷକରି ଏକା ରହୁଥିଲେ ସୁରକ୍ଷା ଦୃଷ୍ଟିରୁ ପାଖରେ ଅଧିକ ଟଙ୍କା ନ ରଖି କ୍ୟାଶ୍ ବଦଳରେ କାର୍ଡ କିମ୍ବା ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ। ଏଟିଏମ୍‌ରୁ ଟଙ୍କା ବାହାର କରିବାକୁ ଥିଲେ ସବୁବେଳେ ଦିନ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ।

**ଲୋକ ସମ୍ପର୍କ ବଢ଼ାନ୍ତୁ–** ଆଜିକାଲି ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ହେଲେ ଜବ୍ ପାଇଁ ନୂଆ ସ୍ଥାନରେ ରହୁଥିଲେ ଘର ମାଲିକ, ପାଖ ପଡ଼ୋଶୀଙ୍କଠାରୁ ଆରମ୍ଭ କରି ଅଫିସ୍‌ରେ ବସ୍ ଓ ସହକର୍ମୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିଲେ ନୂଆ ଜାଗାରେ ହଠାତ୍ ଆବଶ୍ୟକ ବେଳେ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଏହିମାନେ ନିଶ୍ଚୟ ସାହାଯ୍ୟ କରିବେ।







## କ'ଣ କୁହନ୍ତି ଏମାନେ...



**ଅମ୍ରିତ୍ କୁମାର ଜେନା** (ସଫ୍ଟୱେର୍ ଇଞ୍ଜିନିୟର, ବାଙ୍ଗାଲୋର୍)– ଜବ୍ ପାଇଁ ଯେବେ ଯାଜପୁରରୁ ବାଙ୍ଗାଲୋର ଆସିଲି, ଏକ ନୂଆ ଜାଗାରେ କେମିତି ରହିବି ବଡ଼ ଚିନ୍ତା ଥିଲା। ଅଫିସ୍‌ରେ ଜଏନ୍ କରିବା ପୂର୍ବରୁ ଯୋଗାଯୋଗ କରି ମୋର ଏଠାରେ ଥିବା ଦୁଇ ଜଣ ସାଙ୍ଗଙ୍କୁ ଭେଟିଲି। ଆମେ ତିନିଜଣ ମିଶି ସମସ୍ତଙ୍କୁ ଅଫିସ୍ ଯିବାକୁ ସୁବିଧା ହେଉଥିବା ଭଳି ସ୍ଥାନରେ ଘର ଭଡ଼ା ନେଇ ରହିଲୁ। ଫଳରେ ମୋ ସହ ଘରଲୋକଙ୍କୁ ବି ମୁଁ ଏଠାରେ ଏକୁଟିଆ ରହିବାର ଭୟ ଦୂର ହୋଇଛି । ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଆମେ ବାହାରେ ନ ଖାଇ ଏକାଠି ରାନ୍ଧି ଖାଇବାକୁ ବି ସୁବିଧା ହେଉଛି। ତା'ଛଡା ତିନିଜଣଙ୍କ ଅଫିସ୍ ଟାଇମ୍ ଅଲଗା ହୋଇଥିବାରୁ ଘର ସବୁ ବେଳେ ଫାଙ୍କା ରହିବାକୁ ମଧ୍ୟ ପଡୁନାହିଁ, ଯଦ୍ୱାରା ଚୋରି ଆଶଙ୍କା ବି କମ୍।



**ଦୀପ୍ତିମୟୀ ସ୍ୱାଇଁ** (କର୍ମଜୀବୀ, ଭୁବନେଶ୍ୱର)– ପାଠପଢ଼ା ପରେ ଚାକିରି କରି ରୋଜଗାରକ୍ଷମ ହେବାକୁ କିଏ ବା ନ ଚାହେଁ! ହେଲେ ଯେବେ ଚାକିରି ମିଳିଲା ମନ ଯେତିକି ଖୁସି ଥିଲା, ପ୍ରଥମ ଥର ଘରଠାରୁ ଦୂରରେ ଏକାକୀ ନୂଆ ସହରରେ କିପରି ରହିବି ଚିନ୍ତା ଲାଗୁଥିଲା। ପରିବାର ଲୋକଙ୍କ ସହ ଆସି ଅଫିସ୍‌ରେ ଜଏନ୍ କରିବା ପୂର୍ବରୁ ଘର ଖୋଜିଲି। ଏକା ଭଡ଼ା ରହିବା ଅପେକ୍ଷା ଅଫିସ୍ ହଷ୍ଟେଲ୍‌ରେ ଅନ୍ୟମାନଙ୍କ ସହିତ ରହିବା ଅଧିକ ନିରାପଦ ମନେହେଲା। ତା'ଛଡ଼ା ଏଠାରେ ନିଜେ ରାନ୍ଧିବାର ଟେନ୍‌ଶନ୍ ବି ନାହିଁ। ତେବେ ଏସବୁ ବ୍ୟତୀତ ମୋ ମତରେ ଏକ ଅଜଣା ଜାଗାରେ ନିଜକୁ ଆଡ୍‌ଜଷ୍ଟ କରିବା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମସ୍ତଙ୍କ ସହ ବିଶେଷକରି ନିଜ ରୁମ୍‌ମେଟ୍‌ମାନଙ୍କ ସହ ଉତ୍ତମ ବନ୍ଧୁତା ସ୍ଥାପନ କରିବା। ଫଳରେ ଆବଶ୍ୟକ ସମୟରେ ସେହିମାନେ ହିଁ ପ୍ରଥମେ ସହାୟତାର ହାତ ବଢ଼ାଇବେ।



**ଭାଗବତ ବେହେରା** (କର୍ମଜୀବୀ, ପୁରୀ)– ଭୁବନେଶ୍ୱରରେ ଏକ ଘରୋଇ ଡାକ୍ତଖାନାରେ କାର୍ଯ୍ୟରତ। ପ୍ରତିଦିନ ଘରୁ ଏତେ ଦୂର ଯିବାଆସିବା କରିବା ସମ୍ଭବ ନ ଥିଲା। ତେଣୁ ଜଣେ ପରିଚିତଙ୍କ ସହାୟତାରେ ଭଲ ଘରଟିଏ ଖୋଜି ଭଡା ନେଇ ରହୁଛି। ଘର ଖୋଜିବା ବେଳେ ଅଫିସ୍‌ଠୁ କମ୍ ଦୂର ହେବା ସହ ଏହା ପାଖରେ ମାର୍କେଟ୍ ଓ ଅନ୍ୟାନ୍ୟ ସୁବିଧା ଅଛି ନା ନାହିଁ ଦେଖିଥିଲି। ଧୀରେ ଧୀରେ ଘରମାଲିକ ଏବଂ ପାଖ ପଡ଼ୋଶୀଙ୍କ ସହ ମିଳାମିଶା କଲି ଏବଂ ସ୍ଥାନୀୟ ଅଞ୍ଚଳ ବିଷୟରେ ଭଲ ଭାବେ ଜାଣିଲି। ଫଳରେ ଖୁବ୍ କମ୍ ଦିନ ଭିତରେ ଏହି ସ୍ଥାନ ମୋତେ ନା ଆଉ ନୂଆ ଭଳି ମନେହେଲା ନା ଏକା ରହିବାର ଭୟ ରହିଲା। ତେବେ ଏସବୁ ବ୍ୟତୀତ ଏକା ରହୁଥିବାରୁ ସୁରକ୍ଷା ଦୃଷ୍ଟିରୁ ବାହାରକୁ ଯିବା ବେଳେ ଭଲ ଭାବେ ଘର ବନ୍ଦ କରିବା ଏବଂ ପାଖରେ କମ୍ କ୍ୟାଶ୍ ରଖିବା ଆଦି ପ୍ରତି ଧ୍ୟାନ ଦେଇଥାଏ।

## ୟୁଥ୍ ଆଲର୍ଟ

# କଫି ପିଉଥିଲେ...

**ଶରୀରକୁ ଫୁର୍ତ୍ତି କରିବା ଲାଗି ଅନେକେ କଫି ପିଇଥାଆନ୍ତି। ଏମିତିକି କାହା କାହାର ଏକ କପ୍ କଫି ସହିତ ସକାଳ ନିଦ ଭାଙ୍ଗେ । ହେଲେ ଆପଣ ଜାଣନ୍ତି କି, ଦିନ ଭିତରେ ବାରମ୍ବାର ବା ଆବଶ୍ୟକଠାରୁ ଅଧିକ କଫି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ...**



⏭କଫି ପିଇବା ଅନେକଙ୍କର ଏକ ଅଭ୍ୟାସ। ମନ ଏବଂ ଶରୀରକୁ ରିଲାକ୍ସ କରିବା ଲାଗି ଅନେକେ ଦିନରେ ଏକାଧିକ ଥର ମଧ୍ୟ କଫି ପିଇଥାଆନ୍ତି। ହେଲେ ଏହା ଏକ ଆଡିକ୍ସନରେ ପରିଣତ ହୋଇଯିବାରୁ ଯେଉଁଦିନ କଫି ନ ମିଳେ ମୁଣ୍ଡ ବିନ୍ଧିବା, ଅଳସୁଆ ବା ମାନ୍ଦା ଲାଗିବା ଭଳି ସମସ୍ୟା ଉପୁଜିଥାଏ।

⏭ଆଡ୍ରେନାଲ୍ ଗ୍ଲାଣ୍ଡ ପ୍ରାକୃତିକ ଉପାୟରେ ଶରୀରକୁ ଶକ୍ତି ଯୋଗାଇଥାଏ। କଫିରେ ଥିବା ପ୍ରଚୁର ପରିମାଣରେ କଫିନ୍ ଆଡ୍ରେନାଲ୍ ଗ୍ଲାଣ୍ଡକୁ ଶରୀରକୁ ଶକ୍ତି ଯୋଗାଉଥିବା ହର୍‌ମୋନ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ହେଲେ ବାରମ୍ବାର କଫି ପିଇବା ଦ୍ୱାରା ଆଡ୍ରେନାଲ୍ ଗ୍ଲାଣ୍ଡ ଉପରେ ଚାପ ପଡ଼ିଥାଏ। ଫଳରେ ତାହା ପ୍ରାକୃତିକ ଉପାୟରେ ଶକ୍ତି ଯୋଗାଇ ନ ପାରିବା ସହ ଆଡ୍ରେନାଲ୍ ଫଟିଗ୍, ବର୍ନଆଉଟ୍ କିମ୍ବା ହର୍ମୋନ ଇମ୍‌ବାଲାନ୍ସ ଭଳି ସମସ୍ୟା ଉପୁଜିଥାଏ।

⏭ମାନସିକ ଚାପ ଦୂର କରିବା ଲାଗି ଅନେକେ କଫି ପିଅନ୍ତି। ଏହାଦ୍ୱାରା କିଛି ସମୟ ପାଇଁ ଏଥିରୁ ମୁକ୍ତି ମିଳିଥାଏ। ହେଲେ ଟେନ୍‌ସନ୍ ଫ୍ରି ହେବା ଆଳରେ ବାରମ୍ବାର କଫି ପିଇଲେ ଶରୀରରେ କର୍ଟିସଲ୍ ଏବଂ ଇନ୍‌ସୁଲିନ୍ କ୍ଷରଣ ବୃଦ୍ଧି କରିଥାଏ। ଫଳରେ ଶରୀରରେ ଚର୍ବି ଅଂଶ ବଢ଼ିଥାଏ। କେବଳ ଏତିକି ନୁହେଁ, ବାରମ୍ବାର କଫି ପିଇବା ଦ୍ୱାରା ଇନ୍‌ସୁଲିନ୍ କ୍ଷରଣ କମିଥାଏ, ଯାହାକି ଡାଇବେଟିସ୍ ହେବାର ମୁଖ୍ୟ କାରଣ।

⏭କଫି ଏସିଡିକ୍ ବା ଏଥିରେ ଅମ୍ଳଭାଗ ଅଧିକ। ତେଣୁ ଅଧିକ କଫି ପିଇବା ଦ୍ୱାରା ଏସିଡିଟି, ଛାତି ଜଳିବା, ପିଏଚ୍ ବାଲାନ୍ସ ଅସନ୍ତୁଳିତ ହେବା, ବଦହଜମୀ ହେବା ସହ ହାଡ଼ ଏବଂ ଜଏଣ୍ଟରେ ଯନ୍ତ୍ରଣା ହେବା ଆଦି ସମସ୍ୟା ଦେଖାଦେଇଥାଏ।

⏭କଫିରେ ଅଧିକ ମାତ୍ରାରେ ଥିବା ଅକ୍ସାଲେଟ୍ସ ରକ୍ତରେ ଥିବା କ୍ୟାଲ୍‌ସିୟମ୍ ସହିତ ମିଶି କ୍ୟାଲ୍‌ସିୟମ୍ ଅକ୍ସାଲେଟ୍ ସୃଷ୍ଟି କରିଥାଏ। ଯାହାର ମାତ୍ରା ଶରୀରରେ ଅଧିକ ହେବା ଦ୍ୱାରା କିଡ୍‌ନୀ ଷ୍ଟୋନ୍ ହେବାର ଆଶଙ୍କା ବଢ଼ାଇଥାଏ।



# ବୋପାନ୍ନା-ଭୋସ୍‌ଲେଙ୍କୁ ମିକ୍ସଡ୍ ଡବଲ୍ସ ସ୍ୱର୍ଣ୍ଣ

**ହାଙ୍ଗଝୋ,୩୦।୯(ପି.ଟି.)**

ଶନିବାର ଏସିଆନ୍ ଗେମ୍ସ ୨୦୨୩ର ଟେନିସ୍ ମିକ୍ସଡ ଡବଲ୍ସରେ ଭାରତର ରୋହନ ବୋପାନ୍ନା ଓ ଋତୁଜା ଭୋସ୍‌ଲେଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଯୋଡି ୨-୬, ୬-୩ ଓ ୧୦-୪ ସେଟ୍‌ରେ ଚାଇନିଜ୍ ତାଇପେର ସୁଙ୍ଗ ହାଓ ହୁଆଙ୍ଗ ଓ ଏନ୍ ଶୁଓ ଲିଆଙ୍ଗଙ୍କୁ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଭାରତୀୟ ଯୋଡି ଆରମ୍ଭରୁ ପଛୁଆ ରହିଥିଲା। ପ୍ରଥମ ସେଟ୍‌କୁ ୨-୧ରେ ହାରିବା ପରେ ପରବର୍ତ୍ତୀ ଦୁଇ ସେଟ୍‌କୁ ଦଳ ସହଜରେ ଜିତି ନେଇଥିଲା। ଆରମ୍ଭରୁ ଋତୁଜାଙ୍କ ସର୍ଭିସ୍ ଠିକ୍ ନ ଥିବା ବେଳେ ଦ୍ୱିତୀୟ ସେଟ୍‌ରୁ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ବୋପାନ୍ନାଙ୍କ ଅଭିଜ୍ଞତା ଭାରତ ପାଇଁ ବେଶ୍ ଲାଭଦାୟକ ହୋଇଥିଲା। ଏହା ସହିତ ଭାରତ ଟେନିସ୍ ଇଭେଣ୍ଟରେ ଦ୍ୱିତୀୟ ପଦକ ହାସଲ କରିଥିବା ବେଳେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଅଭିଯାନ ଶେଷ କରିଛି। ଏହା ପୂର୍ବରୁ ସାକେତ ମାଇନେନି ଓ ରାମକୁମାର ରାମନାଥନ ଭାରତ ପାଇଁ ପୁରୁଷ ଡବଲ୍ସରେ ରୌପ୍ୟ ପଦକ ଜିତିଥିଲେ। ପ୍ରଥମ ସେଟ୍‌ରେ ଋତୁଜାଙ୍କ ରିଟର୍ନରେ ସମସ୍ୟା ରହିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ବୋପାନ୍ନା ଉଭୟଙ୍କ ସାଇଡ୍ ପରିବର୍ତ୍ତନ କରିଥିଲେ। ସାଇଡ୍ ଚେଞ୍ଜ ହେବା ପରେ ୨୭ ବର୍ଷୀୟା ଋତୁଜା ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମ ଦୁଇ ସେଟ୍ ପରେ ମ୍ୟାଚ୍ ୧-୧ରେ ରହିଥିବା ବେଳେ ଅନ୍ତିମ ସେଟ୍ ଟାଇବ୍ରେକରରେ ଫଇସଲା ହୋଇଥିଲା। ଭାରତୀୟ ଯୋଡି ଏଥିରେ ୧୦-୪ରେ ବାଜି ମାରି ନେଇଥିଲେ। ଉଭୟ ନିଜର ଖେଳ ଶୈଳୀ ସହିତ ଅଭ୍ୟସ୍ତ । ତେଣୁ ପ୍ରଥମ ସେଟ୍ ହାରିବା ପରେ ସାଇଡ ବଦଳେଇବାକୁ ନିଷ୍ପତ୍ତି ନେଇଥିଲୁ, ଯାହା ଫଳପ୍ରଦ ହୋଇଥିଲା ବୋଲି ମ୍ୟାଚ ପରେ ପ୍ରତିକ୍ରିୟାରେ କହିଛନ୍ତି ରୋହନ ବୋପାନ୍ନା। ସମ୍ଭବତଃ ନିଜ କ୍ୟାରିୟରର ଅନ୍ତିମ ଏସିଆନ୍ ଗେମ୍ସ ଖେଳୁଥିବା ବୋପାନ୍ନା ବର୍ତ୍ତମାନ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହକି ମ୍ୟାଚ୍ ଦେଖିବେ ବୋଲି କହିଛନ୍ତି। ପୂର୍ବରୁ ମ୍ୟାଚ୍ ଦେଖିବା ପାଇଁ ଯୋଜନା କରିଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା।


ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିବା ପରେ ଭାରତୀୟ ଖେଳାଳିଙ୍କ ସହ ବୋପାନ୍ନାଙ୍କ ସେଲ୍ଫି।

## ଭାରତକୁ ଟେନିସ୍‌ରେ ଦ୍ୱିତୀୟ ପଦକ

ଅନ୍ୟ ମ୍ୟାଚରେ ଭାରତକୁ ସମର୍ଥନ କରିବା ପାଇଁ ଏହା ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ବୋପାନ୍ନା କହିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଏସିଆନ୍ ଗେମ୍ସ ପଦକ ହାସଲ କରିଥିବା ଋତୁଜା ପ୍ରଥମ ସେଟ୍‌ରେ ନର୍ଭସ ଥିବା ସ୍ୱୀକାର କରିଛନ୍ତି। ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ମୁଁ ସାମାନ୍ୟ ନର୍ଭସ ରହିଥିଲି। ସର୍ଭିସ୍‌ରେ ସମସ୍ୟା ରହିଥିବା ବେଳେ ଦ୍ୱିତୀୟ ସେଟ୍ ବେଳକୁ ଏଥିରେ ସୁଧାର ଆଣିବାରେ ସମର୍ଥ ହୋଇଥିଲି ବୋଲି ଋତୁଜା କହିଛନ୍ତି। ତେବେ ଏସିଆନ୍ ଗେମ୍ସ ଟେନିସରେ ଭାରତୀୟ ଦଳର ଏହା ସବୁଠାରୁ ଖରାପ ପ୍ରଦର୍ଶନ। ୨୦୦୨ ଓ ୨୦୦୬ରେ ଭାରତୀୟ ଦଳ ୪ଟି ପଦକ ହାସଲ କରିଥିବା ବେଳେ ୨୦୧୦ ଓ ୨୦୧୪ରେ ୫ଟି ଲେଖାଏ ପଦକ ହାସଲ କରିଥିଲା। ୨୦୧୮ ଜାକାର୍ତ୍ତା ଇଭେଣ୍ଟରେ ଭାରତ ୩ ପଦକ ହାସଲ କରିଥିଲା। ସିଙ୍ଗଲ୍ସରେ ଭାରତୀୟ ଖେଳାଳିଙ୍କ ପଦକ ନୈରାଶ୍ୟଜନକ ରହିଥିବା ବେଳେ ପୁରୁଷ ଡବଲ୍ସରେ ପଦକ ଫେଭରିଟ୍ ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରି ନିରାଶ କରିଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧୪ | ୬୮ | ୩୪ | ୨୨୬ |
| ଜାପାନ | ୨୮ | ୩୮ | ୩୮ | ୧୦୪ |
| ଦ.କୋରିଆ | ୨୭ | ୨୯ | ୮୩ | ୧୦୯ |
| ଭାରତ | ୧୦ | ୧୪ | ୧୪ | ୩୮ |
| ଉଜ୍‌ବେକିସ୍ତାନ | ୧୦ | ୧୧ | ୧୬ | ୩୭ |
| ଥାଇଲାଣ୍ଡ | ୮ | ୪ | ୧୪ | ୨୬ |
| ଚାଇନିଜ ତାଇପେ | ୭ | ୯ | ୯ | ୨୫ |
| ହଂକଂ | ୫ | ୧୫ | ୧୮ | ୩୮ |
| ଉ.କୋରିଆ | ୫ | ୭ | ୪ | ୧୬ |
| ଇରାନ | ୩ | ୧୧ | ୧୧ | ୨୫ |
| କାଜାଖସ୍ତାନ | ୩ | ୪ | ୧୯ | ୨୬ |
| ମାଲେସିଆ | ୩ | ୩ | ୧୨ | ୧୮ |
| ଇଣ୍ଡୋନେସିଆ | ୩ | ୩ | ୧୦ | ୧୬ |
| ବାହାରିନ | ୩ | ୧ | ୨ | ୬ |
| ସିଙ୍ଗାପୁର | ୨ | ୫ | ୪ | ୧୧ |
| ଭିଏତନାମ | ୧ | ୨ | ୧୨ | ୧୫ |
| କାତାର | ୧ | ୨ | ୨ | ୫ |
| ଫିଲିପାଇନ୍ସ | ୧ | ୧ | ୬ | ୮ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| ତାଜିକିସ୍ତାନ | ୧ | ୧ | ୨ | ୪ |
| କୁଏଟ୍ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ସାଉଦି ଆରବ | ୧ | ୦ | ୧ | ୨ |
| ମଙ୍ଗୋଲିଆ | ୦ | ୨ | ୫ | ୭ |
| ଜୋର୍ଡାନ | ୦ | ୨ | ୧ | ୩ |
| ବ୍ରୁନେଇ | ୦ | ୧ | ୦ | ୧ |
| ଓମାନ | ୦ | ୧ | ୦ | ୧ |
| ଶ୍ରୀଲଙ୍କା | ୦ | ୧ | ୦ | ୧ |
| ଆଫଗାନିସ୍ତାନ | ୦ | ୦ | ୩ | ୩ |
| ଲାଓସ | ୦ | ୦ | ୨ | ୨ |
| ବାଂଲାଦେଶ | ୦ | ୦ | ୧ | ୧ |
| ଇରାକ | ୦ | ୦ | ୧ | ୧ |
| ଲେବାନନ | ୦ | ୦ | ୧ | ୧ |

# ସରବଜୋତ୍, ଦିବ୍ୟାଙ୍କୁ ରୌପ୍ୟ

**ହାଙ୍ଗଝୋ,୩୦।୯(ପି.ଟି.)**

ଚଳିତ ଏସିଆନ ଗେମ୍ସର ଶୁଟିଂରେ ଭାରତୀୟ ଶୁଟରଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶନିବାର ଭାରତୀୟ ୧୦ ମିଟର ଏୟାର ପିସ୍ତଲ ଟିମ୍ ଏକ ରୌପ୍ୟ ପଦକ ହାସଲ କରିବା ଫଳରେ ଗୋଟିଏ ସଂସ୍କରଣରେ ଶୁଟିଂରେ ସର୍ବାଧିକ ପଦକ ହାସଲର ରେକର୍ଡ ଭାଙ୍ଗିଛି ଭାରତ। ୨୦୦୬ ଦୋହା ଏସିଆନ ଗେମ୍ସରେ ଭାରତ ଶୁଟିଂରୁ ୧୪ ପଦକ ପାଇଥିବା ବେଳେ ଚଳିତ ସଂସ୍କରଣରେ ୧୯ ପଦକ ହାସଲ କରିଛି। ଏହା ମଧ୍ୟରେ ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସାମିଲ ରହିଛି। ଶନିବାର ବାର୍ଥ ଡେ ବୟ ସରବଜୋତ ସିଂ ଓ ଦିବ୍ୟା ଟିଏସ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଶେଷ ଆଡକୁ ସାମାନ୍ୟ ଖରାପ ପ୍ରଦର୍ଶନ କାରଣରୁ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଚାଇନାର ଝାଙ୍ଗ ବୋୱେନ୍ ଓ ଜିଆଙ୍ଗ ରାନକ୍ସିନ୍ ୧୬-୧୪ରେ ଏହି ଫାଇନାଲ ମ୍ୟାଚ୍ ଜିତି ନେଇଥିଲେ। ଉଭୟ ସରବଜୋତ ଓ ଦିବ୍ୟା ଚଳିତ ଏସିଆନ ଗେମ୍ସରେ ନିଜର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ସରବଜୋତ ପୂର୍ବରୁ ୧୦ ମିଟର ଏୟାର ପିସ୍ତଲ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ଦିବ୍ୟା ୧୦ ମିଟର ଏୟାର ପିସ୍ତଲ ମହିଳା ଟିମ୍‌ରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ଶନିବାର ଭାରତୀୟ ଯୋଡିଙ୍କ ଆରମ୍ଭ ବେଶ୍ ଚମତ୍କାର ରହିଥିଲା। ଉଭୟ ୧୧-୭ରେ

## ଶୁଟିଂରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

ଅଗ୍ରଣୀ ମଧ୍ୟ ହାସଲ କରିଥିଲେ। ତେବେ ୧୫ ତମ ଶଟ୍‌ରେ ଚାଇନା ଖେଳାଳି ପଛରୁ ଆସି ମ୍ୟାଚ୍ ଜିତିବାରେ ସମର୍ଥ ହୋଇଥିଲେ। ଚାଇନାର ଦୁଇ ଖେଳାଳି ୧୦.୭ ଓ ୧୦.୩ ପଏଣ୍ଟ ଶୁଟ୍ କରିଥିବା ବେଳେ ସରବଜୋତ ୯.୯ ଓ ଦିବ୍ୟା ୧୦.୫ ପଏଣ୍ଟ ଶୁଟ କରିଥିଲେ। ଏହା ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୫୭୭ ପଏଣ୍ଟ ସହିତ ଏକ ନମ୍ବର ସ୍ଥାନରେ ରହି ଭାରତୀୟ ଖେଳାଳି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ।

**ଟ୍ରାପ୍‌ରେ କିନାନ୍ ଦ୍ୱିତୀୟ:** ଭାରତୀୟ ଟ୍ରାପ୍ ଶୁଟର କିନାନ୍ ଚେନାଇ ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଦିନରେ ୭୩ ପଏଣ୍ଟ ସହ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରତି ରାଉଣ୍ଡରେ ୨୫ ଶଟ୍ ରହିଥିବା ବେଳେ କିନାନ୍ ଚମତ୍କାର ୭୩ ପଏଣ୍ଟ ଅର୍ଜନ କରିଥିଲେ। ଅନ୍ୟତମ ଭାରତୀୟଙ୍କ ମଧ୍ୟରେ ଜୋରାୱର ସିଂ ସାନ୍ଧୁ ୭୨ ପଏଣ୍ଟ ସହିତ ଷଷ୍ଠ ସ୍ଥାନରେ ରହିଥିବା ବେଳେ ପୃଥ୍ୱୀରାଜ ୭୦ ପଏଣ୍ଟ ସହ ୧୯ ତମ ସ୍ଥାନରେ ରହିଥିଲେ। ଭାରତୀୟ ଦଳ ୨୧୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କୁଏଟ୍ ୨୧୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା।


ରୌପ୍ୟ ପଦକ ସହ ସରବଜୋତ ସିଂ ଓ ଦିବ୍ୟା ଟିଏସ୍।

# ପ୍ରୀତି ପାୱାରଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ହାଙ୍ଗଝୋ,୩୦।୯(ପି.ଟି.)**

ଭାରତୀୟ ବକ୍ସର ପ୍ରୀତି ପାୱାର ଚଳିତ ଏସିଆନ୍ ଗେମ୍ସ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ଏହା ସହିତ ଆସନ୍ତା ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେନ୍ ମଧ୍ୟ ସେମିରେ ପ୍ରବେଶ କରିଛନ୍ତି। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ପାଇଁ ଲଭଲିନାଙ୍କୁ ଆଉ ଏକ ବିଜୟ ଆବଶ୍ୟକ। ମହିଳା ୫୪ କିଗ୍ରା କ୍ୱାର୍ଟର ଫାଇନାଲରେ ୧୯ ବର୍ଷୀୟା ପ୍ରୀତି ଚମତ୍କାର ପ୍ରଦର୍ଶନ କରିଥିଲେ। କାଜାଖସ୍ତାନର ଜାଇନା ସେକେରବେକୋଭାଙ୍କୁ ୪-୧ରେ ପରାସ୍ତ କରିବା ସହିତ ଭାରତ ପାଇଁ ଏକ ପଦକ ନିଶ୍ଚିତ କରିଥିବା ବେଳେ ପ୍ରଥମ ଥର ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୭୫ କିଗ୍ରା ଓଜନ ବର୍ଗରେ ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେନ୍ ୫-୦ରେ ଦକ୍ଷିଣ କୋରିଆର ସେଓଙ୍ଗ ସୁଏଓନଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡ ବାଇ ପାଇଥିବା ଲଭଲିନା ନିଜ ଉଚ୍ଚତାର ଫାଇଦା ଉଠାଇଥିଲେ। ସମସ୍ତ ୫ ଜଜ୍ ଲଭଲିନାଙ୍କ ସପକ୍ଷରେ ରାୟ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମହିଳା ବକ୍ସିଂ ଇଭେଣ୍ଟର ୫୦, ୫୪, ୫୭ ଓ ୬୦ କିଗ୍ରା ଓଜନ ବର୍ଗରେ ସେମି ଫାଇନାଲିଷ୍ଟଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା ମିଳୁଥିବା ବେଳେ ୬୬ ଓ ୭୫ କିଗ୍ରା ବର୍ଗର ଫାଇନାଲିଷ୍ଟଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା ମିଳିଥାଏ।

# ବର୍ଷା ଭାରତ-ଇଂଲଣ୍ଡ ୱାର୍ମଅପ୍ ଧୋଇନେଲା

**ଗୁଆହାଟୀ, ୩୦।୯(ପି.ଟି.)**

ସ୍ଥାନୀୟ ବରସାପାରା କ୍ରିକେଟ ଷ୍ଟାଡିୟମରେ ଶନିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ହୋଇପାରି ନାହିଁ। ମଧ୍ୟାହ୍ନରେ ବର୍ଷା ଯୋଗୁ ଟସ୍ ପଡ଼ିବାରେ ବିଳମ୍ବ ଘଟିଥିଲା। ପାଗ ଖରାପ ରହିବାରୁ ଅମ୍ପାୟର ସନ୍ଧ୍ୟା ୬ଟା ପୂର୍ବରୁ ମ୍ୟାଚକୁ ବାତିଲ କରିଦେବାକୁ ନିଷ୍ପତ୍ତି ନେଇଥିଲେ। ଅହମଦାବାଦଠାରେ ଅକ୍ଟୋବର ୫ରୁ ଆରମ୍ଭ ହେବାକୁଥିବା ୫୦ ଓଭର ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ପୂର୍ବରୁ ଭାଗ ନେଉଥିବା ସମସ୍ତ ୧୦ଟି ଦଳ ପାଇଁ ଦୁଇଟି ଲେଖାଏ ୱାର୍ମଅପ୍ ମ୍ୟାଚ ଖେଳିବାର ବ୍ୟବସ୍ଥା ରହିଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଇଂଲଣ୍ଡ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚର ଦିନକ ପୂର୍ବରୁ ଭାରତରେ ପହଞ୍ଚିଛି। ଦଳ ଗୁଆହାଟୀରେ ରହି ଅକ୍ଟୋବର ୨ରେ ଏହାର ଦ୍ୱିତୀୟ ତଥା ଶେଷ ୱାର୍ମଅପ୍ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ସିରିଜ ବିଜୟ ପରେ ଗୁଆହାଟୀରେ ପହଞ୍ଚିଥିବା ଭାରତ ବର୍ତ୍ତମାନ ଥିରୁଭାନନ୍ତପୁରମ ଗସ୍ତ କରିବ। ଦଳ ସେଠାରେ ଅକ୍ଟୋବର ୩ରେ ନେଦରଲାଣ୍ଡ୍ସ ବିପକ୍ଷରେ ଏହାର ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ଖେଳିବ। ଶୁକ୍ରବାରଠାରୁ ୱାର୍ମଅପ୍ ମ୍ୟାଚ ଆରମ୍ଭ ହୋଇଛି। ଶ୍ରୀଲଙ୍କା ଏଠାରେ ୭ ଉଇକେଟରେ ବାଂଲାଦେଶଠାରୁ ପରାଜିତ ହୋଇଥିବା ବେଳେ ହାଇଦ୍ରାବାଦଠାରେ ଏକ ହାଇସ୍କୋରିଂ ମ୍ୟାଚରେ ନ୍ୟୁଜିଲାଣ୍ଡ ପାକିସ୍ତାନକୁ ହରାଇ ଦେଇଛି। ୱାର୍ମଅପ୍ ମ୍ୟାଚଗୁଡ଼ିକ ତିନୋଟି ଭେନ୍ୟୁ ଯଥା ଗୁଆହାଟୀ, ଥିରୁଭାନନ୍ତପୁରମ ଓ ହାଇଦ୍ରାବାଦରେ ଖେଳାଯାଉଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୫ ଦିନ**

ଓମେନ୍ସ ପ୍ରିମିୟର ଲିଗ୍

## ଲ୍ୟୁକ୍ ୱିଲିୟମ୍ସ ଆର୍‌ସିବି ମୁଖ୍ୟ କୋଚ୍

**ବେଙ୍ଗାଲୁରୁ, ୩୦।୯(ପି.ଟି.)**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଅଷ୍ଟ୍ରେଲିଆର ଲ୍ୟୁକ୍ ୱିଲିୟମ୍ସଙ୍କୁ ଦଳର ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଛି। ଗତ ମାର୍ଚ୍ଚରେ ୫ଟି ଦଳକୁ ନେଇ ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣରେ ଦଳ ଅନ୍ତିମ ସ୍ଥାନରେ ରହିଥିଲା। ଦଳ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ୨ଟିରେ ବିଜୟ ଲାଭ କରିଥିଲା। ଖରାପ ପ୍ରଦର୍ଶନ ପରେ ଆର୍‌ସିବି ମୁଖ୍ୟ କୋଚ୍ ବେନ୍ ସୱେରଙ୍କୁ ପଦବୀରୁ ହଟାଇ ଦେଇଥିଲା। ୪୩ ବର୍ଷୀୟ ୱିଲିୟମ୍ସଙ୍କଠାରୁ କୋଚିଂ ନେଇ ଆଡିଲେଡ୍ ଷ୍ଟ୍ରାଇକର୍ସ ୨୦୨୨-୨୩ରେ ମହିଳା ବିଗ୍ ବଶ୍ ଲିଗ୍ ଜିତିଥିଲା। ଏହାର ପୂର୍ବ ଦୁଇ ଥର ଦଳ ଫାଇନାଲରେ ପ୍ରବେଶ କରିପାରିଥିଲା। ଚଳିତବର୍ଷ ସର୍ଦ୍ଦର୍ନ ବ୍ରେଭ୍‌କୁ ଦି ହଣ୍ଡ୍ରେଡ୍ ଓମେନ୍ସ ପ୍ରତିଯୋଗିତା ଜିତାଇବାରେ ଦଳର ସହକାରୀ କୋଚ୍ ଭାବେ ୱିଲିୟମ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୱିଲିୟମ୍ସ ଆହୁରି ମଧ୍ୟ ୫୦ ଓଭର ଓମେନ୍ସ ନ୍ୟାଶନାଲ କ୍ରିକେଟ ଲିଗ୍‌ରେ ସାଉଥ ଅଷ୍ଟ୍ରେଲିଆନ ସ୍କୋର୍ପିଅନ୍ସ ଟିମ୍ ସହ ସମ୍ପୃକ୍ତ ଥିଲେ। ଏହି ଦଳ ଦୁଇଥର ରନରଅପ୍ ହୋଇପାରିଛି। ଏହାଛଡ଼ା ଚଳିତବର୍ଷ ପ୍ରଥମ ଭାଗରେ ଅଷ୍ଟ୍ରେଲିଆ 'ଏ' ଦଳର ଇଂଲଣ୍ଡ ଟୁର୍ ସମୟରେ ସେ ଅଷ୍ଟ୍ରେଲିଆ 'ଏ' ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଛନ୍ତି।

# ୨୭ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୩୦।୯(ବିଜୟ ରଣା)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ ଚାମ୍ପିୟନଶିପ୍‌ରେ ସଫଳତା ହାସଲ କରିଥିବା ୨୭ ଜଣ ଆଥ୍‌ଲେଟଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ମୋଟ ପୁରସ୍କାର ରାଶିର ପରିମାଣ ହେଉଛି ୧୨,୩୦,୦୦୦ ଟଙ୍କା। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗର୍ବ ଅମିତ କୁମାର ଭୂୟାଁଙ୍କୁ ୩.୭୫ ଲକ୍ଷ ଟଙ୍କା ପୁରସ୍କାର ସହ ସମ୍ବର୍ଦ୍ଧିତ କରିଥିଲେ। ୨୦୨୩ରେ ଅନୁଷ୍ଠିତ ୫୫ତମ ଏସିଆନ ବଡି ବିଲ୍ଡିଂ ଓ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ରାଜ୍ୟର ଅନ୍ୟଜଣେ ପ୍ରତିଭାବାନ ଆଥ୍‌ଲେଟ ଜଗନ୍ନାଥ ଖୁଣ୍ଟିଆ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ତାଙ୍କୁ ୧.୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସ୍ପେଶାଲ ଅଲିମ୍ପିକ୍ସ ଭାରତ ନ୍ୟାଶନାଲ ଚାମ୍ପିୟନଶିପ୍, ୨୦୨୩ର ୩ ଆଥ୍‌ଲେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ୫କିମି ଟାଇମ୍ ଇଭେଣ୍ଟ ଏବଂ ୧୦କିମି ରୋଡ୍ ରେସ୍ ଇଭେଣ୍ଟରେ ୩ୟ ସ୍ଥାନ ଅଧିକାର କରିଥିବା ସାଇକ୍ଲିଷ୍ଟ ସିଦ୍ଧାର୍ଥ ମହାନ୍ତିଙ୍କୁ ୧୦,୦୦୦ ଟଙ୍କା ମିଳିଥିବା ବେଳେ ୫ କିମି ଟାଇମ ଇଭେଣ୍ଟରେ ୩ୟ ସ୍ଥାନ ପାଇଁ ସାଇକ୍ଲିଷ୍ଟ ଦେବାଶିଷଙ୍କୁ ମଧ୍ୟ ୧୦,୦୦୦ ଟଙ୍କା ମିଳିଥିଲା। ୨ କିମି ଟାଇମ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତିଥିବାରୁ ତାଙ୍କୁ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ରୋଲର ସ୍କେଟର ଦଧିଚି ଉଭୟ ୧୦୦୦ ମିଟର ଓ ୫୦୦ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ପ୍ରତ୍ୟେକ ସଫଳତା ପାଇଁ ୨୦,୦୦୦ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେହିପରି କାୟାକିଙ୍ଗ ଓ କାନୋଇଂ ସିନିୟର ନ୍ୟାଶନାଲ କାନୋଇ ସ୍ପ୍ରିଣ୍ଟ ଚାମ୍ପିୟନଶିପ୍ ୨୦୨୩ ସମେତ ବିଭିନ୍ନ ଇଭେଣ୍ଟରେ ସଫଳତା ଅର୍ଜନ କରିଥିବା ୨୨ ଆଥ୍‌ଲେଟଙ୍କ ମଧ୍ୟରେ ମୋଟ ୬,୩୦,୦୦୦ ଟଙ୍କା ବାଣ୍ଟି ଦିଆଯାଇଥିଲା। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସଫଳତା ଅର୍ଜନ କରିଥିବା ଏହି ଆଥ୍‌ଲେଟମାନଙ୍କର ଶୁଭକାମନା କରିବା ସହ ଆଗକୁ ସେମାନଙ୍କ ଭଲ ପ୍ରଦର୍ଶନ ଜାରି ରଖିବାକୁ କହିଥିଲେ। ରାଜ୍ୟରେ ବିଭିନ୍ନ ଖେଳର ପ୍ରଚାର ଓ ପ୍ରସାର ସହ ନୂଆ ନୂଆ ପ୍ରତିଭା ସୃଷ୍ଟି କରିବା ଦିଗରେ ସରକାର ପ୍ରତିଶ୍ରୁତବଦ୍ଧ ବୋଲି ସେ କହିଥିଲେ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପଦକ ବିଜେତାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନଙ୍କ ସହ ପୁରସ୍କୃତ ଖେଳାଳିମାନେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



Reliance
Growth is Life
SMART BAZAAR
SMART SUPERSTORE
ପୂଜା ରେଡି ସେଲ୍
30th Sep – 4th Oct
ଉତ୍ସବର ପ୍ରସ୍ତୁତି କରନ୍ତୁ
ସ୍ମାର୍ଟ ବଜାର ଚାଲନ୍ତୁ
SMART BAZAAR NOW ON JioMart
ପ୍ରଭୁଜୀ / ଭିଖାରାମ ଚାନ୍ଦମାଲ / ସ୍ନାକଟ୍ୟାକ୍ (ସୋନପାପଡି / ବେସନ ଲଡୁ) 336 g ତେଣିକି / ଲାଲ ଶାହି ମଇସୋର୍ ପ୍ୟାକ୍ 200 g (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 1 GET ANY 1 FREE
MRP ₹159 ତେଣିକି
ବିକାଜୀ / ସ୍ନାକଟ୍ୟାକ୍ ସେଲିବ୍ରେଶନ୍ ରସଗୁଲା / ଗୁଲାବ ଜାମୁନ 1 kg (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 1 GET ANY 1 FREE
MRP ₹289 ତେଣିକି
ଗୁଡ୍ ଲାଇଫ୍ ଆଲ୍ମଣ୍ଡ / କ୍ୟାଶ୍ୟୁ (W320) 500 g
ସ୍ମାର୍ଟ ପ୍ରାଇସ୍ ₹375
MRP ₹549 / ₹499 ସଞ୍ଚନ୍ତୁ ₹174 / ₹124
ଗୁଡ୍ ଲାଇଫ୍ ରିଫାଇନ୍ଡ ସନ୍ଫ୍ଲାୱର ଅଏଲ / କଚିଘନୀ ସୋରିଷ ତେଲ 1 ℓ
ସ୍ମାର୍ଟ ପ୍ରାଇସ ₹99/ ₹121
MRP ₹150 / ₹170 ସଞ୍ଚନ୍ତୁ ₹51 / ₹49
ଅନ୍ନପୂର୍ଣ୍ଣା ଦେଶୀ ଘିଅ 1 ℓ
ସ୍ମାର୍ଟ ପ୍ରାଇସ୍ ₹589
MRP ₹680 ସଞ୍ଚନ୍ତୁ ₹91
ପୂଜା ସାମଗ୍ରୀ (ଅଗରବତୀ, କର୍ପୂର, ଘିଅ / ବଳିତା) (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 1 FREE
MRP ₹12 ତେଣିକି
ବିସ୍କୁଟ୍- ଲାର୍ଜ୍ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹130 ତେଣିକି / ୟୁନିଟ
କୋକାକୋଲା/ ସ୍ପ୍ରାଇଟ୍ / ଥମ୍ସ ଅପ୍ / ମାଜା 600 ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 3 GET ANY 1 FREE
MRP ₹38 ତେଣିକି / ୟୁନିଟ
ଚକୋଲେଟ୍ ହୋମ୍ ପ୍ୟାକ୍ (କାଡ୍‌ବରୀ ଡେରୀ ମିଲ୍କ / ଫାଇଭ୍ ଷ୍ଟାର /ନେଷ୍ଟଲେ କିଟକ୍ୟାଟ୍ / ମଞ୍ଚ) 126 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹100 ତେଣିକି / ୟୁନିଟ
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 500 g
ସଞ୍ଚନ୍ତୁ ₹25
MRP ₹190 ତେଣିକି
ସ୍ମାର୍ଟ ପ୍ରାଇସ୍ ₹165 ତେଣିକି
ରସ୍କ, ଚୀଜ୍, ପନୀର, ଫ୍ରୋଜେନ୍ ଭେଜ୍ ଓ ସ୍ନାକ୍ସ, ଆଇସ୍ କ୍ରିମ୍ ମିଲ୍କ ଡ୍ରିଙ୍କ୍ସ, କେକ୍ ଓ ବ୍ୟାଟର 47 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 25% ଛାଡ଼
MRP ₹15 ତେଣିକି
ଖୋଲା ଚିନି M 1 kg
ସ୍ମାର୍ଟ ପ୍ରାଇସ୍ ₹44
ବଜାର ମୂଲ୍ୟ ₹47
ଖୋଲା HMT କୋଲମ୍ ରାଇସ୍ M 1 kg
ସ୍ମାର୍ଟ ପ୍ରାଇସ୍ ₹59
ବଜାର ମୂଲ୍ୟ ₹66
ଫର୍ଚ୍ଚୁନ୍ ରିଫାଇନ୍ଡ ରାଇସ୍ ବ୍ରାନ୍ ହେଲ୍‌ଥ ତେଲ 5 ℓ + ଫର୍ଚ୍ଚୁନ୍ ରୋଜାନା ବାସମତି ରାଇସ୍ 5 kg
ସ୍ମାର୍ଟ ପ୍ରାଇସ୍ ₹975
କମ୍ବାଇଣ୍ଡ MRP ₹1425
ସଞ୍ଚନ୍ତୁ ₹450
ଚକି ଅଟା 5 kg
ସ୍ମାର୍ଟ ପ୍ରାଇସ୍ ₹181
MRP ₹250 ସଞ୍ଚନ୍ତୁ ₹69
ପେଅର୍ସ / ଡଭ୍ / ଲକ୍ସ / ଗୋଦରେଜ୍ ନଂ.1 / ଫିଆମା / ସିନ୍ଥଲ/ ସନ୍ତୁର ସୋପ୍ 125 g ତେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
BUY ANY 2 GET ANY 1 FREE
MRP ₹175 ତେଣିକି / ୟୁନିଟ
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ଟ୍ରେସମି / ସନ ସିଲ୍କ / ଲୋରିଅଲ୍ / କ୍ଲିନିକ୍ ପ୍ଲସ୍ ଶାମ୍ପୁ 580ml ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
50% ଛାଡ଼
MRP ₹555 ତେଣିକି
ସ୍ମାର୍ଟ ପ୍ରାଇସ୍ ₹278 ତେଣିକି
ମେନ୍ସ ଆଣ୍ଡ ଓମେନ୍ସ ଡିଓ 135 ml ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
BUY ANY 1 GET ANY 1 FREE
MRP ₹275 ତେଣିକି
ବ୍ୟୁଟି ଏସେନସିଆଲ୍ 0.25 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼
MRP ₹99 ତେଣିକି
ସ୍ମାର୍ଟ ପ୍ରାଇସ୍ ₹50 ତେଣିକି
ଟାଇଡ୍ 5 kg / ସର୍ଫ ଏକ୍ସେଲ୍ 5 kg / ମ୍ୟାଟିକ୍ 6 kg / ଲିକ୍ୱିଡ୍ 2 ℓ/ ଏରିଏଲ୍ ମ୍ୟାଟିକ୍ 4+2 kg / ଲିକ୍ୱିଡ୍ 2 ℓ (TL/FL) (ନିର୍ଦ୍ଦିଷ୍ଟ ପ୍ରକାରର)
33% ଛାଡ଼
MRP ₹430 ତେଣିକି
ସ୍ମାର୍ଟ ପ୍ରାଇସ୍ ₹288 ତେଣିକି
Prestige
ନକ୍ଷତ୍ର ଷ୍ଟେନଲେସ୍ ଷ୍ଟିଲ୍ ପ୍ରେସର କୁକର୍ 3.5 ℓ (ଇନର୍ ଲିଡ)
35% ଛାଡ଼
MRP ₹3110
ସ୍ମାର୍ଟ ପ୍ରାଇସ୍ ₹2021
ମହିଳା
କୁର୍ତ୍ତା ₹999
ଶିମର୍ ଲେଗିଙ୍ଗ୍ସ ₹499
ଦୁପଟ୍ଟା ₹399
ପୁରୁଷ
କୁର୍ତ୍ତା ₹599
ଜ୍ୟାକେଟ୍ ₹699
ଚୁଡ଼ିଦାର ₹299
ପିଲାମାନଙ୍କ
କୁର୍ତ୍ତା ପାଇଜାମା ସେଟ୍ ₹799
ଲେହେଙ୍ଗା ସେଟ୍ ₹599
*T & C Apply.
LA OPALA
ଓପାଲୱେର୍ ଡିନର୍ ସେଟ୍ (16 PCS)
ସ୍ମାର୍ଟ ପ୍ରାଇସ୍ ₹799
MRP ₹1825
HAPPY LIVING Ulhaas Raymond TRIDENT
ଡବଲ୍ ବେଡଶୀଟ୍ (ନିର୍ଦ୍ଦିଷ୍ଟ ପ୍ରକାରର)
BUY 1 GET 2 FREE
MRP ₹1199 ତେଣିକି
KAMILIANT ARISTOCRAT
କ୍ୟାବିନ୍ ଟ୍ରଲି (55 cm)
ସ୍ମାର୍ଟ ପ୍ରାଇସ୍ ₹1899
MRP ₹7500 ତେଣିକି
LYF
ମିକ୍ସର୍ ଗ୍ରାଇଣ୍ଡର୍ 3 ଜାର୍ (500W)
ସ୍ମାର୍ଟ ପ୍ରାଇସ୍ ₹1299
MRP ₹2799
ଅଫରସ ଏଠାରେ ମଧ ଉପଲବ୍ଧ ଅଛି
fresh Signature
10% INSTANT DISCOUNT#
SBI card
#Min. Trxn.: ₹3,000; Max. Discount: ₹500 once per credit card. Validity: 30 Sep - 04 Oct 2023. T&C Apply.
Paytm CASHBACK UP TO ₹300
Paytm Postpaid
Paytm Bank Wallet
Min. payment of ₹1000
Get ₹50 Assured Cashback. Offer Valid Once per user from 30th Sept to 4th Oct 2023
ଆପଣଙ୍କ ନିକଟତମ ଷ୍ଟୋର୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ସର୍ତ୍ତ ଓ ନିୟମାବଳୀ ଲାଗୁ । କାର୍ଡ / ୱାଲେଟ୍ ଅଫର୍ସ କେବଳ ସ୍ମାର୍ଟ ବଜାର, ସ୍ମାର୍ଟ ସୁପରଷ୍ଟୋର, ସ୍ମାର୍ଟ ପଏଣ୍ଟ ଏବଂ ଫ୍ରେଶ୍ ସିଗ୍ନେଚରରେ ବୈଧ ଅଟେ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ହୋମୱେୟାର ଏବଂ ଆପାରେଲ୍ସ ଅଫର୍ କେବଳ ସ୍ମାର୍ଟ ବଜାର ଏବଂ ସ୍ମାର୍ଟ ସୁପରଷ୍ଟୋର୍‌ରେ ବୈଧ ଅଟେ । ସମସ୍ତ ଉତ୍ପାଦର ଏମ୍‌ଆରପିରେ ସମସ୍ତ ଟିକସ ସାମିଲ ଅଟେ । ରିହାତି ପ୍ରତିଶତକୁ ଅଫର୍ ପ୍ରାଇସ୍‌ର ନିକଟତମ ପ୍ରତିଶତକୁ ପୂର୍ଣ୍ଣାଙ୍କିତ କରାଯିବା ସମସ୍ତ ଅଫର୍ 4 ଅକ୍ଟୋବର 2023 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।